ଉପେନ୍ଦ୍ର ଭଞ୍ଜକୃତ

ଚିତ୍ରଲେଖା

ସମ୍ପାଦନା : ଡଃ ସୁଦର୍ଶନ ଆଚାର୍ଯ୍ୟ

Digitized by srujanika@gmail.com

ଉପେନ୍ଦ୍ରଭଞ୍ଜ କୃତ

ଚିତ୍ରଲେଖା

ସଂପାଦକ

ସୁଦର୍ଶନ ଆଚାର୍ଯ୍ୟ

ପ୍ରକାଶକ

କଳିଙ୍ଗ ସାହିତ୍ୟ ସମାଜ

ଗଂଜାମ କଳା ପରିଷଦ

ବ୍ରହ୍ମପୁର - ୭୬୦ ୦୦୧

Digitized by srujanika@gmail.com

(ଉପେନ୍ଦ୍ରଭଞ୍ଜ କୃତ ଚିତ୍ରଲେଖା; ସଂପାଦକ : ସୁଦର୍ଶନ ଆଚାର୍ଯ୍ୟ, ଅବସର ପ୍ରାପ୍ତ ପ୍ରଫେସର, ୧-ଅଶୋକ ନଗର, ବ୍ରହ୍ମପୁର-୭୬୦ ୦୦୪; ପ୍ରକାଶକ : କଳିଙ୍ଗ ସାହିତ୍ୟ ସମାଜ, ବ୍ରହ୍ମପୁର - ୭୬୦ ୦୦୧ (ଓଡ଼ିଶା), ପ୍ରଚ୍ଛଦ ଶିଳ୍ପୀ : ଡ଼କ୍ଟର ଦିନନାଥ ପାଠୀ; ମୁଦ୍ରାକର : ରେଡ଼ିଏଣ୍ଟ ପ୍ରୋସେସ୍, ବ୍ରହ୍ମପୁର-୧, ପ୍ରଥମ ସଂସ୍କରଣ : ୨୦୦୧, ମୂଲ୍ୟ : ଷାଠିଏ ଟଙ୍କା)

[**Upendra Bhanja's Chitralekha**; Edited by **Prof. Sudarsana Acharya**, Rtd. Professor, 1-Ashok Nagar, Brahmapur-760 004, Publisher : Kalinga Sahitya Samaja, Brahmapur - 760 001, Cover Design : Dr. Dinanath Pathy; Printer : Radiant Process, Berhampur-1, First Edition : 2001, Price : Sixty Rupees]

Digitized by srujanika@gmail.com

'କଳିଙ୍ଗ ସାହିତ୍ୟ ସମାଜ' - ଦୀର୍ଘ ଚାରିଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ନିରବଚ୍ଛିନ୍ନ ଭାବରେ ଓଡ଼ିଆ ସାହିତ୍ୟର ବିକାଶ ଦିଗରେ କାର୍ଯ୍ୟ କରିଆସୁଛି । ଅନୁଷ୍ଠାନ ତରଫରୁ ବିଭିନ୍ନ ସାରସ୍ୱତ ସମାରୋହ ଆୟୋଜିତ ହେବାସହ ଓଡ଼ିଆ ସାହିତ୍ୟରେ ଗବେଷଣା ଓ ସୃଜନକର୍ମରେ ବିଶେଷ ଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ବାର୍ଷିକ ଉତ୍ସବ (ସୁନିଆଁ) ଅବସରରେ ସମ୍ମାନୀତ କରାଯିବା ଦିଗରେ ଉଦ୍ୟମ ଅବ୍ୟାହତ ରହିଛି । ଅନୁଷ୍ଠାନର ମର୍ଯ୍ୟାଦାଜନକ 'ଭଞ୍ଜଭାରତୀ' ସମ୍ମାନ ଲାଭ କରିଥିବା ବ୍ୟକ୍ତିତ୍ୱମାନଙ୍କ ମଧ୍ୟରେ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ହେଉଛନ୍ତି ପ୍ରଥମ ବ୍ୟକ୍ତି । ସେଦିନ 'ଭଞ୍ଜଜୟନ୍ତୀ' ସମାରୋହରେ ମୁଦ୍ରିତ ଆକାରରେ 'ଚିତ୍ରଲେଖା' କାବ୍ୟ ପ୍ରକାଶ କରିବା କଥା ଚିନ୍ତା କରାଯାଇଥିଲା । ମୋର ପୂଜ୍ୟଗୁରୁ ପ୍ରଫେସର ଆଚାର୍ଯ୍ୟ ବହୁ ଶ୍ରମ ସ୍ୱୀକାର କରି ପୁସ୍ତକଟିକୁ ପ୍ରସ୍ତୁତ କରିଛନ୍ତି । ଅନୁଷ୍ଠାନ ତରଫରୁ ସେଥିନିମନ୍ତେ କୃତଜ୍ଞତା ଜ୍ଞାପନ କରୁଛି । ଅପ୍ରକାଶିତ ଏ ପୁସ୍ତକ ଉପେନ୍ଦ୍ରଭଞ୍ଜଙ୍କ ସମ୍ପର୍କରେ ବହୁ ନୂଆତଥ୍ୟ ପାଠକଙ୍କ ଆଗରେ ଉପସ୍ଥାପିତ କରିବବୋଲି ଆଶା । ଶେଷରେ କହିରଖେ, ଅନୁଷ୍ଠାନ ତରଫରୁ ପରବର୍ତ୍ତୀ ସମୟରେ ମଧ୍ୟ ବହୁ ଉପାଦେୟ ତଥା ଗବେଷଣାତ୍ମକ ପୁସ୍ତକ ପ୍ରକାଶ କରିବା ଲକ୍ଷ୍ୟ ରହିଛି । ଆଶା, ଏ ଦିଗରେ ଈଶ୍ୱର ସହାୟ ହେବେ ।

ସାରସ୍ୱତ ଅଭିନନ୍ଦନ ସହ

ଦେବୀ ପଟ୍ଟନାୟକ
ସାଧାରଣ ସମ୍ପାଦକ
କଳିଙ୍ଗ ସାହିତ୍ୟ ସମାଜ

Digitized by srujanika@gmail.com

ଡ଼କ୍ଟର ସୁଦର୍ଶନ ଆଚାର୍ଯ୍ୟଙ୍କ
ପ୍ରକାଶିତ ରଚନା ବଳୀ

ସମାଲୋଚନା

- ସାହିତ୍ୟ ଓ ସାହିତ୍ୟିକ
- ସ୍ରଷ୍ଟା ଓ ସୃଷ୍ଟି
- ଓଡ଼ିଆ କାବ୍ୟ କୌଶଳ

ସମ୍ପାଦନା

- ଇନ୍ଦ୍ରଧନୁ (ଊନବିଂଶ ଶତାବ୍ଦୀର ବହୁଚର୍ଚ୍ଚିତ ପତ୍ରିକା)
- ରାମଚନ୍ଦ୍ର ଗ୍ରନ୍ଥାବଳୀ (୧ମ)
- ରାମଚନ୍ଦ୍ର ଗ୍ରନ୍ଥାବଳୀ (୨ୟ)
- ରାମଚନ୍ଦ୍ର ଗ୍ରନ୍ଥାବଳୀ (୩ୟ)
- ରାମଚନ୍ଦ୍ର ଗ୍ରନ୍ଥାବଳୀ (୪ର୍ଥ)
- ଜଗନ୍ନାଥ ନାରାୟଣ ଗ୍ରନ୍ଥାବଳୀ
- ଫକୀର ମୋହନଙ୍କ ରାମାୟଣ (ଆଦିକାଣ୍ଡ)
- ଫକୀର ମୋହନଙ୍କ ରାମାୟଣ (ଅଯୋଧ୍ୟା କାଣ୍ଡ)
- ଫକୀର ମୋହନଙ୍କ ଜୀବନ ଚରିତ
- ନବ କଳିକା (୧ମ)
- ନବ କଳିକା (୨ୟ)

ଅନୁବାଦ

- ସୋମଦେବଙ୍କ କଥା ସରିତ ସାଗର (୧ମ, ୨ୟ, ୩ୟ)

Digitized by srujanika@gmail.com

ଗ୍ରନ୍ଥ ପ୍ରବେଶ

ଉପେନ୍ଦ୍ରଭଞ୍ଜଙ୍କ ଜନ୍ମ ଓ ଜୀବନୀ ଯେପରି ରହସ୍ୟାବୃତ, ତାଙ୍କ ଗ୍ରନ୍ଥର ସଂଖ୍ୟା ମଧ୍ୟ ସେହିପରି ବିବଦମାନ । ଗୋଟିଏ ଶତାବ୍ଦୀ ମଧ୍ୟରେ ଏହା ପ୍ରାୟ ତ୍ରିଗୁଣିତ ହେଲାଣି । କେହି କେହି ଆଲୋଚକ ଏହି ଗ୍ରନ୍ଥ ସଂଖ୍ୟାର କ୍ରମ ଅଭିବୃଦ୍ଧିରେ ପ୍ରୟାସୀ ହେଲା ବେଳେ ଆଉ କେହି ଏହି ସଂଖ୍ୟାକୁ ଯଥାସାଧ୍ୟ ସୀମିତ କରିବା ପାଇଁ ଉଦ୍ୟମ କରୁଛନ୍ତି । ଖ୍ୟାତନାମା କବିମାନଙ୍କ ଭାଗ୍ୟରେ ଏହା ହିଁ ହୋଇଥାଏ । କାଳିଦାସ, ଶ୍ରୀହର୍ଷ, ଜୟଦେବ ପ୍ରମୁଖଙ୍କ ଗ୍ରନ୍ଥ ସଂଖ୍ୟା ତଥାପି ଅନିର୍ଣ୍ଣୀତ । ଏ ଦୃଷ୍ଟିରୁ ଉପେନ୍ଦ୍ର ଭଞ୍ଜଙ୍କ ଗ୍ରନ୍ଥ ସଂଖ୍ୟା ସଂପର୍କରେ ବାଦ ବିସମ୍ବାଦ ସୃଷ୍ଟି ହେବା ଆଦୌ ଅସ୍ୱାଭାବିକ ନୁହେଁ । ଏହାର ମୂଳ ପୁଣି ସେ ନିଜେ । ସ୍ୱୀୟ 'ଚିତ୍ର କାବ୍ୟ ବନ୍ଧୋଦୟ' ଗ୍ରନ୍ଥରେ ସେ ନିଜେ ତାଙ୍କ ରଚିତ ଗ୍ରନ୍ଥର ଏକ ତାଲିକା ଦେଇଛନ୍ତି । କିନ୍ତୁ ଏଥିରେ ଥିବା 'ଅନେକ', 'ଅଶେଷ','ତାହା କେତେ ଯେ କହିବି ସମ୍ପାଦି','ଇତ୍ୟାଦି କବିତ୍ୱ ଗଣନା ନାହିଁ', 'ଚିଉୋଇ ତହୁଁ କିଛି ଲେଖେ ଏଥ', 'ଅଳଙ୍କାର ମଧ୍ୟେ','ଆଦି', 'ଗ୍ରନ୍ଥ ପୋଥି ପାଞ୍ଚସାତ', 'ଏଣୁ ସେ ଲେଖା ନୋହିଲା ଲେଖାରେ' ପଦ ସମୂହ ତାଙ୍କ ଗ୍ରନ୍ଥସଂଖ୍ୟା ସଂପର୍କୀୟ ଧାରଣାକୁ ଅତ୍ୟନ୍ତ ଅସ୍ପଷ୍ଟ କରି ଦେଉଛି । ଫଳରେ ପରବର୍ତ୍ତୀ ସମୟରେ ଏହି ସଂଖ୍ୟାରେ ଚାଲିଥିବା ଯୋଡ଼ ବିଯୋଡ଼କୁ ନିଃସନ୍ଦେହରେ ସ୍ୱୀକାର କରାଯାଇପାରୁ ନାହିଁ; କିମ୍ବା ସଂଶୟାତ୍ମକ ବୋଲି ଅସ୍ୱୀକାର ମଧ୍ୟ କରିହେଉ ନାହିଁ ।

ଏହା ସହିତ ପୁଣି ଅଛି ଅନ୍ୟାନ୍ୟ କାରଣ । ସେଥିରୁ ଗୋଟିଏ ହେଲା ସମକାଳରେ ହିଁ ଉପେନ୍ଦ୍ର କାବ୍ୟରାଜିର ବହୁଳ ପ୍ରଚାର ଓ ଉପେନ୍ଦ୍ରଙ୍କ କବି-ସୁଖ୍ୟାତିର ଦିଗନ୍ତ ବିସ୍ତୃତି । ଦୁର୍ଭାଗ୍ୟ ବଶତଃ ଉପେନ୍ଦ୍ର ରାଜ ସିଂହାସନ ସିନା ହରାଇଥିଲେ, କିନ୍ତୁ ସୌଭାଗ୍ୟ ବଶତଃ ବହୁ ରାଜ ପରିବାର ସହିତ ସେ ଥିଲେ ପାରିବାରିକ ସୂତ୍ରରେ ଅନୁବନ୍ଧିତ । ରାଜ ପୃଷ୍ଠପୋଷକତା ହିଁ ସେ ସମୟରେ ଥିଲା ସାରସ୍ୱତ-ସୁଖ୍ୟାତି ଆହରଣର ଏକ ବିଶିଷ୍ଟ ମାଧ୍ୟମ ; ରାଜ ଦରବାର ସ୍ଥିତ କବି-ପଣ୍ଡିତମାନେ ଥିଲେ ଯଥାର୍ଥତଃ କବିତା-କୁମାରୀର ଉପମାତା । ସେ ଦୃଷ୍ଟିରୁ ଖୁର୍ଦ୍ଧା,ନୟାଗଡ଼,ବାଣପୁର,ଘୁମୁସର,ବଡ଼ଖେମୁଣ୍ଡି ପ୍ରଭୃତି ରାଜ ଦରବାର ଗୁଡ଼ିକ

Digitized by srujanika@gmail.com

ଉପେନ୍ଦ୍ର କାବ୍ୟର ପରିପ୍ରଚାର ପାଇଁ ଯଥେଷ୍ଟ ସହାୟତା କରୁଥିଲେ; କାବ୍ୟ ଗୁଡ଼ିକର ପ୍ରତିଲିପି ବହୁଳ ଭାବେ ପ୍ରସ୍ତୁତ ହୋଇ ବିତରିତ ହେଉଥିଲା । ନିଜର ଜୀବଦ୍ଦଶାରେ କିମ୍ବା ଜୀବନାବସାନର ସ୍ୱଳ୍ପକାଳ ମଧ୍ୟରେ ଏପରି ସୁଖ୍ୟାତି ଲାଭ କରିବା ବହୁ କମ୍ କବିଙ୍କ ଭାଗ୍ୟରେ ଘଟିଥାଏ । ଏହାର ଅପର ଦିଗଟି କିନ୍ତୁ ଉପେନ୍ଦ୍ରଙ୍କପାଇଁ ବିପଦ ସୃଷ୍ଟି କରିଛି । ଉପେନ୍ଦ୍ରଙ୍କ ପୃଷ୍ଟପୋଷକ ରାଜାମାନଙ୍କୁ ପ୍ରୀତ କରିବା ପାଇଁ ହେଉ କିମ୍ବା ନିଜକାବ୍ୟର ସୁପରିପ୍ରଚାରପାଇଁ ହେଉ (ନିଜ ପୁତ୍ରର ସୌଭାଗ୍ୟ କେଉଁ ପିତା ବା ନ ଚାହେଁ!) ସାଧାରଣ ପ୍ରତିଲିପିକାର ଏବଂ କବିତ୍ୱ-ନିପୁଣ ପ୍ରତିଲିପିକାର- ମାନେ ଅନ୍ୟର କିମ୍ବା ନିଜ ରଚନାକୁ ଉପେନ୍ଦ୍ର-ନାମାଙ୍କିତ କରିବାପାଇଁ ପ୍ରୟାସ କରିଥିବା ଅସମ୍ଭବ ମନେହୁଏ ନାହିଁ । ବର୍ତ୍ତମାନ ଉପଲବ୍ଧ ତାଳପତ୍ର ପୋଥିଗୁଡ଼ିକୁ ଅନୁଧାନ କଲେ ଏପରି ବହୁ କୌତୂହଳପ୍ରଦ ନିଦର୍ଶନ ସଂଗ୍ରହ କରାଯାଇପାରିବ । ଦିଲ୍ଲୀସ୍ଥିତ ଜାତୀୟ ସଂଗ୍ରହାଳୟରେ ସଂରକ୍ଷିତ ପୁରୁଷୋତ୍ତମ ମାନଧାତାଙ୍କ ଶୋଭାବତୀ କାବ୍ୟର ଆରମ୍ଭରେ ଉପେନ୍ଦ୍ର ଭଞ୍ଜଙ୍କ 'ଶୋଭାବତୀ', କଲିକତା ସ୍ଥିତ ଏସିଆଟିକ୍ ସୋସାଇଟି ସଂଗ୍ରହାଳୟରେ ଥିବା ପାର୍ଥଶ୍ରୀଚନ୍ଦନଙ୍କ 'କଳାବତୀ' କାବ୍ୟର ଆରମ୍ଭରେ ଉପେନ୍ଦ୍ର ଭଞ୍ଜଙ୍କ 'କଳାବତୀ', ଭୁବନେଶ୍ୱର ଜୟଦେବ ସଂଗ୍ରହାଳୟରେ ଲୋକନାଥ ବିଦ୍ୟାଧରଙ୍କ ସର୍ବାଙ୍ଗ ସୁନ୍ଦରୀ କାବ୍ୟର ଆରମ୍ଭରେ 'ଉପେନ୍ଦ୍ର ଭଞ୍ଜଙ୍କ ସର୍ବାଙ୍ଗ ସୁନ୍ଦରୀ' ଲେଖାଥିବା ଏହାର କେତୋଟି ବିଶିଷ୍ଟ ଉଦାହରଣ ।

ପୁଣି ଅନେକ ସମୟରେ ପ୍ରତିଲିପିକାରମାନେ ଗୋଟିଏ ଗୋଟିଏ ତାଳପତ୍ର ଖେଳାରେ ଏକାଧିକ କାବ୍ୟ ଉତାରିଥାଆନ୍ତି । ସେଥିରୁ ଯଦି ତିନୋଟି କାବ୍ୟ ଉପେନ୍ଦ୍ର ଭଞ୍ଜଙ୍କର ଏବଂ ଗୋଟିଏ ଅନ୍ୟ କବିର ହୋଇଥାଏ (ଯଦି ପୋଥିଟିରେ ଚାରୋଟି କାବ୍ୟ ଥାଏ), ତେବେ ପ୍ରତିଲିପିକାର ଭ୍ରମବଶତଃ ଚତୁର୍ଥ କାବ୍ୟର ଆରମ୍ଭରେ ଉପେନ୍ଦ୍ର ଭଞ୍ଜଙ୍କ ଅମୁକ କାବ୍ୟ ବୋଲି ଲେଖିଦେଇଥାନ୍ତି । ଏ ପ୍ରକାର ଭ୍ରାନ୍ତି ବିଶେଷ ଭାବେ "ଛାନ୍ଦତୋଳା" ପୋଥିଗୁଡ଼ିକରେ ଦେଖିବାକୁ ମିଳେ । ଏହି ସୂତ୍ରରେ ବୋଧହୁଏ ପଦ୍ମନାଭ ନରେନ୍ଦ୍ରଙ୍କ 'ଶଶିରେଖା' , ଜଗନ୍ନାଥ ନାରାୟଣ ଦେବଙ୍କ 'ପ୍ରଭାବତୀ' ପରି କାବ୍ୟଗୁଡ଼ିକ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ତାଲିକା ମଧ୍ୟକୁ ପଶିଆସିଛନ୍ତି ।

ସେହିପରି ପରବର୍ତ୍ତୀ ସମୟରେ କେହି କେହି ଭଞ୍ଜଭକ୍ତ ଉପେନ୍ଦ୍ରଙ୍କ କାବ୍ୟ ଗୌରବ ବୃଦ୍ଧିପାଇଁ (ଯାହା ସାଧାରଣତଃ ବିପରୀତ ଫଳ ହିଁ ଦେଇଥାଏ) ଅନ୍ୟର

Digitized by srujanika@gmail.com

କାବ୍ୟକୁ ଉପେନ୍ଦ୍ର ଭଞ୍ଜଙ୍କ ନାମରେ ନାମାଙ୍କିତ କରିଥାଆନ୍ତି ; କିମ୍ବା ବିଭିନ୍ନ କାବ୍ୟରୁ କେତୋଟି ପଦ କିମ୍ବା ଛାନ୍ଦ ସଂଗ୍ରହ କରି ଏକ ନୂତନ କାବ୍ୟ ସୃଷ୍ଟିର ଅପପ୍ରୟାସ କରିଥାଆନ୍ତି । ପ୍ରତ୍ୟେକ ଛାନ୍ଦର ''ଭଣିତା''ଟିକୁ ବାଦ୍ ଦେଇ ପ୍ରତିଲିପି ପ୍ରସ୍ତୁତ କରିବାର ଉଦାହରଣ ଅପ୍ରଚୁର ନୁହେଁ । ସାମ୍ପ୍ରତିକ ସମୟର ବ୍ୟାବସାୟିକ ବୁଦ୍ଧିସମ୍ପନ୍ନ ''ତାଳ ପତ୍ର ପୋଥି ପ୍ରସ୍ତୁତି ଓ ବିକ୍ରୟ କେନ୍ଦ୍ର'' ଗୁଡ଼ିକର ପରିଚାଳକମାନେ ଏପରି ବିଦ୍ୟାରେ ଧୁରନ୍ଧର ।

ଏସବୁ ଦୃଷ୍ଟିରୁ ଉପେନ୍ଦ୍ର ନାମାଙ୍କିତ ଯେ କୌଣସି ଅପ୍ରକାଶିତ ପୋଥି ବା ରଚନାକୁ ହଠାତ୍ ଉପେନ୍ଦ୍ର ଭଞ୍ଜଙ୍କର ବୋଲି ଗ୍ରହଣ କରିନେବା ସମ୍ଭବ ହେଉନାହିଁ । ଏଥିପାଇଁ ସଂଗୃହୀତ 'ଚିତ୍ରଲେଖା' କାବ୍ୟଟିର ପିତୃତ୍ୱ ସମ୍ପର୍କରେ ସ୍ଥିର ନିଶ୍ଚିତ ହେବାପାଇଁ ଦୀର୍ଘଦିନ ଅପେକ୍ଷା କରିବାକୁ ପଡ଼ିଛି ।

ପୋଥି ପରିଚୟ :

ଚିତ୍ରଲେଖା କାବ୍ୟର ପ୍ରସ୍ତୁତ ସଂସ୍କରଣ ପାଇଁ ଦୁଇଟି ପୋଥିର ସାହାଯ୍ୟ ନିଆଯାଇଛି । ଗୋଟିଏ ସଂପୂର୍ଣ୍ଣ କାବ୍ୟର ପ୍ରତିଲିପି ଥିବା ପୋଥି ଏବଂ ଅନ୍ୟଟି ଚିତ୍ରଲେଖା କାବ୍ୟର ଚାରୋଟି ଛାନ୍ଦ ଥିବା ଏକ 'ଛାନ୍ଦତୋଳା' ପୋଥି । ପ୍ରଥମ ପୋଥିଟିକୁ 'କ' ଏବଂ ଦ୍ୱିତୀୟ ପୋଥିଟିକୁ 'ଖ' ଭାବେ ସୂଚିତ କରାଯାଇଛି । ପାଠାନ୍ତର ନିର୍ଦ୍ଦେଶବେଳେ ଯେଉଁ ଚାରୋଟି ଛାନ୍ଦର ଦୁଇଟି ପାଠ ଉପଲବ୍ଧ, ସେଠାରେ କେବଳ 'କ' ଓ 'ଖ' ପୋଥିର ନିର୍ଦ୍ଦେଶ ରହିଛି । ଅନ୍ୟତ୍ର ଯେଉଁଠାରେ କୌଣସି ପୋଥିର ନିର୍ଦ୍ଦେଶ ନାହିଁ, ସେଠାରେ କେବଳ 'କ' ପୋଥିର ପାଠ ବୋଲି ଗ୍ରହଣ କରିବାକୁ ହେବ ।

'କ' ପୋଥି :- ବହୁଦିନ ତଳେ ଗଞ୍ଜାମର ସାନଖେମୁଣ୍ଡି ରାଜପ୍ରାସାଦରେ କେତେକ ମୂଲ୍ୟବାନ୍ ତାଳପତ୍ର ପୋଥି ଥିବା ଖବର ପାଇ ମୁଁ ଏହି ରାଜବଂଶର ବର୍ତ୍ତମାନ ଉତ୍ତରାଧିକାରୀ ସତୀର୍ଥ ବନ୍ଧୁ ଶ୍ରୀଯୁକ୍ତ ଉଦୟ ନାରାୟଣ ଦେଓଙ୍କ (ବର୍ତ୍ତମାନର ସୁଖ୍ୟାତି ସମ୍ପନ୍ନ ପକ୍ଷୀ ବିଶାରଦ ଓ ଗବେଷକ ଏବଂ ପୂର୍ବତନ ରାଜ୍ୟ ବିଧାନସଭା ସଦସ୍ୟ) ନିକଟକୁ ଖଣ୍ଡିଏ ପତ୍ର ଲେଖିଥିଲି । ସାହିତ୍ୟ ଓ ସଂଗୀତ-ରସିକବନ୍ଧୁ ମୋର ପତ୍ର ପାଇବା ସଂଗେ ସଂଗେ ମୋତେ ସେଠାକୁ ଯିବାପାଇଁ ସାଦର ନିମନ୍ତ୍ରଣ ଜଣାଇଥିଲେ । ମୁଁ ଯାଇ ଦେଖିଲି ତାଙ୍କ ରାଜବାଟୀର ଅଧିକାଂଶ ପୋଥି ନଷ୍ଟ ହୋଇଯାଇଥିଲେ ସୁଦ୍ଧା କେତେଗୁଡ଼ିଏ ଉପାଦେୟ ଗ୍ରନ୍ଥ କାଳର କବଳରୁ

Digitized by srujanika@gmail.com

ରକ୍ଷା ପାଇଯାଇଛନ୍ତି । ଯେଥିରୁ କେତେଖଣ୍ଡ ସଙ୍ଗରେ ଆଣିବାପାଇଁ ସେ ମୋତେ ସଦୟ ଅନୁମତି ପ୍ରଦାନ କରିଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞ । ସେଠାରୁ ଯେତୋଟି ପୋଥି ମୁଁ ପାଇଥିଲି, ତନ୍ମଧ୍ୟରୁ 'କବିସିନ୍ଧୁ ଚନ୍ଦ୍ର' ଉପେନ୍ଦ୍ର ଭଞ୍ଜଙ୍କର ଏହି ଚିତ୍ରଲେଖା କାବ୍ୟଟି ଅତ୍ୟନ୍ତ ଉପାଦେୟ । ଏହା ସହିତ ପୋଥିଟିରେ ନୃପଲୋକନାଥଙ୍କ 'ଲାବଣ୍ୟ ତରଙ୍ଗିଣୀ' କାବ୍ୟ (ବର୍ତ୍ତମାନ ସୁଦ୍ଧା ଅପ୍ରକାଶିତ) ମଧ୍ୟ ଲିପିବଦ୍ଧ । ପୋଥିଟି ଦୁଇଟି ଭାଗରେ ବିଭକ୍ତ । ପ୍ରଥମ ଅଠାବନଟି ପତ୍ରରେ 'ଲାବଣ୍ୟ ତରଙ୍ଗିଣୀ' ଏବଂ ପରବର୍ତ୍ତୀ ଷାଠିଏଟି ପତ୍ରରେ 'ଚିତ୍ରଲେଖା' କାବ୍ୟର ପ୍ରତିଲିପି ରହିଅଛି । ପୋଥିଟିର ଦୈର୍ଘ୍ୟ ୨୫.୮ ସେ.ମି. ଓ ପ୍ରସ୍ଥ ୩.୨ ସେ.ମି । ପ୍ରତ୍ୟେକ ପତ୍ରରେ ପାଞ୍ଚୋଟି ଧାଡ଼ି ଓ ପ୍ରତ୍ୟେକ ଧାଡ଼ିରେ ପ୍ରାୟ ଏକାବନଟି ଅକ୍ଷର ରହିଅଛି । ଗ୍ରନ୍ଥ ଶେଷରେ ପୁଷ୍ପିକା ଥିଲେ ମଧ୍ୟ ପ୍ରତିଲିପି ପ୍ରସ୍ତୁତିର ସମୟ ଦିଆଯାଇ ନାହିଁ । ଏଥିରେ କେବଳ ଉଲ୍ଲେଖ ଅଛି, ''ଆଦରସରେ ଯାହା ଥିଲା ତାହା ଲେଖନ ହେଲା । ଶୁଦ୍ଧ ଅଶୁଦ୍ଧ ମିଶାଇ ଗାଇବ ଲେଖନକାର ଦୋଷ ନ ଘେନିମ । ଶ୍ରୀ ଗୋପୀନାଥ ରକ୍ଷା କରିବେ ।''

ପୋଥିଟିର କେତେକ ସ୍ଥଳ କୀଟଦଂଷ୍ଟ ହୋଇଯାଇଥିବାରୁ ମଝି ମଝିରେ ଗୋଟିଏ ଦୁଇଟି ଅକ୍ଷରର ପାଠୋଦ୍ଧାର ସମ୍ଭବ ହୋଇପାରୁ ନାହିଁ । ପୁଣି ପ୍ରତିଲିପି ପ୍ରସ୍ତୁତ କରିବା ସମୟରେ ଲେଖନକାରଙ୍କ ଭ୍ରମବଶତଃ ହେଉ କିମ୍ବା 'ଆଦର୍ଶ' ପୋଥିରେ ନଥିବା ଯୋଗୁଁ ହେଉ କେତୋଟି ପାଦର ପାଠ ଅନୁଲ୍ଲିଖିତ ରହିଥିବା ପରିଲକ୍ଷିତ ହୁଏ । ଯଥା :- ଛା ୩/୨୧/୨ ପାଦ; ଛା ୭/୨୨/୨ ପାଦ; ଛା ୧୨/୧୩/୪ ପାଦ; ଛାନ୍ଦ ୧୬/୩୫/୩ ପାଦ; ଛା ୧୬/୩୯/୩ ପାଦ; ଛା ୧୮/୪୦/୪ ପାଦ; ଛା ୨୧/୫/୩ ପାଦ ।

ଏତଦ୍‌ବ୍ୟତୀତ ଓଡ଼ିଆ ତାଳପତ୍ର ପୋଥିରେ ସାଧାରଣତଃ ପରିଦୃଷ୍ଟ 'ଜ' ଓ 'ଯ', 'ଶ', 'ସ' ଓ 'ଷ', 'ର' ଓ ରୁ ଏବଂ ହ୍ରସ୍ୱ ଦୀର୍ଘ ପ୍ରୟୋଗରେ କୌଣସି ନିୟମ ରକ୍ଷା କରାଯାଇ ନାହିଁ । ପୁଣି ତତ୍‌ସମ ଶବ୍ଦଗୁଡ଼ିକୁ ଯେଉଁପରି ଭାବରେ ଲେଖାଯାଇଛି, ସେଥିରୁ ସମସାମୟିକ କଥିତ ଭାଷାର ବା ଉଚ୍ଚାରଣ ପ୍ରକ୍ରିୟାର ସୂଚନା ମିଳିଥାଏ । ଭାଷା ଗବେଷଣା ପାଇଁ ଏହାର ଉପାଦେୟତା ଦୃଷ୍ଟିରୁ ଏଠାରେ କେତୋଟି ଉଦାହରଣ ଦିଆଯାଇଅଛି ।

ପାଶାଙ୍କୁଶ > ପାସକୁଂଶ; ରଜନୀ>ରୟଣି; ସ୍ୱପ୍ନ > ସ୍ୱପ୍ୟନ; ଦାନବ > ଦାନେବ; ମାନବ > ମାନେବ; ପୁଷ୍ପ > ପୁଷ୍ପ; କୃଶୋଦରୀ > କୁଶୋଦରୀ; ହସିଲା

Digitized by srujanika@gmail.com

> ହଂସିଲା; ଲାବଣ୍ୟ > ଲାବାନ୍ୟ; ମଳିନ > ମଳିଣ; ନାଗବଲ୍ଲୀ > ନାଗବଲି; କଠିନ > କଠିଣ; ମୃଣାଳ > ମୂର୍ନାଳ; ପାଦେ > ପାୟେ; ଅପ୍‌ସରୀ > ଅପସରୀ; କନକ > କନେକ; ଧନଞ୍ଜୟ > ଧନୁର୍ଜୟ; ଭୈରବ > ଭୀରୋବ; କଣ୍ଠନଆସେ > କଣ୍ଠନୁଆସେ; ଲୋତକ > ଲୋତେକ; ମଣ୍ଡପ > ମଣ୍ଡୋପ; ନଳିନ > ନଳିଣ; ଦର୍ଶନ > ଦ୍ରସନ; ମୃଗାକ୍ଷୀ > ମୁର୍ଗାକ୍ଷି; ମନୋହର > ମନୁହର; ନାନାଦି > ନାନାଧି; ଆଜ୍ଞା > ଆଗ୍ୟାଂ; ହରିଣ > ହିରଣ; ସୈନ୍ୟ > ସନ୍ୟ; ଶୋଭନ > ସୋଭାବନ; ପୁରୁଷୋତ୍ତମ > ପୁରୁସତମ; ରହସ୍ୟ > ରହସ; କରୀନ୍ଦ୍ର > କରୋନ୍ଦ୍ର; ସ୍ଫଟିକ > ସ୍ୱଷ୍ଟିକ; ପାବଚ୍ଛ > ପାପଚ୍ଛ; ନୃପ > ନୁର୍ପ; ଦୁର୍ଗମ > ଦୃଗମ; ତର୍ଜିଲା > ଚର୍ଜିଲା; ଅମୃତ > ଅମ୍ୟତ; ଦୁର୍ଗତି > ଦୃଗତି; ଦ୍ୱିଗୁଣ > ଦୁଗୁଣ; ଧନଞ୍ଜୟ > ଧନ୍ନଜୟ; ନିମିତ୍ତେ > ନିମିତ୍ୟେ; ମୁଦ୍‌ଗର > ମୁଦୁଗର ଇତ୍ୟାଦି ।

ଏହାବ୍ୟତୀତ ସମଗ୍ର ପୋଥିଟିରେ ଚନ୍ଦ୍ରବିନ୍ଦୁର (ଁ) ପ୍ରୟୋଗ ଆଦୌ ନାହିଁ; ସର୍ବତ୍ର ଅନୁସ୍ୱାର (ଂ) ହିଁ ଦେଖିବାକୁ ମିଳେ । ସେହିପରି 'ୟ' ଓ 'ଏ' (ଯଥା :- ପ୍ରାୟେକ=ପ୍ରାଏକ, ଏକ=ୟେକ)ର ଯାଦୃଚ୍ଛିକ ପ୍ରୟୋଗ ସର୍ବତ୍ର ପରିଦୃଷ୍ଟ ।

'ଖ' ପୋଥି :- 'କ' ପୋଥିଟି ପାଇବାର ଦୀର୍ଘଦିନ ପର୍ଯ୍ୟନ୍ତ ଅନ୍ୟ ଏକ ପୋଥିର ସନ୍ଧାନ କରି ମୁଁ ପ୍ରାୟ ନିରସ୍ତ ହୋଇପଡ଼ିଥିଲି । କିନ୍ତୁ ଅପ୍ରତ୍ୟାଶିତ ଭାବରେ ଗୋଟିଏ ଛାନ୍ଦତୋଳା ପୋଥିରୁ ଏହାର ଚାରୋଟି ଛାନ୍ଦ ହସ୍ତଗତ ହେଲା । ପୋଥିଟି ସଂଗ୍ରହ କରିଥିଲେ ମୋର ଅନ୍ୟତମ ପ୍ରିୟ ଛାତ୍ର ଡ଼.ସୀମାଞ୍ଚଳ ପ୍ରଧାନ (ବର୍ତ୍ତମାନ ମା'ମାର୍କମା ମହାବିଦ୍ୟାଳୟ, ବିଷମ କଟକ, ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ) ପୋଥିଟି ସୁରଙ୍ଗୀ ଅଞ୍ଚଳରୁ ସଂଗୃହୀତ ହୋଇଥିଲା । ପୋଥିଟିର ଦୈର୍ଘ୍ୟ ୧୯ ସେ.ମି ଓ ପ୍ରସ୍ଥ ୩.୨ ସେ.ମି । ଏହାର ପ୍ରତ୍ୟେକ ପତ୍ରରେ ପାଞ୍ଚଧାଡ଼ି ଓ ପ୍ରତ୍ୟେକ ଧାଡ଼ିରେ ପ୍ରାୟ ୪୦ ଟି ଅକ୍ଷର ଥିବା ଦେଖାଯାଏ । ଏଥିରେ ପ୍ରତିଲିପିକାରଙ୍କ ନାମ ଓ ସମୟ ଉଲ୍ଲିଖିତ । ପୁଷ୍ପିକାରେ ଅଛି, "୧୯୧୫ ସମ୍ବସର ସ୍ନ ୧୩୨୫ ଫସଲି ଭାଦ୍ରବଦ ଶୁକ୍ଳ ୯/୬ ବାରେ ଚକିପଡ଼ା ଦେବୀ ଘରରେ ବେଳ ଦ ୧୫/୧୫ ଲିତା ଠାରେ ପୋସ୍ତେକ ପୂର୍ଣ୍ଣ ହେଲେ । ପୋସ୍ତେକ ବଡ଼ଖେମୁଣ୍ଡି ତାଲୁକା, ନୁଆଁପଡ଼ା ମୁଠା ଦେଖାଳି ଗ୍ରାମ ଚନ୍ଦ୍ରଶେଖର ପାଟଯୋଶୀଙ୍କର । ଦସ୍ତୁରି କାଳୁ ପାଢ଼ୀ" ।

ପୋଥିଟିରେ 'ଚିତ୍ରଲେଖା'ର ନବମ, ଦଶମ, ଦ୍ୱାଦଶ ଓ ତ୍ରୟୋଦଶ ଛାନ୍ଦ ସହିତ କବିଚନ୍ଦ୍ରଙ୍କ ଚଉପହରା, 'ଲାବଣ୍ୟବତୀ' ପଞ୍ଚଚାଳିଶ ଛାନ୍ଦ, 'ରସକଲ୍ଲୋଳ'

Digitized by srujanika@gmail.com

ବିଂଶତି ଓ ଏକବିଂଶତି ଛାନ୍ଦ, 'ସର୍ବାଙ୍ଗ ସୁନ୍ଦରୀ' ତ୍ରୟୋଦଶ ଛାନ୍ଦ, ଅଭିନା ଚଉତିଶା, ବୃନ୍ଦାବନ ପଟ୍ଟନାୟକଙ୍କ 'ଛବିଶି ପଦିଆ', ଭ୍ରମର ଦେବଙ୍କ ଅଷ୍ଟପଦିଆ, ଖରସଦା ପଟ୍ଟନାୟକଙ୍କ 'ଛତିଶ ପଦିଆ', ରାଜେନ୍ଦ୍ରଦେବଙ୍କ 'ଏକତିରିଶି ପଦିଆ', 'ସୁବର୍ଣ୍ଣରେଖା' ଦ୍ୱିତୀୟ, ତୃତୀୟ ଛାନ୍ଦ, ବକ୍ସିଙ୍କ 'ତେଇଶି ପଦିଆ', ଖରସଦା ପଟ୍ଟନାୟକଙ୍କ ତିନୋଟି ଛପନ ପଦିଆ, ଉପେନ୍ଦ୍ର ଭଞ୍ଜଙ୍କ ଚିଟାଉ ଚଉତିଶା, କବିସୂର୍ଯ୍ୟଙ୍କ 'କାହାକୁ କହିବା' ଏବଂ କିଛି ଚଉପଦୀ ଲେଖାଯାଇଛି । ଏହାର ପତ୍ରସଂଖ୍ୟା ୧୨୪ (ଶହେ ଚବିଶି) ।

ଏଥିରେ ଥିବା ଚିତ୍ରଲେଖାର ଚାରୋଟି ଛାନ୍ଦ ମଧ୍ୟରୁ ଛାନ୍ଦ ୧୨/୧୩/୪ ପାଦଟିର ପାଠ ଦିଆଯାଇ ନାହିଁ । 'କ' ପୋଥିରେ ମଧ୍ୟ ଏହାର ପାଠ ନଥିବା ଯୋଗୁଁ ଉଭୟ ପୋଥି ଗୋଟିଏ ପୋଥିବଂଶର ବୋଲି ଗ୍ରହଣ କରାଯାଇପାରେ । 'କ' ପୋଥିର ପାଠ ସହିତ ଏହାର ସାମ୍ୟ ଥିଲେ ସୁଦ୍ଧା କେତେକ ସ୍ଥଳରେ ଗୋଟିଏ ଗୋଟିଏ ପଦ ଅନୁଲ୍ଲିଖିତ ଥିବା ପରିଦୃଷ୍ଟ ହୁଏ । ଏଣୁ ଏହାକୁ 'କ' ପୋଥିରୁ ଗୃହୀତ ବୋଲି କହିବା ସମ୍ଭବ ନୁହେଁ ।

ଗ୍ରନ୍ଥ ପରିଚୟ :

ଚିତ୍ରଲେଖା (ସ୍ଥାନେ ସ୍ଥାନେ ଚିତ୍ରରେଖା ବୋଲି ମଧ୍ୟ ଉଲ୍ଲେଖ ଥିବା ଦେଖାଯାଏ) ଏକ କାଳ୍ପନିକ କାବ୍ୟ । ଏହା ବିଭିନ୍ନ ଛାନ୍ଦରେ ନିବଦ୍ଧ ୨୧ଟି ଛାନ୍ଦରେ ବିଭକ୍ତ । ଗ୍ରନ୍ଥର କଳେବର ସମ୍ପର୍କରେ ଏକ ସ୍ଥୂଳ ଧାରଣା ଦେବା ନିମିତ୍ତ ପ୍ରତ୍ୟେକ ଛାନ୍ଦର ରାଗ (ବାଣୀ ସହିତ) ତଥା ପଦସଂଖ୍ୟା ନିମ୍ନରେ ପ୍ରଦତ୍ତ ହେଲା ।

୧ମ ଛାନ୍ଦ	- ରାଗ - ମଙ୍ଗଳ ଗୁଜ୍ଜରୀ ବାଣୀ - ସଙ୍ଗମ ତିଆରି	-ପଦସଂଖ୍ୟା -	୨୭ ।
୨ୟ ଛାନ୍ଦ	- ରାଗ - କେଦାର ବାଣୀ - ଚକ୍ରକେଳି	- ” -	୨୬ ।
୩ୟ ଛାନ୍ଦ	- ରାଗ - ମାଳବ	- ” -	୪୧ ।
୪ର୍ଥ ଛାନ୍ଦ	- ରାଗ - କୌଶିକ	- ” -	୨୨ ।
୫ମ ଛାନ୍ଦ	- ରାଗ - ବରାଡ଼ି ବାଣୀ - କଳସା	- ” -	୨୩ ।
୬ଷ୍ଠ ଛାନ୍ଦ	- ରାଗ - ଚୋଖି	- ” -	୨୦ ।

Digitized by srujanika@gmail.com

୭ମ ଛାନ୍ଦ - ରାଗ - ମଙ୍ଗଳ ଗୁଜ୍ଜରୀ - ,, - ୪୬।
୮ମ ଛାନ୍ଦ - ରାଗ - ପଞ୍ଚମ ବରାଡ଼ି - ,, - ୨୧।
୯ମ ଛାନ୍ଦ - ରାଗ - ଚିନ୍ତା ଭୈରବ - ,, - ୨୮।
୧୦ମ ଛାନ୍ଦ - ରାଗ - ବଙ୍ଗଳାଶ୍ରୀ - ,, - ୩୧।
୧୧ଶ ଛାନ୍ଦ - ରାଗ - କାଳି - ,, - ୧୫।
୧୨ଶ ଛାନ୍ଦ - ରାଗ - ବରାଡ଼ି - ,, - ୨୪।
ବାଣୀ - ଆଷାଢ଼ଶୁକ୍ଳ
୧୩ଶ ଛାନ୍ଦ - ରାଗ - କେଦାର କାମୋଦି - ,, - ୧୮।
୧୪ଶ ଛାନ୍ଦ - ରାଗ - ଦେଶାକ୍ଷ - ,, - ୩୬।
୧୫ଶ ଛାନ୍ଦ - ରାଗ - ବରାଡ଼ି - ,, - ୧୯।
୧୬ଶ ଛାନ୍ଦ - ରାଗ - ମଙ୍ଗଳ ବରାଡ଼ି - ,, - ୪୫।
ବାଣୀ - ମୁନିବର
୧୭ଶ ଛାନ୍ଦ - ରାଗ - ବରାଡ଼ି - ,, - ୩୦।
ବାଣୀ - ଆଦି ମଗୁଶିର
୧୮ଶ ଛାନ୍ଦ - ରାଗ - କେଦାର - ,, - ୫୫।
ବାଣୀ - ଚକ୍ରକେଳି
୧୯ଶ ଛାନ୍ଦ - ରାଗ - କାମୋଦୀ - ,, - ୧୭।
୨୦ଶ ଛାନ୍ଦ - ରାଗ - କୁମ୍ଭକାମୋଦୀ - ,, - ୨୩।
୨୧ଶ ଛାନ୍ଦ - ରାଗ - କଲ୍ୟାଣ ଆହାରୀ - ,, - ୨୨।

ରୀତିଯୁଗୀୟ ଅନ୍ୟାନ୍ୟ କାବ୍ୟତୁଲ୍ୟ ଏ କାବ୍ୟରେ ମଧ୍ୟ ସ୍ଥାନେ ସ୍ଥାନେ ପଦଗତ ଅଳଙ୍କାରର ନିର୍ଦ୍ଦେଶ ଥିବା ଦେଖାଯାଏ । କବି କାବ୍ୟର ଉପକ୍ରମଣିକାରେ କାବ୍ୟକୌଶଳ ସମ୍ପର୍କରେ ସୂଚନା ଦେବାକୁ ଯାଇ ଲେଖିଛନ୍ତି :

ଛଳ ଶ୍ଳେଷ ଯମକ ବିରୋଧାଭାସରେ

ପ୍ରକାଶ କରିବି ଯେବେ ଛାନ୍ଦଗୀତରେ (ଛା ୧/୭)

ଯମକ ବ୍ୟତୀତ ଅନ୍ୟାନ୍ୟ ଯେଉଁ ଅଳଙ୍କାର ସମୂହ କବିଙ୍କ ଦ୍ୱାରା କାବ୍ୟରେ ସଂଯୋଜିତ ହୋଇଛି, ସେ ଗୁଡ଼ିକୁ ସେ ନିର୍ଦ୍ଦିଷ୍ଟ ପଦ ପୂର୍ବରୁ ସୂଚିତ କରିଦେଇଛନ୍ତି ଯଥା -

Digitized by srujanika@gmail.com

ଛଳ :- ୧/୨୫-୨୬; ୪/୧୦; ୫/୪-୫; ୫/୭-୮; ୫/୧୦; ୫/୧୨; ୫/୧୪; ୫/୧୬; ୫/୧୮; ୭/୯; ୮/୧୯; ୧୦/୮; ୨୧/୪-୭।

ଶ୍ଳେଷ :- ୧/୨୫-୨୬; ୩/୫; ୩/୨୨; ୪/୫; ୪/୧୦-୧୭; ୪/୧୯; ୫/୫; ୫/୯; ୫/୨୦-୨୨; ୬/୧୨; ୭/୭; ୭/୯; ୭/୧୧; ୭/୧୫-୧୭; ୭/୧୯; ୭/୩୮; ୮/୧୯; ୧୦/୩; ୧୦/୫; ୧୦/୬; ୧୧/୧୨; ୧୭/୧୨; ୧୮/୪୪; ୧୯/୧୨; ୨୦/୧୨; ୨୧/୫।

ବିରୋଧାଭାସ :- ୧/୨୫-୨୬; ୫/୨୨; ୭/୯; ୮/୧୯; ୨୧/୫।

ଅବଶ୍ୟ ଏଠାରେ ଉଲ୍ଲେଖଯୋଗ୍ୟ ଯେ ଅଳଙ୍କାର ଗୁଡ଼ିକର ଏ ପ୍ରକାର ନିର୍ଦ୍ଦେଶ କେବଳ ଉପେନ୍ଦ୍ରଭଞ୍ଜଙ୍କ କାବ୍ୟ ନୁହେଁ, ସେ ଯୁଗର ଅନ୍ୟାନ୍ୟ କାବ୍ୟକାରଙ୍କ କାବ୍ୟରେ ମଧ ପରିଦୃଷ୍ଟ । କିନ୍ତୁ ଏଗୁଡ଼ିକ କବିକୃତ କି ପରବର୍ତ୍ତୀ ଲିପିକାରମାନଙ୍କ ଦ୍ୱାରା ସଂଯୋଜିତ, କହିବା କଷ୍ଟକର ।

କାବ୍ୟର ବିଷୟବସ୍ତୁ :

ଚିତ୍ରଲେଖା ଏକ କାଳ୍ପନିକ କାବ୍ୟ । କିନ୍ତୁ ଉପେନ୍ଦ୍ର ରଚିତ ଉପଲବ୍ଧ ସମସ୍ତ କାଳ୍ପନିକ କାବ୍ୟଠାରୁ ଏ କାବ୍ୟର ବିଷୟବସ୍ତୁ ସ୍ୱତନ୍ତ୍ର ଓ ବିଲକ୍ଷଣ । ଏଣୁ କାବ୍ୟର ପିତୃତ୍ୱ ନିରୂପଣ ପୂର୍ବରୁ ଏହାର ବିଷୟବସ୍ତୁ ସମ୍ପର୍କରେ ସାଧାରଣ ଧାରଣା ପ୍ରଦାନ କରିବା ନିମିତ୍ତ ଛାନ୍ଦ କ୍ରମରେ ପ୍ରୟାସ କରାଯାଉଛି ।

ପ୍ରଥମ ଛାନ୍ଦ - ପ୍ରଥମ ସାତଟି ପଦ ମଧ୍ୟରେ କବି ମଙ୍ଗଳାଚରଣ ଏବଂ କାବ୍ୟସ୍ୱରୂପ ସମ୍ପର୍କୀୟ ଆତ୍ମବିବୃତି ଶେଷ କରି କାବ୍ୟର ପ୍ରକୃତ ବିଷୟବସ୍ତୁ ଆରମ୍ଭ କରିଛନ୍ତି ।

ଧର୍ମବତୀ ନଗରର ରାଜା ଚିତ୍ରସେନ । ତାଙ୍କ ପଟ୍ଟମହିଷୀ ସୁକୁନ୍ତଳା । ପାଞ୍ଚଟି ପୁତ୍ରର ଜନନୀ ହେବାପରେ କନ୍ୟାରତ୍ନଟିଏ ଲାଭ ନକରି ସେ ଦେବୀ ପାର୍ବତୀଙ୍କ ଉପାସନାରେ ମନପ୍ରାଣ ଢ଼ାଳି ଦେଇଛନ୍ତି । ଦିନେ ଦେବୀଙ୍କଠାରୁ ସେ ସ୍ୱପ୍ନାଦେଶ ଲାଭ କରିଛନ୍ତି ଯେ ଚଇତ୍ରମଙ୍ଗଳବାର ଦିନ ତାଙ୍କର ପୂଜା କଲେ କନ୍ୟାପ୍ରାପ୍ତି ହେବ । ରାଣୀ ଅନୁରୂପ କ୍ରିୟାର ଫଳ ସ୍ୱରୂପ କନ୍ୟାଟିଏ ଲାଭ କରିଛନ୍ତି । କନ୍ୟାଟିର ନାମ ରଖାଯାଇଛି ଚିତ୍ରଲେଖା । ସେ ଶୁକ୍ଳପକ୍ଷର ଶଶୀକଳାତୁଲ୍ୟ ବୃଦ୍ଧି ପାଇଛି ।

ଦ୍ୱିତୀୟ ଛାନ୍ଦ :- ଚିତ୍ରଲେଖାର ଯୌବନପ୍ରାପ୍ତି ସଂବାଦ ମନ୍ତ୍ରୀ ନନ୍ଦନା ସୁଦଶନାଠାରୁ ଶ୍ରବଣ କରି ରାଣୀ କୁଳୋଚିତ ଓ କାଳୋଚିତ ଉତ୍ସବ ପାଳନ କରିଛନ୍ତି ।

Digitized by srujanika@gmail.com

ତୃତୀୟ ଛାନ୍ଦ :- ପୃଥିବୀରେ ବସନ୍ତ ଋତୁ ଅବତରଣ କରିଆସନ୍ତେ ସଖୀମାନେ ବାସନ୍ତିକ ସୌନ୍ଦର୍ଯ୍ୟ ସମ୍ପର୍କରେ ଚିତ୍ରଲେଖାକୁ 'ଅବହିତ କରାଇଅଛନ୍ତି । ଫଳରେ ସେ ସେମାନଙ୍କ ସହ ଯାଇ ଉପବନରେ ପ୍ରବେଶ କରିଛି । ଏଠାରେ କବି ଉପବନର ଏକ ନାତିଦୀର୍ଘ ବର୍ଣ୍ଣନା ପ୍ରଦାନ କରିଅଛନ୍ତି ଏବଂ ନାୟିକାର ଉପବନ ବିହାର, ଜଳକ୍ରୀଡ଼ା ଓ ପୁଷ୍ପଚୟନ ଅବକାଶରେ ହାସପରିହାସର ଏକ ମନୋଜ୍ଞ ଚିତ୍ର ଉପସ୍ଥାପିତ ହୋଇଛି । ପୁଂନାଗ ପୁଷ୍ପ ଦର୍ଶନରେ ସଖୀମାନେ ଯେଉଁ ରହସ୍ୟପୂର୍ଣ୍ଣ ଉକ୍ତି ପ୍ରୟୋଗ କରିଛନ୍ତି, ତାହା ଶ୍ରବଣ କରି ଚିତ୍ରଲେଖା ମନରେ କାମବିକାର ଜାଗ୍ରତ ବା ଭାବୋଦୟ ହୋଇଛି । ସଖୀମାନଙ୍କର ଆଶ୍ୱାସନା ଓ ଶୀତଳ ଉପଚାର ତାର ମାନସିକ ସ୍ଥିତି ଫେରାଇ ଆଣିବାପାଇଁ ସମର୍ଥ ହୋଇନାହିଁ । ସେମାନେ ଅନ୍ତଃପୁର ମଧ୍ୟକୁ ଫେରି ଆସିଛନ୍ତି ।

ପଞ୍ଚମ ଛାନ୍ଦ :- ଚିତ୍ରଲେଖାର ପୁରୁଷ ସଙ୍ଗ ଲାଭ ନିମିତ୍ତ ବ୍ୟାକୁଳତା ଓ କୋକିଳ, ଚନ୍ଦ୍ର, ମଳୟ ଓ ମଦନ ଉପାଲମ୍ଭ ।

ଷଷ୍ଠ ଛାନ୍ଦ :- ଚିତ୍ରଲେଖା ଏ ପ୍ରକାର ମାନସିକ ଅବସ୍ଥା ନେଇ ଶୟନ କରନ୍ତେ ସ୍ୱପ୍ନରେ ପ୍ରଭାବତୀପୁର ରାଜକୁମାରର ଦର୍ଶନ ଲାଭ କରିଛି । ସ୍ୱ ସ୍ୱପ୍ନବୃତ୍ତାନ୍ତ ପ୍ରିୟସଖୀ ସୁଦଶନା ନିକଟରେ ପ୍ରକାଶ କରନ୍ତେ ସେ ଉଭୟଙ୍କ ମିଳନ ସଂଘଟିତ ହେବାର ନିଶ୍ଚିତ ସମ୍ଭାବନା ବ୍ୟକ୍ତ କରିଛି ।

ଏଣେ ରାଜକୁମାର ମଧ୍ୟ କୌଣସି ହଂସର ସହାୟତାରେ ଚିତ୍ରଲେଖା ସହ ତାର ମିଳନ ସଂଘଟିତ ହେବା କଥା ସ୍ୱପ୍ନରେ ଦେଖି ବିହ୍ୱଳ ହୋଇପଡ଼ିଛି । ମନ୍ତ୍ରୀ କୁମାର ଏହା ଶ୍ରବଣ କରି ଏ ଏକ ଶୁଭସ୍ୱପ୍ନ ଏବଂ ସେମାନଙ୍କ ମିଳନ ନିଶ୍ଚିତ ବୋଲି ଆଶ୍ୱାସନା ପ୍ରଦାନ କରିଛି । ମାନସିକ ପରିବର୍ତ୍ତନ ପାଇଁ ମୃଗୟା ନିମିତ୍ତ ସେମାନେ ନିକଟସ୍ଥ ଅରଣ୍ୟ ମଧ୍ୟରେ ଯାଇ ଉପସ୍ଥିତ ହୋଇଛନ୍ତି ।

ବନ ମଧ୍ୟରେ ବିଚରଣ କରୁଥିବା ବେଳେ କୌଣସି ବୃକ୍ଷଶାଖାରେ ଗୋଟିଏ ରାଜହଂସକୁ ଦେଖି ରାଜକୁମାର ପୂର୍ବ ସ୍ୱପ୍ନବୃତ୍ତାନ୍ତ ସ୍ମରଣ କରିଛି ଏବଂ ନିଜର ମନୋଗତ ଭାବ ସଖା ନିକଟରେ ପ୍ରକାଶ କରିଛି । ସେମାନେ ହଂସଟିକୁ ଧରିଆଣି ଆଦରପୂର୍ବକ ତାର ଶକ୍ତି ସାମର୍ଥ୍ୟ ସମ୍ପର୍କରେ ଜିଜ୍ଞାସା କରନ୍ତେ ସେ ବିଧାତାଙ୍କ ଅପାର କରୁଣାରୁ ଅନାୟାସରେ ପୃଥିବୀ ପରିକ୍ରମା କରିପାରିବା ଏବଂ ସମସ୍ତ ଅସାଧ କର୍ମ ସାଧନ କରିପାରିବା ବିଷୟ ବ୍ୟକ୍ତ କରିଛି । ଏଥିରେ ପ୍ରୀତ ଓ ଆଶାନ୍ୱିତ

Digitized by srujanika@gmail.com

ହାଇ ରାଜକୁମାର ସ୍ୱୀୟ ମନୋଭାବ ତା'ନିକଟରେ ପ୍ରକାଶ କରିବା ଫଳରେ ସ ଅବଶ୍ୟ ଏଥିପାଇଁ ସାହାଯ୍ୟ କରିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଛି ।

ସପ୍ତମ ଛାନ୍ଦ :- ରାଜହଂସ ରାଜକୁମାରଠାରୁ ବିଦାୟ ନେଇ ରାଜକୁମାରୀର ୀଡ଼ା କାନନରେ ଯାଇ ପହଞ୍ଚିଛି । ସେଠାରୁ ନଗରର ସୌନ୍ଦର୍ଯ୍ୟ ଅବଲୋକନ ୂର୍ବକ ଅନ୍ତଃପୁର ମଧ୍ୟରେ ପ୍ରବେଶ କରି କାମପୀଡ଼ିତା ରାଜକୁମାରୀକୁ ଦର୍ଶନ ରିଛି । ହଂସର ଦର୍ଶନମାତ୍ରେ ରାଜକୁମାରୀ ସ୍ୱପ୍ନବୃତ୍ତାନ୍ତ ସ୍ମରଣ କରି ଲଜ୍ଜାବନତା ହୋଇ ରହନ୍ତେ ସେ ନିଜେ କୁମାରୀର ଦୁଃଖର କାରଣ ଜିଜ୍ଞାସା କରିଛି । ାଜକୁମାରୀ ଠାରୁ ତା'ର ସକଳବୃତ୍ତାନ୍ତ ଶ୍ରବଣ କରି ସେ ସେମାନଙ୍କ ମିଳନ ବଶ୍ୟ ଘଟାଇବ ବୋଲି ସାନ୍ତ୍ୱନା ଦେଇ ରାଜକୁମାରର ବିରହ ବେଦନା କିପରି ଗୁରୁତର, ତାହା ପ୍ରକାଶ କରିଛି ।

ଅଷ୍ଟମ ଛାନ୍ଦ :- ଚିତ୍ରଲେଖା ରାଜକୁମାରକୁ ଆଣି ସେଠାରେ ପହଞ୍ଚାଇବା ପାଇଁ ହଂସକୁ ବହୁ ଅନୁନୟ ବିନୟ କରି ବିଦାୟ ଦେଇଛି ।

ହଂସ ସ୍ୱଳ୍ପ ସମୟ ମଧ୍ୟରେ ରାଜକୁମାର ନିକଟରେ ଯାଇ ଉପସ୍ଥିତ ହୋଇଛି ଏବଂ ଚିତ୍ରଲେଖାର ରୂପବର୍ଣ୍ଣନାଦ୍ୱାରା ତାକୁ ଆନନ୍ଦିତ କରିଛି ।

ନବମ ଛାନ୍ଦ :- ହଂସର କଥା ଶୁଣି ରାଜକୁମାର ଚିତ୍ରଲେଖା ନିକଟକୁ ଯିବାପାଇଁ ଉତ୍କଣ୍ଠିତ ହୋଇ ଉଠିଛି । ଫଳରେ ନିଜର ପୃଷ୍ଠ ଦେଶରେ ବସାଇ ହଂସ ରାଜକୁମାରକୁ ନେଇ ଚିତ୍ରଲେଖାର ଅନ୍ତଃପୁର ମଧ୍ୟରେ ପହଞ୍ଚିଛି । ସାକ୍ଷାତ ଦର୍ଶନରେ ଉଭୟେ କାମୋନ୍ମତ୍ତ ହୋଇ ଉଠିଛନ୍ତି ।

ଦଶମ ଛାନ୍ଦ :- ନାୟିକାର ପ୍ରଣୟମାନ ଓ କ୍ରୀଡ଼ା ବର୍ଣ୍ଣନା ।

ଏକାଦଶ ଛାନ୍ଦ :- ନାୟିକାର ପ୍ରଣୟମାନ ଓ ନାୟକର ଚାଟୁକ୍ତିଦ୍ୱାରା ମାନଭଞ୍ଜନ ।

ଦ୍ୱାଦଶ ଛାନ୍ଦ :- ସ୍ୱପ୍ନ ବିଚ୍ଛେଦ ଏବଂ ନାୟକର ବିରହାନୁଚିନ୍ତା ।

ତ୍ରୟୋଦଶ ଛାନ୍ଦ :- ଦ୍ୱାଦଶ ଛାନ୍ଦର ବିଷୟବସ୍ତୁ ଏ ଛାନ୍ଦ ଭିତରକୁ ଲମ୍ବି ଯାଇଛି । ପୂର୍ବଛାନ୍ଦର ଦୀର୍ଘତା ଦୃଷ୍ଟିରୁ କବି ଏଇ ବର୍ଣ୍ଣନାକୁ ଦୁଇଟି ଛାନ୍ଦରେ ବିଭକ୍ତ କରି ଦେଇଛନ୍ତି । ଏ ସମ୍ପର୍କରେ ତାଙ୍କ ସ୍ୱୀକାରୋକ୍ତି ହେଲା -

ଛାନ୍ଦ ଲମ୍ୱ ହୋଇଲେ ଗୀତ ରସରେ
ନିଶ୍ଚେ ଜନମନକୁ ବିମନ କରେ ହେ ।
ତେଣୁ କହିଲି ଆନ ଛାନ୍ଦ କରିଣ
ଏଥୁ ଅନ୍ତେ ଯେବେ ଶୁଣ ସୁଜନ ହେ ।

Digitized by srujanika@gmail.com

ଚତୁର୍ଦ୍ଦଶ ଛାନ୍ଦ :- ସ୍ୱପ୍ନ ବିରହରେ ନାୟିକାର ଅନୁଚିନ୍ତା ଓ ଚିଟାଉ ଲେଖନ

ପଞ୍ଚଦଶ ଛାନ୍ଦ :- ସ୍ୱପ୍ନଭଙ୍ଗ ପରେ ନାୟକ ନାୟିକାଙ୍କ ପଶାଖେଳ ଓ ହାସପରିହାସ ବର୍ଣ୍ଣନା କରାଯାଇଛି । ରାଜକୁମାର ପ୍ରଣୟିନୀକୁ ବେଶଭୂଷାରେ ଭୂଷିତା କରିଛି ।

ଷୋଡ଼ଶ ଛାନ୍ଦ :- କନ୍ୟାର ବୟୋବୃଦ୍ଧିରେ ପିତା ତାର ବିବାହର ଆୟୋଜନ କଲେ । ସ୍ୱୟଂବର ପାଇଁ ବିଭିନ୍ନ ଦେଶରୁ ରାଜକୁମାରମାନେ ନିମନ୍ତ୍ରିତ ହୋଇ ଆସିଲେ । ଜ୍ୟେଷ୍ଠ ପଞ୍ଚମୀ ଦିନ ସ୍ୱୟଂବର ତିଥି ନିର୍ଦ୍ଦିଷ୍ଟ ହେଲା ।

ଚିତ୍ରଲେଖା ସଖୀମୁଖରୁ ଏ ସମ୍ବାଦ ଶ୍ରବଣକରି ବିବ୍ରତା ହୋଇପଡ଼ିଲା । ରାଜକୁମାର ମଧ୍ୟ ଏହା ଜାଣି ବଳରାମଙ୍କ ଶରଣପ୍ରାର୍ଥୀ ହେଲା । ସେ ତା'ପ୍ରତି ପ୍ରୀତ ହୋଇ ଗୋଟିଏ ବିମାନ ପ୍ରଦାନ କଲେ । ରାଜକୁମାର ସେଥିରେ ଆରୋହଣ କରି ସ୍ୱରାଜ୍ୟକୁ ପ୍ରତ୍ୟାବର୍ତ୍ତନ କଲା ଏବଂ ସେନାବାହିନୀ ଓ ମନ୍ତ୍ରୀ କୁମାରଙ୍କ ସହ ସ୍ୱୟଂବର ସଭାରେ ଆସି ଯୋଗ ଦେଲା ।

ଏଣେ ରାଜକୁମାରୀ ହଂସ ସାହାଯ୍ୟରେ ରାଜକୁମାରର ଆଗମନ ବାର୍ତ୍ତା ସଂଗ୍ରହକରି ପ୍ରଭୂତ ଆନନ୍ଦ ଲାଭ କରିଛି । ଏ ସମୟରେ ତାକୁ ବେଶଭୂଷାରେ ଭୂଷିତ କରିବାପାଇଁ ରାଜା ନିର୍ଦ୍ଦେଶ ଦେଇଛନ୍ତି ।

ସପ୍ତଦଶ ଛାନ୍ଦ :- ଯୋଗିନୀ ସହ ରାଜକୁମାରୀ ସ୍ୱୟଂବର ସଭାରେ ପ୍ରବେଶ କରିଛି । ଯୋଗିନୀ ବିଭିନ୍ନ ରାଜା ଓ ରାଜକୁମାରଙ୍କ ପରିଚୟ ପ୍ରଦାନ କରି ଚାଲିଛି । କିନ୍ତୁ ଚିତ୍ରଲେଖା ସମସ୍ତଙ୍କୁ ପ୍ରତ୍ୟାଖ୍ୟାନ କରି ରାଜକୁମାର କୁସୁମଶରକୁ ହିଁ ବରଣ କରିଛି । ରାଜା ଉଭୟଙ୍କ ବିବାହ ମହାସମାରୋହରେ ସମାପନ କରିଛନ୍ତି ।

ଅଷ୍ଟଦଶ ଛାନ୍ଦ :- ନାୟିକାର ବେଶ ଓ କେଳିପୁର ଗମନ ତଥା ମଧୁଶଯ୍ୟା, ମଦନକ୍ରୀଡ଼ା ଓ କେଳିପୁର ବାହୁଡ଼ା ବିଷୟ ଏହି ଛାନ୍ଦରେ ବର୍ଣ୍ଣିତ ।

ଊନବିଂଶ ଛାନ୍ଦ :- ଚିତ୍ରଲେଖା ଓ ସୁଦର୍ଶନା ସହ ରାଜକୁମାର ସ୍ୱରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରି ମନ୍ତ୍ରୀକୁମାର ସହ ସୁଦର୍ଶନାର ବିବାହ ସଂପାଦନ କରିଛି ।

ବିଂଶ ଛାନ୍ଦ :- ଶରତ ଓ ହେମନ୍ତ ଋତୁରେ ନାୟକ ନାୟିକାଙ୍କ କ୍ରୀଡ଼ା ବର୍ଣ୍ଣନା ।

ଏକବିଂଶ ଛାନ୍ଦ :- ଶିଶିର ଋତୁରେ ଉଭୟଙ୍କର ବିଳାସ ବର୍ଣ୍ଣନା ସହିତ କାବ୍ୟର ପରିସମାପ୍ତି ଘଟିଛି ।

Digitized by srujanika@gmail.com

ଚିତ୍ରଲେଖାର କବି ଉପେନ୍ଦ୍ରଭଞ୍ଜ :

'ଚିତ୍ରକାବ୍ୟ ବନ୍ଧୋଦୟ'ର ଉପକ୍ରମଣିକାରେ ସ୍ୱୟଂ ଉପେନ୍ଦ୍ରଭଞ୍ଜ ସ୍ୱପ୍ରଣୀତ ରଚନା ତାଲିକା ମଧ୍ୟରେ ଚିତ୍ରଲେଖା କାବ୍ୟର ନାମୋଲ୍ଲେଖ କରିଥିବା ଯୋଗୁଁ ପରବର୍ତ୍ତୀ ସମସ୍ତ ଆଲୋଚକ ଏ କାବ୍ୟର ସ୍ଥିତିକୁ ସ୍ୱୀକାର କରିଛନ୍ତି । ସ୍ୱର୍ଗତ ତାରିଣୀଚରଣ ରଥ ନିଜ 'ଉତ୍କଳ ସାହିତ୍ୟର ଇତିହାସ'ରେ ଉପେନ୍ଦ୍ରଙ୍କ ଗ୍ରନ୍ଥ ତାଲିକା ଦେଲାବେଳେ ଭ୍ରମବଶତଃ ଏହି କାବ୍ୟଟିର ନାମ ଦେଇ ନଥିଲେ ସୁଦ୍ଧା ସ୍ୱୀୟ 'ମହାକବି ଉପେନ୍ଦ୍ର ଭଞ୍ଜ ବୀରବର' ପ୍ରବନ୍ଧରେ ଏହାକୁ ଉପେନ୍ଦ୍ରଙ୍କ ଗ୍ରନ୍ଥ ତାଲିକାରେ ଅନ୍ତର୍ଭୁକ୍ତ କରିଛନ୍ତି । (ତାରିଣୀ ଚରଣ ଗ୍ରନ୍ଥାବଳୀ : ପୃ. ୨୮୯) ତାରିଣୀ ଚରଣଙ୍କ ଏହି ଭ୍ରାନ୍ତି, ଉପେନ୍ଦ୍ର ଗ୍ରନ୍ଥତାଲିକାର ଅବିଚାରିତ କ୍ରମ ବର୍ଦ୍ଧମାନତା ଏବଂ ବହୁ ଗ୍ରନ୍ଥର ଅନୁପଲବ୍ଧି ଗବେଷକ ଶ୍ରୀ ସଚ୍ଚିଦାନନ୍ଦ ମିଶ୍ରଙ୍କୁ 'ଚିତ୍ରଲେଖା'ର ଅର୍ଥାନ୍ତର କରିବା ପାଇଁ ପ୍ରଚୋଦିତ କରିଛି । ଏଥିପାଇଁ ସେ 'ଚିତ୍ରଲେଖା' କୁ ଏକ କାବ୍ୟ ରୂପେ ଗ୍ରହଣ ନକରି ପରବର୍ତ୍ତୀ କାବ୍ୟର ଏକ ବିଶେଷଣ ଭାବେ ଗ୍ରହଣ କରିଛନ୍ତି । (ଭଞ୍ଜମୟୂଖ, ପୃ ୧୬୨) ବର୍ତ୍ତମାନ ସୁଦ୍ଧା ଭଞ୍ଜଙ୍କ ରଚନା ଗୁଡ଼ିକୁ ଲୋକଲୋଚନକୁ ଆଣିବା ପାଇଁ ଯଥାର୍ଥ ପ୍ରୟାସ ହୋଇ ନଥିବା ଯୋଗୁଁ ଶ୍ରୀଯୁକ୍ତ ମିଶ୍ରଙ୍କ ପରି ଅନ୍ୟାନ୍ୟ ଗବେଷକମାନେ ଯେ ଅନୁପଲବ୍ଧ କାବ୍ୟ ଗୁଡ଼ିକୁ ଉପେନ୍ଦ୍ର ଗ୍ରନ୍ଥ ତାଲିକାରୁ ନିରାକରଣ କରିବା ପାଇଁ ପ୍ରୟାସ କରିବେ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କିନ୍ତୁ 'ଚିତ୍ରଲେଖା' କାବ୍ୟଟିର ପୁନରୁଦ୍ଧାର ପରେ ହେମମଞ୍ଜରୀ, କାମକଳା, ମନୋରମା, ପ୍ରେମଲତା, ମୁକ୍ତାବତୀ ପ୍ରଭୃତି ଯେ ଉପେନ୍ଦ୍ର ରଚିତ ଗୋଟିଏ ଗୋଟିଏ କାବ୍ୟର ନାମ, ଏଥିରେ ସନ୍ଦେହ ରହେ ନାହିଁ ।

ଏଠାରେ ସ୍ମରଣ କରାଇଦେବା ଉଚିତ ହେବ ଯେ ମଧ୍ୟଯୁଗୀୟ କାବ୍ୟ ଗୁଡ଼ିକର ପରିପ୍ରଚାର ମୁଖ୍ୟତଃ ଥିଲା ଲୋକପ୍ରିୟତା ଆଧାରିତ । ଯେଉଁ ରଚନା ଗୁଡ଼ିକ ବିଷୟବସ୍ତୁ, ଆଳଂକାରିକତା, ସାଂଗୀତିକତା, ଭକ୍ତିଭାବନା କିମ୍ବା ଯୁଗରୁଚିର ଅନୁକୂଳତା ଦୃଷ୍ଟିରୁ ତତ୍କାଳୀନ ପାଠକ ମଣ୍ଡଳୀରେ ଆଦୃତ ହେଉଥିଲା, ସେସବୁକୁ ରସିକ ସହୃଦୟ କିମ୍ବା ଧର୍ମପ୍ରାଣ ବ୍ୟକ୍ତିମାନେ 'ଭଗ୍ନପୃଷ୍ଠ କଟିଗ୍ରୀବ ତୁଲ୍ୟ ଦୃଷ୍ଟିରଧୋମୁଖ' ହୋଇ ପୋଥିରୁ ପୋଥିକୁ ନକଲ କରିବା ପାଇଁ ଚେଷ୍ଟା କରୁଥିଲେ, ଅପେକ୍ଷାକୃତ ନିକୃଷ୍ଟ ଗ୍ରନ୍ଥ ଗୁଡ଼ିକୁ ଉତାରିବାର କଷ୍ଟ ସ୍ୱୀକାର କରିବାପାଇଁ କେହି ପ୍ରସ୍ତୁତ ନଥିଲେ । ଏହି ଯୁଗରୁଚିର ଅବଶ୍ୟମ୍ଭାବୀ ପରିଣାମ ସ୍ୱରୂପ ବହୁ କବିଙ୍କ ଅସଂଖ୍ୟ ଗ୍ରନ୍ଥ ଆଜି କାଳର କଷଟିରେ ଅନୁତ୍ତୀର୍ଣ୍ଣ; ଉପେନ୍ଦ୍ର

Digitized by srujanika@gmail.com

ଭଞ୍ଜଙ୍କ ପ୍ରାଥମିକ କାବ୍ୟଗୁଡ଼ିକ ଏଥିପାଇଁ ଆଜି ଦୁଷ୍ପ୍ରାପ୍ୟ । ବୈଦେହୀଶ ବିଳାସ, ଲାବଣ୍ୟବତୀ ଏବଂ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ରସିକ ହାରାବଳୀ, ପ୍ରେମ ସୁଧାନିଧି ଏବଂ ସୁଭଦ୍ରା ପରିଣୟ ନିକଟରେ ତାଙ୍କର ଅନ୍ୟାନ୍ୟ କାବ୍ୟ ଯେ ନିଷ୍ପ୍ରଭ କହିବା ବାହୁଲ୍ୟମାତ୍ର । ଚିତ୍ରଲେଖା, ହେମମଞ୍ଜରୀ ପ୍ରଭୃତି ପ୍ରାଥମିକ କାବ୍ୟରାଜି ତାଙ୍କ ସାଧନାର ସ୍ୱରୂପ କିମ୍ବା କବିତ୍ୱ ବିକାଶର ପୃଷ୍ଠଭୂମି ଜାଣିବା ପାଇଁ ସହାୟକ ହୋଇପାରନ୍ତି; କିନ୍ତୁ ତାଙ୍କ କବିଗୌରବ ପ୍ରତିଷ୍ଠା ନିମିତ୍ତ ଏସବୁର ଭୂମିକା ଅତ୍ୟନ୍ତ ଗୌଣ । ଏ ଦୃଷ୍ଟିରୁ ଏହି ପ୍ରାଥମିକ କାବ୍ୟ ଗୁଡ଼ିକର ପ୍ରତିଲିପି ଯଥେଷ୍ଟ ପରିମାଣରେ ପ୍ରସ୍ତୁତ ହୋଇନଥିବା ସ୍ୱାଭାବିକ ମନେହୁଏ । ଏହି ସୀମିତ ପ୍ରତିଲିପି ଗୁଡ଼ିକ ପୁଣି ଲୋକପ୍ରିୟତା ଅଭାବରୁ 'ପୋଥିଗାଦି' ମଧ୍ୟରେ ରହି ଧୀରେ ଧୀରେ ବିସ୍ମୃତି ଗର୍ଭକୁ ଚାଲିଯାଇଛନ୍ତି । ଫଳସ୍ୱରୂପ ଏସବୁର ଅସ୍ତିତ୍ୱ ସଂପର୍କରେ ଆଜିର ସମାଲୋଚକ ସନ୍ଦିହାନ । 'ଚିତ୍ରଲେଖା' ସୌଭାଗ୍ୟବଶତଃ କାଳପ୍ରକ୍ରିୟା ତଥା 'ଆଖୁ ଅନଳ ହୀରା' କବଳରୁ ରକ୍ଷାପାଇ ଆଜି ଆମ ନିକଟରେ ଆସି ପହଞ୍ଚି ପାରିଛି । ତଥାପି ଉପଲବ୍ଧ କାବ୍ୟଟି ଯେ ଉପେନ୍ଦ୍ରଭଞ୍ଜଙ୍କ ରଚନା, ଏ ସଂପର୍କରେ କୈଫିୟତ୍‌ଟିଏ ଦେବାର ଆବଶ୍ୟକତା ଉପଲବ୍ଧି କରାଯାଉଛି ।

ପ୍ରଥମତଃ ପୋଥି କଥା ଚିନ୍ତା କରାଯାଉ । ଉଭୟ ପୋଥି କୌଣସି ସଂଗ୍ରହାଳୟ କିମ୍ବା ପୋଥି ବ୍ୟବସାୟୀଙ୍କଠାରୁ ସଂଗୃହୀତ ନୁହେ । ଗୋଟିଏ ରାଜବାଟିରୁ ଏବଂ ଅନ୍ୟଟି ଜଣେ ବ୍ୟକ୍ତିଙ୍କ ପୋଥିଭଣ୍ଡାରରୁ ସଂଗୃହୀତ । ଗୋଟିଏ ପୋଥିର ନକଲ ସମୟ ଖ୍ରୀ. ୧୯୧୫ ଏବଂ ଅନ୍ୟଟିରେ ସମୟ ଦିଆଯାଇ ନଥିଲେ ସୁଦ୍ଧା ଅକ୍ଷର, ଲିଖନ ଶୈଳୀ ଓ ପତ୍ରଗୁଡ଼ିକର ଅବସ୍ଥା ଦୃଷ୍ଟିରୁ ପୁରାତନ । ଉଭୟ ପୋଥିରେ ଏକ ନିର୍ଦ୍ଦିଷ୍ଟ ପଦ ନଥିବା ଯୋଗୁଁ ପୋଥି ଦୁଇଟି ଯେ ଅନ୍ୟଏକ ପୂର୍ବତନ ମୂଳ ପ୍ରତିଲିପିରୁ ପ୍ରସ୍ତୁତ, ଏହା ନିଃସନ୍ଦେହ । ଏଣୁ ପୋଥିଗୁଡ଼ିକ ନିଶ୍ଚିତ ଭାବେ କୌଣସି ତଥାକଥିତ ଭଞ୍ଜଭକ୍ତ କିମ୍ବା ଅସାଧୁ ପୋଥି ବିକ୍ରେତାଙ୍କ କପୋଳକଳ୍ପିତ କିମ୍ବା ସଂକଳିତ ନୁହେ ।

ଦ୍ୱିତୀୟତଃ ଖ୍ରୀ. ୧୯୧୫ ବେଳକୁ ଉପେନ୍ଦ୍ର ଭଞ୍ଜଙ୍କୁ ନେଇ ଊନବିଂଶ ଶତାବ୍ଦୀରେ ଦେଖାଦେଇଥିବା ଇନ୍ଦ୍ରଧନୁ - ବିଜୁଳି ମସୀଯୁଦ୍ଧର ଅବସାନ ଘଟି ସାରିଥିଲେ ସୁଦ୍ଧା କବି ଗୌରବ ବୃଦ୍ଧିପାଇଁ 'ଜାଲ୍' ପୋଥି ସୃଷ୍ଟି କରିବାର ବ୍ୟାଧିତ ମାନସିକତା ଦେଖାଦେଇ ନଥିଲା । ଏ ସମୟରେ ଜଣେ ସହୃଦୟ ପାଠକ 'ଚିତ୍ରଲେଖା' କାବ୍ୟର ଚାରୋଟି ଛାନ୍ଦକୁ ସ୍ୱୀୟ 'ଛାନ୍ଦତୋଳା' ଗ୍ରନ୍ଥରେ ସଂକଳନ

Digitized by srujanika@gmail.com

କରିଥିବା ଯୋଗୁଁ ଏବଂ ପ୍ରତ୍ୟେକ ଛାନ୍ଦର ଆରମ୍ଭରେ କାବ୍ୟ ପ୍ରଣେତାଙ୍କ ନାମୋଲ୍ଲେଖ କରିଥିବା ଦୃଷ୍ଟିରୁ କାବ୍ୟଟିର ପିତୃତ୍ୱ ଉପେନ୍ଦ୍ରଙ୍କ ଉପରେ ଆରୋପ କରିବା ଆଦୌ ଅଯୌକ୍ତିକ ନୁହେ ।

ତୃତୀୟତଃ ଉପେନ୍ଦ୍ର ଭଞ୍ଜ ନିଜର ତ୍ରୈଲୋକ୍ୟମୋହିନୀ ଆଦି ପାଞ୍ଚସାତ ଖଣ୍ଡ କାବ୍ୟକୁ ଅନ୍ୟନାମରେ ରଚନା କରିଥିବା ବିଷୟ ''ଚିତ୍ରକାବ୍ୟ ବନ୍ଧୋଦୟ'' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି । ଏ ସମସ୍ତ କାବ୍ୟ ଓ ଗ୍ରହୀତାଙ୍କ ନାମ ଜାଣିବା ବର୍ତ୍ତମାନ ସମ୍ଭବ ନହେଲେ ସୁଦ୍ଧା କବିଙ୍କ ସମକାଳରେ କାବ୍ୟ ପ୍ରଣେତାମାନେ ଭକ୍ତି, ପ୍ରୀତି ବା ସମ୍ମାନ ପ୍ରଦର୍ଶନ କିମ୍ବା ସୁଖ୍ୟାତି ଆହରଣ ପାଇଁ ସ୍ୱୀୟ ସୃଷ୍ଟିକୁ ଅନ୍ୟନାମରେ ପ୍ରଚଳନ କରିବାର ଯେ ପରମ୍ପରା ରହିଥିଲା, ତାହା ଏଥିରୁ ସୁସ୍ପଷ୍ଟ । ଏ ଦୃଷ୍ଟିରୁ ''ଚିତ୍ରଲେଖା'' ସମକାଳୀନ ଅନ୍ୟ କୌଣସି କବିଙ୍କଦ୍ୱାରା ରଚିତ ହୋଇ ଉପେନ୍ଦ୍ରଙ୍କୁ ସମର୍ପିତ ହୋଇଥିବା ସମ୍ଭାବନା ଦେଖାଦେଇପାରେ । କିନ୍ତୁ ନିଜେ ଉପେନ୍ଦ୍ର ନିଜର ଗ୍ରନ୍ଥ ତାଲିକାରେ ଏହି କାବ୍ୟଟିର ନାମ ଉଲ୍ଲେଖ କରିଥିବା ଯୋଗୁଁ ଏ ପ୍ରକାର ସମ୍ଭାବନା ଅବାନ୍ତର ମନେହୁଏ । କବିଙ୍କ ନିଜର ଚିତ୍ରଲେଖା ନାମରେ ଏକ କାବ୍ୟ ଥିବାବେଳେ ଅନ୍ୟ କେହି ସମସାମୟିକ କବି ସମାନ ନାମରେ ଅନ୍ୟ ଏକ କାବ୍ୟ ତାଙ୍କ ନାମରେ ରଚନା କରିଥିବା ସମ୍ଭବ ମନେହେଉ ନାହିଁ । ସେହିପରି କେହି ପରବର୍ତ୍ତୀ କବି ମଧ୍ୟ ଏପରି ପ୍ରୟାସ କରିଥିବାର ସମ୍ଭାବନା ଗ୍ରହଣୀୟ ନୁହେଁ । ''ବୈଦେହୀଶ ବିଳାସ'', ''କୋଟିବ୍ରହ୍ମାଣ୍ଡ ସୁନ୍ଦରୀ'', ''ଲାବଣ୍ୟବତୀ'' ପ୍ରଭୃତି ରଚନା ପରେ ଉପେନ୍ଦ୍ରଭଞ୍ଜ ''ମଙ୍ଗରାଜ'' ଅପେକ୍ଷା ''ବୀରବର'' ରୂପେ ଥିଲେ ଅଧିକ ପରିଚିତ । ଭଞ୍ଜ ପରବର୍ତ୍ତୀ ଅନ୍ୟ କୌଣସି ଲେଖକ ଆଲୋଚ୍ୟ କାବ୍ୟଟି ରଚନା କରିଥିଲେ ସେ ନିଶ୍ଚିତ ଭାବେ କବିଙ୍କୁ ବୀରବର ଉପାଧିରେ ବିଭୂଷିତ କରିବା ପାଇଁ ଶ୍ରେୟସ୍କର ମନେ କରିଥାଆନ୍ତେ ।

ଚତୁର୍ଥତଃ ଚିତ୍ରଲେଖା କାବ୍ୟର ପ୍ରତ୍ୟେକ ଛାନ୍ଦର ଭଣିତାରେ ଉପେନ୍ଦ୍ରଙ୍କ ନାମ ଅଙ୍କିତ । ଅନ୍ୟାନ୍ୟ ପ୍ରାଥମିକ କାବ୍ୟପରି ସେ ଅବଶ୍ୟ ସର୍ବତ୍ର ନିଜକୁ 'ମଙ୍ଗରାଜ' ରୂପେ ଏଥିରେ ପରିଚିତ କରାଇଛନ୍ତି । ଉପେନ୍ଦ୍ର ନିଜର ବଂଶ, ପିତାମହ, ପିତା, ପଦବୀ ସମ୍ପର୍କରେ ସତତ ସଚେତନ । ବିଭିନ୍ନ କାବ୍ୟରେ ସେ ସୂର୍ଯ୍ୟବଂଶର ଦାୟାଦ, ପିତାମହ କବି-ପଣ୍ଡିତ ଧନଞ୍ଜୟ ଭଞ୍ଜଙ୍କ ପୌତ୍ର ଏବଂ ଘୁମୁସରର ରାଜା ନୀଳକଣ୍ଠ ଭଞ୍ଜଙ୍କ ଅନୁଗତ ପୁତ୍ରରୂପେ ସ୍ୱୀୟ ଗୌରବ ପ୍ରଖ୍ୟାପନ

Digitized by srujanika@gmail.com

କରିଥିବା ପରିଲକ୍ଷିତ ହୁଏ । ଚିତ୍ରଲେଖାର ପରିସମାପ୍ତିରେ ମଧ୍ୟ ସେ ନିଜକୁ ଅନୁରୂପ ଭାବରେ ପରିଚିତ କରାଇଛନ୍ତି । ଯଥା :

ହଂସବଂଶ ଅବତଂସ ଧନଞ୍ଜୟ
ଭଞ୍ଜ ନୃପତି ଚୂଡ଼ାମଣି
ତାଙ୍କ ସୁତ ନୀଳକଣ୍ଠ ଭଞ୍ଜ ନୃପ-
କୁଳକମଳ ଦିନମଣି
ତାହାଙ୍କ, ନନ୍ଦନ କବିସିନ୍ଧୁ ଚନ୍ଦ୍ର
କହେ ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ
ମାନସେ ଚିନ୍ତି ରାମଚନ୍ଦ୍ର । (ଛା ୨୧/୨୨)

ଏସବୁ ଦୃଷ୍ଟିରୁ ଆଲୋଚ୍ୟ ଚିତ୍ରଲେଖା କାବ୍ୟଟିକୁ ନିର୍ବିବାଦରେ ପ୍ରଖ୍ୟାତ 'କବିସମ୍ରାଟ' ଉପେନ୍ଦ୍ର ଭଂଜଙ୍କ ରଚନା ବୋଲି ଗ୍ରହଣ କରିବାରେ କୌଣସି ପ୍ରତିବନ୍ଧକ ନାହିଁ ।

ଉପେନ୍ଦ୍ର-ପ୍ରତିଭାର ପ୍ରଥମ ଅର୍ଘ୍ୟ "ଚିତ୍ରଲେଖା" :

ଉପେନ୍ଦ୍ର ଭଂଜଙ୍କ କାବ୍ୟଗୁଡ଼ିକର ଆନୁପୂର୍ବିକତା ନିର୍ଣ୍ଣୟ କରିବା ଏକ ଦୁରୂହ ବ୍ୟାପାର । 'ରସଲେଖା' ବ୍ୟତୀତ ସେ ଅନ୍ୟ କୌଣସି କାବ୍ୟରେ କାବ୍ୟ ରଚନାର ସମୟ ଉଲ୍ଲେଖ କରିନାହାନ୍ତି । ଏହି କାବ୍ୟଟି ଖ୍ରୀଷ୍ଟାବ୍ଦ ୧୭୧୦ ଅଗଷ୍ଟ ତା୨୩ରିଖ ଦିନ ଶେଷ ହୋଇଥିବା ତାଙ୍କ ପ୍ରଦତ୍ତ "ଦିବ୍ୟସିଂହ ଗଜପତି ଅଙ୍କ ସପତବିଂଶତି ଶେଷଦିନେ ଶେଷ ଏହୁ ଗୀତ"ରୁ ନିର୍ଦ୍ଧାରଣ କରିହୁଏ । (ସଚ୍ଚିଦାନନ୍ଦ ମିଶ୍ର, ଭଂଜମୟୂଖ : ପୃ. ୧୬୩) ଲାବଣ୍ୟବତୀ କାବ୍ୟର ଗୋଟିଏ ମାତ୍ର ପାଣ୍ଡୁଲିପିରୁ ମିଳୁଥିବା ସମୟ ନିର୍ଦ୍ଦେଶମୂଳକ ପଦଗୁଡ଼ିକୁ ଭାଷା, ଭାବ ଓ ପରିବେଶ ଦୃଷ୍ଟିରୁ ପ୍ରକ୍ଷିପ୍ତ ବୋଲି କହିବା କଷ୍ଟକର ନୁହେଁ । ଏଣୁ ଉପେନ୍ଦ୍ରଙ୍କ କାବ୍ୟ ଗୁଡ଼ିକର ଆନୁମାନିକ ସମୟ ନିର୍ଦ୍ଧାରଣ ପାଇଁ ବାହ୍ୟ ଓ ଅନ୍ତର୍ନିହିତ ପ୍ରମାଣ ଉପରେ ହିଁ ନିର୍ଭର କରିବାକୁ ପଡ଼ିଥାଏ ।

ଚିତ୍ରଲେଖା କାବ୍ୟର ଶେଷ ଛାନ୍ଦରେ ଥିବା ଆତ୍ମ ପରିଚିତି ମଧ୍ୟରେ ଉପେନ୍ଦ୍ରଭଞ୍ଜ କାବ୍ୟଟିର ସମୟ ସମ୍ପର୍କରେ ଆମକୁ ଦୁଇଟି ସୂତ୍ର ପ୍ରଦାନ କରିଛନ୍ତି । ପ୍ରଥମଟି ପିତା ନୀଳକଣ୍ଠ ଭଞ୍ଜଙ୍କ ପାଇଁ ବ୍ୟବହୃତ ବିଶେଷଣ "ନୃପକୁଳ କମଳ ଦିନମଣି" ଏବଂ ଦ୍ୱିତୀୟଟି ନିଜ ନାମ ସହିତ "ମଙ୍ଗରାଜ" ପଦବୀର

Digitized by srujanika@gmail.com

ସଂଯୋଜନା । ପ୍ରଥମଟିରୁ ଏହା ସ୍ପଷ୍ଟ ହୁଏ ଯେ ଚିତ୍ରଲେଖା କାବ୍ୟରଚନା ବେଳକୁ ନୀଳକଣ୍ଠ ଭଂଜ ଘୁମୁସର ରାଜସିଂହାସନରେ ଅଭିଷିକ୍ତ ହୋଇସାରିଥିଲେ ଏବଂ ଧନଞ୍ଜୟଙ୍କ ଦେହାନ୍ତ ହୋଇସାରିଥିଲା । ନୀଳକଣ୍ଠ ଭଂଜ ଘୁମୁସର ରାଜସିଂହାସନରେ ଖ୍ରୀ. ୧୭୦୧ ଷାବ୍ଦରୁ ଖ୍ରୀ ୧୭୦୩ ଷାବ୍ଦ ପର୍ଯ୍ୟନ୍ତ ଅଧିଷ୍ଠିତ ଥିବା ଇତିହାସ ସମ୍ମତ । ୧୭୦୩ ପରେ ଘନଭଂଜ ଘୁମୁସର ରାଜସିଂହାସନ ଆରୋହଣ କରିଥିଲେ ଏବଂ ନୀଳକଣ୍ଠ ସପରିବାର ରାଜ୍ୟ ପରିତ୍ୟାଗ କରିବାପାଇଁ ବାଧ ହୋଇଥିଲେ । ଏହି ରାଜସିଂହାସନପାଇଁ ଯେଉଁ ବିଦ୍ରୋହ ଦେଖାଦେଇଥିଲା ସେଥିରେ ଉପେନ୍ଦ୍ରଙ୍କ ଭୂମିକା ମଧ କମ୍ ଗୁରୁତ୍ୱପୂର୍ଣ୍ଣ ନଥିଲା । ପିତାଙ୍କପାଇଁ ସାହାଯ୍ୟ ଭିକ୍ଷା କରିବା ନିମିତ୍ତ ସେ ବୌଦ-ରାଜ ନୀଳାମ୍ବର ଦେଓଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ ଚିତ୍ରିତ ''ଶ୍ରୀକୃଷ୍ଣ ଲୀଳାମୃତ'' କାବ୍ୟଟିକୁ ତାଙ୍କ ନାମରେ ଉତ୍ସର୍ଗ କରିଥିଲେ । ଏ ସମ୍ପର୍କରେ ପଣ୍ଡିତ ନୀଳମଣି ମିଶ୍ରଙ୍କ ଦ୍ୱାରା ସମ୍ପାଦିତ ''ବୌଦ ରାଜବଂଶାବଳୀ''ରେ ଉଲ୍ଲେଖ ଅଛି -

ଘୁମୁସର ରାଜାଙ୍କ ନନ୍ଦନ ଉପଇନ୍ଦ୍ର
ଉତ୍କଳ ମଣ୍ଡଳରେ ଅଟନ୍ତି କବିଚନ୍ଦ୍ର
ଶ୍ରୀକୃଷ୍ଣ ଲୀଳାମୃତ ପ୍ରବନ୍ଧ ନିର୍ଭାକରି
ନୀଳାମ୍ବର ଦେଓଙ୍କ ନାମରେ ମୋଦ ଭରି
ସଭାକରି ରାଜନ ବସିଣ ଥିଲେ ଦିନେ
ଘୁମୁଷର ରାଜ୍ୟରୁ ଆସିଲେ ତତକ୍ଷଣେ
ଚିତ୍ର ପୁସ୍ତକରେ ସେ ଗୀତକୁ ଲେଖିକରି
ଭେଟିଲେ ଯେଉଁଠାରେ ବିଜୟ ଦଣ୍ଡଧାରୀ (୧୮/୧୮-୨୧)

ଉପର୍ଯୁକ୍ତ ଗ୍ରନ୍ଥଟି ବୌଦରାଜ ପୀତାମ୍ବର ଭଞ୍ଜଙ୍କ ସମୟରେ ଉପେନ୍ଦ୍ର ଭଞ୍ଜଙ୍କ ଦେହାବସାନର ପ୍ରାୟ ଶହେ ଦେଢ଼ଶହ ବର୍ଷ ପରେ ରଚନା କରାଯାଇଥିବା ଯୋଗୁଁ ଲେଖକ ପଦ୍ମଲୋଚନ ରାଜଗୁରୁ ନୀଳାମ୍ବର ଭଞ୍ଜଙ୍କ ସମସାମୟିକ ଘଟଣାବଳୀର ଉପସ୍ଥାପନାପାଇଁ ଜନଶ୍ରୁତିର ଯେ ଆଶ୍ରୟ ନେଇଛନ୍ତି, କହିବା ବାହୁଲ୍ୟମାତ୍ର । ବୌଦରାଜପ୍ରାସାଦରେ ଥିବା ଉପେନ୍ଦ୍ର ରଚିତ ସଚିତ୍ର 'ଶ୍ରୀକୃଷ୍ଣ ଲୀଳାମୃତ' କାବ୍ୟଟି ସେ ଦେଖିଥିବା ସମ୍ଭବପର । ଅବଶ୍ୟ ଏଥିରୁ 'ଚିତ୍ରଲେଖା' କାବ୍ୟଟି ନୀଳକଣ୍ଠ ଭଞ୍ଜଙ୍କ ରାଜତ୍ୱ କାଳ ଅର୍ଥାତ୍ ଖ୍ରୀ: ୧୭୦୧ରୁ ଖ୍ରୀ: ୧୭୦୩ ମଧ୍ୟରେ ଲେଖାଯାଇଥିବା ସମ୍ଭାବନା କରିବା ସମ୍ଭବ ନୁହେ । ରାଜ୍ୟଭ୍ରଷ୍ଟ ପିତାଙ୍କ ନାମୋଲ୍ଲେଖ

Digitized by srujanika@gmail.com

କରିବା କିମ୍ବା ପିତାଙ୍କ ମାଧ୍ୟମରେ ନିଜର ପରିଚୟ ପ୍ରଦାନ କଲାବେଳେ ଉପେନ୍ଦ୍ର ଜଣେ ଅନୁଗତ ଓ ସମ୍ବେଦନଶୀଳ ପୁତ୍ର ଭାବରେ ନୀଳକଣ୍ଠଙ୍କୁ 'ନୃପକୁଳ କମଳ ଦିନମଣି' ବୋଲି କହିବାରେ କିଛି ଅଯଥାର୍ଥତା ନାହିଁ । କିନ୍ତୁ 'ଚିତ୍ରଲେଖା' ଯେ ନୀଳକଣ୍ଠଙ୍କ ରାଜ୍ୟପ୍ରାପ୍ତି ପରେ ହିଁ ରଚିତ, ଏହା ନିଶ୍ଚିତ ଭାବେ କୁହାଯାଇପାରିବ ।

ଦ୍ୱିତୀୟ ସୂତ୍ର 'ମଙ୍ଗରାଜ' ପଦବୀରୁ 'ଚିତ୍ରଲେଖା'ର ପରବର୍ତ୍ତୀ ସୀମା ନିର୍ଦ୍ଧାରଣର ପ୍ରୟାସ କରାଯାଇପାରେ । ଉପେନ୍ଦ୍ର ଭଞ୍ଜଙ୍କ କେତେକ ଚଉପଦୀ ଏବଂ କାବ୍ୟରେ 'ମଙ୍ଗରାଜ' ପଦବୀର ଉଲ୍ଲେଖ ଦେଖାଯାଏ । ଯଥା :

ରମଣୀୟ ସ୍ଥାନ ରଙ୍ଗେ କରଇ ଲୋକନ
ରସେ ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ ସୁରସ୍ୱ ବିଧାନ ।
(ସଂଗୀତ ଉପେନ୍ଦ୍ର ଭଞ୍ଜ : ସଂ୧୬)

ଧାୟି ପ୍ରିୟାଭାବ କହେ ଉପଇନ୍ଦ୍ର
ମଙ୍ଗରାଜ ହେଲି କ୍ଷିନରେ । (ଚଉପଦୀ ଚନ୍ଦ୍ର : 'ଧ'ଗୀତ)

ଭାଳି ମୁଁ ବୋଇଲି ଚିତ୍ତକୁ ତୁ କରିଛୁରେ ବଦ୍ଧ
ଭଣେ ମଙ୍ଗରାଜ ରେ ଭାବୁଛି ତୋର ସେ ନୀବିବନ୍ଧ (ତତ୍ରୈବ : 'ଭ')

କ୍ଷମେ କହେ ଉପଇନ୍ଦ୍ର ମଙ୍ଗରାଜ
ଶୁଣି ଶୁଣି ତୋର ଗୁଣଯାକରେ (ଯମକରାଜ ଚଉତିଶା)

ଏତଦ୍‌ବ୍ୟତୀତ 'ଭାବବତୀ'ର ଗୋଟିଏ ଛାନ୍ଦ ଏବଂ 'କୁଞ୍ଜବିହାର' କାବ୍ୟର କେତୋଟି ଛାନ୍ଦରେ ଉପେନ୍ଦ୍ର ଭଞ୍ଜ ନିଜକୁ ମଙ୍ଗରାଜ ରୂପେ ପରିଚିତ କରାଇଛନ୍ତି । 'ଚିତ୍ରଲେଖା'ର ୨୧ଟି ଛାନ୍ଦ ମଧ୍ୟରୁ ୧୮ଟି ଛାନ୍ଦରେ ମଙ୍ଗରାଜ ପଦବୀର ଉଲ୍ଲେଖ ଦେଖିବାକୁ ମିଳେ । ଯଥା -

ହରି ପଦ୍ମା ହର ଉମା ଚରଣ
ଉପଇନ୍ଦ୍ର ମଙ୍ଗରାଜ ଶରଣ ।୨।୨୬
କମଳଦଳ ନୟନ କରୁଣା ସାଗର
ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜକୁ ଉଦ୍ଧର ୩/୪୧.
ସେ ପାଦ କମଳେ ଉପଇନ୍ଦ୍ର ଭଞ୍ଜ
ମଙ୍ଗରାଜ ମଧୁବ୍ରତ ।୪।୭୨।

Digitized by srujanika@gmail.com

ଗୋବିନ୍ଦ ଚରଣ ଅରବିନ୍ଦେ ଦେଇ ଚିତ୍ତ
ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ ମଧୁବ୍ରତ ।୫।୨୩
ତାଙ୍କ ପାଦ ବେନି ଚିନ୍ତଇ
ଉପଇନ୍ଦ୍ର ମଙ୍ଗରାଜ ଭଞ୍ଜ କହଇ।୬।୨୦
ସୁଗ୍ରୀବ ସୋଦର ରାମଚନ୍ଦ୍ର ସୀତାବର
ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ ତୋ କୋୟର ହେ ।୭।୪୬
ସପ୍ତଫଣାଧର ପ୍ରଭୁ ରେବତୀ ବିଳାସ
ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ ତାଙ୍କ ଦାସ ହେ ।୮।୨୧
ଗୋପୀ ଗୋପୀନାଥ ଚରଣେ ଶରଣ
ଉପଇନ୍ଦ୍ର ମଙ୍ଗରାଜ ଭଣି ସେ ସୁଜନ ହେ ।୯।୨୮
ବୋଲେ ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ
ମୋତେ ଏବେ ରକ୍ଷାକର ।୧୦।୩୧
ଉପଇନ୍ଦ୍ର ମଙ୍ଗରାଜ କହଇ
ତୁମ୍ଭ ଚରଣେ ଶରଣ ଗୋସାଇଁ ।୧୨।୨୪
ତାଙ୍କ ପାଦ ଧ୍ୟାୟି ଅନୁବରତେ ଚିତ୍ତେ
କହେ ଉପଇନ୍ଦ୍ର ମଙ୍ଗରାଜ ଯେ ଗୀତେ ।୧୪।୩୬
ଉପଇନ୍ଦ୍ର ମଙ୍ଗରାଜ ଭଣି ହେ ।୧୫।୧୯
ରାମକୃଷ୍ଣ ପାଦ ଧ୍ୟାୟି
ଭଞ୍ଜ ମଙ୍ଗରାଜ କହି ।୧୬।୪୫
ବୋଲେ ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ
ତାଙ୍କ କମଳ ପାଦ ଚିନ୍ତି ।୧୭।୩୦
ରାମ କମଳ ନୟନ ଚରଣ
ଉପଇନ୍ଦ୍ର ମଙ୍ଗରାଜ ଶରଣ ।୧୮।୫୫
କହଇ ଉପଇନ୍ଦ୍ର ଭଞ୍ଜ ଯେ ମଙ୍ଗରାଜ
ରଖହେ କମଳ ନୟନ ।୧୯।୧୭
ଉପଇନ୍ଦ୍ର ମଙ୍ଗରାଜ ସେବେ ଶ୍ରୀହରି ପୟରେ ।୨୦।୨୩
କହେ ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ
ମାନସେ ଚିନ୍ତି ରାମଚନ୍ଦ୍ର ।୨୧।୨୨

Digitized by srujanika@gmail.com

ଉପଇନ୍ଦ୍ର ଭଞ୍ଜଙ୍କ ଏହି 'ମଙ୍ଗରାଜ' ପଦବୀଟି ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ସେ ନିର୍ଦ୍ଦିଷ୍ଟ କେତୋଟି ରଚନାରେ ଏହାକୁ ବ୍ୟବହାର କରିଥିବା ପରିଲକ୍ଷିତ ହୁଏ । ଏ ରଚନା ଗୁଡ଼ିକ ପୁଣି କାବ୍ୟ-ଶୈଳୀ ବିଚାରରେ ପ୍ରାଥମିକ ସ୍ତରର ହେବା ନିଶ୍ଚିତ । ପରବର୍ତ୍ତୀ କାବ୍ୟସମୂହରେ ସେ ସର୍ବତ୍ର ନିଜକୁ 'ବୀରବର' ଭାବେ ପରିଚିତ କରାଇଛନ୍ତି । 'ବୀରବର' ଯେ କୌଣସି ରାଜଦତ୍ତ ପଦବୀ, ଏହାକୁ ନିଃସନ୍ଦେହରେ ସ୍ୱୀକାର କରାଯାଇପାରେ । କାରଣ 'ସୁଭଦ୍ରା ପରିଣୟ' କାବ୍ୟରେ 'ସଂଜ୍ଞା ଭଞ୍ଜ ନାମ ଉପଇନ୍ଦ୍ର ପଦ ବୀରବର ଯା ରଚନ୍ତି' (ଛା ୧୦/୩୭) ଏବଂ ବୈଦେହୀଶ ବିଳାସ'ରେ 'ବୀରବର ପଦ ଉପଇନ୍ଦ୍ର ମୋର ନାମ' (ଛା ୫୨/୫୦) ଉଲ୍ଲେଖ କଲାବେଳେ, ସେ ଏହି ପଦବୀକୁ ନେଇ ଗୌରବ ବୋଧ କରିଥିବା ସୁସ୍ପଷ୍ଟ । କିନ୍ତୁ 'ବୀରବର' ପଦବୀ ସେ କେଉଁ ରାଜାଙ୍କ ଠାରୁ ପ୍ରାପ୍ତ ହୋଇଥିଲେ, ତାହା ଯେପରି ସଂଶୟାଚ୍ଛନ୍ନ, 'ମଙ୍ଗରାଜ' ପଦବୀ ସଂପର୍କରେ ମଧ୍ୟ ସେହିପରି ନାନା ମୁନିଙ୍କ ନାନା ମତ । ସ୍ୱର୍ଗତ ସୂର୍ଯ୍ୟନାରାୟଣ ଦାଶ ସ୍ୱୀୟ 'ଓଡ଼ିଆ ସାହିତ୍ୟର ଇତିହାସ'ର ଦ୍ୱିତୀୟ ଭାଗରେ ଲେଖିଛନ୍ତି, ''ଏ ମଙ୍ଗରାଜ ପଦବୀ କିଏ ଦେଇଥିଲେ ତାହା ସ୍ପଷ୍ଟ ଭାବେ ଜଣାଯାଉ ନାହିଁ । ତେବେ ନୟାଗଡ଼ ରାଜା ଓ ଖୋର୍ଦ୍ଧାରାଜା ଭିତରୁ କେହିଜଣେ ମଙ୍ଗରାଜ ପଦ ଓ ଅନ୍ୟ ଜଣକ ବୀରବର ଉପାଧି ଦେଇଥିବା କିମ୍ବଦନ୍ତୀ ଅଛି (ପୃ: ୫୦୮-୦୯) । '' ସେହିପରି ଗବେଷକ ଦୁଃଖିଶ୍ୟାମ ପଟ୍ଟନାୟକ 'ଭାବବତୀ'ର ସମ୍ପାଦନା କଲାବେଳେ ଏ ସମ୍ପର୍କରେ ଲେଖିଥିଲେ ''ମଙ୍ଗରାଜ ଶବ୍ଦ ଅର୍ଥ ଦୃଷ୍ଟିରୁ (ମଂଗ-ପ୍ରାନ୍ତ ତାହାର ରାଜ) କୌଣସି ଏକ ପ୍ରାନ୍ତର ବା ମଣ୍ଡଳର ରାଜା ବୋଲି, ଯଦି ଉପେନ୍ଦ୍ର ତାଙ୍କ ବାଲ୍ୟକାଳର ଅପରିପକ୍ୱ ମନରେ ସ୍ୱଭାବସୁଲଭ ରାଜସିଂହାସନର ଲାଳସା ପରିହାର କରି ନପାରି ବ୍ୟବହାର କରିଥିବେ; ତେବେ ହୁଏତ କେତେକ କାବ୍ୟ ଭଞ୍ଜୀୟ ରଚନା ଭାବେ ଗ୍ରହଣ କରାଯାଇପାରେ ।'' (ମୁଖବନ୍ଧ: ପୃ: 'ଖ') ପରବର୍ତ୍ତୀ ସମୟରେ ସେ ନିଜର 'ମହାକବି ଉପେନ୍ଦ୍ର ଭଞ୍ଜ : ବଂଶାବଳୀ କବିକୃତି ଓ ଇତିହାସ' ପ୍ରବନ୍ଧରେ ଅନ୍ୟଏକ ମତ ଉପସ୍ଥାପନ କରି ଲେଖିଛନ୍ତି ''ସାଧାରଣତଃ ରାଜପରିବାରରେ ରାଜାଙ୍କର ସର୍ବକନିଷ୍ଠ ପୁଅକୁ ମଙ୍ଗରାଜ ବୋଲି କୁହାଯାଇଥାଏ । ଉପେନ୍ଦ୍ର ଭଞ୍ଜ ନୀଳକଣ୍ଠଙ୍କ ଜ୍ୟେଷ୍ଠପୁତ୍ର ଥିଲେ ମଧ୍ୟ ବୋଧହୁଏ ଅନ୍ୟାନ୍ୟ ପିତୃବ୍ୟଙ୍କ ଔରସ ଜାତ କୁମାରମାନଙ୍କ ମଧ୍ୟରେ ସର୍ବକନିଷ୍ଠ ବା ମଙ୍ଗରାଜ ଥିଲେ ।''

(ଉପେନ୍ଦ୍ର ଭଞ୍ଜ ବଂଶାବଳୀ ଓ ସୃଷ୍ଟି ସୌନ୍ଦର୍ଯ୍ୟ - ୧୯୮୩-ସଂ : ଅଧ୍ୟାପକ ନିଶାକର ପାଢ଼ୀ; ପୃ:୨୮ ।)

Digitized by srujanika@gmail.com

ରାଜପରିବାରମାନଙ୍କରେ ଏ ପ୍ରକାର 'ଡ଼ାକନାମ' ଗୁଡ଼ିକ ବଡ଼ ବିଚିତ୍ର । ଢେନାମଣି, ଟିକାୟତ, ଥାଟରାଜ, ଭ୍ରମରବର, ମଙ୍ଗରାଜ, ରାଉତରାୟ, ପାଟକୁମାର, ଗମ୍ଭୀରି ଦେଓ ପ୍ରଭୃତି ବିଭିନ୍ନ ରାଜପରିବାରରେ ରାଜଭ୍ରାତା ଓ ରାଜପୁତ୍ରମାନଙ୍କପାଇଁ ଭିନ୍ନ ଭିନ୍ନ ଭାବେ ବ୍ୟବହୃତ ହେଉଥିବା ଲକ୍ଷ୍ୟ କରାଯାଏ । ଅନୁଗୁଳ ରାଜବଂଶର ଦାୟାଦ ଏବଂ ମଞ୍ଜୁଷା ରାଜପରିବାରର ଜାମାତା ବନ୍ଧୁ ପ୍ରାଧାପକ ଡ଼କ୍ଟର ବ୍ରହ୍ମାନନ୍ଦ ସିଂହଙ୍କଠାରୁ ସଂଗୃହୀତ ତଥ୍ୟ ଅନୁଯାୟୀ କେତେକ ରାଜପରିବାରରେ ଯୌବରାଜ୍ୟ ପ୍ରାପ୍ତି ପୂର୍ବରୁ ବା ପାଟକୁମାର ହେବା ପୂର୍ବରୁ ରାଜାଙ୍କର ଜ୍ୟେଷ୍ଠ ପୁତ୍ରମାନେ ମଙ୍ଗରାଜ ରୂପେ ପରିଚିତ ହେଉଥିଲେ । ସେହିପରି ଅନ୍ୟକେତେକ ରାଜ ପରିବାରରେ ଜ୍ୟେଷ୍ଠ ଭାଗିନେୟମାନେ ମାତୁଳାଳୟରେ ମଙ୍ଗରାଜ ରୂପେ ପରିଚିତ ହେଉଥିଲେ । ଘୁମୁସର କିମ୍ବା ନୟାଗଡ଼ ରାଜପରିବାରରେ ମଙ୍ଗରାଜ ପଦ କାହାପାଇଁ ବ୍ୟବହାର କରାଯାଉଥିଲା, ଏବେ ସଠିକ୍ ଭାବେ କହିବା ସମ୍ଭବ ନୁହେ । କିନ୍ତୁ ଏହି ତଥ୍ୟ ଉପରେ ଆଧାର କରି ଏତିକି ଅନୁମାନ କରାଯାଇପାରେ ଯେ ଉପେନ୍ଦ୍ର ଭଞ୍ଜ ସ୍ୱୀୟ 'ରସପଞ୍ଚକ' ଗ୍ରନ୍ଥରେ ନିଜକୁ 'ପାଟକୁମାର' ବୋଲି ପରିଚିତ କରାଇଥିଲେ ହେଁ 'ଯୁବରାଜ' ପଦରେ ଅଭିଷିକ୍ତ ହେବାର ସୌଭାଗ୍ୟ ତାଙ୍କୁ ମିଳିଥିଲା କି ନାହିଁ ସଂଶୟାଚ୍ଛନ୍ନ । ସେ ଦୀର୍ଘଦିନ ମଙ୍ଗରାଜ ହିଁ ରହିଯାଇଥିଲେ । ବୀରବର ଉପାଧି ଲାଭ କରିବା ପରେ ସେ ପାରିବାରିକ ପଦବୀକୁ ପରିତ୍ୟାଗ କରିଥିବା ଲକ୍ଷ୍ୟ କରାଯାଏ । ବର୍ତ୍ତମାନ ସୁଦ୍ଧା ଉପଲବ୍ଧ କୌଣସି କାବ୍ୟରେ ଉପେନ୍ଦ୍ର ଉଭୟ ବୀରବର ଓ ମଙ୍ଗରାଜ ପଦବୀକୁ ଏକତ୍ର ବ୍ୟବହାର କରିନଥିବା ଏକାନ୍ତ ଉଲ୍ଲେଖଯୋଗ୍ୟ । ଏଥିରୁ ମଙ୍ଗରାଜ ଯେ କୌଣସି ରାଜଦତ୍ତ ଉପାଧି ନୁହେଁ, ଏହା ଅନୁମାନ କରାଯାଇପାରେ ।

ଏ ପ୍ରସଙ୍ଗରେ ଅନ୍ୟଏକ ବିଷୟ ମଧ୍ୟ ବିଚାରକୁ ନିଆଯାଇପାରେ । ୧୭୧୦ ଖ୍ରୀଷ୍ଟାବ୍ଦରେ ଶେଷ ହୋଇଥିବା 'ରସଲେଖା' କାବ୍ୟର କୌଣସି ଛାନ୍ଦରେ ଉପେନ୍ଦ୍ର ନିଜକୁ 'ବୀରବର' କିମ୍ବା 'ମଂଗରାଜ' ରୂପେ ଉପାଧିଭୂଷିତ କରିନାହାନ୍ତି । ଏଣୁ ଏହାକୁ 'ବୀରବର' ପଦବୀ ପ୍ରାପ୍ତିର ପୂର୍ବବର୍ତ୍ତୀ ଏବଂ 'ମଙ୍ଗରାଜ' ପଦବୀ ଶେଷ ହେବାର ପରବର୍ତ୍ତୀ କାବ୍ୟରୂପେ ଗ୍ରହଣ କରାଯାଇପାରେ । ଏକଥା କହିବାର ତାତ୍ପର୍ଯ୍ୟ ହେଲା ମଙ୍ଗରାଜ ପଦବୀ ବ୍ୟବହାର କରାଯାଇଥିବା କାବ୍ୟ ଗୁଡ଼ିକ ଉପେନ୍ଦ୍ର ଘୁମୁସରରେ ରହୁଥିବା ବେଳେ କିମ୍ବା ରାଜ୍ୟତ୍ୟାଗ ପରେ କିଛି ଦିନପାଇଁ ମାତୁଳାଳୟରେ ଅବସ୍ଥାନ କରୁଥିବା କାଳରେ ରଚନା କରିଥିଲେ । ଏ ଦୃଷ୍ଟିରୁ

Digitized by srujanika@gmail.com

'ଚିତ୍ରଲେଖା' କୁ ଖ୍ରୀ ୧୭୧୦ ପୂର୍ବରୁ ରଚିତ ଉପେନ୍ଦ୍ରଙ୍କ ଏକ ପ୍ରାଥମିକ କାବ୍ୟ ବୋଲି କହିବା ଅଯୌକ୍ତିକ ହେବ ନାହିଁ ।

ଏତଦ୍‌ବ୍ୟତୀତ ବିଷୟ ପରିକଳ୍ପନା, କଥାବସ୍ତୁ ବିନ୍ୟାସ, କାବ୍ୟ ଆଙ୍ଗିକର ଦୁର୍ବଳତା ସଂପର୍କରେ ସଚେତନତା, ପାଦପୂରଣାତ୍ମକ ଅବ୍ୟୟର ବହୁଳ ପ୍ରୟୋଗ ଆଲୋଚ୍ୟ କାବ୍ୟଟିର ପ୍ରାଥମିକତା ପ୍ରମାଣିତ କରିଥାଏ । କରସି, ରଖସି, ରହସି, ଦେଖସି ପରି କ୍ରିୟାରୂପ ଏବଂ ଦୁହିତୀ, ରୟଣି, ମୟାଣ ପରି ପ୍ରାଚୀନ ପ୍ରୟୋଗ ମଧ୍ୟ ଏଥିରେ ଲକ୍ଷ୍ୟ କରିବାର କଥା । ଏ ପ୍ରକାର ପ୍ରୟୋଗ ପରବର୍ତ୍ତୀ କାବ୍ୟ ଗୁଡ଼ିକରେ ଯଥାସାଧ୍ୟ ପରିହୃତ ହୋଇଥିବା ଲକ୍ଷ୍ୟ କରାଯାଏ ।

ଅନୁରୂପ ଭାବେ କାବ୍ୟଟିରେ ପ୍ରାଥମିକ ପ୍ରୟାସ ଜନିତ ଛନ୍ଦ ବିଚ୍ୟୁତି ଅନେକତ୍ର ପରିଦୃଷ୍ଟ । ଛା ୧/୧ ପଦ, ୧/୧୬, ୧/୧୮, ୩/୨୦, ୧୦/୩୧, ୧୭/୫, ୧୮/୨, ୧୯/୧୧, ୧୯/୧୫ ଓ ୨୦/୧୪ରେ ଅଧିକାକ୍ଷର ବ୍ୟବହୃତ ହୋଇଥିବା ବେଳେ, ଛା ୧/୫ ପଦ, ୩/୨, ୩/୬, ୩/୧୩, ୪/୨୨, ୫/୬, ୫/୧୬, ୫/୨୧, ୧୦/୬, ୧୩/୧, ୧୪/୩୫, ୧୫/୧, ୧୫/୪, ୧୫/୧୪, ୧୫/୧୯, ୧୭/୧୦, ୧୭/୧୧, ୧୭/୧୬, ୧୭/୨୧, ୧୭/୨୬, ୨୦/୪, ୨୦/୭, ୨୦/୧୩, ୨୦/୧୬, ୨୦/୨୨, ୨୦/୨୩, ୨୧/୮, ୨୧/୧୦, ୨୧/୧୯ ରେ ନ୍ୟୂନାକ୍ଷର ପ୍ରୟୋଗ ଦେଖିବାକୁ ମିଳେ । ଉପେନ୍ଦ୍ର ପୂର୍ବବର୍ତ୍ତୀ କାବ୍ୟରେ ଏ ପ୍ରକାର ଛନ୍ଦ ବିଚ୍ୟୁତି ଅପ୍ରଚୁର ନୁହେ । ଏହାକୁ ଲିପିକାରମାନଙ୍କ ପ୍ରମାଦ କିମ୍ବା କବିମାନଙ୍କର ଅଜ୍ଞତା ବୋଲି ଗ୍ରହଣ କରାଯାଇ ନପାରେ । ପୁରାତନ ଓଡ଼ିଆ ଛନ୍ଦର ଏହା ହିଁ ସ୍ୱାଭାବିକ ରୂପ । ଛନ୍ଦ-ନିୟମ ଆଧାରିତ କୌଣସି ପଦ ବା ପାଦର ଲିଖିତ ରୂପ ଏବଂ ଗାୟକ କଣ୍ଠରେ ଏହାର ରୂପ ମଧ୍ୟରେ ପାର୍ଥକ୍ୟ ଓଡ଼ିଆ ପଦ୍ୟରଚନାରେ ଖୋଜି ପାଇବା ଦୁଷ୍କର ନୁହେ । କେବଳ ଗାଇବାବେଳେ କାହିଁକି ପାଠ କଲାବେଳେ ମଧ୍ୟ ଏ ବିଚ୍ୟୁତି ସାଧାରଣତଃ ଧରିବା ସହଜ ନୁହେ । ଆକ୍ଷିରେ ଯାହା ଭୁଲ ବୋଲି ଧରିହୁଏ, କାନରେ ଶୁଣିବାବେଳେ ତାହା ଆଦୌ ଭୁଲ ବୋଲି ମନେ ହୁଏ ନାହିଁ । ଓଡ଼ିଆ ଛନ୍ଦର ଏହି ଦର୍ଶନେନ୍ଦ୍ରିୟଗ୍ରାହ୍ୟ ଓ ଗାନ-ଶ୍ରବଣ-ସର୍ବସ୍ୱ ରୂପ ସଂପର୍କରେ ପୁରାତନ ପଦ୍ୟ ରଚୟିତାମାନେ ଅନବହିତ ନଥିଲେ । ଏଣୁ ପାଠକମାନଙ୍କୁ ସେମାନେ ନିଜ ନିଜର କାବ୍ୟକୁ 'କର୍ଣ୍ଣ-ତୁଣ୍ଡେ'ରେ ପାନ କରିବା ପାଇଁ ବିନମ୍ର ଅନୁରୋଧ ଜଣାଇଛନ୍ତି; କର୍ଣ୍ଣ ଡ଼େରି ଶୁଣିବା ପାଇଁ, ମନଦେଇ ଶୁଣିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଦାଣ୍ଡୀ

Digitized by srujanika@gmail.com

ବୃତ୍ତରେ ଏହି ପାଦଗତ-ଅକ୍ଷର-ବୈଷମ୍ୟ ଖାଲି ଆଖିରେ ଦେଖିହେଉଥିଲେ ସୁଦ୍ଧା ଏଥିରୁ ଉଦ୍‌ବର୍ତ୍ତିତ ଚତୁର୍ଦ୍ଦଶାକ୍ଷରୀ, ତ୍ରୟୋଦଶାକ୍ଷରୀ, ଏକାଦଶାକ୍ଷରୀ, ନବାକ୍ଷରୀ ଏପରିକି ବିଷମବୃତ୍ତ ମଧ୍ୟରେ ଏହି ଛନ୍ଦ ବିଚ୍ୟୁତିକୁ ଗାନ କରିବା ସମୟରେ ଠାବ କରିବା ସମ୍ଭବ ହୁଏ ନାହିଁ । ଉପେନ୍ଦ୍ର ଭଞ୍ଜ ଓଡ଼ିଆ ଛନ୍ଦ ସଂଯୋଜନାରେ କବିମାନଙ୍କ ଏହି ସ୍ୱାତନ୍ତ୍ର୍ୟ ପ୍ରତି ଲକ୍ଷ୍ୟ ରଖି, ବୋଧହୁଏ, ପରବର୍ତ୍ତୀ ସମୟରେ ସ୍ୱୀୟ ଅଳଙ୍କାର ଗ୍ରନ୍ଥ 'ରସମଞ୍ଜରୀ'ରେ କାବ୍ୟଦୋଷ ବିବେଚନା ଅବସରରେ ଅକ୍ଷରଚ୍ୟୁତି ପରିବର୍ତ୍ତେ ଯତିଭଙ୍ଗକୁ କାବ୍ୟର ଏକ ଦୋଷ ରୂପେ ଗ୍ରହଣ କରିଛନ୍ତି । ତଥାପି ପରବର୍ତ୍ତୀ କାବ୍ୟ ଗୁଡ଼ିକରେ ସେ ଏପ୍ରକାର ବର୍ଣ୍ଣ-ବୈଷମ୍ୟ ପରିହାର ପାଇଁ ସତର୍କ ଦୃଷ୍ଟି ଦେଇଥିବା ଲକ୍ଷ୍ୟ କରାଯାଏ ।

ଏହିପରି ବିଭିନ୍ନ ଦୃଷ୍ଟିରୁ ବିଚାର କଲେ 'ଚିତ୍ରଲେଖା' କାବ୍ୟଟିକୁ ଉପେନ୍ଦ୍ର ଭଞ୍ଜଙ୍କ ପ୍ରାଥମିକ କାବ୍ୟସୃଷ୍ଟି ବୋଲି ଅବଶ୍ୟ ସ୍ୱୀକାର କରିବାକୁ ହେବ । ପୁଣି ଏହା ଯେ ନୀଳକଣ୍ଠ ଭଞ୍ଜଙ୍କ ସିଂହାସନ ଆରୋହଣର ପରବର୍ତ୍ତୀ ଏବଂ 'ରସଲେଖା' କାବ୍ୟର ପୂର୍ବବର୍ତ୍ତୀ ସମୟରେ ରଚିତ ଏହା ମଧ୍ୟ ନିଶ୍ଚିତ ଭାବେ ନିର୍ଦ୍ଧାରଣ କରିହେବ । ତେଣୁ ଆଲୋଚ୍ୟ କାବ୍ୟଟିର ରଚନା ସମୟ ଖ୍ରୀ ୧୭୦୧ ରୁ ଖ୍ରୀ: ୧୭୧୦ ବୋଲି ଗ୍ରହଣ କଲେ ଅଯୌକ୍ତିକ ହେବ ନାହିଁ । କିନ୍ତୁ ଏହାକୁ ଉପେନ୍ଦ୍ର କାବ୍ୟ-ପ୍ରତିଭାର ପ୍ରଥମ ଅର୍ଘ୍ୟ କହିବାର କାରଣ ବର୍ତ୍ତମାନ ବିଶ୍ଳେଷଣ କରାଯାଉ ।

'ଚିତ୍ରକାବ୍ୟ ବନ୍ଧୋଦୟ' ଗ୍ରନ୍ଥରେ ସ୍ୱୀୟ ରଚନା ସମ୍ଭାରର ପରିଚୟ ଦେବା ଅବସରରେ ଅଗଣିତ ଗୀତିକାର ସୂଚନା ପରେ ଉପେନ୍ଦ୍ର ଭଞ୍ଜ ମନେ ପକାଇ ତାଙ୍କର ଯେଉଁ କେତୋଟି ପୂର୍ଣ୍ଣାଙ୍ଗ କାବ୍ୟର ତାଲିକା ଆମ ସମ୍ମୁଖରେ ଉପସ୍ଥାପନ କରିଛନ୍ତି, ତାହାର ଆରମ୍ଭ ଏପରି -

ରସକୃଷ୍ଣ ବିଷୟ ଯେତେ ଗ୍ରନ୍ଥ
ଚିଭୋଇ ତହୁଁ କିଛି ଲେଖେଁ ଏଥ ।
ପୁରାଣ ଛାଇ କଳ୍ପନା ମାଧୁରୀ
ଚାରୁ ଚିତ୍ରଲେଖା ହେମମଞ୍ଜରୀ ।
ରସଲେଖା କାମକଳା ରଚିତ
ମନୋରମା ପ୍ରେମଲତା ସୁଗୀତ । ଇତ୍ୟାଦି

ଏହି ତାଲିକାର ପ୍ରଥମ ନାମଟି ହେଉଛି 'ଚିତ୍ରଲେଖା' । ଅବଶ୍ୟ ତାଲିକାଟିରେ ଥିବା କାବ୍ୟ ଗୁଡ଼ିକର କ୍ରମ ସେ ଗୁଡ଼ିକର ରଚନାକ୍ରମର ସୂଚକ

Digitized by srujanika@gmail.com

ବୋଲି କହିବା ବର୍ତ୍ତମାନ ସମ୍ଭବ ନୁହେ; କାରଣ ଏଥିରେ ଉଲ୍ଲିଖିତ ବହୁ ରଚନା ଏ ପର୍ଯ୍ୟନ୍ତ ଆମ ଦୃଷ୍ଟିକୁ ଆସି ପାରିନାହାନ୍ତି । କିନ୍ତୁ 'ଚିତ୍ତୋଇ' କାବ୍ୟ ତାଲିକାଟି ପ୍ରସ୍ତୁତ କଲାବେଳେ ପ୍ରଥମ ରଚନାଟିର ନାମ ଯେ ସର୍ବପ୍ରଥମେ କବିଚିତ୍ତକୁ ଆସିଥିବ, ଏପରି ଅନୁମାନ କରିବା ଆଦୌ ଅଯଥାର୍ଥ ନୁହେ । ଲୌକିକ ଜଗତରେ ପ୍ରଥମ ସନ୍ତାନଟି ଆତ୍ମଜ, ଅନ୍ୟମାନେ କାମଜ, ପ୍ରଥମ ସନ୍ତାନର ମହତ୍ତ୍ୱ ପ୍ରତିଷ୍ଠାପାଇଁ ପ୍ରଥମାଷ୍ଟମୀ ଦିବସରେ ତା'ର ଦୀର୍ଘଜୀବନ କାମନା କରି ଜନ୍ମ ପତ୍ରିକା ପୂଜା କରାଯାଏ; ପ୍ରଥମ ସନ୍ତାନ ଜନ୍ମରେ ପିତାମାତା ଯେଉଁ ଆନନ୍ଦ ଲାଭ କରିଥାନ୍ତି, ପରବର୍ତ୍ତୀ ସନ୍ତାନମାନେ ସେମାନଙ୍କୁ ଅନୁରୂପ ଆନନ୍ଦ ଦେବା ସମ୍ଭବ ହୋଇନଥାଏ । ପ୍ରଥମ ସବୁବେଳେ ପ୍ରଥମ, ଭଲ ହେଉ କି ଭେଲ ହେଉ । କବିଚିତ୍ତରେ ମଧ୍ୟ ନିଜର ପ୍ରଥମ ସାର୍ଥକ ରଚନା କିମ୍ବା ପ୍ରଥମ ପ୍ରକାଶିତ ଓ ପ୍ରଚାରିତ ରଚନାର ସ୍ମୃତି ଜାଗ୍ରତ ରହିବା ସ୍ୱାଭାବିକ। ଉପେନ୍ଦ୍ରଙ୍କ ପ୍ରତିଭା-ପରିସ୍ଫୁରଣ 'ଚିତ୍ରଲେଖା' ରଚନାର ବହୁପୂର୍ବରୁ ହୋଇଥାଇପାରେ । ଗାହା, ଦୋହା, ଚଉପଦୀ, ଚଉତିଶା ରଚନା କରି ସେ ରାଜପୁତ୍ରର ସୁଯୋଗ ନେଇ କବି-ଖ୍ୟାତି ଅର୍ଜନ କରିଥାଇ ପାରନ୍ତି; କିନ୍ତୁ କବି ପ୍ରଦତ୍ତ କାବ୍ୟ-ତାଲକାରେ ପ୍ରଥମସ୍ଥାନ ଲାଭ କରିବାର ସୁଯୋଗ ପାଇଥିବା 'ଚିତ୍ରଲେଖା'କୁ କବି ଉପେନ୍ଦ୍ରଙ୍କ ପ୍ରଥମ ପୂର୍ଣ୍ଣାଙ୍ଗ କାବ୍ୟ ବୋଲି ଗ୍ରହଣ କରିବା ଅସମୀଚୀନ ହେବ ନାହିଁ; 'ଚିତ୍ରଲେଖା' ହିଁ କାବ୍ୟସ୍ରଷ୍ଟା ଉପେନ୍ଦ୍ର-ପ୍ରତିଭାର ପ୍ରଥମ ସାରସ୍ୱତ ଅର୍ଘ୍ୟ ।

ଚିତ୍ରଲେଖା : କାବ୍ୟିକ ବିଶେଷତ୍ୱ

'ଚିତ୍ରଲେଖା' ଉପେନ୍ଦ୍ର ଭଞ୍ଜଙ୍କ କେବଳ ପ୍ରଥମ କାବ୍ୟ ନୁହେ; ଏହା ତାଙ୍କ କାବ୍ୟ-ଶିଳ୍ପର ପ୍ରଥମ ନକ୍‌ସା, ତାଙ୍କ କାବ୍ୟ-ଧାରଣାର ପ୍ରଥମ ପ୍ରତିଶ୍ରୁତି ଏବଂ ସାଧକ-ଜୀବନର ପ୍ରଥମ 'ହସ୍ତଲେଖା' । ଏହା ପୂର୍ବରୁ ସେ ବହୁ ଗୀତିକାବ୍ୟ ରଚନା କରି ନିଜ ଲେଖନୀକୁ ସୁଦୃଢ଼ କରିଛନ୍ତି, ପ୍ରତିଭାକୁ ମାର୍ଜନ କରିଛନ୍ତି, ଦୀର୍ଘ କଥାବସ୍ତୁ-ସମ୍ବଳିତ କାବ୍ୟ ରଚନାପାଇଁ ନିଜକୁ ପ୍ରସ୍ତୁତ କରିଛନ୍ତି; ଭାବ ରାଜ୍ୟରୁ ତାଙ୍କ ଦୃଷ୍ଟି ରସରାଜ୍ୟକୁ ସଂପ୍ରସାରିତ ହୋଇଛି । ପରବର୍ତ୍ତୀ ସମୟରେ ନିଜକୁ ଶବଦ-ସମୁଦ୍ର ଉତ୍ତୀର୍ଣ୍ଣ ହୋଇଥିବା କୀର୍ତ୍ତିମାନ ଶବ୍ଦ-ସାଧକ, ନୈଷଧୀୟ ଚରିତମ୍ ରଚୟିତା ଶ୍ରୀହର୍ଷଙ୍କ ପ୍ରତିସ୍ପର୍ଦ୍ଧୀ କାବ୍ୟ-ପ୍ରଣେତା, ନାରିକେଳପାକ ସମନ୍ୱିତ ପଦ୍ୟାବଳୀର ସଫଳ ରୂପକାର, 'କବିଗର୍ବ-ପର୍ବତକୁ କୁଳିଶ' ତଥା 'ସଂଖ୍ୟାବାନ୍'

Digitized by srujanika@gmail.com

ରୂପେ ପ୍ରଖ୍ୟାପିତ କରିଥିବା ବୀରବର ଉପେନ୍ଦ୍ରଙ୍କ 'କବିସିନ୍ଧୁ ଚନ୍ଦ୍ର' ଭାବ ମୂର୍ତ୍ତିଟି ସହିତ ପରିଚିତ ହେଲେ ତାଙ୍କ କାବ୍ୟ-ମାନସର ସଠିକ୍ ପରିଚୟ ପାଇହେବ । 'ଚିତ୍ରଲେଖା' କାବ୍ୟର ଉପସଂହାରରେ ସେ ନିଜକୁ ଏପରି ଭାବରେ ହିଁ ପରିଚିତ କରାଇଛନ୍ତି । ବୌଦରାଜ ନୀଳାମ୍ବର ଭଞ୍ଜଙ୍କ ନାମରେ ଉତ୍ସର୍ଗିତ 'ଶ୍ରୀକୃଷ୍ଣଲୀଳାମୃତ'କାବ୍ୟରେ ମଧ୍ୟ ବୋଧହୁଏ ଏହାହିଁ ଥିଲା ତାଙ୍କର ଆତ୍ମପରିଚିତି କିମ୍ବା ସେ ସମୟକୁ ଉପେନ୍ଦ୍ର ସମସାମୟିକ ପାଠକ ଓ ଶ୍ରୋତାଙ୍କ ନିକଟରେ ଏପରି ଭାବେ ହିଁ ପରିଚିତ ଥିଲେ । ତାଙ୍କ ରଚିତ ପ୍ରାଥମିକ କାବ୍ୟ ଗୁଡ଼ିକର ପ୍ରତିଲିପି ଦେଖିବାର ସୁଯୋଗ ପାଇଥିବା 'ବୌଦରାଜ ବଂଶାବଳୀ'ର ରଚୟିତା କବିଙ୍କ ପାଇଁ ଏହି ବିଶେଷଣଟି ହିଁ ପ୍ରୟୋଗ କରିଛନ୍ତି ।

ଧନଞ୍ଜୟ, ନୀଳକଣ୍ଠ, ଚକ୍ରଧର, ଘନ ପ୍ରଭୃତିଙ୍କ ପରି ପ୍ରତିଭାଧର କବିଙ୍କ କାବ୍ୟ-ଦୀପ୍ତିରେ ଘୁମୁଷର ରାଜବଂଶ ଦେଦୀପ୍ୟମାନ; ଏହି ପ୍ରଖ୍ୟାତ କବି ବଂଶରେ ଜନ୍ମ ଗ୍ରହଣ କରିଥିବା ଯୋଗୁଁ ସ୍ୱୀୟ ବଂଶଗରିମା ଏବଂ ପିତୃ ପିତାମହଙ୍କ ଗୌରବଗାନରେ ଅକୃପଣ ଉପେନ୍ଦ୍ର ନିଜକୁ ଏକ ବରିଷ୍ଠ ସାରସ୍ୱତ ପରଂପରାର ଦାୟାଦ ବୋଲି ପରିଚିତ କରାଇଛନ୍ତି । କିମ୍ବା ଘୁମୁଷର ରାଜଦରବାର ସ୍ଥିତ କବିମଣ୍ଡଳୀ ଦ୍ୱାରା ରାଜକୁମାରଙ୍କ ରଚନାବଳୀ ସାଦରେ ଗୃହୀତ ହୋଇଥିବା ହେତୁ ତରୁଣ କବି-ଚିତ୍ତରେ ଯେଉଁ ଆତ୍ମବିଶ୍ୱାସ ସୃଷ୍ଟି ହୋଇଛି, ତାହା ହିଁ ତାଙ୍କୁ ଏ ପ୍ରକାର ଆତ୍ମପରିଚିତି ଦେବାପାଇଁ ପ୍ରଣୋଦିତ କରିଛି । ତାଙ୍କ ରଚନା ଯେ କବିକୁଳ ରୂପକସାଗରକୁ ଚନ୍ଦ୍ରମା ପରି ଆହ୍ଲାଦିତ ଓ ଉଦ୍‌ବେଳିତ କରିପାରୁଛି, ଏପରି ଏକ ବିଶ୍ୱାସରୁ ଆରମ୍ଭ ହୋଇଥିବା ସାରସ୍ୱତ-ଯାତ୍ରା ଯେ ଗଭୀର ଆତ୍ମପ୍ରତ୍ୟୟର ସଦମ୍ଭ ଉଦ୍‌ଘୋଷଣା 'ଘେନ ନୈଷଧ ପରାୟେ' ଠାରେ ଶେଷ ହେବ, କହିବା ବାହୁଲ୍ୟ ମାତ୍ର । ଆତ୍ମପ୍ରତ୍ୟୟର ଏ ସ୍ୱର ଉପେନ୍ଦ୍ରଙ୍କ ପ୍ରାୟ ସମସ୍ତ କାବ୍ୟରେ ଶୁଣିବାକୁ ମିଳିବ । ସେ ଯାହା ହେଉ, ପ୍ରାଥମିକ କାବ୍ୟସମୂହରେ ଉପେନ୍ଦ୍ର-ପ୍ରତିଭାର ସୁପରିଚିତ 'ପ୍ରଚଣ୍ଡ-ମାର୍ତ୍ତଣ୍ଡ' ପରିବର୍ତ୍ତେ ସ୍ନିଗ୍ଧ ଚାନ୍ଦ୍ରମସୀ ରୂପଟି କିପରି ପ୍ରତିଫଳିତ, ତାହା ବିଶ୍ଳେଷଣ କଲେ ଭଞ୍ଜୀୟ କାବ୍ୟ-ସୃଷ୍ଟିର ସାମଗ୍ରିକ ରୂପ-ପରିକଳ୍ପନା ଏବଂ କାବ୍ୟ-ଶିଳ୍ପ ମଧ୍ୟରେ ଫୁଟି ଉଠିଥିବା ଆଭିମୁଖ୍ୟ ସଂପର୍କରେ ସମ୍ୟକ୍ ଧାରଣା କରିବା ସୁଗମ ହେବ ।

କବିସିନ୍ଧୁ ଚନ୍ଦ୍ର ଉପେନ୍ଦ୍ର ଗୀତିକାବ୍ୟରୁ କାବ୍ୟରାଜ୍ୟରେ ପଦାର୍ପଣ କଲାବେଳେ ତାଙ୍କ ସମ୍ମୁଖରେ ଥିଲା (କ) ସଂସ୍କୃତ ଓ ଓଡ଼ିଆ ପୁରାଣ, (ଖ)

Digitized by srujanika@gmail.com

ପୂର୍ବବର୍ତ୍ତୀ ଓଡ଼ିଆ କାବ୍ୟପ୍ରଣେତାମାନଙ୍କ ପରୀକ୍ଷାଧର୍ମୀ କାବ୍ୟସୃଷ୍ଟି, (ଗ) ସଂସ୍କୃତ ପଣ୍ଡିତମାନଙ୍କ ବହୁମାନ୍ୟ କେତେକ ସଂସ୍କୃତ କାବ୍ୟ ଏବଂ (ଘ) ଘୁମୁସର ରାଜସଭାର ସାରସ୍ୱତ ପରିଷଦ । ଏସବୁର ଅଧ୍ୟୟନ ଓ ଅନୁଶୀଳନ କାବ୍ୟରଚନାପାଇଁ ପ୍ରଥମ ଓଁକାର ଉଚ୍ଚାରଣ କରୁଥିବା ଯୁବକବିଙ୍କ ମାନସିକତାରେ ଯେଉଁ ପ୍ରଭାବପାତ କରିଥିଲା ତା'ର ସୁଦୂରପ୍ରସାରୀ ପରିଣତି ତାଙ୍କ ସମଗ୍ର ରଚନା ମଧ୍ୟରେ ଅନୁସନ୍ଧାନ କରିବା କଷ୍ଟସାଧ୍ୟ ନୁହେ । କିନ୍ତୁ 'ଚିତ୍ରଲେଖା' କାବ୍ୟରେ ଏହାର ପ୍ରାଥମିକ ରୂପ ଲକ୍ଷ୍ୟ କରାଯାଇପାରେ । ଏ ସ୍ୱରୂପଟିକୁ ଜାଣିବାକୁ ହେଲେ ପ୍ରତ୍ୟେକଟିର ସ୍ୱତନ୍ତ୍ର ବିଚାର ଆବଶ୍ୟକ ମନେ ହେଉଥିବାରୁ ଏଠାରେ ସେ ସଂପର୍କରେ ସଂକ୍ଷିପ୍ତ ଆଲୋଚନା ଉପସ୍ଥାପନା କରାଯାଉଛି ।

ସପ୍ତଦଶ ଶତାବ୍ଦୀର ଶେଷ ବେଳକୁ ଓଡ଼ିଶାର ଜନଜୀବନକୁ ବହୁଳ ଭାବେ ପ୍ରଭାବିତ କରିଥିବା ପଞ୍ଚମହାପୁରାଣ ମଧ୍ୟରୁ ମହାଭାରତ, ରାମାୟଣ, ଭାଗବତ ଓ ହରିବଂଶର ରଚନା ଶେଷ ହୋଇସାରିଥିଲା । ଓଡ଼ିଶାର ରାଜନୈତିକ ଇତିହାସରେ ସୁବର୍ଣ୍ଣ ଯୁଗ ରୂପେ ବିବେଚିତ ସୂର୍ଯ୍ୟବଂଶୀ ଗଜପତିମାନଙ୍କ ରାଜତ୍ୱ କାଳରେ ସାରଳା, ବଳରାମ, ଜଗନ୍ନାଥ ଓ ଅଚ୍ୟୁତାନନ୍ଦ ଯେଉଁ ପୁରାଣସମୂହ ଏ ଜାତି ହାତରେ ଟେକି ଦେଲେ ତାହା ଭାରତୀୟ ପରଂପରାରୁ ବିଚ୍ୟୁତ ନଥିଲେ ସୁଦ୍ଧା ଥିଲା ଓଡ଼ିଶା ରାଷ୍ଟ୍ର ଏବଂ ଓଡ଼ିଆ ଜାତିର ସଂପୂର୍ଣ୍ଣ ନିଜସ୍ୱ । ଜୈନ ଓ ବୌଦ୍ଧ କବିମାନଙ୍କ ପ୍ରଭାବରୁ ହେଉ କିମ୍ବା କପିଳେନ୍ଦ୍ର-ପୁରୁଷୋତ୍ତମ - ପ୍ରତାପରୁଦ୍ର କାଳୀନ ଉଦଗ୍ର ଜାତୀୟ ଚେତନା ମଧ୍ୟରୁ ଜାଗ୍ରତ ଓଡ଼ିଆ ସ୍ୱାଭିମାନରୁ ହେଉ ଏମାନେ ବାଲ୍ମୀକି-ବ୍ୟାସ-ପରଂପରାଠାରୁ ବିଚ୍ୟୁତ ହେବା ଏକ ଦୋଷାବହ କାର୍ଯ୍ୟ ବୋଲି ମନେ କରି ନଥିଲେ । ଓଡ଼ିଆ ଭାଷା ଓ ଓଡ଼ିଆ ସାହିତ୍ୟର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିବା ଦିଗରେ ଏମାନଙ୍କ ଲେଖନୀ ସତତ ଉନ୍ମୁଖ ଥିଲା । ପୁରାଣପ୍ରଣେତାମାନଙ୍କ ଏହି ମାନସିକତା ଯୁବକ ଉପେନ୍ଦ୍ରଙ୍କ ଚିତ୍ତବୃତ୍ତିରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି କରିଥିଲା, ତା'ର ଫଳଶ୍ରୁତି ତାଙ୍କ ସମଗ୍ର ରଚନା ସମ୍ଭାର ମଧ୍ୟରେ ଶୁଣିବାକୁ ମିଳେ । ଓଡ଼ିଆ କାବ୍ୟ ନିମିତ୍ତ ଏକ ଅଭିନବ ମାର୍ଗ ଉନ୍ମୋଚନର ଲକ୍ଷ୍ୟ ଘେନି ସେ ଏ କ୍ଷେତ୍ରରେ ପ୍ରଥମ ପଦଚାରଣା ଆରମ୍ଭ କରିଛନ୍ତି ।

ଦ୍ୱିତୀୟତଃ ଷୋଡ଼ଶ-ସପ୍ତଦଶ ଶତାବ୍ଦୀ ଓଡ଼ିଆ କାବ୍ୟସାହିତ୍ୟର ଇତିହାସରେ ପରୀକ୍ଷା-ନିରୀକ୍ଷାର ଯୁଗ । ପୁରାଣ ମାଧ୍ୟମରେ ଓଡ଼ିଆ ଭାଷାର ଯେଉଁ ରୂପଟି ସାହିତ୍ୟ ରଚନାର ଉପଯୋଗୀ ହୋଇ ଉଠିଥିଲା, କାବ୍ୟକାରମାନେ ତାକୁ

Digitized by srujanika@gmail.com

ସମ୍ବଳ କରି ଏକ ସ୍ୱତନ୍ତ୍ର ଓ ସମୃଦ୍ଧ କାବ୍ୟ-ସୌଧ ନିର୍ମାଣ ପାଇଁ ପ୍ରୟାସ ଆରମ୍ଭ କରିଥିଲେ । ଏହି ଉଭୟ ଶତକରେ ସୃଷ୍ଟି ଲାଭ କରିଥିବା ବହୁ ରଚନା କାଳଗର୍ଭରୁ ଉଦ୍ଧାର ପାଇପାରି ନଥିଲେ ସୁଦ୍ଧା ରାମବିଭା, କଳ୍ପଲତା, ଉଷାଭିଳାଷ, ରୁକ୍ମିଣୀବିଭା, ଶଶିସେଣା, ରହସ୍ୟମଞ୍ଜରୀ, ଗୋପୀ ଚନ୍ଦନ, ଲୀଳାବତୀ, ସୁକୁନ୍ତଳା, କଳାବତୀ, ହଂସବତୀ, ଇଚ୍ଛାବତୀ, ମଦାଳସା, ଶକୁନ୍ତଳା, ପରିମଳା, ଶ୍ରୀରାମ ବିଳାସ, ତ୍ରିପୁରସୁନ୍ଦରୀ, ପ୍ରେମଲୋଚନା, ରତ୍ନମଞ୍ଜରୀ, ମଦନମଞ୍ଜରୀ ଇତ୍ୟାଦି ଯେଉଁ କେତୋଟି କାବ୍ୟ ଆଜି ଆମ ନିକଟରେ ପହଞ୍ଚି ପାରିଛନ୍ତି, ସେଥିରୁ ଏଯୁଗର କବିମାନଙ୍କ କାବ୍ୟ-ଆଭିମୁଖ୍ୟ ସଂପର୍କରେ ଧାରଣା କରିବା କଷ୍ଟକର ନୁହେ । ଏଯୁଗର ପ୍ରାୟ ପ୍ରତ୍ୟେକଟି କାବ୍ୟ କଥାବସ୍ତୁ, ବିଷୟବିନ୍ୟାସ କୌଶଳ, ଶିଳ୍ପଗତ ଚାତୁରୀ ଇତ୍ୟାଦି ଦୃଷ୍ଟିରୁ ଅନ୍ୟଠାରୁ ସ୍ୱତନ୍ତ୍ର । ପ୍ରତ୍ୟେକ କବି ଯେପରି ଓଡ଼ିଆ କାବ୍ୟପାଇଁ ଏକ ଅଭିନବ ଶୈଳୀର ଅନୁସନ୍ଧାନରେ ବ୍ୟସ୍ତ । ଏଇ ଅନୁସନ୍ଧାନ ମଧ୍ୟରେ ସେମାନେ ପୁଣି ସଂସ୍କୃତର ସମ୍ମୁଖୀନ ହୋଇଛନ୍ତି । ସପ୍ତଦଶ ଶତାବ୍ଦୀ ବେଳକୁ ସମଗ୍ର ଭାରତୀୟ ଆଞ୍ଚଳିକ ଭାଷା ଓ ସାହିତ୍ୟରେ ଯେଉଁ ସଂସ୍କୃତୀକରଣ-ପ୍ରବୃତ୍ତି ଦେଖାଦେଇଥିଲା, ଓଡ଼ିଆ କାବ୍ୟସ୍ରଷ୍ଟାମାନେ ତା'ଠାରୁ ଦୂରେଇ ଯାଇପାରି ନଥିଲେ । ସପ୍ତଦଶ ଶତାବ୍ଦୀର ପରିସମାପ୍ତି ବେଳକୁ ଓଡ଼ିଆ କାବ୍ୟ ରଚନା ପାଇଁ ସଂସ୍କୃତ କାବ୍ୟଶୈଳୀ ଯେ ଦୁର୍ଲଂଘନୀୟ, ଏହା କବିମାନେ ଉପଲବ୍ଧି କରିବା ଆରମ୍ଭ କରିଥିଲେ । ଉପେନ୍ଦ୍ରଙ୍କ ସମସାମୟିକ ଲୋକନାଥ ବିଦ୍ୟାଧର, ଦୀନକୃଷ୍ଣ ଦାସ, ଧନଞ୍ଜୟ ଭଞ୍ଜ ପ୍ରମୁଖଙ୍କ ସୃଷ୍ଟି ଭିତରେ ଏହାର ଉଦାହରଣ ଅପ୍ରତୁର ନୁହେ । ଓଡ଼ିଆ ପୁରାଣ ଏବଂ ପୁରାଣ-ଅଭ୍ୟୁଦ୍‌ଥିତ କାବ୍ୟର କ୍ରମବର୍ଦ୍ଧମାନ ସଂସ୍କୃତାନୁଗତା କବି ଉପେନ୍ଦ୍ରଙ୍କ ମାନସିକତାରେ ଯେଉଁ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା, ତାର ଅବସାନ ପାଇଁ ସେ 'ଚିତ୍ରଲେଖା' କାବ୍ୟରୁ ହିଁ ପ୍ରଥମ ଉଦ୍ୟମ ଆରମ୍ଭ କରିଥିଲେ । ଏଣୁ ଏହାକୁ ସେ ପୁରାଣର ଛାୟା ଓ କଳ୍ପନାର ମାଧୁରୀରେ ଚାରୁତର କରିବାପାଇଁ ଚେଷ୍ଟା କରିଛନ୍ତି; 'ପୁରାଣ ଛାଇ କଳ୍ପନା ମାଧୁରୀ । ଚାରୁ ଚିତ୍ରଲେଖା......... ।'

ତୃତୀୟତଃ ଉପେନ୍ଦ୍ରଙ୍କ ସଂସ୍କୃତ ଜ୍ଞାନ ସଂପର୍କରେ ସନ୍ଦେହର ଅବକାଶ ହିଁ ନାହିଁ । ରାଜକୁମାରର ସୌଭାଗ୍ୟ ନେଇ ସେ ସଂସ୍କୃତ ଭାଷାରେ ହିଁ ବିଦ୍ୟାରମ୍ଭର 'ସିଦ୍ଧିରସ୍ତୁ' କରିଥିବେ, ସଂସ୍କୃତ କାବ୍ୟ-ନାଟକ-ଅଳଂକାର-ବ୍ୟାକରଣ-ଅଭିଧାନ ଶିକ୍ଷାଦାନ କରିବାପାଇଁ ଏପରି ପ୍ରତିଭାବାନ୍ ଶିଷ୍ୟଟିଏ ଲାଭ କରି ଧନଞ୍ଜୟଙ୍କ ରାଜସଭାସ୍ଥିତ ପଣ୍ଡିତମାନେ କୃତାର୍ଥ ହୋଇଥିବେ । ସେ ଅମରକୋଷ, ଏମାନେ

Digitized by srujanika@gmail.com

ତ୍ରିକାଣ୍ଡଶେଷ, ମେଦିନୀ, ଶାଶ୍ୱତ ଇତ୍ୟାଦି ଅଭିଧାନ, ପାଣିନୀୟ ବ୍ୟାକରଣ ସହିତ କାଳିଦାସ, ମାଘ, ଶ୍ରୀହର୍ଷ ପ୍ରଭୃତିଙ୍କ କାବ୍ୟ ଓ ସାହିତ୍ୟ ଦର୍ପଣ, କାବ୍ୟପ୍ରକାଶ, ରସମଞ୍ଜରୀ, ରସତରଙ୍ଗିଣୀ ଇତ୍ୟାଦି ଅଳଙ୍କାର ଗ୍ରନ୍ଥ ପାଠ କରିଥିବାର ପ୍ରମାଣ ତାଙ୍କ ରଚିତ ଗ୍ରନ୍ଥ ସମୂହରେ ଦୁର୍ଲଭ୍ୟ ନୁହେ । କିନ୍ତୁ ଉପେନ୍ଦ୍ରଙ୍କ ସମୟକୁ କାଳିଦାସଙ୍କ 'ରସଗର୍ଭନିର୍ଭରା ବାଣୀ' ଅପେକ୍ଷା 'ପାଣ୍ଡିତ୍ୟ-ବିଷଦିଗ୍ଧା ମୁରାରି କବି-ଭାରତୀ' ଏବଂ ସଜ୍ଞାନ-ଚିତ୍ତରେ 'ଗ୍ରନ୍ଥଗ୍ରନ୍ଥି' ବିନ୍ୟାସ କରିଥିବା ଶ୍ରୀହର୍ଷଙ୍କ 'ବିଦ୍ୱଦ୍ ଔଷଧ' ନୈଷଧୀୟ ଚରିତମ୍ ପଣ୍ଡିତମାନଙ୍କ ମଧ୍ୟରେ ଥିଲା ଅଧିକ ସମ୍ମାନିତ ଓ ଅନୁସରଣୀୟ । କେବଳ ଓଡ଼ିଶାରେ ନୁହେ ସମଗ୍ର ଭାରତବର୍ଷରେ ଏହାର ମର୍ଯ୍ୟାଦା ସେତେବେଳେ ସୀମାତୀତ ଭାବେ ବୃଦ୍ଧି ପାଇଥିଲା । ପ୍ରଦର୍ଶନ ପ୍ରଧାନ ଯୁଗର ଏହା ହିଁ ତ ସ୍ୱାଭାବିକ ପ୍ରବୃତ୍ତି ! ଉପେନ୍ଦ୍ରଙ୍କ ଯୁବମାନସକୁ ମଧ୍ୟ ନୈଷଧୀୟ ଲଳିତ ପଦାବଳୀ, ବିଦଗ୍ଧ କଳ୍ପନା ବିଳାସ, ରସାଳ ଶୃଙ୍ଗାରିକତା ତଥା ଶ୍ଳେଷ-ସୁନ୍ଦର ପ୍ରକାଶନ-ପରିପାଟୀ କମ୍ ପ୍ରଲୋଭିତ କରିନାହିଁ । 'ଚିତ୍ରଲେଖା' କାବ୍ୟର କଥାବସ୍ତୁ-ପରିକଳ୍ପନା ପାଇଁ ସେ ଯେ କେବଳ ହଂସକୁ ଦୂତ ରୂପେ ଗ୍ରହଣ କରିଛନ୍ତି, ତା' ନୁହେ, ନୈଷଧୀୟ ଶ୍ଳୋକାବଳୀର ଭାବାନୁସରଣ ସହିତ ଅନେକ ସ୍ଥଳରେ ବର୍ଣ୍ଣତଃ ସେଗୁଡ଼ିକର ଅନୁସରଣ କରିଛନ୍ତି । ଯଥା :-

କ) ନେତ୍ର ଖଞ୍ଜନ ଗଞ୍ଜନ ନଳିନ ମଳିନ
କରନ୍ତେ ଦିଶଇ ଅତିଅନ୍ତ ଶୋଭାବନ ।୩/୧୦
ନଳିନଂ ମଳିନଂ ବିବୃଣ୍ୱତୀ ପୃଷତୀମସ୍ପୃଶତୀ ତଦୀକ୍ଷଣେ
ଅପି ଖଞ୍ଜନମଞ୍ଜନାଂଚିତେ ବିଦଧାତେ ରୁଚିଗର୍ବଦୁର୍ବିଧମ୍ ।୨/୨୩

ଖ) ଆଳି ବୋଲୁଅଛି ବାଳା ଶୁଣ ମୋର ବାଣୀ
ଅମୃତକର ସେ ସୁଖ ଲଭୁ ତ ତରୁଣୀ
ସଖୀ ବାଣୀ ଶୁଣିଣ ବୋଲଇ ସୁଲକ୍ଷଣୀ
ନିଶ୍ଚୟେ ତ ଅମରିଷ ଅଟଇ ଏ ପୁଣି ।୫/୧୦
ଏ ଯେବେ ସଜନୀ ଆରେ ମୃତ ହୋଇଥାନ୍ତା
ତେବେ କିମ୍ପା ଏ ଜୀବନ ଆମ୍ଭର ନିଅନ୍ତା ।୫।୧୧
ଅମୃତଦୀଧିତିରେଷ ବିଦର୍ଭଜେ
ଭଜସି ତାପମମୁଷ୍ୟ କିମଂଶୁଭିଃ
ଯଦି ଭବନ୍ତି ମୃତାଃ ସଖୀ ଚନ୍ଦ୍ରିକାଃ
ଶଶଭୃତଃ କ୍ୱ ତଦା ପରିତପ୍ୟତେ ।୪।୧୦୪

Digitized by srujanika@gmail.com

ଗ) ଅସମୟ କାଳେ ସଖି ବୁଦ୍ଧିଭ୍ରମ ହୋଇ
କୁହୁ ନିକଟରେ ଯେବେ ହୋଇଥିଲା ସହି ।୫।୧୨
ତାହାକୁ ଧରିଣ ଯେବେ ଥାଆନ୍ତି ରଖି
ଆଉ ଚନ୍ଦ୍ରମାକୁ ବାରେ ନୁହନ୍ତାଇ ଦେଖି
ଏବେ ପୁଣି ବାହୁଡ଼ି ହୋଇବ ସେହି ଦିନ
ତାକୁ ଧରି ନ ଦେଖିବା ଚନ୍ଦ୍ରମା ବଦନ ।୫।୧୩

ଅସମୟେ ମତିରୁନ୍ମିଷତି ଧ୍ରୁବଂ
କରଗତୈବଗତା ଯଦିୟଂ କୁହୂଃ ।
ପୁନରୁପୈତି ନିରୁଧ ନିବାସ୍ୟତେ
ସଖି ମୁଖଂ ନ ବିଧୋଃ ପୁନରୀକ୍ଷତେ ।୪।୫୭

ଏପରି ଅନ୍ୟ ଅନେକ ଦୃଷ୍ଟାନ୍ତ ମଧ୍ୟ ଦିଆଯାଇପାରେ । କିନ୍ତୁ ନୈଷଧ କାବ୍ୟର କେବଳ ଅନୁସରଣ ନକରି ତା'ରି ଛାୟାରେ କଳ୍ପନାର ପକ୍ଷବିସ୍ତାର କରିବା ଉପେନ୍ଦ୍ରଙ୍କ ବିଶେଷତ୍ୱ । ଏହା ହିଁ ପରବର୍ତ୍ତୀ କାଳରେ ଉତ୍କଳୀୟ ନୈଷଧ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ପରି କାବ୍ୟଟିଏ ସୃଷ୍ଟି କରିବାରେ ତାଙ୍କୁ ସଫଳତା ଦେଇପାରିଛି । ସେ ଆଉ ଯୁଗାନୁସାରୀ ନହୋଇ ଯୁଗପ୍ରବର୍ତ୍ତକର ସମ୍ମାନ ଆହରଣ କରିଛନ୍ତି ।

ଚତୁର୍ଥତଃ ଘୁମୁଷର ରାଜସଭାର ସାରସ୍ୱତ ପରିଷଦ । ଉପେନ୍ଦ୍ରଙ୍କ ପ୍ରତିଭା ବିକାଶ ନିମିତ୍ତ ଏହାର ଭୂମିକା ମଧ୍ୟ କମ୍ ନୁହେ । ପ୍ରତିଭା ପୂର୍ବଜନ୍ମର ଅଧୀତ-ବିଦ୍ୟାସମୂହର ବାସନା ସଂସ୍କାର ହୋଇପାରେ କିମ୍ବା ଈଶ୍ୱରଦତ୍ତ ହୋଇପାରେ । ଏ ଜନ୍ମରେ ଏହି ଉପ୍ତ ବୀଜଟିର ପୁଷ୍ପିତ ରୂପ, କିନ୍ତୁ, ସର୍ବତନ୍ତ୍ର ସ୍ୱତନ୍ତ୍ର ଏବଂ ନିରପେକ୍ଷ । ତଥାପି ଅଙ୍କୁରୋଦ୍‌ଗମ ଠାରୁ କଳିକାୟନ ପର୍ଯ୍ୟନ୍ତ ମଧ୍ୟବର୍ତ୍ତୀ ପ୍ରକ୍ରିୟା ନିଶ୍ଚିତ ଭାବେ ପରିବେଶ-ସାପେକ୍ଷ । ଉପେନ୍ଦ୍ର କୈଶୋର ଓ ଆଦ୍ୟ ଯୌବନରେ ଧନଞ୍ଜୟଙ୍କ ପଣ୍ଡିତ ପରିଷଦ ପରି ପରିବେଶଟିଏ ପାଇ ନଥିଲେ ବିଭିନ୍ନ ଶାସ୍ତ୍ରରେ ଏପରି ଧୂରିଣତା ଅର୍ଜ୍ଜନ କରିବା ତାଙ୍କ ପକ୍ଷରେ ହୁଏତ ସମ୍ଭବ ହୋଇ ନଥାନ୍ତା । ବର୍ତ୍ତମାନ ଧନଞ୍ଜୟଙ୍କ ରାଜପରିଷଦର ସ୍ୱରୂପ କିମ୍ବା ସେଥିରେ ଥିବା ଶାସ୍ତ୍ରଜ୍ଞ ପଣ୍ଡିତମାନଙ୍କ ବିଦ୍‌ବତ୍ତା ସଂପର୍କରେ ଆମ ନିକଟରେ କୌଣସି ପ୍ରମାଣିକ ତଥ୍ୟ ନାହିଁ । ତଥାପି ତତ୍‌କାଳୀନ ରାଜସଭା, ବିଶେଷତଃ ଯେଉଁ ରାଜାମାନେ ନିଜେ କାବ୍ୟକର୍ତ୍ତା ବା ସାରସ୍ୱତ ପୃଷ୍ଠପୋଷକ ଥିଲେ ସେମାନଙ୍କ ରାଜସଭା, ବିଭିନ୍ନ ଶାସ୍ତ୍ରକୁଶଳୀ କବି-ପଣ୍ଡିତଙ୍କ ଦ୍ୱାରା ବିମଣ୍ଡିତ ଥିବା ପ୍ରମାଣର ଅଭାବ ନାହିଁ । ଅବଶ୍ୟ

Digitized by srujanika@gmail.com

ସମସ୍ତେ ଥିଲେ ସଂସ୍କୃତଜ୍ଞ ପଣ୍ଡିତ । ସଂସ୍କୃତ ଭାଷାର ପ୍ରଚାର ଓ ପ୍ରସାର ଶିଥିଳ ହୋଇ ଆସୁଥିବା ବେଳେ ଦେବଭାଷାର ପ୍ରାବିଣ୍ୟ ଏମାନଙ୍କ ମନରେ ଅହମିକା ଜାଗ୍ରତ କରିବା ସ୍ୱାଭାବିକ । ତଥାପି ରାଜାମାନଙ୍କର ଦେଶୀୟ ଭାଷା-ପ୍ରୀତି ଏମାନଙ୍କ ଏହି ଏକକ ସ୍ୱାଭିମାନକୁ କିଛି ପରିମାଣରେ ଦୂରେଇ ଦେଇଥିଲା । ଏମାନେ ମାତୃଭାଷାର ସାହିତ୍ୟକୁ ସ୍ୱୀକୃତି ଦେବାପାଇଁ ବାଧ୍ୟ ହୋଇଥିଲେ ସୁଦ୍ଧା ତାକୁ ସଂସ୍କୃତାନୁଗ କରିବା ପାଇଁ ପ୍ରୟାସ କରୁଥିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ଏ ପ୍ରୟାସର ସାର୍ଥକ ପରିଣତି ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ କବିତା ମଧ୍ୟରେ ସ୍ପଷ୍ଟ ଦେଖିବାକୁ ମିଳେ ।

ଆମ ପୂର୍ବ ଆଲୋଚନାରେ ଉପେନ୍ଦ୍ରଙ୍କ ନୈଷଧୀୟ-ପ୍ରବଣତା ସଂପର୍କରେ ସୂଚନା ଦିଆଯାଇଛି । ରାଜସଭାରେ ଥିବା ତେଲୁଗୁ ଭାଷାଭାଷୀ ସଂସ୍କୃତ ବିଦ୍‌ବାନ୍‌ମାନେ (ଦକ୍ଷିଣ ଓଡ଼ିଶାର ବିଭିନ୍ନ ରାଜସଭାରେ ଏପରି ବିଦ୍‌ବାନମାନଙ୍କର ଅଭାବ ନଥିଲା) ମଧ୍ୟ ଏ ଦିଗରେ ଉପେନ୍ଦ୍ରଙ୍କ ମାନସିକତାକୁ ଯଥେଷ୍ଟ ପ୍ରଭାବିତ କରିଥିବା ସମ୍ଭାବନା ଅମୂଳକ ନୁହେ । ନିଜକୁ ''ସକଳ ବିଦ୍ୟାନାଥ'' ରୂପେ ପରିଚିତ କରାଇଥିବା ତେଲୁଗୁ ଭାଷାର ପ୍ରଖ୍ୟାତଯଶା କବି ଶ୍ରୀନାଥଙ୍କ (୧୩୬୦-୧୪୫୦) 'ଶୃଙ୍ଗାର ନୈଷଧମ୍' ଏକ ସର୍ବମାନ୍ୟ ତଥା ଅନତିକ୍ରମଣୀୟ କାବ୍ୟରୂପେ ବିବେଚିତ ହେଉଥିଲା । ତେଲୁଗୁ ପଣ୍ଡିତମାନଙ୍କର ସାହଚର୍ଯ୍ୟରୁ ଏ ଭାଷା ସଂପର୍କରେ ଯତ୍‌କିଂଚିତ୍ ଜ୍ଞାନ ଆହରଣ କରିଥିବା (ଚିତ୍ରକାବ୍ୟ-ବନ୍ଧୋଦୟରେ ଏହାର ସୂଚନା ଅନୁସନ୍ଧେୟ) କବି ଚିତ୍ତରେ ଏପରି କାବ୍ୟନିର୍ମାଣ କରିବା ଭାବନା ଅଙ୍କୁରିତ ହୋଇଥିବା ଏକାନ୍ତ ବିଶ୍ୱାସଯୋଗ୍ୟ । ନୈଷଧୀୟ ଚରିତମ୍ ସହଜେ ଏକ ଶୃଙ୍ଗାର ରସାତ୍ମକ କାବ୍ୟ । ଶ୍ରୀନାଥ ଏହି ରସର ଅଧିକ ଉଜ୍ଜଳତର ପରିବେଷଣ ପରିପାଟୀ ଦିଗରେ ନିଜର କୃତିତ୍ୱ ପ୍ରଦର୍ଶନ କରିଛନ୍ତି ।

ଅନୁରୂପ ଭାବେ ଧନଞ୍ଜୟଙ୍କ ଉପସ୍ଥିତିରେ ପ୍ରତ୍ୟହ ସଭାସ୍ଥିତ ପଣ୍ଡିତମାନଙ୍କ ମଧ୍ୟରେ ଯେଉଁ ଶାସ୍ତ୍ରାର୍ଥଚର୍ଚ୍ଚା ହେଉଥିଲା, ଉତ୍ତର କୈଶୋର କିମ୍ବା ଆଦ୍ୟ ଯୌବନରୁ ଉପେନ୍ଦ୍ର ଥିଲେ ତା'ର ପ୍ରତ୍ୟକ୍ଷଦ୍ରଷ୍ଟା ତଥା ବିଦଗ୍ଧ ଶ୍ରୋତା । ବିଭିନ୍ନ ଶାସ୍ତ୍ରରେ ଜ୍ଞାନ ଆହରଣ କରିବାର ଅବଦମିତ ପ୍ରବୃତ୍ତି ଏହି ପରିବେଶ ହିଁ ତାଙ୍କୁ ଯୋଗାଇ ଦେଇଥିଲା । ଏହି ପଣ୍ଡିତମାନେ ବିଭିନ୍ନ କାବ୍ୟରୁ ନିର୍ବାଚିତ ଏବଂ ସୁପ୍ରଚଳିତ ରସାଳ - ବ୍ୟଞ୍ଜନାଧର୍ମୀ, ଅଦ୍‌ଭୁତ କଳ୍ପନାସୁନ୍ଦର କିମ୍ବା କୂଟ ଶ୍ଳୋକାବଳୀର ଅର୍ଥ ଅର୍ଥାନ୍ତର

Digitized by srujanika@gmail.com

କରି ନିଜ ନିଜର କୃତିତ୍ୱ ପ୍ରଦର୍ଶନ କରୁଥିଲେ । ଏହି ଶ୍ଳୋକଗୁଡ଼ିକ କାବ୍ୟ ରଚନା ଦିଗରେ ପ୍ରଥମ ଉଦ୍ୟମ କରୁଥିବା ଉପେନ୍ଦ୍ରଙ୍କୁ କିପରି ପ୍ରଭାବିତ କରିପାରିଥିଲା ତା'ର କେତୋଟି ଦୃଷ୍ଟାନ୍ତ ଚିତ୍ରଲେଖା କାବ୍ୟରୁ ଉଦ୍ଧାର କରାଯାଇପାରେ । ସଂସ୍କୃତରେ ଗୋଟିଏ ଶ୍ଳୋକ ଅଛି -

"ଉଦୟତି ଯଦି ଭାନୁଃ ପଶ୍ଚିମେ ଦିଗ୍‌ବିଭାଗେ
ପ୍ରଚଳତି ଯଦି ମେରୁଃ ଶୀତତାଂ ଯାତି ବହ୍ନିଃ
ବିକଶତି ଯଦି ପଦ୍ମଂ ପର୍ବତାଗ୍ରେ ଶିଳାୟାଂ
ନଭବତି ପୁନରୁକ୍ତଂ ଭାଷିତଂ ସଜ୍ଜନାନାମ୍ ।"

ଉଦ୍ଧୃତ ଶ୍ଳୋକଟିର ଅନୁରୂପ ପଦବିନ୍ୟାସ ଉପେନ୍ଦ୍ରଙ୍କ 'ଚିତ୍ରଲେଖା'ରେ କିଭଳି ବିଧୃତ ହୋଇଛି, ଲକ୍ଷ୍ୟ କରନ୍ତୁ -

ତଥ୍ୟବାଣୀ ମୋର ଏବେ ଶୁଣସି ହୋ ହଂସ
ପଶ୍ଚିମ ଦିଗରେ ଯେବେ ଉଦେ ହେବେ ହଂସ
ମହାମହୀଧରେ ଯେବେ ଫୁଟିବ ନଳିନ
ନର କରେ ଧରି ହେବ କୁରଙ୍ଗଲାଞ୍ଛନ । ୫ ।
ଗୋମାୟୁ ଜିଣିମ ଯେବେ କୁଞ୍ଜର ସଦନ
ଗିରିବର ଟାଳି ଯେବେ ହେବ ସୂଚିମୂନ
ତେ(ବେ)ହେଂ ଆନ ପୁରୁଷେ ନବଳିବ ମନ
ଗତି ପ୍ରଭାବତୀପୁର ରାଜନ ନନ୍ଦନ ।୬ ।

ପୁନଶ୍ଚ ମହାକବି କାଳିଦାସଙ୍କ ନାମରେ ପ୍ରଚଳିତ ଏକ ସୁବିଦିତ ଶ୍ଳୋକପଂକ୍ତି ହେଉଛି -

ବାହୁ ଦ୍ୱୈତ ମୃଣାଳମାସ୍ୟକମଳଂ ଲାବଣ୍ୟଲୀଳା ଜଳଂ
ଶ୍ରୋଣୀ ତୀର୍ଥଶିଳାଚ ନେତ୍ର ଶଫରୀ ଧମ୍ମିଲ୍ଲଶୈବାଳକମ୍
କାନ୍ତାୟାଃ ସ୍ତନଚକ୍ରବାକଯୁଗଳଂ କନ୍ଦର୍ପବାଣାନଳୈ
ର୍ଦଗ୍ଧାନାମବଗାହନାୟ ବିଧିନା ରମ୍ୟଂ ସରୋ ନିର୍ମିତମ୍ ।

ଏହାର ପ୍ରଭାବ ପରବର୍ତ୍ତୀ କାବ୍ୟ ଗୁଡ଼ିକରେ ସ୍ପଷ୍ଟ ପରିଦୃଷ୍ଟ ହେଲେ ସୁଦ୍ଧା, ଏଠାରେ ତା'ର ସୂଚନା ଦେଖନ୍ତୁ

କଳାସଲିଳ । କେଳି ବାଳୀଆଳି ଘେନିଣ
ମୁଖ ସରସିଜ ମୃଣାଳ ତା ଭୁଜ ପରାଏ ପାଇଲା ଶୋଭନ ।୪/୧୭ ।

Digitized by srujanika@gmail.com

ସେହିପରି ନାୟିକାର ସ୍ତନ ସହିତ ଦଶାବତାର ସାମ୍ୟ ଗୋଟିଏ ସଂସ୍କୃତ ଶ୍ଳୋକରେ ଏପରି ବର୍ଣ୍ଣନା କରାଯାଇଛି -

ଲୀଳାରୋହିତ ମୂର୍ତ୍ତିରାହିତରମଃ କ୍ରୋଡ଼ାସ୍ୱଦୀ କେଶର
ସ୍ରଗ୍‌ଭୂଷା ରୁଚିରସ୍ତିରସ୍କୃତବଳିବାହୁଦ୍‌ଭବାମର୍ଦ୍ଦନଃ ।
କୌଶଲ୍ୟାହିତମୁଦ୍ ପ୍ରଲମ୍ବ ବିଜୟୀ ସମ୍ଭାରଜିଦ୍ ପ୍ରାନ୍ତତଃ
କଳ୍କୀ ବିଷ୍ଣୁଦଶାବତାର ତୁଳନାଂ ଧତ୍ତେ ତରୁଣ୍ୟାଃ ସ୍ତନଃ ।

ଉପେନ୍ଦ୍ର ଏହାର ଅନୁସରଣରେ ଚିତ୍ରଲେଖାର ସ୍ତନ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି -

ଲୀଳାରୋହିତ ଶରୀର ଅତିହିଂ କଠିନ
ରସାଳିଙ୍ଗିତ ଅଟଇ କେଶର ଭୂଷଣ ।
ବଳିକି ଯେ ତିରସ୍କାର କରତା ଅଟଇ
ଭୂଭୃତମାନଙ୍କ ମହା ଗୁରୁତ୍ୱ ନାଶଇ ।
କଉଶଲ୍ୟାହିତ ମୁଦ ପ୍ରଲମ୍ବ ବିଜୟୀ
ସଂସାର ଜିଣନ୍ତା ପ୍ରାନ୍ତେ କଳଂକୀ ଅଟଇ । ୩/୨୨-୨୪

ସଂସ୍କୃତ ପଣ୍ଡିତମାନେ ଯେ ଏପରି ଚମତ୍କାରିତା ପୂର୍ଣ୍ଣ ଶ୍ଳୋକ ସମୂହର ଚର୍ଚ୍ଚାକରି ପାଣ୍ଡିତ୍ୟ ପ୍ରଦର୍ଶନ ଓ ରାଜାଙ୍କ ମନୋରଞ୍ଜନ କରୁଥିଲେ ତା'ନୁହେଁ, ନିଜେ ଏପରି କିଛି କୂଟ ଶ୍ଳୋକ ରଚନାକରି ସ୍ୱକୀୟ ବିଶେଷତ୍ୱ ପ୍ରତିପାଦନ ପାଇଁ ଚେଷ୍ଟା ମଧ କରୁଥିଲେ । ଏପ୍ରକାର ଶ୍ଳୋକଗୁଡ଼ିକ ମୁଖ୍ୟତଃ ଥିଲା ରାଜପ୍ରଶସ୍ତି, ରାଜାଶୀର୍ବାଦ, ଦେବସ୍ତୁତି ମୂଳକ । ଏଥିପାଇଁ ସେମାନେ ବିଶେଷ ଭାବେ ବ୍ୟାଜୋକ୍ତି ବା ଛଳ , ଶ୍ଳେଷ ଓ ବିରୋଧାଭାସ ଅଳଂକାରକୁ ପୁଞ୍ଜି ଭାବେ ଗ୍ରହଣ କରୁଥିଲେ । ଜଣେ ଉତ୍କଳୀୟ ପଣ୍ଡିତଙ୍କ ଗୋଟିଏ ଆଶୀର୍ବଚନ ଶୁଣନ୍ତୁ -

କାଳିଆ ବଳଦୋ ରାଜନ୍ ! କସରା ବଳଦସ୍ତବ
ଶ୍ରୀୟଂ ଦଦାତୁ କୁକରଃ ବିରାଡ଼ିଗୋଡ଼ ଧାରକଃ ।

ଉପେନ୍ଦ୍ରଙ୍କ

କୁମାର ବୋଲେ ଜନକ ନୋହିଲେ
କୁଜାଭାଇ ଘେନି ବନକୁ ଗଲେ ।
କରି ସଦୟ ବିଞ୍ଚି ସମୁଦୟ
କର ଏ ଗୀତ ଜଗତେ ଉଦୟ ।

Digitized by srujanika@gmail.com

ଏହାର ଅନୁରୂପ ନୁହେ କି ! ପରିବେଶର ଏ ପ୍ରଭାବ ଫଳରେ 'ଚିତ୍ରଲେଖା' କାବ୍ୟର ବିଭିନ୍ନ ସ୍ଥଳରେ ଆମେ ଛଳ, ଶ୍ଳେଷ ଓ ବିରୋଧାଭାସର ବହୁ ନିଦର୍ଶନ ଦେଖିବାକୁ ପାଇଥାଉ । ପଦ-ପାଦଗତ ସୌନ୍ଦର୍ଯ୍ୟ ସୃଷ୍ଟି ମାଧ୍ୟମରେ କାବ୍ୟକୁ ଚମତ୍କାର ପ୍ରଧାନ କରିବାର ପ୍ରବୃତ୍ତି ଉପେନ୍ଦ୍ରଙ୍କ ତରୁଣ କବିଚିତ୍ତରେ ପ୍ରଥମେ ଜାଗ୍ରତ ହୋଇଥିଲା । ଏହାର ସୁଦୂରପ୍ରସାରୀ ପ୍ରଭାବ କେବଳ ଭଞ୍ଜ-ସାହିତ୍ୟ ନୁହେ, ପରବର୍ତ୍ତୀ ସମଗ୍ର ମଧ୍ୟଯୁଗୀୟ ରଚନାକୁ ନିୟନ୍ତ୍ରଣ କରିଥିବା ଏକାନ୍ତ ଉଲ୍ଲେଖନୀୟ ।

ପୁରାଣ, ପୂର୍ବବର୍ତ୍ତୀ ଓଡ଼ିଆ ଓ ସଂସ୍କୃତ କାବ୍ୟ ଏବଂ ଘୁମୁସରର ରାଜସଭାର ସାରସ୍ୱତ ପରିବେଶ ମଧ୍ୟରୁ ଉପେନ୍ଦ୍ର ଯେଉଁକାବ୍ୟ ଧାରଣା ଆହରଣ କରିଥିଲେ ତାହା ଚିତ୍ରଲେଖା କାବ୍ୟର କଥାବସ୍ତୁ ପରିକଳ୍ପନା ଏବଂ ସେହି କଥାବସ୍ତୁର ବିନ୍ୟାସ ଓ ରୂପାୟନ କୌଶଳକୁ କିପରି ନିୟନ୍ତ୍ରଣ କରିଥିଲା ବର୍ତ୍ତମାନ ସେସବୁର ବିଶ୍ଳେଷଣ କରାଯାଉଛି ।

ଚିତ୍ରଲେଖା ଏକ କାଳ୍ପନିକ କାବ୍ୟ । ଉପେନ୍ଦ୍ରଙ୍କ ପୂର୍ବରୁ 'ରାମବିଭା', 'ଉଷାଭିଳାଷ', 'ଗୋପୀଚନ୍ଦନ', 'ରୁକ୍ମିଣୀ ବିଭା', 'ମଦାଳସା' ପରି କେତୋଟି ପୌରାଣିକ କାବ୍ୟକୁ ବାଦ୍‌ଦେଲେ ଓଡ଼ିଆ କବିମାନେ କଳ୍ପିତ କଥାବସ୍ତୁ ଉପରେ ଆଧାରକରି କାବ୍ୟରଚନା ପାଇଁ ଅଧିକ ପ୍ରବଣତା ପ୍ରଦର୍ଶନ କରିଥିବା ଜଣାଯାଏ । 'କଳ୍ପଲତା' ଠାରୁ ଆରମ୍ଭକରି ଲୀଳାବତୀ, ସର୍ବାଙ୍ଗ ସୁନ୍ଦରୀ, କିମ୍ବା ମଦନମଞ୍ଜରୀ ପର୍ଯ୍ୟନ୍ତ ବହୁ କାଳ୍ପନିକ କାବ୍ୟ ଏହି ସମୟ ମଧ୍ୟରେ ସୃଷ୍ଟିଲାଭ କରିଛି; କାବ୍ୟକାରମାନେ କାବ୍ୟକୁ କଥାବସ୍ତୁ - ଚମତ୍କାର କରିବା ନିମିତ୍ତ ପ୍ରୟାସ କରୁଥିବା ଏ ସମୟର ଏକ ଉଲ୍ଲେଖନୀୟ ବିଶେଷତ୍ୱ । ଏହି କବିମାନେ ପୌରାଣିକ ଚରିତ୍ର କିମ୍ବା ଉପାଖ୍ୟାନକୁ ନେଇ ଯଦିଓ ମୀଥ୍ ସୃଷ୍ଟି କରିନାହାନ୍ତି, ତଥାପି ବିଭିନ୍ନ ମୋଟିଫ୍ ଆହରଣକରି ଏକ ସରଳ କଥାବସ୍ତୁକୁ ବିଚିତ୍ରରୂପ ଦେବାପାଇଁ ସମର୍ଥ ହୋଇଛନ୍ତି । ଓଡ଼ିଆ କବିମାନଙ୍କର ନୂତନ କଥାବସ୍ତୁ ଉଦ୍‌ଭାବନ କୌଶଳ ଏବଂ ସଂସ୍କୃତ କବିମାନଙ୍କ ପୁରାଣାଶ୍ରିତ କଥାବସ୍ତୁର ନବୀକରଣ ପ୍ରୟାସ - ଏ ଉଭୟର ସମନ୍ୱୟରେ ଉପେନ୍ଦ୍ରଭଞ୍ଜ ନିଜର ପ୍ରଥମ କାଳ୍ପନିକ କାବ୍ୟପାଇଁ କଥାବସ୍ତୁଟିଏ ପରିକଳ୍ପନା କରିଛନ୍ତି । ଏ ଦିଗରେ ମନେହୁଏ ଶିଶୁ ଶଙ୍କରଙ୍କ ଉଷାଭିଳାଷ ହିଁ ତାଙ୍କର ଆଦର୍ଶ ।

ଶିଶୁଶଙ୍କରଙ୍କ ଉଷାଭିଳାଷ କାଳ୍ପନିକ ନୁହେଁ, ଏକ ପୌରାଣିକ କାବ୍ୟ । କିନ୍ତୁ ବାଣାସୁରର ପୌରାଣିକ ରୂପଟିକୁ କାବ୍ୟ ମଧ୍ୟରୁ ଦୂରେଇଦେଲେ ଏହାକୁ ଏକ କାଳ୍ପନିକ କାବ୍ୟ ଭାବରେ ଗ୍ରହଣ କରିବାରେ କିଛି ଅସୁବିଧା ହେବନାହିଁ । ଆରମ୍ଭ ଓ ପରିସମାପ୍ତି ବ୍ୟତୀତ ଉଷାଭିଳାଷର ବିଷୟ ଚମତ୍କାରିତା କବିସମାଜର

Digitized by srujanika@gmail.com

ନୈଷଧାନୁରାଗୀ ଉପେନ୍ଦ୍ରଙ୍କୁ ଏହାର ଅନୁସରଣ ପାଇଁ ଉତ୍ସାହିତ କରିଛି । ପରବର୍ତ୍ତୀ କାବ୍ୟମାନଙ୍କରେ ବିଶେଷତଃ ଲାବଣ୍ୟବତୀ କାବ୍ୟରେ ଉଷାଭିଳାଷର ପଦଗତ ପ୍ରଭାବ ସୁସ୍ପଷ୍ଟ । ନାୟକ-ନାୟିକା ଏବଂ ଦୂତ କିମ୍ବା ଦୂତୀ ରୂପକ ଏକ ସଂଯୋଜକ ଚରିତ୍ରକୁ ନେଇ କାବ୍ୟ କଥାବସ୍ତୁ ପରିକଳ୍ପନାର ଯେଉଁ ଆଦର୍ଶ ଶିଶୁଶଙ୍କର ପ୍ରତିଷ୍ଠା କରିଥିଲେ, ନୈଷଧୀୟ ଚରିତମ୍‌ର ବିଷୟ ପରିକଳ୍ପନା ସହିତ ତାର ସାମ୍ୟ ମଧ କମ୍ ନୁହେ । ଉଷାଭିଳାଷର ସଂଯୋଜକ ଚରିତ୍ର ସଖୀ ଚିତ୍ରଲେଖା ହେଲାବେଳେ ଶ୍ରୀହର୍ଷଙ୍କ ସଂଯୋଜକ ଚରିତ୍ର ଏକ ମାନବେତର ପ୍ରାଣୀ-ହଂସ । ଉପେନ୍ଦ୍ର ମନ୍ତ୍ରୀ କୁମାରୀ ଚିତ୍ରଲେଖାକୁ ସ୍ୱ କାବ୍ୟର ନାୟିକା ରୂପେ ଗ୍ରହଣ କଲାବେଳେ ହଂସକୁ କେବଳ ଦୂତ ନୁହେ ବାହନ ରୂପରେ ମଧ ଚିତ୍ରଣ କରିଛନ୍ତି । କାବ୍ୟରଚନା କ୍ଷେତ୍ରରେ ଆତ୍ମବିଶ୍ୱାସ ସୃଷ୍ଟି ହେବାପରେ ଯେଉଁ କବି ପୂର୍ବବର୍ତ୍ତୀ କାଳ୍ପନିକ କାବ୍ୟର ନାୟିକାମାନଙ୍କୁ ସ୍ୱୀୟ କାବ୍ୟନାୟିକା ଲାବଣ୍ୟବତୀର ସଖୀଭାବେ କଳ୍ପନା କରିଛନ୍ତି, ସେ ଅନ୍ୟ କାବ୍ୟର ସଖୀର ନାମକୁ ଆଲୋଚ୍ୟ କାବ୍ୟର ନାୟିକା ପାଇଁ ନିର୍ବାଚନ କରିବା ଅବଶ୍ୟ ଉଲ୍ଲେଖଯୋଗ୍ୟ । ହୋଇପାରେ ଏହା ପ୍ରାଥମିକ କାବ୍ୟରେ ଅନୁସରଣର ସ୍ୱାଭାବିକ ସ୍ୱରୂପ ।

ପୁରାଣର ଛାୟା ଓ କଳ୍ପନାର ମାଧୁରୀକୁ ଅବଲମ୍ବନ କରି ଉପେନ୍ଦ୍ର ଯେଉଁ କଥାବସ୍ତୁଟି ନିର୍ମାଣ କରିଛନ୍ତି, ତାର କାବ୍ୟିକ-ବିନ୍ୟାସ ବେଳେ ସେ ଏ ଉଭୟ ଅପେକ୍ଷା ସମକାଳୀନ କାବ୍ୟ ଧାରଣାକୁ ହିଁ ବିଶେଷ ଭାବେ ଆଦରି ନେଇଥିବା ଉପଲବ୍ଧି କରିହୁଏ । ପୂର୍ବ କାବ୍ୟ ଗୁଡ଼ିକର ବୃତ୍ତୀୟ ବା ଦୀର୍ଘ ବୃତ୍ତୀୟ ଶୈଳୀ ପରିବର୍ତ୍ତେ ସେ ବିଷୟ-ବିନ୍ୟାସର ସହଜ ସରଳରୈଖିକ କୌଶଳଟି ଗ୍ରହଣ କରି ନେବାରେ ଅଧିକ ଆଗ୍ରହୀ । ଏଥିପାଇଁ 'ଚିତ୍ରଲେଖା' କାବ୍ୟରେ କଥାବସ୍ତୁର ଉପସ୍ଥାପନା ଅପେକ୍ଷା ବର୍ଣ୍ଣନାପାଇଁ ଅଧିକ ଛାନ୍ଦ ଓ ପଦ ବିନିଯୁକ୍ତ ହୋଇଅଛି । କଥାବସ୍ତୁକୁ କ୍ଷୀଣ ଅବଲମ୍ବନ ମାତ୍ର ରୂପେ ଗ୍ରହଣ କରି ବର୍ଣ୍ଣାଢ୍ୟ ବର୍ଣ୍ଣନାର ସହାୟତାରେ କାବ୍ୟ-କଳେବରକୁ ଚମତ୍କୃତି ସଂପନ୍ନ କରିପାରିଲେ କବିତ୍ୱ ସାର୍ଥକ ହୁଏ ବୋଲି ଯେଉଁ ଧାରଣା ପ୍ରଥମ କାବ୍ୟ ରଚନା ବେଳେ କବି ଚିତ୍ତରେ ଜାଗ୍ରତ ହୋଇଥିଲା, ତାହା ତାଙ୍କର ସମଗ୍ର ସୃଷ୍ଟି ମଧରେ ଅନୁସନ୍ଧାନ କରିବା କଷ୍ଟସାଧ ନୁହେ । ନାୟକକୁ ଗୌଣ କରି ନାୟିକାର ଜନ୍ମ-ଶୈଶବ-ଯୌବନ-ଭାବୋଦୟ-ନାୟକପ୍ରାପ୍ତି-ବିବାହ-ବିଚ୍ଛେଦ-ପୁନର୍ମିଳନର ବିବିଧ ବିଚିତ୍ର ରୂପାୟନ କୌଶଳ ମାଧମରେ କାବ୍ୟ-କଥାବସ୍ତୁକୁ ସରଳରୈଖିକ ରୀତିରେ ଗତିଶୀଳ କରାଇବା ଉପେନ୍ଦ୍ର-କାବ୍ୟକୌଶଳର ଅନ୍ୟତମ ବିଶେଷତ୍ୱ; ଏହା ହିଁ ତ ଉପେନ୍ଦ୍ରାନୁସାରୀ

Digitized by srujanika@gmail.com

ଆଦର୍ଶ । କିନ୍ତୁ କଥା-ଗ୍ରଥନର ଏକ ସଂହତ ଓ ସନ୍ନଦ୍ଧ ରୂପ ଯେପରି ପରବର୍ତ୍ତୀ ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ବୈଦେହୀଶ ବିଳାସ, ସୁଭଦ୍ରା ପରିଣୟ, ଏପରିକି ରସଲେଖା କାବ୍ୟରେ ରୂପାୟିତ, 'ଚିତ୍ରଲେଖା' କାବ୍ୟରେ ତାହା ଅତ୍ୟନ୍ତ ଶିଥିଳ । ଏହାର କେତୋଟି ଛାନ୍ଦ କାବ୍ୟର ସାମଗ୍ରିକ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଅନାବଶ୍ୟକ ମନେହୁଏ ; କାବ୍ୟକୁ ଦୀର୍ଘାୟିତ କରିବାର ଲକ୍ଷ୍ୟପୂର୍ତ୍ତିପାଇଁ କଥାବସ୍ତୁକୁ ବିନିଯୋଗ କରିନପାରି କବି ଯେପରି ବର୍ଣ୍ଣନାର ଆଶ୍ରୟ ନେଇଛନ୍ତି । କାବ୍ୟଟିକୁ ଚଉଦ/ପନ୍ଦର ଛାନ୍ଦରେ ରଚନା କରିଥିଲେ, ଏହାର କାବ୍ୟିକ ମୂଲ୍ୟ ଅଧିକ ବୃଦ୍ଧି ପାଇଥାଆନ୍ତା ।

ବର୍ତ୍ତମାନ କାବ୍ୟ-କଥାବସ୍ତୁର ରୂପାୟନରେ ଉପେନ୍ଦ୍ରଙ୍କ ମାନସିକତା ଲକ୍ଷ୍ୟ କରନ୍ତୁ । ଶ୍ରୀହର୍ଷ ପ୍ରତିସ୍ପର୍ଦ୍ଧୀ ଉପେନ୍ଦ୍ରଙ୍କ କବି-ଚିତ୍ତରେ ଯୌବନର ଉନ୍ମାଦନାରୁ ହେଉ କିମ୍ବା ସମସାମୟିକ କାବ୍ୟ ଅନୁଶୀଳନ ବା ପ୍ରଚଳିତ କାବ୍ୟ ପରଂପରାରୁ ହେଉ ଶୃଙ୍ଗାର ରସ ଯେ କାବ୍ୟର ଅଙ୍ଗୀରସ ହେବାପାଇଁ ଏକମାତ୍ର ଉପଯୁକ୍ତ ରସ- ଏପରି ଏକ ଧାରଣା ସୃଷ୍ଟି ହୋଇଥିଲା । ଫଳରେ ସେ ଏହି ରସର ବିଭାବ-ଅନୁଭାବ-ସଂଚାରୀ ଭାବ ସମୂହକୁ ଅଳଂକାରଶାସ୍ତ୍ର ନିର୍ଦ୍ଦିଷ୍ଟ ମାର୍ଗରେ ଉପସ୍ଥାପନ କରିବା ନିମିତ୍ତ ଯଥାସାଧ୍ୟ ପ୍ରୟାସ କରିଛନ୍ତି । ବିପ୍ରଲମ୍ଭ ଶୃଙ୍ଗାର ପାଇଁ କଥାବସ୍ତୁରେ ଅବକାଶ ନଥିଲେ ସୁଦ୍ଧା ପ୍ରଣୟ-ମାନ, ଚାଟୁ, ସ୍ୱପ୍ନବିଚ୍ଛେଦ, ପ୍ରଣୟ-ଚିଟାଉ ପ୍ରଭୃତିପାଇଁ ସେ ଅବସର ସୃଷ୍ଟି କରିଛନ୍ତି; ଗୁପ୍ତାଙ୍ଗ ଠାରୁ ଗୋପନୀୟ କେଳି-ବିଳାସ ପର୍ଯ୍ୟନ୍ତ ସମସ୍ତ ଶୃଙ୍ଗାରୋଚିତ ଉପାଦାନର ସାଙ୍ଗୋପାଙ୍ଗ ବର୍ଣ୍ଣନା କରିଛନ୍ତି । ଏ କ୍ଷେତ୍ରରେ କବିଙ୍କ ଅନୁଭୂତି ଅପେକ୍ଷା ଶାସ୍ତ୍ରୀୟତା ହିଁ ଶୃଙ୍ଗାର ରସ ପରି କାବ୍ୟକୁ ଅଳଂକୃତ କରିବାର ମୋହ ମଧ୍ୟ ଯୁବକକବି ଉପେନ୍ଦ୍ରଙ୍କ ଚିତ୍ତବୃତ୍ତିରେ ଥିଲା ସତତ ଜାଗ୍ରତ । 'ଚିତ୍ରଲେଖା' କାବ୍ୟକୁ ରୂପଦେବା ବେଳେ ସେ ଯମକ, ଶ୍ଳେଷ, ବିରୋଧାଭାସ, ସିଂହାବଲୋକନ ପରି ଉପମା, ରୂପକ, ଉତ୍ପ୍ରେକ୍ଷା, ବ୍ୟତିରେକ ପ୍ରଭୃତି ସାଦୃଶ୍ୟମୂଳକ ଅଳଂକାର ପ୍ରୟୋଗ ପ୍ରତି ଅଧିକ ସଚେତନ ଥିବା ଲକ୍ଷ୍ୟ କରାଯାଏ । ଏ ଗୁଡ଼ିକ ଯେ କବିର ପ୍ରଯତ୍ନ-ସିଦ୍ଧ ସୃଷ୍ଟି, ଏହା ଯେ କୌଣସି ପାଠକ କାବ୍ୟ-ପାଠ ବେଳେ ଉପଲବ୍ଧି କରିପାରିବ । ନୈଷଧୀୟ ଚରିତମ୍ କିମ୍ବା କାଦମ୍ବରୀର ଶ୍ଳେଷ ଗର୍ଭିତ ପ୍ରକାଶଭଙ୍ଗୀ ଅନୁସରଣରେ ସେ ନିଜ କାବ୍ୟକୁ ଶ୍ଳେଷ-ସୁନ୍ଦର କରିବା ପାଇଁ ପ୍ରୟାସ କରିଛନ୍ତି । କିନ୍ତୁ ପ୍ରାଥମିକ କାବ୍ୟରେ ଏ ପ୍ରୟାସ ଯେ ସଂପୂର୍ଣ୍ଣ ସାର୍ଥକ ହୋଇଛି, କହିବା ସମ୍ଭବ ନୁହେ । କେତେକ ସ୍ଥଳରେ ଏହା ଯେପରି ଅସ୍ପଷ୍ଟ, ଅନ୍ୟ କେତେକ ସ୍ଥଳରେ ଏହା ସେହିପରି ଦୁରନ୍ୱୟ ଓ କ୍ଲିଷ୍ଟ । ତଥାପି କାବ୍ୟକୁ ଚମତ୍କୃତି

Digitized by srujanika@gmail.com

ପ୍ରଧାନ କରିବାରେ ଉପେନ୍ଦ୍ରଙ୍କ ଆଭିମୁଖ୍ୟ ଏଥିରୁ କଳ୍ପନା କରିବା ଦୁଃସାଧ ନୁହେ; ପରବର୍ତ୍ତୀ 'ବିଚିତ୍ର ମାର୍ଗ' ସିଦ୍ଧି ପାଇଁ ଏହା ସାଧନ ମାତ୍ର ।

ଅନୁରୂପ ଭାବେ 'ଚିତ୍ରଲେଖା' କାବ୍ୟରୁ ଉପେନ୍ଦ୍ରଙ୍କ କାବ୍ୟଶିଳ୍ପ-ରୂପାୟନର ଅନ୍ୟ ଏକ ବିଶେଷତ୍ୱ ମଧ୍ୟ ଅବଧାରିତ ହୋଇପାରେ । କାବ୍ୟ ରଚନାପାଇଁ ଲେଖନୀ ଚଳାଇବା ପୂର୍ବରୁ ଉପେନ୍ଦ୍ର ବହୁ ଗୀତିକାବ୍ୟ ରଚନା କରିଥିବା ଏକାନ୍ତ ବିଶ୍ୱାସ ଯୋଗ୍ୟ । କାବ୍ୟର ଶ୍ରୀ ସଂପାଦନ ପାଇଁ ସେ ଏଗୁଡ଼ିକର ବିନିଯୋଗ କରିଛନ୍ତି । 'ଚିତ୍ରଲେଖା'ର କେତୋଟି ଛାନ୍ଦର (୧୦ମ ଠାରୁ ୧୫ ପର୍ଯ୍ୟନ୍ତ) ପ୍ରଥମ ଓ ଶେଷର ସଂଯୋଜକ ପଦ ଗୁଡ଼ିକୁ ବାଦ୍ ଦେଲେ ସେଗୁଡ଼ିକ ଯେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଗୀତିକାବ୍ୟ, କହିବା ବାହୁଲ୍ୟ ମାତ୍ର । ପରବର୍ତ୍ତୀ ଭଂଜୀୟ କାବ୍ୟ କେବଳ ନୁହେ, ଉପେନ୍ଦ୍ରାନୁସାରୀ ଓଡ଼ିଆ କାବ୍ୟ ସମୂହରେ ଏ ପ୍ରକାର କାବ୍ୟ-କୌଶଳର ଦୃଷ୍ଟାନ୍ତ ବିରଳ ନୁହେ । ଏଥିପାଇଁ କବିସୂର୍ଯ୍ୟ ବଳଦେବ ରଥଙ୍କ 'ଚନ୍ଦ୍ରକଳା' କାବ୍ୟର କେତୋଟି ଛାନ୍ଦକୁ ଏ କାବ୍ୟର ଅଂଶ ବିଶେଷ ନୁହେ ବୋଲି କେହି କେହି ସନ୍ଦେହ ପ୍ରକାଶ କରିଥାଆନ୍ତି ।

ଏହିପରି ଭାବେ ବିଚାର କରି ବସିଲେ, ଉପେନ୍ଦ୍ର ଭଞ୍ଜ ଯେଉଁ ଚୈତ୍ତିକ-ଆଭିମୁଖ୍ୟକୁ ଆଧାର କରି କାବ୍ୟ ରଚନାରେ ପ୍ରବୃତ୍ତ ହୋଇଥିଲେ, ତାହା ପରବର୍ତ୍ତୀ କାଳରେ କେବଳ ତାଙ୍କରି କାବ୍ୟ-ସୃଷ୍ଟିକୁ ନୁହେ ସମଗ୍ର ଓଡ଼ିଆ କାବ୍ୟ ସାହିତ୍ୟକୁ କିପରି ଏକ ନିର୍ଦ୍ଦିଷ୍ଟ ମାର୍ଗରେ ପରିଚାଳନ କରିବାପାଇଁ ସମର୍ଥ ହୋଇପାରିଛି, ସେ ସଂପର୍କରେ ଏକ ଧାରଣା କରିହେବ ।

ସଂପାଦନା ସଂପର୍କରେ :

ଗୋଟିଏ ତାଳପତ୍ର ପୋଥିରୁ କୌଣସି କାବ୍ୟ ବା ରଚନାର ସଂପାଦନା କରିବା ନିଶ୍ଚିତ ଭାବେ ଏକ ଦୁରୂହ ବ୍ୟାପାର । ପୋଥିଟି ସଂପର୍କରେ ପୂର୍ବରୁ ସୂଚନା ଦିଆଯାଇଛି । ସଂପାଦନା ବେଳେ ପ୍ରକାଶିତ ପୁସ୍ତକଟିକୁ ସୁଖପାଠ୍ୟ କରିବା ପାଇଁ ଶ, ସ, ଷ; ଯ, ଜ ଓ ହ୍ରସ୍ୱ ଦୀର୍ଘ ବନାନ ଗୁଡ଼ିକୁ ସଜାଡ଼ି ନେବାପାଇଁ ପ୍ରୟାସ କରାଯାଉଛି । ଯେଉଁଠାରେ ପଦ ବା ପାଦ ଲେଖନକାରଙ୍କ ଦ୍ୱାରା ଭ୍ରମବଶତଃ ଛାଡ଼ି ଦିଆଯାଇଛି, ସେସବୁ ସ୍ଥଳରେ 'X X' ଚିହ୍ନ ଦିଆଯାଇ ତାକୁ ସୂଚିତ କରିଦିଆଯାଇଛି । ଯେଉଁଠାରେ ଗୋଟିଏ ବା ଦୁଇଟି ଅକ୍ଷର ଊହ୍ୟ ଅଛି, ସେଠାରେ ଆମେ ସଂଭାବ୍ୟ ଶବ୍ଦ ଦ୍ୱାରା ତାକୁ ପୂର୍ଣ୍ଣ କରିବା ପାଇଁ ଚେଷ୍ଟା କରିଛୁ ଏବଂ ଏ ପ୍ରକାର ଶବ୍ଦ ଗୁଡ଼ିକୁ ବନ୍ଧନୀ ମଧ୍ୟରେ ହିଁ ପ୍ରଦାନ କରିଛୁ । ଯେଉଁଠାରେ କୌଣସି ଶବ୍ଦର ଅର୍ଥବୋଧ ହେଉନାହିଁ କିମ୍ବା ଅକ୍ଷର ଗୁଡ଼ିକୁ ସଠିକ୍ ଭାବେ ପଢ଼ିବା ସମ୍ଭବ ହେଉନାହିଁ, ସେଠାରେ (?) ଚିହ୍ନଦ୍ୱାରା ସେ ସବୁକୁ ସୂଚିତ କରାଯାଇଛି ।

Digitized by srujanika@gmail.com

ପୁସ୍ତକଟିର ମୁଦ୍ରଣ ବେଳେ ସମସ୍ତ ସାବଧାନତା ସତ୍ତ୍ୱେ କେତେକ ମୁଦ୍ରଣଗତ ତ୍ରୁଟି ରହିଯାଇଛି । ଏଥିପାଇଁ ସୁଧୀ ପାଠକମାନଙ୍କୁ ଆମର ବିନୀତ ଅନୁରୋଧ ପୁସ୍ତକ ଶେଷରେ ଥିବା ଶୁଦ୍ଧିପତ୍ର ଅନୁଯାୟୀ ପୁସ୍ତକସ୍ଥିତ ପାଠକୁ ପ୍ରଥମେ ସଂଶୋଧନ କରି ଏହାକୁ ପାଠ କରିବେ ।

'ଚିତ୍ରଲେଖା' ପରି ଏକ ଦୁର୍ଲ୍ଲଭ ଗ୍ରନ୍ଥର ପାଣ୍ଡୁଲିପିଟି ଦ୍ୱିଧାହୀନ ଭାବେ ଯୋଗାଇ ଦେଇଥିବା ଯୋଗୁଁ ସାନଖେମଣ୍ଡି ରାଜବଂଶର ଉତ୍ତର ଦାୟାଦ ବଂଧୁ ଶ୍ରୀଯୁକ୍ତ ଉଦୟ ନାରାୟଣ ଦେଓଙ୍କ ନିକଟରେ ମୋର କୃତଜ୍ଞତା ପ୍ରକାଶ କରୁଛି । ମୋର ପ୍ରିୟ ଛାତ୍ର ଅଧ୍ୟାପକ ଡ଼. ସୀମାଞ୍ଚଳ ପ୍ରଧାନ ଏହାର କେତୋଟି ଛାନ୍ଦ ବିଶିଷ୍ଟ ଅନ୍ୟ ଏକ ଛାନ୍ଦ ତୋଳା ପୋଥି ସଂଗ୍ରହ କରିବାର କଷ୍ଟ ସ୍ୱୀକାର କରିଥିବା ଯୋଗୁଁ ତାଙ୍କର ଉତ୍ତରୋତ୍ତର ଅଭିବୃଦ୍ଧି କାମନା କରୁଛି । କାବ୍ୟଟିର ପାଣ୍ଡୁଲିପି ପ୍ରସ୍ତୁତିରେ ମୋର ଅନ୍ୟତମ ଛାତ୍ର ଫୁଲବାଣୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀଯୁକ୍ତ ରାଧାମୋହନ ମିଶ୍ର ସହାୟତା କରିଛନ୍ତି । ଏ ଅବସରରେ ତାଙ୍କୁ ଆଶୀର୍ବାଦ କରୁଛି । ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ଡ଼. କିଶୋର ଚନ୍ଦ୍ର ମିଶ୍ର ଏବଂ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼. କାଳୀଚରଣ ରଥ ଏହି କାବ୍ୟଟିର ଟୀକା ଓ ଶୁଦ୍ଧିପତ୍ର ପ୍ରସ୍ତୁତିରେ ମୋର ଯଥେଷ୍ଟ ସହାୟତା କରିଛନ୍ତି । ଏଣୁ ଏମାନଙ୍କ ନିକଟରେ ମୁଁ କୃତଜ୍ଞ । ବ୍ରହ୍ମପୁରସ୍ଥିତ କଳିଙ୍ଗ ସାହିତ୍ୟ ସମାଜର କର୍ମକର୍ତ୍ତା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ଼. ଦେବୀ ପ୍ରସନ୍ନ ପଟ୍ଟନାୟକ, ଖଲ୍ଲିକୋଟ ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀଯୁକ୍ତ ସିଦ୍ଧାର୍ଥ ଶଙ୍କର ପାଢ଼ୀ ଏବଂ ଶ୍ରୀଯୁକ୍ତ ଅଶୋକ ମିଶ୍ରଙ୍କ ସାଗ୍ରହ ବାଧବାଧକତା 'ଚିତ୍ରଲେଖା' କାବ୍ୟକୁ ଆଜି ମୁଦ୍ରିତ ରୂପ ଦେଇପାରିଛି । ଆଜିର ନବବର୍ଷରେ ମୁଁ ଏହି କଲ୍ୟାଣୀୟ ଛାତ୍ରମାନଙ୍କର ସମୁଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି । ସ୍ୱନାମଧନ୍ୟ ଚିତ୍ରଶିଳ୍ପୀ ଡ଼କ୍ଟର ଦୀନନାଥ ପାଠୀ ସ୍ୱତଃ ପ୍ରବୃତ୍ତ ଭାବେ ଏହାର ପ୍ରଚ୍ଛଦପଟଟି ପ୍ରସ୍ତୁତ କରି ପୁସ୍ତକଟିକୁ ସୁଦୃଶ୍ୟ କରିଛନ୍ତି । ମୁଁ ତାଙ୍କର ଋଣସ୍ୱୀକାର କରିବା ପାଇଁ ବାଧ । ଶେଷରେ ବ୍ରହ୍ମପୁର ରେଡ଼ିଏଣ୍ଟ ପ୍ରେସ୍‌ର ସ୍ୱତ୍ୱାଧିକାରୀ ଶ୍ରୀଯୁକ୍ତ ଦାମୋଦର ବେବର୍ତ୍ତାଙ୍କ ସହଯୋଗ ବିନା ଏହାର ମୁଦ୍ରଣ କାର୍ଯ୍ୟ ସୁଚାରୁ ରୂପେ ଶେଷ ହୋଇନଥାନ୍ତା । ମୁଁ ତାଙ୍କୁ ଏଥିପାଇଁ ଆନ୍ତରିକ ଧନ୍ୟବାଦ ଜଣାଉଛି ।

ସୁନିଆଁ
ଭାଦ୍ର ଶୁକ୍ଳ ଦ୍ୱାଦଶୀ

ସୁଦର୍ଶନ ଆଚାର୍ଯ୍ୟ

Digitized by srujanika@gmail.com

ପ୍ରଥମ ଛାନ୍ଦ

(ରାଗ - ମଙ୍ଗଳ ଗୁର୍ଜରୀ, ସଙ୍ଗମତିଆରି ବାଣୀ)

କରୁଣାନିଧାନ ପ୍ରଭୁ ଜଗତ ବନ୍ଦନ
ସୁଦରଶନଧାରଣ ନନ୍ଦନନ୍ଦନ ।୧।

କ୍ଷୀରସିନ୍ଧୁସୁତାପତି କଞ୍ଜବଦନ
ଯାହାର କୁମର ମହାବୀର ମଦନ ।୨।

ମନ୍ଦହାସରେ ସୁନ୍ଦର କୁନ୍ଦରଦନ
ସୁଦାମା ଦୁଃଖଭଞ୍ଜନ ମଧୁସୂଦନ ।୩।

ନମସ୍ତେ ନମସ୍ତେ ଦଶମୁଖ ଛେଦନ
ବଇକୁଣ୍ଠ ଅଟଇ ଯାହାର ସଦନ ।୪।

ନମୋ ନମୋ ବିଘ୍ନରାଜ ଉମା ନନ୍ଦନ
ପାଶାଙ୍କୁଶଧାରଣ ଗଜବଦନ ।୫।

ଚିତ୍ରଲେଖା କରି ମନ ବଳିଲା ମୋର
ମୋହରେ କରୁଣାକର କରୁଣା କର ।୬।

ଛଳ ଶ୍ଳେଷ ଯମକ ବିରୋଧାଭାସରେ
ପ୍ରକାଶ କରିବି ଯେବେ ଛାନ୍ଦଗୀତରେ ।୭।

ଏଥୁ ଅନନ୍ତରେ ଶୁଣ ସୁଜନ ଜନ
ଚିତ୍ରସେନ ବୋଲି ଧର୍ମବତୀ ରାଜନ ।୮।

ପ୍ରଜା ପାଳିବାକୁ ସେହୁ ଦ୍ୱିତୀୟ ଧର୍ମ
ଆଜ୍ଞାଂ ଲଙ୍ଘିଂବାକୁ କେହୁ ନାହିଂନାକ୍ଷମ ।୯।

ସୁକୁନ୍ତଳା ବୋଲିଣ ପଟ୍ଟମହିଷୀ ତାର
କର୍ମ ଯୋଗେ ଲଭିଲା ସେ ପଞ୍ଚ କୁମର ।୧୦।

---

୫. ପାଶକୁଂଶ

Digitized by srujanika@gmail.com

କୁମାରୀ ବିହୁନେ ମନେ ସନ୍ତାପ କରି
ମନେ ଚିନ୍ତୁଥାଇ ଏକା ଗିରିକୁମାରୀ ।୧୧।

ଯେମନ୍ତେ ସୁନ୍ଦରୀ ଦିନେ କରି ଶୟନ
ନିଦ୍ରାବଶେ ଦେଖିଲାକ ଏକ ସ୍ୱପନ ।୧୨।

ତାର ପୁରତରେ ଉଭା ହୋଇ ଅଭୟା
ଆଜ୍ଞାଦେଲେ ତାକୁ ହୋଇ ଅତି ସଦୟା ।୧୩।

ଚଇତ୍ର ମଙ୍ଗଳବାରେ କରି ମୋ ପୂଜା
ମୋହର ସ୍ୱରୂପେ ତୁ ଲଭିବୁ ତନୁଜା ।୧୪।

କୁମାରମାତା ଏତେକ କହି ସ୍ୱପନ
ନେତ୍ରପଥୁ ହୋଇଗଲେ ଅନ୍ତରଧାନ ।୧୫।

ସ୍ୱପନ ଚେତି ସୁନ୍ଦରୀ ଉଠି ସୁମନ
ଅସମ୍ଭାଳ ହୋଇଲା ନାହିଂ କେଶ ବସନ ।୧୬।

ଜାଣିଣ ହରଷ ହେଲା ମୀନଇକ୍ଷଣୀ
ସ୍ୱପନ ସୁମରି ସୁଖେ ନେଲା ରୟଣି ।୧୭।

ଏମନ୍ତେ ଫାଲଗୁନ ମାସ ହୋଇଲା ଶେଷ
ଆସିଣ ଚଇତ୍ର ମାସ ହେଲା ପ୍ରବେଶ ।୧୮।

ଆଁସି ହେଲା ମହୀସୁତ ବାର ପ୍ରମାଣ
ଓଷା ବିଧି କଲେ ନେଇ ଏକ ପୁରେଣ ।୧୯।

ଯେ ବିଧି ବିଧାନ କରି ପଞ୍ଚମ ପାଳି
ଉତ୍ସବ ଆନନ୍ଦ କରି ପୂଜିଲେ ବାଳୀ ।୨୦।

ଯେଥୁ ଅନ୍ତେ କିଛି ଦିନେ ଏକଇ ସୁତା
ଜନମ ହୋଇଲା ଏକ ଗୁଣେ ଶୋଭିତା ।୨୧।

---

୧୪. ସ୍ୱରପ
୧୫. ସ୍ୱପ୍ୟନ

Digitized by srujanika@gmail.com

ନାମ ତାର ଦେଲେ ଚିତ୍ରଲେଖା ବୋଲିଣ
ପ୍ରତିପାଳୁଥାନ୍ତି ତାକୁ ଯୁବତୀଗଣ ।୨୨।

ନୃପସୁତା ବଢୁଥାଇ ଦିନକୁ ଦିନ
କଳାକୁ କଳା ଅଧିର୍କ ଚନ୍ଦ୍ର ଯେସନ ।୨୩।

ଦେବ ଦାନବ ମାନବ ହୋଇବେ ମୋହି
ତାର ବଦନ ଦେଖି କେ ଧରିବ ଦେହି ।୨୪।

ଛଳ,ଶ୍ଳେଷ, ବିରୋଧାଭାସ : ନମସ୍ତେ ପାର୍ବତୀପତି ଶୂଳଧାରଣ
ପଞ୍ଚମୁଖ ହୋଇ ପଞ୍ଚମୁଖ ଛେଦନ ।୨୫।

କମଳ ଆସନ ହୋଇ କମଳମାରି
ଭୀମ ହୋଇକରି ଭୀମକୁ ହିଂ ନିବାରି ।୨୬।

କରୁଣା କଟାକ୍ଷେ ପ୍ରଭୁ କରୁଣା କର
ଉପଇନ୍ଦ୍ର ଭଞ୍ଜ ବୋଲେ ମୋତେ ଉଦ୍ଧର ।୨୭।

* * *

---

୨୪.   ଦାନେବ ମାନେବ

Digitized by srujanika@gmail.com

ଦ୍ୱିତୀୟ ଛାନ୍ଦ

(ରାଗ-କେଦାର, ଚକ୍ରକେଳି ବାଣୀ)

ଯେଥୁଅନ୍ତରେ ଦିବ୍ୟରସ ଶୁଣ
ବାଳା ଲଭିଲା ନବ ଯଉବନ ।୧।

ଦିନୁ ଦିନୁ ତନୁ ହେଲା ଶୋଭନ
ଅଙ୍ଗେ ବିଜେ କଲା କାମ ରାଜନ ।୨।

ମଧ୍ୟ ପୃଥୁତା ଜଘନ ହରିଲା
ବକ୍ଷ କୃଶତା ଉଦର ବର୍ଦ୍ଧିଲା ।୩।

ନେତ୍ର ଅଞ୍ଚଳ ଚଞ୍ଚଳ ହୋଇଲା
ଗତି ମନ୍ଥର ଭାବକୁ ପାଇଲା ।୪।

ଇଚ୍ଛା କାନ୍ତ ସଙ୍ଗତି ନିରନ୍ତରେ
ମନ ବଳିଲା ତାର ସୁରତରେ ।୫।

ଯାଇ ଏକାନ୍ତ ସ୍ଥାନରେ ରମଣୀ
ଦେଖି ଉରଜ ସୁଖ ଲଭେ ପୁଣି ।୬।

ଛୁ ଛଟକ କରି ପିନ୍ଧେ ବସନ
ତାର ଚଞ୍ଚଳ ହୋଉଥାଏ ମନ ।୭।

ନବ ପୁଷ୍ପବତୀ ହେଲା ତରୁଣୀ
ଲାଜ କରେ ସଖିଙ୍କି ରାମାମଣି ।୮।

ସଚିବର ନନ୍ଦନା ସୁଦଶନା
ତାହା ସଙ୍ଗେ ସଖୀ ନୃପନନ୍ଦନା ।୯।

ସେହୁ ଜାଣିଣ ସଖୀଙ୍କ ଆଗରେ
ଯାଇ କହିଲା ସେ ଅତି ବେଗରେ ।୧୦।

---

୩. ପୃଥୁ
୮. ପୁଷ୍ପ. ସଖିଙ୍କି

Digitized by srujanika@gmail.com

ଶୁଣି ସଖୀମାନେ ବେଗେ ଆସିଲେ
ନୃପ ନନ୍ଦନା ପାଶରେ ବସିଲେ ।୧୧।

ତାଙ୍କୁ କହନ୍ତି ପ୍ରିୟ ସହଚରି
କିମ୍ପା ଆମ୍ଭଙ୍କୁ ଲାଜ କୃଶୋଦରୀ ।୧୨।

ତୋର ଆମ୍ଭେ ଅଟୁ ସଖୀ ଅଧୀନ
କିମ୍ପା ଆମ୍ଭଙ୍କୁ ତୋର ମନେ ଆନ ।୧୩।

ତୋହ ସଙ୍ଗତେ ବାଳ କାଳୁ ମେଳ
ତୁହି କହୁ ଯେ ଆମ୍ଭଙ୍କୁ ସକଳ ।୧୪।

ଏବେ ମାୟା କିକେ କରୁ ମୃଗାକ୍ଷି
ଯେବେ ଆମ୍ଭରେ ତୋର ପ୍ରୀତି ଅଛି ।୧୫।

କହ ଆମ୍ଭଙ୍କୁ ମୁକୁରବଦନା
ଶୁଣି ହଂସିଲା ମୁକୁତାରଦନା ।୧୬।

ଏକ ସଖୀ ଗଲା ଅତି ବହନ
ମାତା ଛାମୁରେ କହିଲା ଏମାନ ।୧୭।

ଶୁଣି ହରଷ ହେଲା ସୁକୁନ୍ତଳା
ତୋଷ ହୋଇଣ ସୁତାପୁରେ ଗଲା ।୧୮।

ଯାଇ ପ୍ରବେଶ ହୋଇଲା ମନ୍ଦିରେ
ଯେକ ଦାସୀକି ବୋଲାଇ ସତ୍ୱରେ ।୧୯।

ବେଗେ ଅଣାଅ କୁଙ୍କୁମ ଚନ୍ଦନ
ଦିବ୍ୟ ସଲିଳ ଚାରୁ ସୁବସନ ।୨୦।

ଶୁଣି ବେଗେଣ ଦାସୀ ଚଳିଗଲେ
ସବୁ ସମ୍ଭାର ଘେନିଣ ମିଳିଲେ ।୨୧।

ସ୍ନାନ ସାରି ହରଷେ ଶୁଭ୍ରକେଶୀ
ବେଶ କରାଇଲେକ ରାଣୀ ବସି ।୨୨।

Digitized by srujanika@gmail.com

ଅତି ହରଷେ ମଙ୍ଗଳ କରିଣ
ନାନା ଉତ୍ସବ କଲେ ସଖୀଗଣ ।୨୩।

ନିଜ ପୁରକୁ ଗଲେ ସୁକୁନ୍ତଳା
ସର୍ବ ସଖୀକି ଘେନିଣ ସେ ବାଳା ।୨୪।

ନିଜ ମନ୍ଦିରେ ରହିଲା ହରଷେ
ନାନା ପ୍ରକାର କଉତୁକ ରସେ ।୨୫।

ହରି ପଦ୍ମା ହର ଉମା ଚରଣ
ଉପଇନ୍ଦ୍ର ମଙ୍ଗରାଜ ଶରଣ ।୨୬।

* * *

Digitized by srujanika@gmail.com

ତୃତୀୟ ଛାନ୍ଦ
(ରାଗ-ମାଳବ)

ଯେଥୁ ଅନନ୍ତରେ ଯେବେ ଶୁଣ ହେ ସୁଜନ
ଚିତ୍ରଲେଖା ପ୍ରତିଅଙ୍ଗ ବର୍ଣ୍ଣନା ବିଧାନ ।୧।

ତା ଅଙ୍ଗ ଲାବଣ୍ୟ ଦେଖି ମୂକ ହେବେ କବି
ତଥାପି ଗୀତ ପ୍ରବନ୍ଧେ କିଛି କହିବି ହେ ।୨।

କ ରେ ଲମ୍ବ ପ୍ରଲମ୍ବ ଶିଖଣ୍ଡୀ ଶିଖଣ୍ଡକ
କିବା ଅନ୍ଧକାର କି ଏ ନୀଳ ବଳାହକ ।୩।

ମହେଶ ଅଷ୍ଟମୂରତି ପ୍ରାୟେ ଦିଶେ ଶୋଭା
ତହିଂକି ଉପମା ଅବା କିସ ଅବା ଦେବା ।୪।

ଶ୍ଳେଷ : ପୁଷ୍ପବନ୍ତ ସର୍ବଭୂତ ଇଷ୍ଟକାରି ବାସେ
ସୁସଞ୍ଚ କବରୀ ଭାର ମନୋହର ଦିଶେ ।୫।

ରାମା ମୁଖ ଅଟେ ଅଦୁରିବହି (?) ଧାମା
ବିରହୀଜନଙ୍କ ଶୋକ ବିନାଶନ ସୀମା ।୬।

ଯାହା ଅଙ୍ଗେ ବିକଶିତ ନୟନ କମଳ
କେଶ ବାନ୍ଧିବା ପାଶରେ ଦିଶଇ ମଞ୍ଜୁଳ ।୭।

ଚଞ୍ଚଳ ଅଳକା ପନ୍ତି ଦିଶଇ ସୁନ୍ଦର
ମୁଖବିଧୁ ସୁଧା ଆଶେ କିବା ଏ ଚକୋର ।୮।

ଲଲାଟ ପଟ ଅଷ୍ଟମୀ ତିଥି ନିଶାକର
ଭ୍ରୁରୁ ଯୋଖ କମାଣ କି ଥୋଇଅଛି ମାର ।୯।

ନେତ୍ର ଖଞ୍ଜନ ଗଞ୍ଜନ ନଳିନ ମଳିନ
କରନ୍ତେ ଦିଶଇ ଅତିଅନ୍ତ ଶୋଭାବନ ।୧୦।

---

୨. ଲାବାନ୍ୟ
୫. ସୁସଟଂ
୧୦. ନିଳୀଣ

Digitized by srujanika@gmail.com

ଅଞ୍ଜନ ରଞ୍ଜନ ଗୁଣ ପରାଏ ସୁନ୍ଦର
ନାସିକା ତିଳ ପ୍ରସୂନ ମଦନ ତୂଣୀର ।୧୧।

ମୂକୁତାର ନାକଚଣା ତହିଂ ଅତି ଶୋଭା
ନିଶାକର କୋଳେ କି ଏ ରୋହିଣୀର ଆଭା ।୧୨।

ଅଧର ବନ୍ଧୁକ ଜବା ସିନ୍ଦୁର ଅରୁଣ
ନାଗବଲ୍ଲୀ ରସରେ ଦିଶେ ସେ ଶୋଭନ ।୧୩।

ଦଶନ ଦେଖି ଡ଼ାଳିମ୍ବ ବିଦାରି ହୋଇଲା
ହୀରକ ଯାଇ ସରିତପତିରେ ପଶିଲା ।୧୪।

ଚିବୁକ ଚତୁର୍ଥୀ ନିଶାପତିକି ନିନ୍ଦଇ
ଭ୍ରମରିକା ତହିଂ ଅତି ରଚିର ଦିଶଇ ।୧୫।

ଗଣ୍ଡଦେଶ ଝଳି ନିନ୍ଦେ ମଦନ ମୁକୁର
ମୁନି ଜନ ମୋହ ପାଶ ଶ୍ରବଣ ତାହାର ।୧୬।

ତହିଂ ତାଟଙ୍କ ଯୁଗଳ ମଞ୍ଜୁଳ ଦିଶଇ
ଫୁଲ ଛତି ତଥିର ଉପରେ ବିରାଜଇ ।୧୭।

ହୀରାସାର ମଲ୍ଲିକଢ଼ି ଝଲକା ମିଶିଣ
ଦୁହେଂ ଦୁହିଙ୍କି ଦିଶନ୍ତି ଜିଣି ଶୋଭାବନ ।୧୮।

ମନୋହର କଣ୍ଠ ଦେଖି ଭୟେ କମ୍ବୁବର
ଆଶ୍ରେକଲା ଯାଇ ଚକ୍ରଧର ବାମକର ।୧୯।

ନାନା ବର୍ଣ୍ଣମାଳାମାନେ ତହିଂ ଶୋଭାକର
ତିନି ପୁରରେ ଦେବାକୁ ନାହିଂ ପଟାନ୍ତର ଯେ ।୨୦।

କୁଚ ଶାତକୁମ୍ଭକୁମ୍ଭ କୁମ୍ଭୀକୁମ୍ଭ ଜିଣି
x x x ।୨୧।

ଶ୍ଳେଷ : ଲୀଳାରୋହିତ ଶରୀର ଅତି ହିଂ କଠିଣ
ରସାଲିଙ୍ଗିତ ଅଟଇ କେଶର ଭୂଷଣ ।୨୨।

Digitized by srujanika@gmail.com

ବଳିକି ଯେ ତିରସ୍କାର କରତା ଅଟଇ
ଭୂଭୃତମାନଙ୍କ ମହା ଗୁରୁତ୍ୱ ନାଶଇ ।୨୩।

କଉଶଲ୍ୟାନ୍ୱିତ ମୃଦ ପ୍ରଲମ୍ବ ବିଜୟୀ
ସଂସାର ଜିଣନ୍ତା ପ୍ରାନ୍ତେ କଳଂକୀ ଅଟଇ ।୨୪।

କର ଯୁଗଳ ମୃଣାଳ କନକ କମଳ
ରତ୍ନ ଚୁଡ଼ି ବାହୁଟିରେ ଦିଶଇ ମଞ୍ଜୁଳ ।୨୫।

ଅଙ୍ଗୁଳି ଚମ୍ପା କୋରକ ପାଣି କୋକନଦ
ମୁଦି କିରଣରେ ସେ ଦିଶଇ ବିଶାରଦ ।୨୬।

ମନ୍ଦଉଦରୀ ତ୍ରିବଳୀ ତ୍ରିବେଣୀ ପରାୟେ
ରୋମରାଜି କାଳନ୍ଦୀ ତହିଁରେ ଶୋଭା ପାୟେ ।୨୭।

ନାଭି ତାହାର ମଦନ ମୋହ କୂପ ଜାଣି
ଅମୃତ ତହିଁରେ ଧାତା ଠୁଳ କଲା ଆଣି ।୨୮।

କଟି ନିରେଖିଣ ତା ଡ଼ମ୍ବୁରୁ ହରିବର
ଶିବା ଶିବେ ଶରଣ ପଶିଲା ତତପର ।୨୯।

କୁଚ ଗରୁ ମଝା ସରୁ ଜାଣି କିବା ବିଧି
ସୁବର୍ଣ୍ଣ ମେଖଳା ଗୁଣେ ଦୃଢ଼ କରି ବାନ୍ଧି ।୩୦।

ସଘନ ଜଘନ ତାର କାମ ସିଂହାସନ
ଫୁଲଧନୁ ଘେନି ତହିଁ ବିଜୟ ମଦନ ।୩୧।

ମଦନ ସଦନ ତାର ହେମ ଚଳଦଳ
ମଧ୍ୟଭାଗ ଚିରିଛି ତା ସରସିଜବାଳ ।୩୨।

ମର୍କତ ଚୁନିକି ତହିଁ ସଯତ୍ନେ ରୁପିଛି
ରସିକ ଜନ ମୋହନେ ବିଧାତା ରଚିଛି ।୩୩।

ପୃଥୁଳ ନିତମ୍ବ ବିମ୍ବ ଚକ୍ର ପ୍ରାୟେ ଶୋଭା
ଚରମ କାମ ଦେବର କନକ ପରଭା ।୩୪।

Digitized by srujanika@gmail.com

ଉର ଦେଖିକରି ରମ୍ଭା ତରୁ ଭଏକଲା
ସମାନ ନୋହଇ ବୋଲି କମ୍ପମାନ ହେଲା ।୩୫।

ଚରଣ ଯୁଗଳ ନିନ୍ଦେ ସରସିଜ ତାର
ସ୍ବର ବୀରତୁର ଅଟେ କନକ ନୂପୁର ।୩୬।

ଚରଣ ଅଙ୍ଗୁଳି ନଖ ପୂର୍ଣ୍ଣ ନିଶାକର
ଯାବକ ରସ ଲାଗିଣ ଦିଶଇ ସୁନ୍ଦର ।୩୭।

ତନୁ ଶମ୍ପା ଚମ୍ପା ହରିତାଳକୁ ନିନ୍ଦଇ
ରସାଣିଲା ହାଟକ ପରାଏ ଶୋଭାପାଇ ।୩୮।

ତିଳୋତ୍ତମା ରମ୍ଭା ଆଦି ଯେତେ ଅପସରୀ
ତାରୂପ ଲେଶକୁ କେହି ନୁହନ୍ତି ନା ସରି ।୩୯।

ଗତି ଦେଖିଣ କୁଞ୍ଜର ହଂସ ପଳାଇଣ
ସୁରପତି ବେଦବରେ ପଶିଲେ ଶରଣ ।୪୦।

କମଳ ଦଳ ନୟନ କରୁଣା ସାଗର
ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜକୁ ଉଦ୍ଧର ।୪୧।

* * *

Digitized by srujanika@gmail.com

ଚତୁର୍ଥ ଛାନ୍ଦ
(ରାଗ- କୌଶିକ)

ଶୁଣ ହେ ରସିକ ଜନମାନେ ଏବେ ଚିତ୍ରଲେଖା ଚିତ୍ର ପ୍ରବନ୍ଧ
ପାଇଲାକ ଶୋଭା ବନ ଉପବନ ପବନ ବହେ ମନ୍ଦ ମନ୍ଦ
ଅଳି କୋକିଳ । କୁଳ କୋଳାହଳ ପ୍ରବଳ
ନବ ପଲ୍ଲବିତ ହୋଇଣ ପାଦପ ଧଇଲେ ଗର୍ଭରେ ମୁକୁଳ ।୧।

କୁଞ୍ଜର କେଶର କେଶର କେଶର କେଶର ଧଇଲେ
ଜବା ପୁଷ୍ପ ପୁଷ୍ପ ପଲାଶ ପଲାଶ ବହନ ଉଦର ତେଜିଲେ
ମଲ୍ଲି ମାଧବୀ । ଛୁରୀଅନା ନବମାଳିକା
ବରାହଦାନ୍ତ ଅମଳା ସୁକେତକୀ ସମସ୍ତେ ଧଇଲେ କଳିକା ।୨।

ମଧୁକର ମଧୁ ମଦିରା ପାନରେ ମତ୍ତ ହୋଇ କଲେ ଗର୍ଜନ
ଯହିଁ ଧନୁର୍ଦ୍ଧର ହୋଇଣ ପ୍ରବଳ ହୋଇଲା ଅନଙ୍ଗ ରାଜନ
ଷଡ଼ ଋତୁଙ୍କ । ମଧ୍ୟରେ ଅତ୍ୟନ୍ତ ପ୍ରଧାନ
ବିରହୀ ଜନ ଜୀବନ ତୃଣବନ କାମ ଅଗ୍ନିକଲା ଦହନ ।୩।

ଏସନ ଋତୁ ଦେଖିଣ ଯେକ ସଖୀ ଚନ୍ଦ୍ରମୁଖୀ ଆଗେ କହଇ
କୁସୁମ କୁଳରେ ମଣ୍ଡିତ ହୋଇଣ ଆମ୍ବ ଆରାମ ଶୋଭପାଇ
ଯେତ ଚନ୍ଦନ । ବନ ପ୍ରାୟେ ବିଶେ ଶୋଭନ
ଦେଖି ଲଭି ନାହିଁ ମୁକୁନ୍ଦ ମାଧବୀ ଲତା ଜଡ଼ିଅଛି ଏସନ ।୪।

ଶ୍ଳେଷ : ପୁରନ୍ଦରପୁର ପରାଏ ପରତେ ହୋଇଲା ମୋହର ମନର
ଅଗ୍ନିମୁଖ ବଜ୍ର ଅଇରାବତରେ ରମ୍ଭା ଗନ୍ଧର୍ବ ଶୋଭାକର
ଶୁଣି ରମଣୀ । ବାହାର ହୋଇଲା ବହନ
ସହଚରୀ କରେ କର ଦେଇକରି କଲା କରିଗତିଗମନ ।୫।

୧.　　ଚିତ୍ରରେଖା
୪.　　ଲଭଇ

Digitized by srujanika@gmail.com

କର୍ପୂର ରଜ ପାଡ଼ି କରି ମାର୍ଗରେ ପୁଷ୍ପ ପାଖୁଡ଼ାକୁ ବିଞ୍ଚଂନ୍ତି
ପନିର ନୀର ସିଞ୍ଚି ତଥି ଉପରେ ପଟ୍ଟଣ ମଣାଇ ନିଅନ୍ତି
ଧ୍ୱନି କରଇ । ଗମନେ ପାଦ ମଞ୍ଜୁବଳା
କୁସୁମ ଆମୋଦ ଆମୋଦ ନାଶଇ କୁମୁଦ ଜାତକରେ ବାଳା ।୬।

ସୁସଞ୍ଚ ଚାମର ଧରି କେହୁ କରେ ଖଦି ଆଲଟ ରବା ବୀଣା
ଝରି ପରିଖ ଧରିଣ କେହୁ କରେ ଧରିଛନ୍ତି ଦିବ୍ୟ ବିଞ୍ଚଣା
ଶୋଭା ଦିଶନ୍ତି । ଉଭୟ ପାର୍ଶ୍ୱେ ସଜନୀ
ବନରେ ପ୍ରବେଶ ବନରୁହମୁଖୀ ଚାରୁ ଖଞ୍ଜରୀଟ ନୟନୀ ।୭।

ଦେଖନ୍ତି ତରୁଣୀ ତରୁଣ ବିପିନ ଅରୁଣ ଛଦନ ଶୋଭନ
ଝସକେତନ ଚାଚେରୀ ଖେଳରେ କି ପଡ଼ିଅଛି ସେ ଫଗୁମାନ
ନୃପ ନନ୍ଦନା । ଦେଖେ କୁସୁମବନ୍ତ ତରୁ
ସୁରଭି ତଳରେ ପ୍ରବେଶ ହୁଅନ୍ତି ହସି ବୋଲେ ଏକ ରମ୍ଭୋରୁ ।୮।

ଦେଖ ଦେଖ ସଖି ଚମ୍ପକଗଉରୀ ଏ ନିଶ୍ଚେ ଚମ୍ପକଗଉରୀ
ଏହା ପାଶେ ଥିଲେ କାମଦେବ ଶରେ ପ୍ରାଣ ଘେନିବଟି ଆମ୍ଭରି
ଆରେ ସଜନୀ । ଅଶୋକ ଶୋକକୁ ଦେଉଛି
ଶ୍ଳେଷ : ମଧୁ ସମୟରେ ନିଶ୍ଚେ ଜାତି ନାହିଂ ସୁନାରୀ ମଧୁପେ ମାତିଛି ।୯।

ବିକାଶ କାଶହାସୀ ହାସ ପ୍ରକାଶ କରି କହେ ମୃଦୁବଚନ
ଛଳଶ୍ଳେଷ : ବିଟପୀ ପ୍ରସବେ ସୁମନସଗଣ ଦିଶୁଅଛି ଅତି ଶୋଭନ
ଆରେ ସଜନୀ । ରାମାୟଣ ରଣ ପରାଏ
ଶ୍ଳେଷ : ଜାମ୍ବବ ଡ଼ାଳିମ୍ବ କଞ୍ଚଣ ପାଟଳୀ ପବନରେ ସେ ଶୋଭାପାୟେ ।୧୦।

ଅମଳା କୋମଳା ଦେଖରେ ଅମଳା ପଞ୍ଚଶୀଳିମୁଖ ସଙ୍ଗମ
ଲଭିଅଛି ସୁଖ ସୁମନସ ଭରେ ଆରାମ ଦିଶେ ଅଭିରାମ
ଆରେ ସଜନି । ଏ ନିଶ୍ଚେ ହସ୍ତିନା ନଗର
ଶ୍ଳେଷ : ଅର୍ଜ୍ଜୁନ ନକୁଳ ଶକୁନି ମିଶିଣ ଦିଶୁଅଛି ଅତି ରୁଚିର ।୧୧।

---

୧୦. ମୃଦୁ

Digitized by srujanika@gmail.com

ଶ୍ଳେଷ : ଶୋଣିତପୂର ପରାଏ ପ୍ରତେ ହୋଇ ଶୋଭିତ ବାଣ ଶିବସଖା
କୁସୁମଭରରେ ସୁସମ ଦିଶନ୍ତି ମହୀରେ ଲୋଟୁଛନ୍ତି ଶାଖା
ଆରେ ସଜନି । କାଠରୁ ଫୁଲ ବାହାରିଛି
ମଦନ ବିଷରେ ବିଷାଇ ବିଶିଖ ଏଥି ଅବା ଥୋଇ ଯାଇଛି ।୧୨।

ଚୁତ ପରତେ ହୋଉଅଛି ମନରେ ଅଚ୍ୟୁତ ପରାଏ ନିକର
ଶ୍ଳେଷ : ସୁପର୍ଣ୍ଣ ସାରଙ୍ଗ ମିଶି କରି ଏହୁ ସୁନ୍ଦରୀ ଦିଶଇ ସୁନ୍ଦର
ଆରେ ସଜନି । ଦେଖ ଏ ପଲାଶ ପଲାଶି
ତପୋବନ ପ୍ରାୟେ ପରତେ ହୋଉଛି ଧ୍ରୁବ ଅଗସ୍ତି ଶୁକ ମିଶି ।୧୩।

ସାଗର ପାତାଳ ପରାଏ ପରତେ ଦେଖ ବରୁଣ ନାଗେଶ୍ୱର
ମଣ୍ଡୁଛି କେତକୀ କୁଳଟୀ ପରାଏ ବେଢ଼ି ଉଡ଼ନ୍ତି ମଧୁକର
ନାନା କୁସୁମ । ଯେମନ୍ତେ ତୋଳୁ ତୋଳୁ ଯାଇ
ପଦ୍ମିନୀ ପଦ୍ମାନନୀ ସରୋବରର ତୀରରେ ପରବେଶ ହୋଇ ।୧୪।

ଦେଖ ପଦ୍ମାକର ଜଗତ ଈଶ୍ୱର ପ୍ରାୟେ ପ୍ରତେ ହୋଏ ମନରେ
ଶ୍ଳେଷ : ବିସ ଅମ୍ବୁଜ କମଳ ମିଶିକରି ଶୋଭିତ ଦିଶଇ ଏଥିରେ
ଆରେ ସଜନି । ଯେ ଧାତା ମୃଗେନ୍ଦ୍ରବାହିନୀ
ଶ୍ଳେଷ : ସାରଙ୍ଗ କମଳା ମିଶିକରି ଏହୁ ସୁନ୍ଦର ଦିଶେ ସୁବରନୀ ।୧୫।

କୁମୁଦ କାନ୍ତି କମନୀୟ କମଳବଦନୀ କନକଗଉରୀ
ଦେଖ ସୀତାମ୍ଭୋଜେ ମଣ୍ଡିତ ହୋଉଛି ଅତ୍ୟନ୍ତ ସୁନ୍ଦର ନାଗରୀ
ଆରେ ସଜନି । ମହାଭାର୍ଥ ଯୁଦ୍ଧ ପରାଏ
ଶ୍ଳେଷ : ଶିଳୀମୁଖ ପଡୁଅଛି କର୍ଣ୍ଣ ରାସ୍ତ୍ର ଶଲ୍ୟ ପରାୟେ ଶୋଭାପାୟେ ।୧୬।

କଳକଣ୍ଠ କଣ୍ଠ କଣ୍ଠୀ କଣ୍ଠୀରବସୁମଧ୍ୟା କରୀନ୍ଦ୍ର ଗମନୀ
କୁନ୍ଦ କୁନ୍ଦ ସମଦନ୍ତୀ ସୋମହାସୀ ଘେନି ରଙ୍ଗେ ସଙ୍ଗେ ସଜନୀ
କଲା ସଲିଳ । କେଳି ବାଳୀଆଳି ଘେନିଣ
ମୁଖ ସରସିଜ ମୃଣାଳ ତା ଭୁଜ ପରାଏ ପାଇଲା ଶୋଭନ ।୧୭।

Digitized by srujanika@gmail.com

ଜଳକେଳି ସାରିକରି କରିଗତି ଓଦା ବସ୍ତ୍ରେ ହୋଇ ବାହାର
ସମୟରେ ଅମ୍ୟର ମିଶି କରି ତାର ଅଙ୍ଗରେ ଦିଶଇ ସୁନ୍ଦର
ଘେନି ସଜନୀ । ଆନ ବସନ ସେ ପିନ୍ଧିଲା
କୁସୁମ ତୋଳିବା ନିମିତ୍ତେ କମଳବଦନୀ ବନରେ ହୋଇଲା ।୧୮।

କରକ ଦଶନୀ କନକବରନୀ ମୁଖ ଚାହିଂ ଏକ ସଜନୀ
ହୋଇ ହାସମୁଖ ବୋଲଇ ବଚନ ଶୁଣରେ କୋକିଳ ବଚନି
ଶ୍ଳେଷ : ଆରେ ସଜନି । ପୁନାଙ୍ଗ ଆଶରେ ସୁମନ
ରଖିଅଛୁ ଏବେ ଧନ୍ୟ ଧନ୍ୟ ତୁହି ନାରୀକୁଳଶୀଳରତନ ।୧୯।

ଶୁଣି ସୁନ୍ଦରୀ କୃଶୋଦରୀ ନାଗରୀ କି କି ପରକାର ହୋଇଲା
ଗମନ ମନ୍ଥର ଜାନୁ ଥର ଥର କରିଣ ତାର କମ୍ପାଇଲା
ଅଙ୍ଗ ତାହାର । ଅତି ହିଂ ବିରଙ୍ଗ ହୋଇଲା
ମଦନ ମଦେ ଆଳସେ ଆଳସିତ ମଦାଳସୀ ବାଳା ଅବଳା ।୨୦।

ହସ୍ତକୁ ହସ୍ତ ପଇଠ ଦେଇକରି କଲେକ ପ୍ରବେଶ ମନ୍ଦିରେ
ଅନଙ୍ଗ ଭୁଜଙ୍ଗ ତା ଅଙ୍ଗ ବିରଙ୍ଗ କରୁଥାଇ ଅନୁକ୍ଷଣରେ
ସର୍ବ ସଜନୀ । କରୁ ଯେ ଥାନ୍ତି ଆଶ୍ୱାସନା
ଅନୁବରତରେ ଦୁଖୀ ହୋଇଥାଇ ମଦନମୁକୁରବଦନା ।୨୧।

ଜୟ ଜୟ ଜନାର୍ଦ୍ଦନ ଜଗନ୍ନାଥ ନୀଳଶିଖରୀ ଚୂଡ଼ାମଣି
ବ୍ରହ୍ମା ଶଙ୍କର ନିରନ୍ତରେ ସେବନ୍ତି ଘେନି ଦେବତା ବଜ୍ରପାଣି
ପ୍ରଭୁ ଠାକୁର । ମାଇଲ ରାବଣ ଦଇତ
ସେ ପାଦ କମଳେ ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ ମଧୁବ୍ରତ ।୨୨।

* * *

---

୧୮. ନିମାତେ୍ୟ

Digitized by srujanika@gmail.com

ପଞ୍ଚମ ଛାନ୍ଦ

(ରାଗ - ବରାଡ଼ି, କଳସା ବାଣୀ)

ବିଷମବିଶିଖ ବିଶିଖରେ ଦୁଃଖ ପାଇ
ଦିନୁ ଦିନୁ ସେ ସୁତନୁ ତନୁ ତନୁ ହୋଇ
ସଜଳ କମଳ ଦଳ ଅମଳ ପଟଳ
କର୍ପୂର ପନୀର ନୀର ମଣଇ ଗରଳ ।୧।

ହିମକର ଦିନକର ସମୀର ଭିଦୁର
ଚୁନ ସଦନ ସୁମନ କଲା ସେହୁଦୂର
ସରୁଝୀନ ବାସ ମନସିଜ ପାଶ ପ୍ରାୟେ
ମତି ରତିପତିଶରେ ତାର ଭ୍ରମ ହୋଏ ।୨।

ପୁରୁଷ ସଙ୍ଗତେ ଚିନ୍ତେ ଚିତ୍ତେ ସୁରତରେ
ନାରୀବର କୁଶଧର ମନେ ଚିନ୍ତାକରେ
କୋକିଳର କଳରବ ଶୁଣିଣ ସେ ବାଳା
ସଧୀର ମଧୁର କରି ବଚନ ବୋଇଲା ।୩।

ଛଳ ନିନ୍ଦା ସ୍ତୁତି : କଳକଣ୍ଠ ତୋତେ ଯେହୁ ବୋଲଇ ନଜାଣି
ଆଦ୍ୟବର୍ଣ୍ଣ ଆକାର ରହିତ ଦିଶେ ମଣି
ମଧୁ ମଦିରାରେ ମତ୍ତ ହୋଇ କରି ତୁହି
ବିଅର୍ଥ ଗର୍ଜନ ଏବେ କରୁତୁ କିପାଂଇ ।୪।

ରାମା ରତନ ପବନ ବହନ୍ତେ ବୋଲଇ
ମନ୍ଦ ମନ୍ଦ ହୋଇ ବହୁ ଅଛୁତୁ କିପାଂଇ
ଛଳ ନିନ୍ଦା ସ୍ତୁତି : ତୋତେ ଯେଉଂମାନେ ବାତ ବୋଲନ୍ତି ମରୁତ
ସତେ ହେଂ ଜାଣିଲି ସେହୁ ଅଟନ୍ତି ପଣ୍ଡିତ ।୫।

---

୧. କର୍ପୂର ପନୀର ନୀର ନୀର
୪. ଆକାରେ, ସହିତ

Digitized by srujanika@gmail.com

ମହିଂ ମରୁତ ବିରହୀ ଜନଙ୍କୁ ପବନ
ସେହି ନାମ ତୋତେ ସେ ଅଟଇ ପ୍ରମାଣ
ନମୋ ନମୋ ପବନ ତୁ କଶ୍ୟପ ନନ୍ଦନ
ଜଗତଜନଜୀବନ ମୋ ଦୋଷ ନ ଘେନ ।୬।

ଏମନ୍ତେ ଚନ୍ଦ୍ରମା ଦେଖି ଚନ୍ଦ୍ରମାବଦନୀ
ସଖୀ ମୁଖ ଚାହିଂ କହେ କମଳଲୋଚନୀ
ଛଳଶ୍ଳେଷ : ଅତ୍ୟନ୍ତ ପ୍ରବଳ ହୋଇ ଉଦେ ଋକ୍ଷପତି
ପୁଣ୍ଡରୀକ କୁଳ ଦେଖି ଭୟେ ଜରେ ମତି ।୭।

ଛଳନିନ୍ଦା ସ୍ତୁତି : ସଖି ଏ ଚନ୍ଦ୍ରମା ଦୋଷ ଅଟଇ ଅପାର
ଦୋଷ ପୂରିତ ଏ ଯେଣୁ ତେଣୁ ଦୋଷାକର
ଶ୍ଳେଷ : ଯେ ଆପଣା କରେ କାଷ୍ଠାବଳି ଦୀପ୍ତିକରି
ଦ୍ୱିଜ ଦମ୍ପତି ଦହଇ ମନେ କି ବିଚାରି ।୮।

ଶ୍ଳେଷ : ପ୍ରତିଦିନରେ ବାରୁଣୀ ସେବା ସେ କରଇ
ପଦ୍ମିନୀ ସୁବର୍ଣ୍ଣ ସେହୁ ହରିଣ ନିଅଂଇ
ଯେମନ୍ତ ମନ୍ଦ ଚନ୍ଦ୍ରମା ଗୁରୁପତ୍ନୀ ହରି
କପାଳି ସଙ୍ଗତେ ସଙ୍ଗ ହୋଏ ଯାଇକରି ।୯।

ଛଳନିନ୍ଦାସ୍ତୁତି : ଆଳି ବୋଲୁ ଅଛି ବାଳା ଶୁଣ ମୋର ବାଣୀ
ଅମୃତକର ସେ ସୁଖ ଲଭୁତ ତରୁଣି
ସଖୀ ବାଣୀ ଶୁଣିଣ ବୋଲଇ ସୁଲକ୍ଷଣୀ
ନିଶ୍ଚଏ ତ ଅମରିଷ ଅଟଇ ଏ ପୁଣି ।୧୦।

ଏ ଯେବେ ସଜନୀ ଆରେ ମୃତ ହୋଇଥାନ୍ତା
ତେବେ କିମ୍ପା ଏ ଜୀବନ ଆମ୍ଭର ନିଅନ୍ତା
ମୁକୁର ଘେନିଣ ଦେଖ ଯେବେ ଗୋ ସଜନି
ଚନ୍ଦ୍ର ପ୍ରତିବିମ୍ବ ତହିଂ ଦିଶିବ ପଦ୍ମିନୀ ।୧୧।

---

୮. ଜେ ଆପଣା କରେ କାଷ୍ଠବଳି ଦିପ୍ତି କରି
ଦ୍ୱିଜ ଦମ୍ପତି ଦହଇ ମନେ ମନ କି ବିଚାରି ।

Digitized by srujanika@gmail.com

ଲୋହ ମୁଦୁଗର ଘେନି ପିଟିବୁ ବହନ
ତେବେ ଅବା ନିଶାକର ହୋଇବ ନିଧନ
ଛଳନିନ୍ଦାସ୍ତୁତି : ଅସମୟ କାଳେ ସଖି ବୁଦ୍ଧି ଭ୍ରମ ହୋଇ
କୁହୁ ନିକଟରେ ଯେବେ ହୋଇଥିଲା ସହି ।୧୨।

ତାହାକୁ ଧରିଣ ଯେବେ ଥାଆନ୍ତାଇ ରଖି
ଆଉ ଚନ୍ଦ୍ରମାକୁ ବାରେ ନୁହନ୍ତାଇ ଦେଖି
ଏବେ ପୁଣି ବାହୁଡ଼ି ହୋଇବ ସେହି ଦୀନ
ତାକୁ ଧରି ନଦେଖିବା ଚନ୍ଦ୍ରମା ବଦନ ।୧୩।

ପୁଣି ବୋଲୁଅଛି ରାମା ଶୁଣରେ ମଦନ
କିମ୍ପାଇ କରୁଛୁ (ଯେବେ ମୋ) ଦେହ ଦହନ
ଛଳନିନ୍ଦାସ୍ତୁତି : ଅଶୋକବିଶିଖ ବୋଲି ତୋତେ ଯେ ବୋଲନ୍ତି
ଜାଣିଲି ନିଶ୍ଚୟ ସେହୁ ଅପୂର୍ବ କହନ୍ତି ।୧୪।

ଲୋହ ମଞ୍ଜୁଷାରେ ତୋତେ ପୁରାଇ ମଦନ
ସିନ୍ଧୁରେ ମେଲିଲେ ତେବେ ନୋହିଲୁ ନିଧନ
ପୂର୍ବେ ପରାଭବ ଭବ କଲେ ତୋତେ ଯାହା
ମନୁ ପାଶୋରିଲୁ ତାହା ଏବେ ରତିନାହା ।୧୫।

ଛଳନିନ୍ଦାସ୍ତୁତି : ଏମନ୍ତ ବୋଲିଣ ତହିଁ ଅନ୍ତରେ ସୁନ୍ଦରୀ
ଲକ୍ଷ ଲକ୍ଷ ନମସ୍କାର ବେଗକରି କରି
ଛଳ, ଶ୍ଳେଷ : ନାଗଚୂଡ଼ ପ୍ରୀତି ହୋ ନାଗଚୂଡ଼ ଅରି
ସୁମନବିଶିଖ ହୋଇ ସୁମନ ବିଦାରି ।୧୬।

ରାଘବ ପୀରତି ହୋଇ ରାଘବର ପର
ଜୀବନନନ୍ଦନ ସଖା ଜୀବନ ନିବାର
ବୋଲଇ ରମଣୀ କାମ ଅଧର୍ମ ନକର
ରଖ ବା ନରଖ ମୁହିଁ ତୁମ୍ଭର କୋଇର ।୧୭।

---

୧୪. କିପାଁଇଃ କରୁଛୁ ଦେହ ଦହନ

Digitized by srujanika@gmail.com

ଛଳନିନ୍ଦା ସ୍ତୁତି : ତୁମ୍ଭେ ବଳବନ୍ତ କିମ୍ବା ଅବଳା ଜୀବନ
ଏବେ କରୁଛୁ ଭେଦନ ମଦନ ରାଜନ
ଲଳିତ କମଳଲତା ମନ୍ଥନକୁ କରି
ପତଙ୍ଗ କେସନେ ଯେ ସହିବ ମହାଗିରି ।୧୮।

ତୃଣ ଦହିବା ନିମନ୍ତେ ପ୍ରଚଣ୍ଡ ଅନଳ
ଖଡ଼ଗ ଘାତ ସହିବ କେସନେ ଅଞ୍ଚଳ
ଏତେ ସ୍ତୁତି କରିଣ ସେ ନବୀନ ଅବଳା
ନିଜ ପୁରକୁ ଚଳିଲା ଘେନି ସର୍ବ ବାଳା ।୧୯।

ହରି, ବ୍ରହ୍ମାସ୍ତୁତି ଶ୍ଳେଷ : ସାରସସଖା ଚନ୍ଦ୍ରବଦନ ସୁନ୍ଦର
ଶ୍ରୁତିମଣ୍ଡନ ସୁମାନ ସୋଦର ନିକର
କମଳଗର୍ଭୁ ସମ୍ଭୂତ ଜଗ ପିତାମହ
ହିରଣ୍ୟ ଦାରଣ ଯାର ଅଟଇ ସୁଦେହ ।୨୦।

ହରିହରସ୍ତୁତି ଶ୍ଳେଷ : ମକରଧ୍ୱଜ ମନ୍ଥନ ବିରୂପାକ୍ଷ ହର
ପୁଣ୍ୟଜନପ୍ରିୟ ଚନ୍ଦ୍ର ଭୂଷିତ ଯାହାର
ବିଷଦର ବିନାଶିଲ ତ୍ରିପୁର ଈଶ୍ୱର
ମହିମା ଯାହାର ଯେ ଅପାରୁ ଅପାର ।୨୧।

ହରିହର ସ୍ତୁତି, ଶ୍ଳେଷ ବିରୋଧାଭାସ : ଧନଞ୍ଜୟ ପ୍ରିୟ ହୋଇ ଧନଞ୍ଜୟ ଗିଳି
ବାଳି ସଖା ହୋଇକରି ବିନାଶିଲ ବାଳି
ଧେନୁକା ରକ୍ଷକ ହୋଇ ଧେନୁକା ନିବାରି
ମାଲ୍ୟବନ୍ତ ପ୍ରୀତି ହୋଇ ମାଲ୍ୟବନ୍ତ ମାରି ।୨୨।

ବିଭୀଷଣ ପ୍ରିୟ ହୋଇ ବିଭୀଷଣ ନାଶି
ଜୟ ଜୟ ମହାବାହୁ ବୈକୁଣ୍ଠ ବିଳାସୀ
ଗୋବିନ୍ଦ ଚରଣ ଅରବିନ୍ଦେ ଦେଇ ଚିତ୍ତ
ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ ମଧୁବ୍ରତ ।୨୩।

* * *

---

୧୯. ନବିନ ଅବାଳା
୨୧. ଅପାରୁଂ ଅପାର
୨୨. ରକ୍ଷକ ହୋ
୨୩. ବିଳାସ

Digitized by srujanika@gmail.com

ଷଷ୍ଠ ଛାନ୍ଦ

(ରାଗ -ଚୋଖି)

ଶୁଣ ହେ ସୁଜନ ଜନ　　　　ରାଜନନ୍ଦନା ମନ
　　ଅନୁକ୍ଷଣେ ଭେଦେ ବାଣ ମଦନରାଣ
ଚଞ୍ଚଳ ମୀନ ନୟନ　　　　ନଳିନୀବଦନା ମନ
　　ମଣଇଂ ଅଶନ ପାନ ବିଷ କରିଣ
　　　ଦିନେ ଯାଇ ଶୟନସ୍ଥାନ
　　ନିଦ୍ରାବଶେ ଦେଖିଲା ସେ ଏକ ସ୍ୱପନ ।୧।

ଅପୂର୍ବ ସୁନ୍ଦରବର　　　　ପ୍ରଭାବତୀ ନରେଶ୍ୱର
　　କୁମର ନବ କିଶୋର କୁସୁମଶର
ପ୍ରତ୍ୟକ୍ଷେ କୁସୁମଶର　　　　ଜନ୍ମିଲା ଅବା ମହୀର
　　ସଂସାର ସଦନ (କିବା) ବଦନ ତାର
　　　ତାକୁ ଏକ କାଦମ୍ବବର
　　ଆଣିଣ ସଙ୍ଗମ କଲା ନୃପସୁତାର ।୨।

କୋମଳା ନବ ଅବଳା　　　　ଘେନି ସଙ୍ଗେ ନୃପବଳା
　　ବସିଛି ସୁଦନ୍ତୀ ଦନ୍ତୀଦନ୍ତ ପଲ୍ୟଙ୍କେ
ଏମନ୍ତେ ରାମା ରତନ　　　　ତେଜିଣ ଉଠି ସ୍ୱପନ
　　ଜ୍ଞାନ ନ ରହିଲା ଆଉ ତାହାର ଅଙ୍ଗେ
　　　ବାଳା କଷ୍ଟେ କଷ୍ଟେ ଚଳିଲା
　　ପ୍ରିୟସଖୀ ସୁଦଶନା ଆଗେ କହିଲା ।୩।

୨.　କୁସୁମ ଶଶର, ''ସଦନ X ବଦନ ତାର''
୩.　ପଲ୍ୟାଂକ

Digitized by srujanika@gmail.com

ବୋଲଇ ରଜନୀକର- ବଦନୀ ସଜନୀ କର-
ଧରି ମୋ ପ୍ରାଣନିକର ତୁ ରକ୍ଷାକର
କୁମାର୍‌ ଦେଇ ଉଦ୍ଧର ମୋହର ଜୀବନ ଧର
ଜୀବନଧରକେଶୀର ମୃଦୁ ଉତ୍ତର
ଶୁଣି ସଖୀ ତୋଷ ମନର
ବୋଲଇ ନିଶ୍ଚୟେ ତୋତେ ଦେବି ନାଗର ।୪।

ଏମନ୍ତେ ନୃପନନ୍ଦନ କରିଣ ଥିଲା ଶୟନ
ସପନେ ଦେଖିଲା ଚାରୁ କୁନ୍ଦ ରଦନା
ବିଲୋଳ ଲୋଳଲୋଚନା ମତ୍ତ କୋକିଳ ବଚନା
ଦାହ କନକ ବରନା ଚନ୍ଦ୍ରବଦନା
ଗଜଇନ୍ଦ୍ରଜିତ ଗମନା
ନବୀନମୁଦିରକେଶୀ ସେ ଘଟସ୍ତନା ।୫।

ଏକ ହଂସ ସଘଟନ କରି ଯୁବତୀରତନ
କୁମରବରକୁ ଘେନି ଗଲା ବହନ
ଏତେକ ଦେଖି ସପନ ତେଜି ନରେଶନନ୍ଦନ
ଆକୁଳ ହୋଇଲା ମନ ମଦନେ ଛନ
ଦରିଦ୍ର କି ହରାଇ ଧନ
ସେହି ପରକାର ହୋଏ କୁମାର ମନ ।୬।

ସପନ ଯେତେ ବିଧାନ ମନ୍ତ୍ରୀ ସୁତ ସନ୍ନିଧାନ
କହନ୍ତେ ସନ୍ତୋଷ ଚନ୍ଦ୍ରକାନ୍ତର ଚିତ୍ତ
ତୋତେ ରାମା ପରାପତ ହୋଇବ ପାର୍ଥିବ ସୁତ
ଏହା ନିଶ୍ଚୟେ କରିବେ ଶ୍ରୀହରି ଚିନ୍ତ
ଶୁଣି କରି କୁମରମଣି
ମନରେ ହରଷ ସେହୁ ହୋଇଲା ପୁଣି ।୭।

---

୬. ଦାରିଦ୍ର୍ୟ

Digitized by srujanika@gmail.com

ବାଜି ପଞ୍ଚଶର ଶର ତନୁ ହୋଏ ସରସର
ବୋଲେ ଦୁଃଖ ହରହର ତ୍ରିପୁରହର
ଜୀବ ଯିବ ଯମପୁର ରାମାବର ଇନ୍ଦିବର-
ନୟନୀ ଦେଇ ଉଦ୍ଧର ତ୍ରିଶୂଳଧର
ଘେନ ଯେବେ ମୋର ଭକତି
କରୁଣା କରିବା ମୋରେ ପାର୍ବତୀପତି ।୮।

ଦିବ୍ୟ ଚନ୍ଦ୍ରମା ଚନ୍ଦ୍ରମା ଭାସ୍କର ଭାସ୍କର ସୀମା
ନିଜ ବାସ ବାସ ବେଶ ବୁଝଇ କାର।
ବନପ୍ରିୟ ବାଣୀ(ଶୁଣି) ରମଣିମଣିର ମଣି
ବିନୁ ମଣି ମଣିମଣି ଗରଳ ପରା
ଅଧୀର ହୁଅଇ ତା ମତି
ତନୁ ତନୁ ତନୁଉଦରୀକି ଯେ ଚିନ୍ତି ।୯।

ଶିଳୀମୁଖ ରୋଳ ଶୁଣି ମାର ଶିଳୀମୁଖ ଜାଣି
ପୁଷ୍ପକାଳିକାଳ କାଳୀ କାଳକୁ ଗୁଣି
ଚିନ୍ତଇ ନାଗରୀ ପଦ ନିରନ୍ତରେ ତାର ହୃଦ
ଏମନ୍ତେ ଶୁଣିମା ଜନେ ଅପୂର୍ବ ବାଣୀ
ମୃଗୟାକୁ ଯିବାକୁ ମନ
କରି ସଜ ହେଲେ ମନ୍ତ୍ରୀ ନୃପନନ୍ଦନ ।୧୦।

କରରେ କମାଣ ଧରି ଚଢ଼ି ମନୋଜବ ହରି
ବୋଲେ ଦୁଃଖେ ହରି ହରି ପାରିବେ ହରି
ଯାହାର ଆଜ୍ଞାରେ ହରି ଉପାଡ଼ି ଧରିଲେ ଗିରି
ପୋତିଲେ ସମୁଦ୍ର ବାରି ହୋଇଲେ ପାରି
ଏତେ ଭାଳି ବହନ ଗଲେ
ଅତି ସୁନ୍ଦର ବିପିନ ନେତ୍ରେ ଦେଖିଲେ ।୧୧।

---

୧୦. କାଳକୁ ଶୁଣି

Digitized by srujanika@gmail.com

ଧନ୍ୟ ଧନ୍ୟ ସେ ଆରାମ   ଦିଶେ ଅତି ଅଭିରାମ
ଫୁଟିଣ ନାନା କୁସୁମ ଦିଶେ ଶୋଭନ
ଶ୍ଳେଷ : ପରଭୃତ ସହକାର   ବିଟପୀ ପରେ ସୁନ୍ଦର
ସୁମନରଜନୀକର ମଧୁସୂଦନ
ଦିଶନ୍ତି ଧୂସର ଶରୀର
ମୀନକେତନର ସେକି ଅଟେ ଡ଼ଗର ।୧୨।

ମଲ୍ଲି ମୁଚୁକୁନ୍ଦ କୁନ୍ଦ   ରଙ୍ଗିଣୀ ପାଟଳୀ ବୃନ୍ଦ
କୂଟଜ କେତକୀ ଜାତି ବନ୍ଧୁକ ଦ୍ରୁମ
ବନେ କଦମ୍ବ କଦମ୍ବ   ବନେ କୁମୁଦ ରୋଲମ୍ବ
ଅବଲମ୍ବ କରଇ ପ୍ରଫୁଲ୍ଲ କୁସୁମ
ମହାରଣ୍ୟେ ଭ୍ରମଇ ବୀର
ଦେଖିଲାକ ସଉରଭ ବିଟପୀ ବର ।୧୩।

ରୁଚି ରୁଚିର ତା କାୟେ   ପ୍ରଦ୍ୟୁମ୍ନବାହନ ପ୍ରାୟେ
ଅପୂର୍ବ ମଞ୍ଜୁଳ ଶ୍ୱେତ ଗରୁତମଣି
ନିରୁତ ବିରୁତ ଭାଷି   ତରୁ ଡ଼ାଳ ପରେ ବସି
ଆନନ୍ଦ ମନରେ କେଳି କରଇ ପୁଣି
ତାହାକୁ ଦେଖିଣ କୁମର
ମନେ ଚିନ୍ତା କଲା ସେ ସପନ ବେଭାର ।୧୪।

ସଚିବସୂନୁ ଆଗରେ   କହିଲା ଅତି ସଧୀରେ
ସପନ ସତ ହୋଇଲା ଅବା ଆମ୍ଭର
କରନ୍ତୁ ସେ ପୀତାମ୍ବର   ମନୋରଥ ସିଦ୍ଧ ମୋର
ଯେ ଚକ୍ରାଙ୍ଗ ଆଣି ଦେଉ ଯୁବତୀବର
ଯାଇଣ ଧଇଲା ସତ୍ୱର
ଦେଖିଣ ତରସ୍ତ ହେଲା ଅସିତେତର ।୧୫।

---

୧୪.   ବାହାନ
୧୫.   ଅସିତତର

Digitized by srujanika@gmail.com

ଦେଖିଣ ହଂସ ବିରସ ବୋଲଇ ରସିକ ଈଶ
କିଂପାଇ ବିମନ ହେଉ ନକର ଭୟେ
କରି ପାରୁ କି କି କାର୍ଯ୍ୟ ତାହା କହ ହଂସରାଜ
ଆମ୍ଭେ ତୋତେ ନାଶ ନକରିବୁ ନିଶ୍ଚୟେ
ଶୁଣି ହଂସ ତୋଷ ହୋଇଲା
ଯାବତ କାର୍ଯ୍ୟକୁ ମୁଂ ପାରଇ ବୋଇଲା । ୧୬।

ବ୍ରହ୍ମାର ଆଜ୍ଞାରେ ମୁହିଂ ସବୁ ଦିଗେ ପାରେ ଯାଇ
ଅନେକ ଦେଶ ଦେଖିଛି କୁମର ମଣି
ଶୁଣି କରି ସୁକୁମାର ବୋଲଇ ଚାରୁ ଉତ୍ତର
ଗତ ରାତ୍ରେ ସ୍ୱପନ ମୁଂ ଦେଖିଲି ପୁଣି
ୟେକ ନାରୀ ମୋର ପାଶର
ପକାଇଲା ଆଣି ମୋର ଅଙ୍ଗରେ କର । ୧୭।

ବଦନ ତାର ପ୍ରଫୁଲ୍ଲ ଅମଳ କମଳ ଫୁଲ୍ଲ
ସେ ବାସେ ଅଳକାବଳି କି ଚଞ୍ଚରିକ
ଅମୀୟଧର ଅଧର ଧରଣୀମଣ୍ଡନାବର
ବରବରନୀ ଭ୍ରୂଲତା କାମ କାର୍ମୁକ
ନୟନ ତା ଫୁଲ ବିଶିଖ
ସିଞ୍ଜିନୀ କରି ରଞ୍ଜିଛି କଜ୍ଜ୍ୱଳ ରେଖ । ୧୮।

ଯୋଷା ମାର ଉପାସଙ୍ଗ କରିକୁମ୍ଭ ସ୍ତନ ତୁଙ୍ଗ
ବର୍ତ୍ତୁଳ ତାଳ ସୁମେରୁ ଶିଖରୀ କୂଟ
ୟେଥୁ ଅଧିକ ନାଗରୀ ନାରୀ ଅପୂର୍ବ ସୁନ୍ଦରୀ
ପାରିଲେ ତାହାକୁ କର କାଦମ୍ବରାଟ
ଶୁଣି ହଂସ ସନ୍ତୋଷ ହେଲା
ସେ ରମଣୀ କରି ଦେବି ପ୍ରମାଣ ଦେଲା । ୧୯।

---

୧୮. ଅମଳ କମଳ ଚମକ: ଅଳକା କଳି

Digitized by srujanika@gmail.com

ଜୟ ଜୟ ଜଗନ୍ନାଥ ଶଙ୍ଖ ଚକ୍ର ଗଦାହାଥ
ଯା ନାମ ଧଇଲେ ତରି ସଂସାର ପଥ
ଅନାଥ ଲୋକର ନାଥ ଯେ ନାଶିଲେ ଦଶମାଥ
ଯା ପାଦ ସେବା କରଇ ବିବୁଧନାଥ
ତାଙ୍କ ପାଦ ବେନି ଚିନ୍ତଇ
ଉପଇନ୍ଦ୍ର ମଙ୍ଗରାଜ ଭଞ୍ଜ କହଇ ।୨୦।

* * *

୨୦. ଯା ପାଦେ ଯାପାଦ

Digitized by srujanika@gmail.com

ସପ୍ତମ ଛାନ୍ଦ
(ରାଗ- ମଙ୍ଗଳ ଗୁଜ୍ଜରୀ)

ଶୁଣନ୍ତେ ସ୍ୱଜନେ ଏବେ ପରମ ରହସ୍ୟ
ନରପତିସୁତ ଆଜ୍ଞା ପାଇ ହସ ହସ ହେ ।୧।

ଅତି ହରଷ ମାନସେ କଲା ଅନୁକୂଳ
ପଥରେ ଦିଶିଲା ତାକୁ ପରମ ମଙ୍ଗଳ ଯେ ।୨।

ପ୍ରଥମେ ଲୋଚନପଥ ସୁଫଳ କାରଣ
କଳସ ଜଳ ସରିତ କଲା ଦରଶନ ଯେ ।୩।

କଳହଂସ କଳରବ ଆନନ୍ଦରେ କରି
ପାରୁଶେ ମିଳିଲେ ତାକୁ ପଥ ଅନୁସରି ହେ ।୪।

ସତ୍ୱରେ ମିଳିଲା ଯାଇ ପୁର ପାରୁଶରେ
ଉପବନେ ପରବେଶ ଅତି ହରଷରେ ଯେ ।୫।

ଦେଖିଲା ନଗର ଦୂରୁ ଦିଶୁଛି ରୁଚିର
ଚିରାଳମାନେ ପବନେ ଚଳନ୍ତି ସଧୀର ହେ ।୬।

ଶ୍ଳେଷ : ସଉଧ ସଦନ କଇଳାଶ ଶୃଙ୍ଗ ପ୍ରାୟେ
ସର୍ବ ରାଜରାଜ ଦ୍ୱିଜରାଜ ଶୋଭାପାଏ ହେ ।୭।

ଦେଖୁ ସାନନ୍ଦେ ପ୍ରବେଶ ହେଲା ହଂସ ବର
ନାନା ରତ୍ନରେ ରୁଚିର ଦିଶଇ ନଗର ହେ ।୮।

ଛଳ, ଶ୍ଳେଷ, ବିରୋଧାଭାସ :ବୃହତ୍ତୁଳ ହୋଇ କରି ଅତୁଳ ଅଟଇ
ବିତାନମାଳା ସୁନ୍ଦର ଅବିତାନ ହୋଇ ହେ ।୯।

ସଚିତ୍ର ହୋଇଣ ସେହୁ ବିଚିତ୍ର ନିକର
ବିଶାଳ ହୋଇଣ ଭୁରିଶାଳ ମହାପୁର ହେ ।୧୦।

---

୧. ରହସ

୯. ବୃହତ୍ତୁଳ

Digitized by srujanika@gmail.com

ଶ୍ଳେଷ : ଅଯୋଧ୍ୟା ପୁରରୁ ଏହୁ ଅଧିକ ଅଟଇ
ପ୍ରତି ମାର୍ଗେ ଦଶରଥ ଶତ ଶୋଭାପାଇ ହେ ।୧୧।

ସହସ୍ରେକ ରାମା ତହିଁ ହୋଇଛନ୍ତି ସଙ୍ଗ
ଭ୍ରୂଲୀଳା ମାତ୍ରକେ ହରଧନୁ କରେ ଭଙ୍ଗ ଯେ ।୧୨।

ଲକ୍ଷଣମାନଙ୍କରେ ସେ ମଣ୍ଡିତ ହୋଇଛି
ସୁବର୍ଣ୍ଣଭୂଷିତ ପୁର ଶୋଭା ପାଉଅଛି ହେ ।୧୩।

ହିମାଳୟ ପରାୟେ ମନରେ ପ୍ରତେ ହୋଇ
ବିଜୟ ବଇଜୟନ୍ତୀ ସୁରନଦୀ ତହିଁ ଯେ ।୧୪।

ଶ୍ଳେଷ : ବିଷ୍ଣୁପଦକୁ ସେ ବୋଲି ବ୍ୟାପିଣ ଅଛଇ
ରତି କାମ ଜିଣି ବର ନଗରୀ ଦିଶଇ ଯେ ।୧୫।

ଶ୍ଳେଷ : ଅମରାବତୀ ପରାଏ ଦିଶଇ ସୁନ୍ଦର
ବରୁଣ ବାସବରେ ସେ ଦିଶଇ ସୁନ୍ଦର ।୧୬।

ଶ୍ଳେଷ : ପ୍ରତେ ହୋଉଛି ମନରେ ଏ ମଥୁରା ପୁର
ଶୋଭା ଅନେକ ଦୁନ୍ଦୁଭି ଏଥିରେ ଅକ୍ରୁର, ହେ ।୧୭।

ନିକେତନ ମକରକେତନ ନିକେତନ
ପୁର ଇସିକିନ୍ଦାପୁର ପରାଏ ଶୋଭନ ହେ ।୧୮।

ବାଳୀରେ ମଣ୍ଡିତ ହୋଇ ଦିଶଇ ରୁଚିର
ଗୁରୁ କବି ହୋଇଲେ ବର୍ଣ୍ଣିବ ସେହୁ ପୁର ହେ ।୧୯।

ତପନ ପରାୟେ ସେ ଦିଶଇ ଶୋଭାବନ
ଶ୍ଳେଷ : ଅତି ରୁଚିର ହୋଇଛି ସଉଧ ସଦନ ହେ ।୨୦।

ସାରସ ସାରସମୁଖୀ ଦେଖିଲା ନେତ୍ରରେ
ଜଗତମୋହନା ବସିଅଛି ଜଗତୀରେ ହେ ।୨୧।

ହଂସକୁ ଦେଖି ସପନ ଚିନ୍ତିଲା ବାଳିକା
X X X ହେ ।୨୨।

---

୧୩. ପଣ୍ଡିତ
୧୭. ଏଥର ଅକ୍ରୂର

Digitized by srujanika@gmail.com

ହଂସଙ୍କୁ କରି ଆଦର ଆଦରଶମୁଖୀ
ଧରାକୁ ଧରାମଣ୍ଡନୀ କଲା ଚାରୁ ଆଖି ହେ ।୨୩।

ହଂସ ପଚାରୁଛି ଶୁଣ ଗଜେନ୍ଦ୍ରଗମନା
କିପାଇଂ ସୁମନା ଯେବେ ହୋଇଛୁ ବିମନା ରେ ।୨୪।

ଚାରୁ ଚମ୍ପକ କୁସୁମେ ବାନ୍ଧିନାହୁଂ ଗଭା
ଅଞ୍ଜନ ବିହୀନେ ନେତ୍ର ହୋଇଛି ଅଶୋଭା ରେ ।୨୫।

ବିରସ ହୋଇଛି ତୋର ବଦନ ଚନ୍ଦ୍ରମା
ତାମ୍ବୁଳ ବିନୁ ଅଧର ନଦିଶେ ସୁଷମା ରେ ।୨୬।

ସିନ୍ଦୁର ବିନୁ ଲଲାଟ ନୋହେ ଶୋଭା ରାମା
ପତ୍ରାବଳୀ ବିନୁ କୁଚ ଅସୁନ୍ଦର ବାମା ରେ ।୨୭।

ଅମୃତ ବଚନ ଭାଷ ଧନ୍ୟ ହେଉ ଶ୍ରୁତି
ମଉନେ ବସିଛୁ କିମ୍ପା ରସିକଯୁବତି ଗୋ ।୨୮।

ଶୁଣି ପୁଣି ବାଣୀ ବୋଲେ ମୁକୁରବଦନା
ତୋତେ କହିଲେ କି ହଂସ ଫେଡ଼ିବୁ ବେଦନା ରେ ।୨୯।

ଦୁସହ ମଦନକଷଣକୁ ଧାତା ରଖି
କେ ତାରିପାରିବ ମୋତେ ହୋଇଅଛି ଦୁଖୀ ରେ ।୩୦।

ଭାସି ଯାଉଛି ମୋ ଭେଳା ମାର ସିନ୍ଧୁ ଜଳ
ବିଧାତା ବିନୁ କେ ଆନେ ହେବ କେରୁଆଳ ରେ ।୩୧।

ରାମାବାଣୀ ଶୁଣି ହଂସ ମୃଦୁ ବାଣୀ କହି
କେତେବେଳେ ଅବା ଦୁଖ ଫେଡ଼ି ମୁଂ ପାରଇ ଗୋ ।୩୨।

ଶୁଣି ରମଣୀରତନ ବୋଲଇ ବଚନ
ସ୍ୱପନ ଦେଖିଲି ମୁହିଂ କାହାର ନନ୍ଦନ ଗୋ ।୩୩।

ପଲ୍ୟଙ୍କ ଉପରେ ଆସି ବସିଲା ମୋହର
ଗୁରୁ କୁଚ କୁମ୍ଭେ ମୋର ଦେଲା କଞ୍ଜକର ହେ ।୩୪।

---

୨୫. ଚମ୍ପକ

Digitized by srujanika@gmail.com

ତେଜିଣ ଶୟନ ନ ଦେଖିଲି ତା ବଦନ
ଆକୁଳ ହୋଉଛି ମନ ମଦନେ ଉଛନ୍ନ ହେ ।୩୫।

ରମଣୀ ବଚନେ ଭାଷି ସାରସ ଈଶ୍ୱର
ତହିଂକି ପ୍ରତି କୁମର ଅଛି ତ ସୁନ୍ଦର ଗୋ ।୩୬।

ପ୍ରଭାବତୀ ନଗର ନରେନ୍ଦ୍ର ପ୍ରିୟା ସୁନୁ
ସଂସାରସାର ସୁନ୍ଦର ଆଦିତ୍ୟ ଅତନୁ ଗୋ ।୩୭।

ଶ୍ଳେଷ : ସୁମନା ପୀରତି ଶ୍ରୁତି ନିସ୍ତାରଣେ ଦକ୍ଷ
ଶ୍ରୀବତ୍ସଲାଞ୍ଛନ ରୂପ ଅଟଇ ପ୍ରତ୍ୟକ୍ଷ ଗୋ ।୩୮।

ଘନରସ ନାୟକ ସେ ନବୀନ ସୁନ୍ଦର
କାମ ତିମିର ନାଶନେ ଦ୍ୟୁତି ପ୍ରଭାକର ଗୋ ।୩୯।

ସ୍ୱପନେ ଦେଖି ତୋ ରୂପ ଲଭି ବହୁ ତାପ
ମନ ବୁଡ଼ାଇଛି ତା ଅରୂପ ରସକୂପ ଗୋ ।୪୦।

କଣ୍ଠେ ଅନୁକୂଳ କରି ରହିଛି ଜୀବନ
କେବଳ ବହୁଛି ଏକା ନିଶ୍ୱାସ ପବନ ହେ ।୪୧।

ତୋର ହାବ ଭାବ ଭାବି ରଖିଛି ପରାଣ
ହୃଦମଧ୍ୟେ ରଖିଅଛି ଦେଖିଲା ସ୍ୱପନ ଯେ ।୪୨।

ଜପାମାଳି ଘେନି ନାମ କରୁଛି ତୋ ଜପ
ଜାଣି ବିନ୍ଧେ ଟାଣି ଫୁଲ ଚାପେ ଫୁଲଚାପ ଗୋ ।୪୩।

କ୍ଷଣକେ ଉଠଇ ସେହୁ କ୍ଷଣକେ ବସଇ
ଯେଉଂଠାରେ ବସଇ ତୋ ଚରିତ ଘୋଷଇ ଗୋ ।୪୪।

ତୋହର ବିହୁନେ(ତାର) ନାହିଂ ରକ୍ଷା ଗତି
ଗତି କେବଳ କରିଛି ତୋତେ ଦନ୍ତୀଗତି ରେ ।୪୫।

ସୁଗ୍ରୀବସୋଦର ରାମଚନ୍ଦ୍ର ସୀତାବର
ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ ତା କୋୟର ହେ ।୪୬।

* * *

---

୩୭. ପ୍ରଭାତ ନଗର
୩୮. ଶୃତ, ପ୍ରତକ୍ଷ

Digitized by srujanika@gmail.com

ଅଷ୍ଟମ ଛାନ୍ଦ
(ରାଗ - ପଞ୍ଚମ ବରାଡ଼ି)

ଶୁଣ ହେ ରସିକ ଜନ ଚିତ୍ରରେଖା ରସ
ହଂସ ବାଣୀ ଶୁଣି ବୋଲେ ରସବତୀ ଈଶ
ଯେବେ ମୋତେ ତୁହି ଆଣି ଦେବୁ ସେ ନାଗର
ଆଜହୁଂ ହୋଇଲୁ ତୋର କିଣିଲା କୋୟର ।୧।

ତାର ବିନୁ ଆନଗତି ମୋର ଆଉ ନାହିଁ
ଜୀବନ ରଖିଛି ତାଙ୍କ ଦରଶନ ପାଇଁ
ତାରୂପ ଦେଖିଲେ ହେବ କୃତାର୍ଥ ନୟନ
ଏ ଜନ୍ମ ସୁଫଳ ମୁହିଂ କରିବି ସେଦିନ ।୨।

ଯେବେ ବାରେ ଜଗନ୍ନାଥ ହୋଇବେ ସୁମୁଖ
ତେବେ ହେବ ଅବା ଦୂର ମୋର ଘୋର ଦୁଃଖ,
ଯେବେ କୃପା କରିଥିବେ ଚତୁର ବଦନ
ତେବେ ବାରେ ଦେଖିବି ମୁଂ ଚତୁରବଦନ ।୩।

ଯେବେ କରୁଣା କରିବେ ଏ କୁସୁମଶର
ତେବେ ଜୀବନ ନ ନେମେ ଏ କୁସୁମଶର
କୁମର ବିହୁନେ ନିଶ୍ଚେ ମୋ ଜୀବନ ଯିବ
ତାହା ଦରଶନ ଆଶେ ମୋ ଜୀବନ ଥିବ ।୪।

ତଥ୍ୟ ବାଣୀ ମୋର ଏବେ ଶୁଣସି ହୋ ହଂସ
ପଶ୍ଚିମ ଦିଗରେ ଯେବେ ଉଦେ ହେବେ ହଂସ
ମହାମହୀଧରେ ଯେବେ ଫୁଟିବ ନଳିନ
ନର କରେ ଧରି ହେବ କୁରଙ୍ଗଲାଞ୍ଛନ ।୫।

Digitized by srujanika@gmail.com

ଗୋମାୟୁ ଜିଣିମ ଯେବେ କୁଞ୍ଜର ସଦନ
ଗିରିବର ଟାଳି ଯେବେ ହେବ ସୂଚିମୂନ
ତେ(ବେ)ହେଂ ଆନ ପୁରୁଷେ ନ ବଳିବ ମନ
ଗତି ପ୍ରଭାବତୀପୁର ରାଜନନନ୍ଦନ ।୬।

ରକ୍ଷାକର ମୋର ପ୍ରାଣ କୁମାରକୁ ଆଣି
ବିନତି କରିଣ ତୋତେ କହୁଅଛି ବାଣୀ
କରୁଅଛି ଏବେ କାମ ଅନ୍ଧକାର ନାଶ
କୁମରକୁ ଦେଇ ମୋତେ ହୁଅତୁ ଦିବସ ।୭।

ଏତେ ବୋଲି ଉଠି ସ୍ନେହେ ଆଲିଙ୍ଗନ କଲା
ଚଞ୍ଚୁ ଧରି ନିବେଦନ ବହୁତ କହିଲା
ବ୍ୟାଜରେ ସୁନ୍ଦରୀ ତାକୁ ଅନୁକୂଳ ଦେଲା
ଉରୁ ରମ୍ଭାତରୁ ଉଲ୍ଲସିତ ବେଗେ କଲା ।୮।

ସକଳ ମଙ୍ଗଳ ତାର ବଚନ ଗମ୍ଭୀର
ଦରଶନ ଦେଲା ତାର କଣ୍ଠ କମ୍ବୁବର
ରାଜହଂସ ଗତି ତାର ହେଲେ ଦେଖାଇଲା
ସମ୍ପୂର୍ଣ୍ଣ ଚନ୍ଦ୍ରମା ହାସ ଉଚ୍ଚ ସ୍ୱରେ କଲା ।୯।

ଅଧର ଚୂତପଲ୍ଲବ ନୟନ ତା ମୀନ
କୁଚକୁମ୍ଭ ଘଟ ତାର କଲା ଦରଶନ
ହଂସ ଅନୁକୂଳ ଘେନି ବାହାର ହୋଇଲା
ପ୍ରଭାବତୀ ନଗରରେ ଯାଇଣ ମିଳିଲା ।୧୦।

ଦେଖିଲା ଚତୁର ଚାରୁ ଚୁନ ଭବନରେ
ବିରହେ ଆକୁଳ ବୀର ବିରସ ମନରେ
ହରପର ଶରବାର ବାଜି ନିରନ୍ତର
କୃଶ ହୋଇଅଛି ତାର ସୁନ୍ଦର ଶରୀର ।୧୧।

---

୬.   ତେ X ହେଂ

Digitized by srujanika@gmail.com

ସରୋଜିନୀଛଦ ନ ବସେ ଶଯ୍ୟା ଉପରେ
ବିରହ ବ୍ୟାକୁଳେ ବୀର ଶୋଇଛି ସଧୀରେ
ପିକ ବାଣୀ ଶୁଣି ଜୟମୁନି ସୁମରଇ
ଶ୍ରୀରାମଚନ୍ଦ୍ରଙ୍କୁ ମନେ ନିନ୍ଦା ସେ କରଇ ।୧୨।

ସୁମୃଣାଳ ତ୍ୱଙ୍କ ଖଣ୍ଡେ ଯେବେ ଅଙ୍ଗେ ଦେଇ
ସୁପର୍ଣ୍ଣ ସୁପର୍ଣ୍ଣ ବୋଲି ଚମକି ପଡ଼ଇ
ପବନ ବହନ୍ତେ ଅତି ଆକୁଳ କୁମର
ଗରୁଡ଼କୁ ମନରେ ସେ କରଇ ଧିକ୍କାର ।୧୩।

ପୁରନ୍ଦରକୁ ବହୁତ ନିନ୍ଦା ସେ କରଇ
ଚନ୍ଦ୍ରମା ଗଗନେ ଦେଖି ରାହୁକୁ ନିନ୍ଦଇ
ନ ପାରିଲା ସହି ଫୁଲବିଶିଖ ବିଶିଖ
ମହେଶଙ୍କୁ ନିନ୍ଦାକରେ ହୋଇଣ ବିମୁଖ ।୧୪।

ହଂସ ଆସିବାକୁ ନେତ୍ର ଶ୍ରବଣ କରିଛି
ସ୍ୱପନ ଚିନ୍ତିଣ ମନେ ଜୀବନ ରଖିଛି
ଏମନ୍ତେ ପ୍ରବେଶ ଆସି ହେଲା ହଂସ ବର
ଦେଖି ଉଠିଲା ସତ୍ୱରେ ଭୂବରକୁମର ।୧୫।

କ୍ଷୁଧା ଶାନ୍ତି କରି ବୀର ପଚାରେ ଉତ୍ତର
ବହୁ ଗଉରବ କରି ଚଞ୍ଚୁଧରି ତାର
କି କି କାର୍ଯ୍ୟ କଲୁ ହଂସ କହ ମୋ ଛାମୁର
ତୋ ବଚନ ସୁଧାପାନ କରଇ ଶ୍ରୁତିର ।୧୬।

ମତ୍ତ ମଧୁବ୍ରତ ଯେହ୍ନେ ଭୋଖୀ ହୋଇଥାଇ
ବିକଚ ସରସିଜରୁ ଅମୀୟ ପିଅଇ ଯେ
ମୃତ ମନୁଷ୍ୟକୁ ଯେହ୍ନେ ମନ୍ତ୍ର ସଞ୍ଜିବନୀ
ନିଶାକର କରେ ଆଶା କରେ କୁମୁଦିନୀ ।୧୭।

---

୧୭.   ମତ୍ୟ ମାନୁଷ

Digitized by srujanika@gmail.com

କାମ ଚିନ୍ତା ସରିତରେ ଭାସେ ଭେଳା ମୋର
ବାଳାବାଣୀ ମନ୍ତ୍ର ଦୀକ୍ଷା ଦେଇଣ ଉଦ୍ଧର
ସ୍ୱପନ ଦେଖିଲି ଯଉଂ ରୂପ ମୁହିଂ ତାର
ସମାନ ଦେବାକୁ ଆଉ ନାହିଂ ତିନିପୁର ।୧୮।

ଛଳ,ଶ୍ଳେଷ,ବିରୋଧାଭାସ : କୃଷ୍ଣ କେଶ ଦେଖି ନୀଳକଣ୍ଠ କମ୍ପମାନ
ଅଳକା ପନ୍ତି ଜିଣଇଂ ତା ମଧୁସୂଦନ
ବଦନ ରାମ ଲକ୍ଷ୍ମଣ ସୀତାମ୍ଭୋଜ ଦେଖି
ନିରନ୍ତରେ ମାନସେ ହୋଇବେ ସେହୁ ଦୁଃଖୀ ।୧୯।

କୋଟି କୋଟି ଜନ୍ମେ ଯେବେ ତପ କରିଥିବି
ଲାବଣ୍ୟନିଧିକି ତପ ବଳରେ ପାଇବି
ମହେଶଙ୍କୁ କୋଟି କୋଟି ଚମ୍ପା ମୁହିଂ ଦେବି
ହରି ଶିରେ ସହସ୍ରେ ତୁଳସୀ ଚଢ଼ାଇବି ।୨୦।

ନୀଳ ସୁଚିର ରଚିର ଧବଳ ଶରୀର
ହଳ ମୂଷଳ ଲାଙ୍ଗଳ କରେ ଶୋଭାକର
ସପ୍ତ ଫଣାଧର ପ୍ରଭୁ ରେବତୀ ବିଳାସ
ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ ତାଙ୍କ ଦାସ ।୨୧।

* * *

Digitized by srujanika@gmail.com

ନବମ ଛାନ୍ଦ
(ରାଗ-ଚିନ୍ତାଭୈରବ)

ଶୁଣ ସୁଜନେ ବିଚିତ୍ର ରସ
ହଂସ କହଇ ଅତି ହରଷ
ତୁମ୍ଭ ଆଜ୍ଞା ଘେନି ପ୍ରବେଶ ହୋଇଲି
  ଯାଇ ଧର୍ମବତୀ ନାମେ ଦେଶ ହେ, ସୁନ୍ଦର ।୧।

ଚିତ୍ରରେଖା ନାମେ ତାର ସୁତା
ତିନି ଭୁବନେ ଏକ ଶୋଭିତା
ତୁମ୍ଭଙ୍କୁ ସ୍ୱପନେ ଦେଖିଣ ବନିତା
  କାମ ଶରେ ହୋଇଛି ଦୁଃଖିତା ହେ, ସୁନ୍ଦର ।୨।

ମତେ ଅତି ଗଉରବ କଲା
ବହୁ ସମର୍ପି ହୋଇ କହିଲା
କୁମରଙ୍କୁ ଘେନି ଆସ ସେ ବୋଇଲା
  ମୋତେ ତୁମ୍ଭ ପାଶକୁ ପେଷିଲା ହେ, ସୁନ୍ଦର ।୩।

ଶୁଣି ବୋଲଇ ନାଗର ବର
କେହ୍ନେ ଯିବା ହେ ରମଣୀ ପୁର
ଯେଥକୁ ଉପାୟ କରସି ସତ୍ୱର
  ହଂସ କୁଳ ଶିରୋମଣି ବର ହେ, କାଦମ୍ବ ।୪।

ଆମ୍ଭେ କେଉଂ ପ୍ରକାରରେ ଯିବା
ପ୍ରାଣ ବାନ୍ଧବୀ ମୁଖ ଦେଖିବା
ତାହାର ଶ୍ରୀମୁଖ ଦର୍ଶନ ମାତ୍ରକେ
  କାମ ସାଗର ମଧ୍ୟୁ ତରିବା ହେ, କାଦମ୍ବ ।୫।

---

୪. ଖ) କେଣେ
୫. କ) ଆମ୍ଭେ ଯେଉଂ ପ୍ରକାରରେ ଯିବା
ଖ) ଆମ୍ଭେ ଜେ କେଉଂ ପ୍ରକାରରେ ଯିବା

Digitized by srujanika@gmail.com

ଏବେ କିସ ଯେ କରିବି ମୁହିଁ
ଗତି ମୋହର ପରାଣସହୀ
ନଦେଖି ପରାଣ ନେମ ଜନ୍ତୁରାଣ
ଏଥି କିଛି ହିଁ ସନ୍ଦେହ ନାହିଁ ସେ, କାଦମ୍ବ ।୬।

ଶୁଣି ମରାଳ କହେ ଉତ୍ତର
ଶୁଣ ମୋ ବାଣୀ ନାଗରେଶ୍ୱର
ପୃଷ୍ଠେ ବସାଇ ତୋତେ ମୁଁ ଘେନି ଯିବି
ହେଳେମାତ୍ରେ ଧର୍ମବତୀ ପୁର ହେ, ସୁନ୍ଦର ।୭।

ଶୁଣି କୁମର ସନ୍ତୋଷ ହେଲା
ହଂସ ପୃଷ୍ଠରେ ବିଜୟେ କଲା
ଜଗନ୍ନାଥ ନାମ ସୁମରି କାଦମ୍ବ
ବେଗେ ଅନ୍ତରୀକ୍ଷେ ବିକ୍ରମିଲା ସେ, କାଦମ୍ବ ।୮।

ବେଗେ ପଥେ ଗମିଲା ସେ ବୀର
ହେଲା ପ୍ରବେଶ ନାଗରୀ ପୁର
ସୁବର୍ଣ୍ଣ ଜଗତୀ ଉପରେ ଦେଖିଲା
ଚନ୍ଦ୍ରବଦନୀ ସୁନ୍ଦରୀବର ସେ, ସୁନ୍ଦର ।୯।

ଦୂରୁ କୁମରକୁ ଦେଖି ବାଳା
ସୁଖ ସମୁଦ୍ର ମଧ୍ୟେ ମଜ୍ଜିଲା
ଆନନ୍ଦଭରରୁ ନୟନଯୁଗରୁ
ସ୍ନେହ ନୀର ତାର ଖସାଇଲା ସେ, ସୁନ୍ଦରୀ ।୧୦।

ବୋଲେ ଆଇଲେ ମୋର ବଲ୍ଲଭ
ମୁଖ ଚନ୍ଦ୍ରମଣ୍ଡଳ ଦୁର୍ଲ୍ଲଭ
ଧନ୍ୟ ଧନ୍ୟ ହଂସ କାର୍ଯ୍ୟ ସିଦ୍ଧ କଲୁ
ଆଜ ହେଲା ନୟନ ସୁଲଭ ସେ, ସୁନ୍ଦରୀ ।୧୧।

---

୭. କ) ପୃଷ୍ଠେ ବସାଇ ମୁଁ ଘେନିଯିବି
୧୧. ଖ) ହେଲି ନୟନ ସୁଲଭ

Digitized by srujanika@gmail.com

ରାଗଲତା ଯେସନେ ଦୁଃଖିତା
କାନ୍ତ ବିନୁ କରୁଥାଇ ଚିନ୍ତା
ସେହି ପ୍ରକାରେ ଚିନ୍ତାରେ ମଜ୍ଜିଥିଲା
ଏବେ ଆନନ୍ଦ ବରବନିତା ସେ, ସୁନ୍ଦରୀ ।୧୨।

ବୀର ଦେଖିକରି ରାମାବର
ମନ ନୟନ ନଟଲେ ତାର
ବାଳାର ଦୃଷ୍ଟି ସରୋବର ମଧ୍ୟରେ
ରାଜକୁମାର ହେଲା ମକର ସେ, ସୁନ୍ଦର ।୧୩।

ଯେହ୍ନେ ଅନଳ ପାଶରେ ଘୃତ
ତେହ୍ନେ ତରଳେ ନାଗରୀ ଚିତ୍ତ
ଯୁବତୀରତନ ପାଶରେ ଯାଇଣ
ବେଗେ ହୋଇଲା ନୃପତିସୁତ ସେ, ସୁନ୍ଦର ।୧୪।

ଦେଖି ହରଷ ହୋଇ ଚତୁରୀ
ଦେଖି କୁମାର ଯେ କୋଳ କରି
ଲଜ୍ଜା ପାଇଣ ମୁଖ ପୋତି ବସିଲା
ଚାରୁ ଚମ୍ପକ କନକ ଗୋରୀ ସେ, ସୁନ୍ଦରୀ ।୧୫।

ତୋତେ କରି ଯେ ଥିଲି ଭରସା
ରସାମଣ୍ଡନି ନ ଭାଙ୍ଗ ଆଶା
ଆଶା କରୁଅଛି ଅନେକ କାଳରୁ
ତୋର ସଙ୍ଗତେ ବଞ୍ଚିବି ନିଶାରେ, ସୁନ୍ଦରୀ ।୧୬।

ଶୁଣି ସୁମନା ସୁମନ ହେଲା
ମୁଖକମଳ ତୋଳି ଚାହିଁଲା
ଅଳପ ମଧୁର ହସି ନାରୀବର
ବକ୍ରକରି ନୟନ ଢ଼ାଳିଲା ସେ, ସୁନ୍ଦରୀ ।୧୭।

Digitized by srujanika@gmail.com

ହୋଇ କୁମର କାମେ କାତର
ଚିବୁକରେ ଦେଲା ବାମ କର
ସଧିରେ ଚୁମ୍ବନ ଦେଇଣ କୁମର
ଆଣି ବାଳାକୁ କଲା କୋଳର ସେ, ସୁନ୍ଦରୀ ।୧୮।

ମୁଖ ଶଶୀକି ରାହୁ ଗରାସି
ହେଲେ ଅମୀୟ ପିଉଛି ବସି
କନ୍ଦର୍ପ କଳା ରତି ରସ ସମୁଦ୍ରେ
ନାରୀ ପୁରୁଷର ମନ ମିଶି ସେ, ସୁନ୍ଦର ।୧୯।

ପ୍ରାଣନାଥ ମତ୍ତ ମଧୁକର
ପଦ୍ମମୁଖୁ କଲା ସୁଧା କ୍ଷୁର
ନାନା ପ୍ରକାରେ ରସରେ ବଶକରି
ବିବସନ କଲାକ କୁମର ସେ, ସୁନ୍ଦର ।୨୦।

କୁଚ ତାର ବେନି ପରବତ
କଲା ତହିଁ କରରୁହ ଘାତ
ଚମକି ଚତୁରୀ ଚିବୁକ ଚୁମ୍ବିଲା
ମାର ଶରେ ହୋଇ ଅନାୟତ ସେ, ସୁନ୍ଦରୀ ।୨୧।

ନାନା ବନ୍ଧେ ବିପରୀତ ରତି
ଆରମ୍ଭିଲେ ରସିକ ଯୁବତୀ
ଲଲାଟ ପଟରେ ଡ଼ୋଲା ଖୋସି ବାଳା
ଭାବେ ଅଙ୍ଗକଲା କେତେ ରୀତି ସେ, ସୁନ୍ଦରୀ ।୨୨।

ଜାନୁ ଯୁଗକୁ ଭିଡ଼ି କୁମର
ଉରଜକୁ ଲଗାଇଲା ଉର
ଅଧରେ ଅଧର ଚାପିଲା କୁମର
ଭାବେ ଭୋଳ ହେଲା ନାରୀବର ସେ, ସୁନ୍ଦର ।୨୩।

Digitized by srujanika@gmail.com

ଚନ୍ଦ୍ରସ୍ଥାନ ତାର ଦେଲା ଚାଳି
ଗାଢ଼େ ଚମକିଲା ନବ ବାଳୀ
ନାନା ପରକାରେ ଧ୍ୱନି କରୁଅଛି
ପାଦ ବାଜେଣି ନୂପୁର ଚଳି ସେ, ସୁନ୍ଦରୀ ।୨୪।

ଏମନ୍ତରେ ରତି ରସ ଶେଷ
ତୋଷ ମାନସ ନାରୀ ପୁରୁଷ
ବସନ ପିନ୍ଧି ପବନ ପାଇଂ ଯାଇ
ବେଗେ ବସିଲା ଗବାକ୍ଷ ପାଶ ସେ, ସୁନ୍ଦରୀ ।୨୫।

ଶ୍ରମ ନୀରେ ନଖ ପଦ ଜଳି
ଦେଖି ବିଚାରଇ ନବବାଳୀ
ରତି ରସ ବେଳେ ନ ଜାଣିଲେ ଏହା
ଧନ୍ୟ ରସିକ ବୋଲିଣ ଭାଳି ସେ, ସୁନ୍ଦରୀ ।୨୬।

ଚିତ୍ରଲେଖାର ବିଚିତ୍ର ରସ
ହେଲା ନବମ ଛାନ୍ଦ ଯେ ଶେଷ
ଏ ଛାନ୍ଦ ନାମ ଯୁଗଳ ସୁଖୋଦୟ
ଶୁଣ ରସିକ ଯୁବା ପୁରୁଷ ସେ, ସୁଜନେ ।୨୭।

ବୃନ୍ଦା ବିପିନେ କମଳ ପାଣି
କରେ କେଳି ଗୋପୀ ସଙ୍ଗେ ଘେନି
ଗୋପୀ ଗୋପୀନାଥ ଚରଣେ ଶରଣ
ଉପଇନ୍ଦ୍ର ମଙ୍ଗରାଜ ଭଣି ସେ, ସୁଜନେ ।୨୮।

* * *

---

୨୪. ଖ) ନା ନା ପ୍ରକାର; ବାଜଣି
୨୫. ଖ) ବେଗ
୨୬. କ) ସମ
୨୮. ଖ) ଉପଇନ୍ଦ୍ର ଭଞ୍ଜରାଜ ଭଣି

Digitized by srujanika@gmail.com

ଦଶମ ଛାନ୍ଦ

(ରାଗ-ବଙ୍ଗଳାଶ୍ରୀ)*

ଶୁଣ ହେ ସୁଜନେ ଏଥିର ଉତ୍ତାରେ
ପ୍ରାବୃଟ ସମୟ ହେଲା
ଖପଥରେ ଆସି କାଳିକା ଘୋଟିଣ
ବେଗେ ଅନ୍ଧକାର କଲା ।୧।

ଚଞ୍ଚଳା ଛନ ଛନ ହୋଇ ଗଗନେ
ବ୍ୟାପିଲେ ଅନୁକ୍ଷଣରେ
ଇନ୍ଦ୍ରଗୋପ ଉପ ଉପଗତ ହେଲେ
ଆସିଣ ବସୁମତୀରେ ।୨।

ଶ୍ଳେଷ : ଭୁବନ ସଂଯୋଗେ ହରିକି ବହନ
ଧନଞ୍ଜୟ କଲା ନାଶ
ବିଧୁର ବିନା ସୁ- ଦରଶନ ଚକ୍ର
ମନେ ଲଭିଲା ବିରସ ।୩।

ପୁଣ୍ଡରୀକ କୁଳ ହରିକି ନଦେଖି
ଦୁଖିତ ହେଲେ ମନର
ନବ ପଲ୍ଲବିତ ହୋଇଣ ପାଦପ
ଦିଶନ୍ତି ଅତି ସୁନ୍ଦର ।୪।

ଶ୍ଳେଷ : ସୁଜାତି କୁନ୍ଦ କୁ- ସୁମରେ ମଧୁପ
ମାତିଲେ ବହନ ଯାଇ
ନାନାପକ୍ଷୀଙ୍କକ- ଳରବ ଚହଳ
ଗହଳ ବିପିନ ହୋଇ ।୫।

---

* (କ) ଓ (ଖ) ବଙ୍ଗାଳ ଶ୍ରୀ ରାଗ

୧. (ଖ) ଶୁଣ ସୁଜନେ
(କ) ଓ (ଖ) ସପଥରେ

୫. (କ) ସୁଜାତି କୁଳକୁ ମନରେ ମଧୁପ ମାତିଲେ ବହନ ଯାଇ
(ଖ) ସୁଜାତିକୁଳ ସୁମରେ ମଧୁପ ମାତିଲେ ବହନ ଯାଇ

Digitized by srujanika@gmail.com

ଶ୍ଳେଷ : ଜଗତ ପ୍ରାଣ ତ- ରସ୍ତ କରୁଅଛି
କାଳିକା କୋଳେ ଜୀବନ
ଖଗ୍ରାସ କରିଆ- ଗ ଦଶ ଦିଶ
କରୁଅଛି ଗରଜନ ।୬।

ଶ୍ଳେଷ : ହୋଇଛନ୍ତି ଭଇ- ରବ ସରସ୍ୱତୀ
ବନମାଳୀ ସହିତର
ସାରଙ୍ଗ ଧନ୍ୱା ପାଥ ପାନେ ଜୀବନ
ଶିବ କରୁଛି ତାହାର ।୭।

ଛଳ : ବାଳମିକ ଶିଖୁଂ ଇନ୍ଦ୍ରଚାପ ଜାତ
ଉପେନ୍ଦ୍ର ଛବି ଧରିଛି
ବିରହୀଜନ ମା- ରମାର ବାଳିଶ
ସଉଦାମିନୀ ହଂସୁଛି ।୮।

କ୍ଷିତିଧରକୁ ଆ- ଲିଙ୍ଗନ କରୁଛି
ଅମୃତଧର ସୁମନେ,
ଅବନୀ ତେଜି ମା- ନସର ଗମିଲେ
ସାରଙ୍ଗ କୁଳ ବହନେ ।୯।

ଝିଙ୍କାରି ମଉନ ଡ଼ାହୁକ ଉତ୍ତର
ମାରବୀର ବୀରତୁର
ଦର୍ପକ କେତକ କୁନ୍ତେକ ମାଇଲା
ନେଇ ବିରହିଣୀ ପର ।୧୦।

ନୀଳକଣ୍ଠ ବାଣୀ କଳକଣ୍ଠ ଶୁଣି
ମଉନ ହୋଇ ରହିଲେ
ଶ୍ଳେଷ : ଧ୍ରୁବ ଉପରେ ଆ- ନନ୍ଦରେ ବସିଣ
ବିସକଣ୍ଠ କେଳିକଲେ ।୧୧।

---

୬. (ଖ) କାଳିକା ଗର୍ଭେ, ଜୀବନ
୧୦. (ଖ) ଡ଼ାହୁକ ଲେଚକ

Digitized by srujanika@gmail.com

ଶ୍ଳେଷ : କେଉଂ ନାରୀ କାନ୍ତ ବିହୀନରେ ବଳି-
ଭୂକକୁ ଦେଲାକି ବଳି୍
ନବୀନ ମେଘ ଦେ- ଖି କେଉଁ ସୁନ୍ଦରୀ
ପଡ଼ିଲା ମହୀରେ ଢ଼ଳି ।୧୨।

କେଉଁ ଚଞ୍ଚଳା ଚ- ଞ୍ଚଳା ଗମନରେ
ଦେଖିଣ ଚଞ୍ଚଳ ହେଲା
ଘନଘନ ଘନ ଘଡ଼ଘଡ଼ି ରଡ଼ି
ଶୁଣି କେହୁ ମୋହ ଗଲା ।୧୩।

ଦେଖି ଧାରାଧର- କେଶୀ ଧାରାଧର
କେଶୀ ମନ୍ଥନ ଚିନ୍ତିଲା
ପ୍ରାଣ ପୁରୁଷ ବି- ଚ୍ଛେଦୁଂ କଉଂ ନାରୀ
ନୟନୁ ନୀର ମୁଞ୍ଚିଲା ।୧୪।

କଉଂ ନାଗରୀ ମନକୁ ଭୃଙ୍ଗ କରି
କାନ୍ତ କମଳ ଚିନ୍ତିଲା
କେ ନେତ୍ର ଚକୋର କରିଣ ପୁରୁଷ
ଚନ୍ଦ୍ର ବିହୀନୁ ଝୁରିଲା ।୧୫।

କାନ୍ତ ପୟୋଧରୀ କରି ପୟୋଧର
କେ ପୁଷ ଚାତକ ହେଲା
ତୃଷିତ ହୋଇଣ ବସିଣ ସଦନେ
ବିଷମ ଦୁଃଖ ଲଭିଲା ।୧୬।

କେବଣ ପୁରୁଷ ପରବାସେ ଥାଇ
ଲାବଣ୍ୟମୁଖୀ ଭାବିଲା
ଭାବିନୀ ବିନୁ ଘ- ଡ଼ଘଡ଼ି କୁଳିଶ
ପଡ଼ିଲା ପ୍ରାୟେ ମଣିଲା ।୧୭।

---

୧୨. (ଖ) ମହୀତଳେ ଢ଼ଳି
୧୬. (ଖ) ଲାବନ୍ୟା ସୁଖୀ

Digitized by srujanika@gmail.com

କଉଂ ପୁରୁଷ ରାମା ମୁଖ ଚନ୍ଦ୍ରମା
କରି ହୋଇଲା କୁମୁଦ
ବରଷା କାଳରେ ନୟନେ ନଦେଖି
ମନେ ପାଇଲା ବିଷାଦ ।୧୮।

କଉଂ ନାଗର ନାରୀକି ଭାନୁକରି
ହୋଇଲା କମଳ ଲତା
ବିଧାତା ତହିଂକି ରଜନୀ ହୋଇଣ
କଲା ତାହାକୁ ଦୁଃଖିତା ।୧୯।

କଉଂ ନାଗର ବା- ଳାକୁ ଜଳକରି
ମକର ହୋଇ ମଜ୍ଜିଲା
ତହିଂକି ପ୍ରତି ମ- ଦନ କ୍ଷଣସୂତ୍ର
ହୋଇ ବିଳାସ ଖଣ୍ଡିଲା ।୨୦।

କଉଂ ରସିକ ମ- ନକୁ ବୁଡ଼ାଇଲା
ମଦନ ଅଗାଧ ନୀରେ
ଝଞ୍ଜା ପବନ ବ- ହନ୍ତେ କଉଂ ବୀର
ପଡ଼ିଲାକ ମେଦିନୀରେ ।୨୧।

କଉଂ କୁମରର ଚମକଇ ତନୁ
ଦେଖି ନଭେ ଇନ୍ଦ୍ରଧନୁ
ପରତେ ବାଳା ବି- ହ୍ଵନୁ କି ଗୋଡ଼ାଇ
ବିନ୍ଧୁଛି କୁସୁମଧନୁ ।୨୨।

ଲାବନ୍ୟ ସଦନ ବଦନ ମଦନ
ନିନ୍ଦିତ ମୁରତି ବର
ଧରି କରେ କଳା- କରମୁଖୀ କର
ବୋଲଇ ପ୍ରେମ ଉତ୍ତର ।୨୩।

---

୧୯. (ଖ) କଉଁ ନାଗର ନାଗରୀକ ଭାନୁ କରି ହୋଇଲା କମଳି।
୨୨. (କ) ବିହ୍ନୁ

Digitized by srujanika@gmail.com

ଦେଖ ଦେଖ ହଳୀ- ପ୍ରିୟସଖୀ ମନ-
ମଥ ନରନାଥ ରଥ
ପୁଷ୍ପ ଧନୁ କରେ ଶୋଭିତ ଦିଶୁଛି
ଦେଖ ଏ କେତକ କୁନ୍ତ ।୨୪।

ଜଳଦ ଘୋଷଣ ମଦନ ନିଶାଣ
ଛତ୍ରୁ ଛତୀ ଅନାଅନା
ବରଷା କାଳ ବ୍ୟାଘ୍ର- ବନ୍ତ ବିରହୀ
ଏହାର ଆହାର ସିନା ।୨୫।

ଦେଖ ଏ ମାଳତୀ ଯଉଂ ଭାଗ୍ୟବତୀ
ମଧୁକର ପ୍ରିୟ ବ୍ରତୀ
କେତକ କୁଟଜ କଦଳୀ ସେବତୀ
ଶିଳିନ୍ଧ୍ର ଯୁଥିକା ଜୁତୀ ।୨୬।

ଶିଖରୀ ଶିଖରେ ଶିଖୀ ଉନମତ୍ତ
ନାରୀ ମଧ୍ୟେ ନୃତ୍ୟକରେ
ଯେମନ୍ତ ବୋଲିଣ ନାଗର ଈଶ୍ୱର
ଧଇଲା ଆଣି କୋଳରେ ।୨୭।

ସମ୍ପୂର୍ଣ୍ଣ ଶରଦ ସୁଧାକର ସର-
ସିଜ ସୋଦର ଲପନା
ନୀଳ ଇନ୍ଦିବର ନିନ୍ଦିତ ନୟନା
ରମଣୀ ମଣି ଅଙ୍ଗନା ।୨୮।

---

୨୬. କ) ଭାଗ୍ୟବନ୍ତୀ
୨୭. ଖ) ଦେଖ ଏ ମାଳତୀ ଯଉଂ ଭାଗ୍ୟବତୀ
୨୭. କ) ଓ (ଖ) ଈଶ୍ୱର

Digitized by srujanika@gmail.com

କୁମର ହୃଦୟ ନିର୍ମଳ ମଣିରେ
ରାମା ପ୍ରତିବିମ୍ୱ ଦେଖି
ସପତ୍ନୀ ଭୟେ ଦୁଃ- ଖିତ ହେଲା ମନେ
ମଦନମୁକୁରମୁଖୀ ।୨୯।

ବିଚିତ୍ର ବିକାଶ ଚିତ୍ରରେଖା ରସ
ପ୍ରାନ୍ତ ଯେ ଦଶମ ଛାନ୍ଦ
ଯେଥୁ ଅନନ୍ତରେ ଆନ ଛାନ୍ଦେ ବିଶେଷି
ଶୁଣ ସୁରସ ବିନୋଦ ।୩୧।

ଦଶାନନ କଣ୍ଠ ଛେଦନ ସୁବାହୁ
ଦର୍ପ ଦଳନ ଠାକୁର
ବୋଲେ ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ
ମୋତେ ଏବେ ରକ୍ଷା କର ।୩୧।

* * *

୨୯. ଖ) ମଦ ମୁକୁର ମୁଖୀ

Digitized by srujanika@gmail.com

ଏକାଦଶ ଛାନ୍ଦ

(ରାଗ-କାଳୀ)

ତରୁଣୀମଣି କୋପନେ ପାଣି ଦେଇଣ ଅଧୋମୁଖେ
କାନ୍ତ କୋଳରୁ ଖସିଣ ମାନ କରି ବସିଲା ଦୁଃଖେ
ନିଶ୍ୱାସ ଘନ ଘନ ଡେଜିଣ କ୍ରୋଧ ଭରରେ ବାଳା,
ନୟନୁ ନୀର ଖସଇ ଧାର କିଏ ମୁକୁତା ମାଳା ।୧।

ଜବା ଅଧର କମ୍ପିଲା ତାର କଣ୍ଠୁ ନ ଆସେ ବାଣୀ
ନଖରେ ମହୀ ବସି ଚିରଇ ରମଣୀ ଶିରୋମଣି
ଫୁଲାଇ ନାସା ହରିଣ ଦୃଶା ହେଲା ସେ ହତ ଜ୍ଞାନ
ତାହା ଛାମୁର ବସି ନାଗର କହଇ ଚାଟୁମାନ ।୨।

କହେ କୁମାର ମାରେ ନମାର ମୁଂ ତୋ କିଣିଲାଜନ
ମୋତେ କିମ୍ପାଇ ରୋଷରେ ସହି କରତା ଅବଧାନ
ବାମନୟନା ଦେଖି ତୋ ବାମ ବାମଦେବର ରିପୁ
ବାମେ କମାଣ ଦକ୍ଷିଣେ ବାଣ ଘେନି ଦହୁଛି ବପୁ ।୩।

ଜୀବଜୀବନ ଯିବ ଜୀବନ ଜୀବନଧରକେଶି
ସାର ସାରସ ସାରଙ୍ଗଗତି ସାରସାରସଦୃଶି
ଚନ୍ଦ୍ରମାନନୀ ଚନ୍ଦ୍ର ମାନିନି ସମାନ ହେବ କାହିଂ
ତେଜରେ ମାନ ଏ ଅଭିମାନ କାହାକୁ ପ୍ରାଣସହି ।୪।

ମୁଖ ବିରସ ଦେଖି ହରଷ ହୋଇବ ତାମରସ
ନବଅବଳା ରସକୁଶଳା ଦିଅ ତୁ ସୁଧାରସ
ଓଷ୍ଠ ବିରଙ୍ଗ ଦେଖି ସୁରଙ୍ଗ ହୋଇବ ବନ୍ଧୁଜୀବ
ନୋହି ନିର୍ଦ୍ଦୟା ହୋଇ ସଦୟା ରଖସି ବନ୍ଧୁ ଜୀବ ।୫।

---

୨. କଣ୍ଠୁନୁ ଆସେ

Digitized by srujanika@gmail.com

ମୁଁ ତୋ ସେବକ କିମ୍ପା ଲୋତକ ନୟନୁ ତେଜି ସହି
କେମନ୍ତେ ମୁହିଂ ବିଷମ କାଣ୍ଡ ପାରିବି ଏବେ ସହି
ସଜନି ରଖ ହେଲି ନିରେଖ ମଦନ କଳା ଲାଖ
ମାର ବିଶିଖ ନ ଦେଉ ଦୁଃଖ ଟେକ ତୁ ପଦ୍ମମୁଖ ।୬।

ପରାଣଧନ ପରାଣଧନ ମୋହର ତୋର ସିନା
କି ଅର୍ଥେ ମାନ ନ କରି ମାନ ମୁଞ୍ଚଣ ହୁଅ ସେନା
ସପ୍ରେମ ହୋଇ ଅଳପ ଚାହିଂ ଦେଖାଅ ଚନ୍ଦ୍ରହାସ
ଭାଲେ ତିଳକ ରଖ୍ କି ଅଛି ମଦନ ଚନ୍ଦ୍ରହାସ ।୭।

ଯତନେ କୁନ୍ଦଦଶନି କୁନ୍ଦ କରିଛି ଧାତା ତୋର
ମୃଦୁ ଉତ୍ତର କହିଣ ତାର ଏ ଦୁଃଖୁଂ ନାରୀବର
ମଧୁରଭାଷି ଗଲିଟି ଭାସି ଉଦ୍ଧର ଧରି ମୋତେ
ମୀନଲୋଚନା ଦୁଃଖମୋଚନା ଆଶ୍ରେ କରୁଛି ତୋତେ ।୮।

ଆରେ ସୁତନୁ ଏବେ ସୁତନୁ ତନୁ କରୁଛି ତନୁ
ବାଜିଣ କାଣ୍ଡ ହୋଇଛି ଖଣ୍ଡ ଖଣ୍ଡ ତୋହର ବିନୁ
ତୁ ମୋର ଗତି ଗତି କାଦମ୍ୱଗତିରେ ରସବତୀ
ତୁ ଯେଣୁ ଗତି କଠୋର ମତି ନୁହସି ଏବେ ଅତି ।୯।

ତୋତେ ପାଇଲି ମନାଇଥିଲି ପୂର୍ବରେ କାଳ କାଳ
ଯେବେ ତୋ ବିନା ପିକବଚନା ହେବ ଯେ କାଳ କାଳ
ଛାର ଅନଙ୍ଗ ଦହୁଛି ଅଙ୍ଗ ପରାଣ ବନ୍ଧୁ ଦେଖ
ନୋହି ବିମୁଖ ହୋଇ ସୁମୁଖ ଦୂର ହୋଉ ମୋ ଦୁଃଖ ।୧୦।

ବାଣୀ ବିସ୍ତାର କର୍ଣ୍ଣ ନିସ୍ତାର କର ରେ ରାମାମଣି
ଅଳପ ହସି କଥା କହସି ନାଗରି ଗୁଣମଣି
ଆରେ ତରୁଣି ସୁରତ ରଣୀ ଅଛୁ ମୋତେ ଯେ କରି
ତୋ ଆଗେ ଧନ ନିଶ୍ଚୟେ ଅଛି ଯେବେ ତ ତିନିପୁରି ।୧୧।

---

୧୧. (କ) ଯେବେ ତିନି ପୁରି

Digitized by srujanika@gmail.com

ଶ୍ଳେଷ : ଉଦର ବଳିସଦ୍ମ ରାଜିତ ପୃଥୁ ମଣ୍ଡଳ କୁଚ
ସୁମନସର ଆସନ ତୋର ଅଟଇ ସଖି କର
ତୋ କୁଚ ଦୁଇ ଆକାର ହୋଇ ଯେବେ ରେ ପ୍ରେମଶୀଳା
ବହନ ହୋଇ ଶ୍ରୀଫଳକୁ ହିଂ ଶିରୀ ପ୍ରାପତ ହେଲା ।୧୨।

ତାଳ ସମରେ ରାଜ୍ୟ ନଥାଇ ତୃଣ ଯେ ରାଜା ହେଲା
ସମାନ ଘଟ ହୋଇଣ ଚକ୍ରବର୍ତ୍ତୀ ପଦକୁ ନେଲା
ବୋଲେ କୁସୁମଶର କୁସୁମଶର କୁସୁମଶର
ବିନ୍ଧି ସତ୍ୱର କରୁଛି ମୋର ଶରୀର ସର ସର ।୧୩।

ଏତେ ବୋଲିଣ କୁମରବର ଧରି ଚରଣ ତାର
କହିବା କଥା ଆୟତ ମୋର ଅବଧାନରେ ତୋର
ଶୁଣି ରମଣୀ ମାନ ମୁଞ୍ଚିଲା ଉଠିଣ କୋଳ କଲା
ନାନା ପ୍ରକାରେ ରତି ରସରେ କୁମର ତୋଷ ହେଲା ।୧୪।

ଚିତ୍ରରେଖାର ଏକାଦଶମ ଛାନ୍ଦ ହୋଇଲା ଶେଷ
ଯେଥି ଉତ୍ତାରୁ ଆନ ଛାନ୍ଦରେ ବିଶେଷି ଶୁଣ ରସ
ସୀତାହୃଦୟ ଚାରୁଚନ୍ଦ୍ରମା ଚକୋର ରାମଚନ୍ଦ୍ର
ତାଙ୍କ ଚରଣ ଚିନ୍ତି କହଇ ଭଞ୍ଜ ଯେ ଉପଇନ୍ଦ୍ର ।୧୫।

* * *

---

୧୩. ରାଜ୍ୟ ନଥା ତୃଣ ଯେ

୧୩. ବୋଇଲେ କୁମ ଶର କୁସୁମ ରକୁସୁମ ଶର

Digitized by srujanika@gmail.com

ଦ୍ୱାଦଶ ଛାନ୍ଦ
(ରାଗ-ବରାଢ଼ି, ଆଷାଢ଼ ଶୁକ୍ଳ ବାଣୀ)

ଅତି ବିଚିତ୍ର ଚିତ୍ରରେଖା ରସ
ଶୁଣି ରସିକେ ମନ କର ତୋଷ
ରତି ଅନ୍ତରେ କୁମାରୀ କୁମାର
ଶୟନ କଲେ ପଲ୍ୟଙ୍କ ଉପର
ସ୍ୱପନେ ବିଚ୍ଛେଦ
ହୋଇ ମନରେ ପାଇଲେ ବିଷାଦ ।୧।

କାନ୍ତା ବିନୁ କାନ୍ତ ଭାଳଇ ବସି
କେଣେ ଛାଡ଼ିଗଲୁ କୁଟୀଳକେଶି
ତୋତେ ମୁଂ ବନ୍ଧୁ କରିଥିଲି ଭେଳା
କି ଦୋଷେ ଅବଳା କଲୁରେ ହେଳା
ଜାଣିଥିଲି ମୁହିଂ
ଆଶା ଭରସା ମୋ ପରାଣ ସହୀ ।୨।

ପିଣ୍ଡ ରଖି ପ୍ରାଣ ଘେନିଣଗଲୁ
କି ଦୋଷକୁ ଏଡ଼େ ରୋଷ ବହିଲୁ
ଦିନେ ରତିଅନ୍ତେ ପିନ୍ଧି ବସନ
ନିୟମ କରିଛୁ ରାମାରତନ
ନ ଛାଡ଼ିବି ତୋତେ
ଯେବେ ବନ୍ଧୁ କଲୁ ନିରାଶ ମୋତେ ।୩।

---

୨.   କ) କାନ୍ତା ବିନୁ କାନ୍ତା

Digitized by srujanika@gmail.com

କେତକୀ କୁସୁମେ ଥିଲେ ହେଂ ବାସ
ଯହୁଂ ସେ ନ ଜାଣଇ ଭାବ ରସ
ତେଣୁ ମଧୁକର ନଯାଇ ପାଶ
ଭାବ ଥିଲେ କରେ ଅବା ସେ ଆଶ
ସେ ନିର୍ଗନ୍ଧ କୁନ୍ଦ
ଭାବେ ବଶ କରେ ମଧୁପ ବୃନ୍ଦ ।୪।

ମହତ ବୋଲି ମହା ଆଶା କଲି
କପଟ ରସେ ପଡ଼ି ନାଶ ଗଲି,
ଅଧରରୁ ଦେଇ ଅମୀୟ ରସ
ପାଦ ତଳରେ କରିଥିଲୁ ଦାସ
ହାହା ଚନ୍ଦ୍ରମୁଖି
ଯେବେ ତୋର ବିନୁ ହୋଇଲି ଦୁଃଖୀ ।୫।

ଗଳାରୁ କାଢ଼ିଣ ମୁକୁତାମାଳ
ସ୍ନେହରେ ମୋତେ କରୁଥାଉ କୋଳ
ଯେତେକ ଅନ୍ତର ନସହୁ ଧନ
ସେ ଭାବ ଚିନ୍ତି ଯାଉଛି ଜୀବନ
ରେ କେଳୀମଣ୍ଡନା
ଦୁସହ ମଦନ ଦୁଃଖଖଣ୍ଡନା ।୬।

ଯେବେ ହୋଇଥାଉ ମୋରେ ବିମନ
ଚାଟୁ କହିଲେ ତୁ ପ୍ରମୋଦୁ ମାନ
ଦିନେ ସଦନ ଦ୍ୱାରେ ଦେଇ କର
ଉଭା ହୋଇଥିଲୁ ନାଗରୀବର
ଧୀର ହୋଇଗଲି
ପଛ ପାଶରୁ ଆଲିଙ୍ଗନ କଲି ।୭।

---

୫.   କ) ଆହା

Digitized by srujanika@gmail.com

ଚମକି ଦେଖି ମୋତେ କଲୁ କୋଳ
ମୋ ଗଣ୍ଡେ ଲାଗିଲା ତାମ୍ବୁଳ ବୋଳ
ଦେଖିଣ ଅଳପ ହୋଇ ହସିଲୁ
ବସନ ଘେନି ଗଣ୍ଡ ପୋଛି ଦେଲୁ
ଭାବନ୍ତେ ସେ କେଳି
ମଦନ ଅନଳ ଦେଉଛି ଜାଳି ।୮।

ଆଜନ୍ମ ସୁକୁମାରୀ ମୋର ଧନ
ହୁ ତୁହ ଗାଢ଼ ଆଲିଙ୍ଗନ
ବେ'ଳେ ଅନୁଭବ କରି ସେ ନାହିଁ
ଯେବେ ଏ କାଣ୍ଡ ତୁ ସହିବୁ କେହି
ରେ ମୃଗଲୋଚନା
ମୋ ବିନୁ କରୁଥିବୁ ତୁ ଶୋଚନା ।୯।

ଦିନେ ମଣ୍ଡପେ ବସିଥିଲୁ ଧନ
ମୋତେ ଦେଖିଣ ପୋତିଲୁ ବଦନ
କର ଧରି ମୁଖେ ଦେଲି ଚୁମ୍ବନ
ବୋଇଲି ବିନା ଦୋଷେ କିମ୍ପା ମାନ,
ମାନକୁ ସମାନ
ମୋ ଛାର ନିକିରେ ଜୀବ ଜୀବନ ।୧୦।

ଦିନେ ତୋହର କୁଚେ ପତ୍ରାବଳି
ଚନ୍ଦ୍ର କିରଣେ ଦେଖୁଥିଲି ବାଳି
କୁହୁ କୁହୁ ଧ୍ୱନି କଲା କୋକିଳ
କାମ ଉଚ୍ଛନ୍ନେ ମୋତେ କଲୁ କୋଳ
ନଥିବ କି ମନ
ଲଜ୍ଜା ତେଜି ଯାହା କହିଲୁ ଧନ ।୧୧।

---

୯. ଖ) ବେଳେ ଭରସା ସେ କରିନାହିଁ ସେହି

Digitized by srujanika@gmail.com

ବୋଇଲୁ ପୁରୁଷ ହୋଇବି ମୁହିଂ
ଯେତେ ବୋଲି ମୁଖେ ଚୁମ୍ବିଲୁ ସହି
ଦିନେ ଯେ ହୋଡ଼ କରିଣ ସୁରତି
ଚନ୍ଦ୍ରମଣ୍ଡପେ ବସି ରସବତି
ଆରମ୍ଭିଲୁ ପଣା
ହାରିଲୁ ସୁରତ କୁରଙ୍ଗଦୃଶା ।୧୨।

ମୁହିଂ ବୋଇଲିରେ ରସବାରିଧି
ହାରିଲୁ ପ୍ରିୟେ ତୁ ସୁରତ ନିଧି
ଶୁଣି ଅଳପ ନାସା ଫୁଲାଇଲୁ
ନୟନ ଢ଼ାଳିଲୁ
ଆଜି ନିଶିରେ ଜାଣିମା ବୋଇଲୁ ।୧୩।

ଗୋଜ କଲୁ ଦିନେ ବିମ୍ବ ଅଧର
ଚୁମ୍ବନ ଦେବା ଆଶେ ରାମାବର
ବାନ୍ଧିଲୁ ବସନ ଅଞ୍ଚଳେ ମୋତେ
ଆଜି କାହିଁ ଛାଡ଼ି ଦେବି ମୁଂ ତୋତେ
ବୋଇଲିରେ ବାଳା,
ତୁହି ସିନା ଜାଣୁ ସୁରତ ଲୀଳା ।୧୪।

ଗଗନେ ବିଜୁଳି ଝଟକେ ଦେଖି
ଦୁଇ କରରେ ବୁଜୁଥାଉ ଆଖି
ଘଡ଼ ଘଡ଼ି ଶୁଣି ଚମକି ପଡୁ
କୋମଳ କରେ ଗାଢ଼େ ମୋତେ ଭିଡୁ
ରେ କୁନ୍ଦରଦନା
ତୁହି ସେ ଜାଣୁ ମୋ ହୃଦବେଦନା ।୧୫।

---

୧୩. ଉଭୟ (କ) ଓ (ଖ) ପୋଥିରେ ଏ ପାଦଟି ନାହିଁ ।
୧୪. ଖ) ସୁର ତିଳାଳା
୧୫. କ) ଝଟକ ଦେଖି

Digitized by srujanika@gmail.com

ଗ୍ରୀଷ୍ମ କାଳରେ ରତି ଅନ୍ତରେ
କର୍ପୂର ଚନ୍ଦନ ବୋଳୁ ଅଙ୍ଗରେ
ପୁନଃ ପୁନଃ ଦେଇ ସରୁ ଚୁମ୍ବନ
ତୁହି ପ୍ରାଣ ବନ୍ଧୁ ଜାଣୁ ମୋ ମନ
ହା ହା ଚିତ୍ରରେଖା
ତୋ ବିନୁ ମୋର କେହିନାହିଁ ଶାଖା ।୧୬।

ପ୍ରଭାତେ ନୟନ ବୁଜିଣ ଥାଉ
ମୋ ମୁଖ ଚାହିଁଲେ ନୟନ ଫେଉ
ତୁହି ସେ ଜାଣୁ ଘେନାଘେନି ଭାବ
ଯେବେ ତୋତେ ଦୂର କଲା ଦଇବ
ରେ ନବ ଅବଳା
ମୋହର ଗଳାର ମୁକୁତାମାଳା ।୧୭।

ବିଚାର କରିଥାଇ ମୋର ଚିତ୍ତେ
ପ୍ରବାସେ ରହନ୍ତି ପୁରୁଷ ଯେତେ
କେମନ୍ତେ ବଞ୍ଚନ୍ତି ରଜନୀ ଦିନ
ଯେବେ ଅନୁମାନ କଲି ସେମାନ
ରେ ରାମାରତନ
ମୋ କେଳି ପଡୁ ନଥିବ କି ମନ ।୧୮।

ଧିକ ହେଉ ଏ ବିଦେଶୀ ଜୀବନ
ନ ଦେଖନ୍ତି ପ୍ରିୟା ଚନ୍ଦ୍ରବଦନ
ଗୁଣମଣି କୋଳେ ଥିଲେ ରୟଣୀ
ନିମିଷ ପରାୟେ ମନରେ ମଣି
ପ୍ରିୟା ବିନୁ ଆନ
ଯୁବା ପୁରୁଷକୁ ନାହିଁ କାରଣ ।୧୯।

---

୧୯. ଖ) ରଜନୀ

Digitized by srujanika@gmail.com

ରସିକ ଯୁବତୀ ନଥିଲେ ପାଶ
କୋଟି ଯୁଗ ପ୍ରାୟେ ହୁଏ ନିମିଷ
ହୃଦେ ବାଜୁଥାଇ କୁସୁମଶର
ଆହ୍ଲାଦ ହୋଉଥାଇ ସେ ମନର
ନ ଘେନଇଂ ସୁଖ
ସୁଖ ଯାକ ପ୍ରତେ ହୁଅଇ ଦୁଃଖ ।୨୦।

ବିରହେ ଆକୁଳ ହୋଇ କୁମାର
ପ୍ରିୟାକୁ ଲେଖଇ ପ୍ରେମ ପତର
ବନ୍ଧୁ ତୋହର ଦରଶନ ବିନୁ
ଅଙ୍ଗ ଦହୁ ଅଛି କୁସୁମଧନୁ
ମୋର ଗତି ତୁହି
ତୋ ବିନୁ ଆନ ଗତି ଆଉ ନାହିଁ ।୨୧।

କୋଟି ଜନ୍ମରେ ତପ କରିଥିଲି
ପୂର୍ବ ପୁଣ୍ୟ ବଳୁ ତୋତେ ଲଭିଲି
ଧନ୍ୟ କରିଥିଲି ମୋର ଜୀବନ
ଦାରୁଣ ବିହି କଲା ଭିନ୍ନ ଭିନ୍ନ
ଦେଖିବି କି ତୋତେ
ମୋର ମନକୁ ନୋହୁଛି ପରତେ ।୨୨।

ମୁହିଂ ଚାତକୀ ତୁହି ନବଘନ
ମୁଂ ଯେ ମଧୁକର ତୁଯେ ନଳୀନ
ତୋ ବିନୁ ମୋର ଆନ କେହି ନାହିଂ
ଆହା କରିବାକୁ ଯେହୁ ଯେ ମହୀ
ଲେଖିଣ ପତର
ବେଗେ ନେଇ ଦେଲେ ଦୂତ ହାଥର ।୨୩।

---

୨୦. ଖ) ପ୍ରାୟେ ହୋଉ ନିମିଷ
୨୩. ଖ) ତୋ ବିନୁ ମୋର ଆନ ଗତି ନାହିଂ
ହା ହା କରିବାକୁ ଯେହୁ ଯେ ମହୀ

Digitized by srujanika@gmail.com

ନିର୍ମଳ ନୟନ କରୁଣାସିନ୍ଧୁ
ଭଗତ ଜନର ଜୀବନ ବନ୍ଧୁ
ଉପଇନ୍ଦ୍ର ମଙ୍ଗରାଜ କହଇ
ତୁମ୍ଭ ଚରଣେ ଶରଣ ଗୋସାଇଂ
ହେ ଅନାଥନାଥ
ଉଦ୍ଧର ମୋତେ ସରସିଜହାଥ ।୨୪।

* * *

Digitized by srujanika@gmail.com

ତ୍ରୟୋଦଶ ଛାନ୍ଦ
(ରାଗ-କେଦାର କାମୋଦୀ)

ଛାନ୍ଦ ଲୟ ହୋଇଲେ ଗୀତ ରସରେ
ନିଶ୍ଚେ ଜନମନକୁ ବିମନ କରେ ହେ
ତେଣୁ କହିଲି ଆନ ଛାନ୍ଦେ କରିଣ
ଯେଥୁ ଅନ୍ତେ ଯେବେ ସୁଜନେ ଶୁଣ ହେ ।୧।

ବାଳା ଛାମୁକୁ ପ୍ରିୟ ଚିଟାଉ ଦେଲା,
ଯେମନ୍ତେ ଘନ ଘୋଷ ଦେଖି ବୋଇଲା,ଯେ
କେମନ୍ତେ ବଞ୍ଚିଥିବୁ ମୋ ପ୍ରାଣ ପ୍ରିୟା
ବୋଲୁ ଯେ ଥିବୁ ବନ୍ଧୁ ବଡ଼ ନିର୍ଦ୍ଦୟା ହେ ।୨।

ଦିନେ କେଳି ପୁରରେ କୁରଙ୍ଗ ଦୃଶା
ଦେଖି ଘୋର ବରଷା ନିବିଡ଼ ନିଶା ରେ
ମୋହର ମନ ଧନ ଜାଣିବା ପାଇଂ
ମିଛେ ରଷି ବସିଲୁ ଚନ୍ଦ୍ରମା ମୁହିଂ ଛେ ।୩।

ବହୁ ବିନୟ କରି ପାଦେ ପଡ଼ିଲି
ମୁଂ ତୋର କିଣା ଦାସ ବୋଲି ବୋଇଲି ଯେ
ଶୁଣି ମୋ କର ଧରି ପଲଙ୍କେ ନେଲୁ
ଗାଢ଼େ ଆଶ୍ଳେଷ କରି ଗଳା ଭିଡ଼ିଲୁ ରେ ।୪।

ବାନ୍ଧବି ରତି ରସେ ମିଶି ମୋ ଅଙ୍ଗେ
ଭିଡ଼ିଲୁ ମୋତେ କୁଚ ନିବିଡ଼ ତୁଙ୍ଗେ
ପୁରୁଷ ଅଙ୍ଗ ହେଲୁ ରତି ସମରେ
କରଜ ମୁନ ଦେଲୁ ମୋର ହୃଦରେ ରେ ।୫।

---

୧. ଯେଥୁ ଅନନ୍ତେ ଯେବେ ସୁଜନେ ଶୁଣ ହେ ।
୩. କୁଙ୍ଗଦାକ୍ଷା

Digitized by srujanika@gmail.com

ହା ହା ମୋ ପ୍ରାଣବନ୍ଧୁ ହା ହା ସଜନି
ମୋ ମନ ଜାଣୁ ଯେବା କରିଗମନି ରେ
ଯେବେ କେମନ୍ତେ ବଞ୍ଚୁଥିବୁ ଏ ନିଶି
ହର୍ମ୍ୟ ପୁରରେ ବସି କୁଟିଳକେଶୀ ରେ ।୬।

କାମ ଉଚ୍ଛନ୍ନେ ଦିନେ ମୋ ବାସ ଧରି
କେଳି ମନ୍ଦିରେ ଘେନି ଗଲୁ ଚତୁରି ରେ
ପଲ୍ୟଙ୍କ ପରେ କେଳି ଅନ୍ତେ କୋଳର
ବସି ଯେ ଥିଲୁ ମୋର ରମଣୀବର ରେ ।୭।

ମଧୁରେ କହୁଥିଲୁ ଲୀଳା ଚରିତ
ମଦନରେ ଉଚ୍ଛନ୍ନ ହେଲା ମୋ ଚିତ୍ତ ରେ
ନୀବି ବନ୍ଧ ବିବନ୍ଧ କଲି କରରେ
ମୁଖ ମୋଡ଼ିଣ ମୋତେ ବୋଇଲୁ ଧୀରେ ରେ ।୮।

ଯେତେ ହେଂ କଲେ ବନ୍ଧୁ ସୁଖ ପ୍ରଦାନ
ବୋଧ ନୁହଇ ତୁମ୍ଭ ଅବୋଧ ମନ ହେ
ଯେତେ ବୋଲିଣ ପୁଣ ପରାଣଧନ
ହୁଡ଼ିଲି ବୋଲି ଦେଲୁ ଚାରୁ ଚୁମ୍ବନ ରେ ।୯।

ସେବକ ହେଲେ ଦୋଷ କରଇ ଧନ
ଦୋଷେ କରିଣ ଯେହା ମନେ ନ ଘେନ ରେ
ବଚନରେ କିଣିଲୁ ମୋର ଶରୀରଂ
କର୍ମ ବିଫଳେ ହେଲୁ ଯେବେ ଅନ୍ତର ରେ ।୧୦।

ଧିକ ଧିକ ଜୀବନ କ୍ଷଣେ ନଥାଉ
ଭାବବତୀ ତୋ ଭାବ ଭାବିଣ ଯାଉ ଯେ
ଅବଶ୍ୟ ପିଣ୍ଡୁ ଥରେ ଯିବତ ପ୍ରାଣ
ତୋ ଗୁଣ ଗୁଣି ଗଲେ ହେବ କାରଣ ରେ ।୧୧।

ଯେବେ ଏ ଥିବ ଥାଉ ନଥାଉ ଜ୍ଞାନ
ତୋ ବିନୁ ବିଷ ପ୍ରାୟେ ସୁଧା ଅଶନ ରେ
ତୁ ମୋହର ନୟନ ସମ୍ପତ୍ତି ବନ୍ଧୁ
ତୋ ବିନୁ ଘୋଟୁଅଛି କଷଣ ସିନ୍ଧୁ ରେ ।୧୨।

Digitized by srujanika@gmail.com

ଗଳା ମୁକ୍ତା ମାଳା ହୃଦ ଚନ୍ଦନ
ଅନଙ୍ଗ ଶରେ ଦୁଃଖୀ ହେଲୁ ମୋ ଧନ ରେ
ନେତ୍ର ନକରୁ କଷା ଦେଖି ବରଷା
ନଖ ଅଗ୍ରରେ ଚିରୁଥିବୁ ଯେ ରସା ରେ ।୧୩।

କେକିର କେକା ଶୁଣି ଚମକୁ ଥିବୁ
ମୋହ ପ୍ରସଙ୍ଗ ସଙ୍ଗ ମନେ ଭାବିବୁ ରେ
କେମନ୍ତେ ଲଭିବି ତୋ ମୁଖ ଦର୍ଶନ
ତୋ ବିନୁ ଆନ ନ ଦେଖଇ ସ୍ୱପନ ରେ ।୧୪।

ଯେବେ ଈଶ୍ୱର ମୋତେ କୃପା କରିବେ
ଟାରୁ ଚତୁରୀ ମୁଖ ଦର୍ଶନ ଦେବେ ଯେ
ତୋ ମୁଖ ଦରଶନେ ଲଭି ମୁଂ ସୁଖ
ଦୂର କରିବି ମୋର ମଦନ ଦୁଖ ରେ ।୧୫।

ପାଦେ ପଡ଼ିବି ଯାଇ ପ୍ରଥମେ ମୁଂ
ଚାଟୁ କହିଣ ତୋର ମାନ ଛଡ଼ାଇ ରେ
ପଲ୍ୟଙ୍କ ପରେ ନେବି ଧରି ଶ୍ରୀକର
ଜୀବନ ଥିବା ଯାଏ ନୋହିବି ଦୂରରେ ।୧୬।

ଏହା ଯେବେ କରିବେ କମଳାପତି
ଘେନିଣ ମହାପ୍ରଭୁ ମୋର ଭଗତି ଯେ
ଆହେ ଜଗତ ବନ୍ଧୁ ଏତେ ମାଗୁଛି
ନେତ୍ର ସଫଳ କର ଦେଇ ମୃଗାକ୍ଷୀ, ହେ ।୧୭।

ନମଇଂ ବଳଭଦ୍ର ଚାରୁ ଚରଣ
ଶରଣ ପଶିଲି ମୁଂ କର କାରଣ ହେ
କହଇ ଉପଇନ୍ଦ୍ର ଭଞ୍ଜ ଯେ ରସ.
ରେବତିପତି ପାଦେ କରି ବିଶ୍ୱାସ ଯେ ।୧୮।

* * *

---

୧୮.   ପତି ପାଦ କରି ବିଶ୍ୱାସ

Digitized by srujanika@gmail.com

ଚତୁର୍ଦ୍ଦଶ ଛାନ୍ଦ
(ରାଗ-ଦେଶାକ୍ଷ)

କାନ୍ତ ବିନୁ କାନ୍ତା କରେ ବହୁ ସନ୍ତାପ
କରିଥିଲି ପୂର୍ବେ ମୁହିଂ କେବଣ ପାପ ।୧।

କେହୁ ଘେନିଗଲା ପ୍ରାଣ ପିଣ୍ଡ ଥୋଇଣ
ହୃଦୟ ନାଶ କରୁଛି ମଦନ ବାଣ ।୨।

ସ୍ୱପନ ସମ୍ପତ୍ତି ପ୍ରାୟେ ହୋଇଲି ଦୂର
ଭେଳା ମୋ ବୁଡ଼ିଲା କାମ ରସ ସାଗର ।୩।

ସତେ ହେ ଦେଖିବି ଚାରୁ ଚନ୍ଦ୍ରବଦନ
ଦିନ ଯୁଗ ପ୍ରାୟେ ହେଲା ହୋଇଲି ଦୀନ ।୪।

ଯେ ଘନ ସମୟେ କାହା ପାଶରେ ଥିବ
କେବଣ ଗୁଆଂରୀ ତାର ମନ ଜାଣିମ ।୫।

ପୁରୁଷ ରତନ ରତି ଶାସ୍ତ୍ରେ ପଣ୍ଡିତ
ମଧୁର ମୂରତି ଦୁତି ମାନସସୁତ ।୬।

ଯେବଣ ସୁନ୍ଦରୀ ତାଙ୍କୁ କରିବ କୋଳ
ନିମିଷ ପ୍ରାୟ ମଣିବ ରଜନୀ କାଳ ।୭।

ସ୍ୱଭାବେ ଭୃଙ୍ଗ ସ୍ୱଭାବ ପୁରୁଷ ଜାତି
ମଧୁ ପିଇବାର ଯାଏ ସବୁ କହନ୍ତି ।୮।

ଚନ୍ଦନୁ ଶୀତଳ ସେ କହନ୍ତି ବଚନ
ମେଘ ଛାଇ ପ୍ରାୟେ କରି କରନ୍ତି ଆନ ।୯।

ରସାଳ ପରାଏ ମନ କରନ୍ତି ତୋଷ
ହୃଦୟ ମଧରେ ରଖିଥାନ୍ତି କର୍କଶ ।୧୦।

ମହାକାଳ ଫଳ ପ୍ରାୟେ ଅତି ଉଜ୍ଜଳ
ହୃଦୟ ଭିତରେ ଯେହ୍ନେ ଥାଇ କଜ୍ଜଳ ।୧୧।

---

୧. କରିଥିଲି ପୂବେ କେବଣ ପାପ

Digitized by srujanika@gmail.com

ପୁଣି ବୋଲେ ରାମା ସେ ମହତ ପ୍ରଭୃଷ
ମୋହର କର୍ମ ବିଫଳୁ ହେଲେ ନିରାଶ ।୧୨।

ଅଭିନ୍ନ ପୀରତି ଭିନ୍ନ କଲା ବିଧାତା
ଚିନ୍ତାମଣି ହରିନେଇ ଦେଉଛି ଚିନ୍ତା ।୧୩।

ବିବେକ ବୋଲି ବୋଲନ୍ତି ତୃତୀୟ ଲୋକ
ଜାଣି ତା ତହୁଂ କେହୁ ଅଛି ବିବେକ ।୧୪।

ଦେଖିଲେ ନୟନେ ମୁଖ ମଳିନ ମୋର
ସହଚରୀ ପାଶେ ଯାଇ ଧୀରେ ପଚାର ।୧୫।

କିମ୍ପାଇ ମୁଖ ବିରସ କରୁଛି ଧନ
କିଅବା ମୋହରେ ହୋଇଅଛି ବିମନ ।୧୬।

ସହଚରୀମାନଙ୍କୁ ମୋ ପାଶକୁ ପେଶ
ପଚାର ଯାଇ ସଜନୀ କିମ୍ପା ବିରସ ।୧୭।

ତା ଶୁଣି ହରଷେ ମୁହିଂ ବିଚାରେ ମନ
କୁମାର ମୋ ପାଶୁ କେବେ ନୋହିବ ଭିନ ।୧୮।

ଯେବେ କାହାଠାରୁ କିସ ଶିକ୍ଷା ପାଇଲ
ଅଗାଧ ନୀରେ ବୁଡ଼ାଇ ଅନ୍ତର ହେଲ ।୧୯।

ଦିନେ ଦିନେ ଯେତେ ମୋତେ ଦେଇଛ ଭାବ
ତାହା ଗୁଣି ଗୁଣି ମୋର ଜୀବନ ଯିବ ।୨୦

ଅପୂର୍ବ ପୁରୁଷମଣି ସଂସାର ସାର
ରସିକ ଶିରମୁକୁଟ ଅତି ସୁନ୍ଦର ।୨୧

ଯୁବତୀ ଜନମାନସ ସୁଖଦ କର
ନାଗରବର ଈଶ୍ୱର ନବକିଶୋର ।୨୨।

ଅପାର କାଳରୁ ଆଶା କରିଣ ଥିଲି
କପଟ ପ୍ରୀତିରେ ପଡ଼ି ନାଶ ହୋଇଲି ।୨୩।

ତୋତେ କରିଥିଲି ମୁହିଂ ଆଶା ଭରସା
ଚାତକ ଯେହ୍ନେ ରସିଲା ଘନ ବରଷା ।୨୪।

Digitized by srujanika@gmail.com

କର୍ମେ ଯାହା ଲିହି ଅଛି କଞ୍ଜାନନ୍ଦନ
କାହାବେଳେ ତାହା କରି ହୋଇବ ଆନ ।୨୫।

ନିଧନେ ଧନ ଯେବେ ହେବ ପ୍ରାପତ
ହରାଇ ଯେସନ ତାର ହୁଅଇ ଚିତ୍ତ ।୨୬।

ତେସନ ପରାୟେ ରାମା ଆକୁଳ ହୋଇ
ପ୍ରାଣବଲ୍ଲଭ ଛାମୁକୁ ଚିଟାଉ ଲିହି ।୨୭।

କି ଦୋଷକୁ ପ୍ରାଣନାଥ କଲ ହେ ଦୂର
ମୁହିଂ ତ ଅଟଇ ପରିଚାର ତୁମ୍ଭର ।୨୮।

ପ୍ରଭୁ ରୋଷ କରିବାର ନୋହେ ଯୁଗତ
ସେବକ ହୋଇଲେ ଦୋଷ କରଇ ସତ ।୨୯।

ତୁମ୍ଭେ ଧାର୍ମିକ ବିବେକ ରସିକ ବନ୍ଧୁ
କୃପାକୃପଣ ହୋଉଛ କରୁଣାସିନ୍ଧୁ ।୩୦।

ତୁମ୍ଭ ବିନୁ ଆନ ଗତି ନାହିଂ ସଂସାର
ତୁମ୍ଭେ ସେ ଅଟ ମୋହରି ଜୀବନଈଶ୍ୱର ।୩୧।

ସହଚରୀ ହାଥେ ଲେଖ ଲେଖିଣ ଦେଲା
ଚିତ୍ରରେଖା ଚତୁର୍ଦ୍ଦଶ ଛାନ୍ଦ ପୂରିଲା ।୩୨।

ଜୟ ଜୟ ବନମାଳି ନନ୍ଦ ନନ୍ଦନ
ଦେବକୀଗର୍ଭ ସମ୍ଭୂତ ଚାରୁବଦନ ।୩୩।

ପୁଣ୍ଡାରୀକ ନେତ୍ର ପୁଣ୍ଡରୀକ ଅରାତି
ପୁଣ୍ଡରୀକ ବନ୍ଧୁ ସଖା କମଳାପତି ।୩୪।

ଅଳିକୁଳ ପୁଣ୍ଡରୀକ ଅୟଂ (?) ପ୍ରୀତି
ଯାମଳା ଅର୍ଜୁନ ନାଶି ଅର୍ଜୁନଧୃତି ।୩୫।

ତାଙ୍କ ପାଦ ଧାୟି ଅନୁବରତେ ଚିତ୍ତେ
କହେ ଉପଇନ୍ଦ୍ର ମଙ୍ଗରାଜ ଏ ଗୀତେ ।୩୬।

* * *

Digitized by srujanika@gmail.com

ପଞ୍ଚଦଶ ଛାନ୍ଦ

(ରାଗ-ବରାଡ଼ି)

ଶୁଣ ହେ ସୁଜନ ଜନ ତେଜିଣ ଉଠି ସପନ
ନାରୀବର ବସି ଏକ ସ୍ଥାନ
କାମଭରେ କମ୍ପେ ଗାତ୍ର ସଜଳ କରିଣ ନେତ୍ର
କହନ୍ତ ନାଗର ସୁବଚନ ରେ
ଜୀବଧନ । ତୋର ପାଶୁ ହୋଇଲି ଭିନ
ଯୁଗ ସମ ମନେ ମଣୁଥିଲି ଦିନ ରେ ।୧।

ଶୁଣରେ କୁଟୀଳ କେଶୀ ତୋ ବିନୁ ମୁହିଂ ବିଦେଶୀ
ମାରଶରେ ହୋଇ ଅତିଦୁଃଖୀ
ସୁମରି ତୋ କେଳିମାନ ନେଉଥିଲି ଯେହୁ ଦିନ
ତହିଂକି ପୂରିତ ନୀର ଆଖିରେ
ଜୀବଧନ । ତୋର ବିନୁ ନାହିଂ ମୋର ଆନ
ତୁହି ବନ୍ଧୁ ମୋର ଗଳାର ରତନ ରେ ।୨।

ଶୁଣିଣ ରାମାରତନ ହସିଣ ଉଠି ବହନ
କୁମାରକୁ କୋଳାଗ୍ରତ କଲା
ବାଳାକୁ ଧରି କୋଳର ବସିଲା ନାଗର ବର
ଯେତେବେଳେ କବି ବିଚାରିଲା ସେ
ନବଘନ । ମଧ୍ୟରେ କି ବିଜୁଳିର ଆଭା
ପୁରୁଷ କୋଳରେ ତେସନକ ଶୋଭା ସେ ।୩।

ବୋଇଲ ରସିକ ମଣି ଦେଖି କଦମ୍ବ ରମଣୀ
କଇଳାସୁ ଅଧିକ ଅଟଇ
ଏଥି ବହୁ ନୀଳକଣ୍ଠ, ତହିଂ ଯେକ ନୀଳକଣ୍ଠ
ଶିରେ ଏକ ଚନ୍ଦ୍ରକ ବହଇ ରେ
ପ୍ରାଣଧନ । ଏହୁ ବହେ ବହୁ ଚନ୍ଦ୍ରକ
ସେ ଶିବୁ ଏ ଶିବ ଅଧିକ ରେ ।୪।

---

୩. ତେତେବେଳେ କି ବିଚାରିଲା

Digitized by srujanika@gmail.com

ବେଗେ କର ନମସ୍କାର ଶୁଣିଣ କାନ୍ତ ଉତ୍ତର
ଶିରେ ନେଇ ଦେଲା ବେନି କର
କି ବିଚାରେ ସେ ମନରେ ମର୍କତ ପାତ୍ର ମଧ୍ୟରେ
ଚମ୍ପା କଢ଼ି ଥୋଇ ପୂଜେ ହର ସେ
ପ୍ରାଣଧନ । ଯାହାକର ଦୁଇ ଟେକି ଦେଲା
ବେନି ଶମ୍ଭୁ ଅଛି ମୋ ଅଙ୍ଗେ ବୋଇଲା ସେ ।୫।

ବଦନ ଚନ୍ଦ୍ର ମଣ୍ଡଳ ଦର୍ଶନେ କର କମଳ
ମୁଦ୍ରିତ କି ଏମନ୍ତ ଦିଶିଲା
କି ଅବା ସେ ମଧୁକର ସୁଖମନରେ ବିହାର
ବସିଣ ସରଜ କଢ଼ି କଲା ସେ
ପ୍ରାଣଧନ । କାଳିନ୍ଦୀ କଲ୍ଲୋଳ କୋକନଦ
ଜଗତ ଜନଙ୍କ ନୟନ ସୁଖଦ ସେ ।୬।

ନଖ ପୂର୍ଣ୍ଣ ନିଶାକର କେଶ ନୀରଦ ଭିତର
କିରଣ ପଟଳ ପ୍ରକାଶିଛି
ଦିଶଇ ଅତି ଶୋଭିତ ଯେହୁ ଅଟେ ଅଦଭୂତ
କବି ଅନୁମାନ ବିନାଶୁଛି ସେ
ପ୍ରାଣଧନ । କୁନ୍ଦକଢ଼ି ତମାଳ ଉପର
ନାହିଁ ପଟାନ୍ତର ତିନି ଭୁବନରେ ସେ ।୭।

ଦେଖିଣ ସରାଗ ତାର ଉଠି ନୃପତି କୁମାର
କୋଳାଗ୍ରତ ବେଗେ କରି ଯାଇ
ବୋଲଇ ଦେଖ ସଜନି ଜମ୍ବୁନଦ ସୁବରନୀ
ଝଟ ଝଟ ବିଦ୍ୟୁ ଝମକଇ ରେ
ପ୍ରାଣଧନ । ଉପମା ଦ୍ୱାରାରେ ଲକ୍ଷି ନୋହି
ମୋହର ମନକୁ ଏହା ପ୍ରତେ ହୋଇ ରେ ।୮।

Digitized by srujanika@gmail.com

ଉଡ଼ାଇ କିବା ପବନେ ଚାରୁ ଚମ୍ପକ ବିପିନେ
ନେଇ ଥୋଇଅଛି ଗଗନରେ
କି ଅବା ଜଳ ଭିତରେ ହେମ ଲତାୟେ ରଚିରେ
ଦେଖ ଦେଖ ସଖି ନୟନରେ ରେ
ପ୍ରାଣଧନ । ଚନ୍ଦ୍ରସମ ଚାନ୍ଦିନୀ ଉପରେ
ବେନି ଜନ ଭୋଳ ସେ ପଶା ଖେଡ଼ରେ ।୯।

ହୋଡ଼ କରିଣ ସୁରତି ପଶାଖେଳ ସେ ଖେଳନ୍ତି
ଲୀଳାବତୀ ସଙ୍ଗେ ସେ କୁମର
ହାରିଲା ରମଣି ବର ରସିକ କହେ ଉତ୍ତର
ହାରିଲୁ ତୁ ରତିରସସାର ରେ
ପ୍ରାଣଧନ । ଶୁଣି ରାମା ମଧୁରେ ହସିଲା
ବକ୍ର କରି ନେତ୍ର ଅଳପ ଢାଳିଲା ସେ ।୧୦।

ମନୋଜବାଣ ନୃପତିସୁତ ଧୀରେ
ଚୁମ୍ବ ପ୍ରିୟା ମୁଖେ ଦେଲା
କାମେ ଅସକତ ହୋଇ X X X
ବିବସନ କଲା ସେ
ପ୍ରାଣଧନ । ବେନି ଜନେ ମନେ ତୋଷ ହେଲେ
ଦିବ୍ୟ ପଲ୍ୟଙ୍କରେ (ଯାଇ) ବେଗେ ବସିଲେ ।୧୧।

ବାଳା ନୟନ ଅଞ୍ଜନ ଲାଗି କୁମର ଦଶନ-
ବସନ ଦିଶଇ ସୁରୁଚିର
ପ୍ରଫୁଲ୍ଲ ବନ୍ଧୁଲି ଫୁଲେ, ଭ୍ରମର କି ଅବା ଭାଳେ
ସୁଖ ମନେ କରଇ ବିହାର ରେ
ପ୍ରାଣଧନ । ଦେଖି ରମଣୀ ଉଚ୍ଚେ ହସିଲା
ଝୀନ ବାସ ଘେନି ସତ୍ୱରେ ପୋଛିଲା ସେ ।୧୨।

---

୧୧. ଦିବା ପଲ୍ୟଙ୍କରେ ବେଗେ ବସିଲେ

Digitized by srujanika@gmail.com

ଅଧର ତାମ୍ବୁଳ ବୋଳ, ଶୋଭା ତରୁଣୀ ଗଣ୍ଡର
ସୁବର୍ଣ୍ଣ ପଲ୍ଲବେ କି ମାଣିକ୍ୟ
ଅଟଇ ଅନୋଉପମା କେ ଦେବ ତାକୁ ଉପମା
ସୁନ୍ଦର ସେ ନାୟିକା ନାୟକ ସେ
ପ୍ରାଣଧନ । ବୀର ଧରି ବଧୂକୁ କୋଳରେ
ବେଶକରେ ତାକୁ ନାନା ରହସ୍ୟରେ ଯେ ।୧୩।

କୁଟିଳ କୁନ୍ତଳ ତାର ସୁନ୍ଦର କବରି ଭାର
ବାନ୍ଧିଲା କୁସୁମ ସରି ସରି
ହେମ କେତକ ପତର ମୁକୁତା ଜାଲି ରୁଚିର
ରଚିଲା ଅତି ଯତ୍ନ କରି ସେ,
ନୃପସୁତ । ଅଳକା ରଚିଲା କପାଳରେ
ଚନ୍ଦ୍ରଝୁମ୍ପି ଦେଲା ତଥିର ତଳରେ ସେ ।୧୪।

କସ୍ତୁରୀ ଚିତ୍ର ମଧର ସିନ୍ଦୁର ବିନ୍ଦୁ ସୁନ୍ଦର
ନାହିଂ ପଟାନ୍ତର ତିନି ପୁରେ
ରାହୁକୋଳେ ଦିନକର ରହିଛନ୍ତି ନିଶାକର
ଜଗତରେ ଅତି ମନୋହର ସେ,
ନୃପସୁତ । ମୃଗନାଭି ଚୁରିଲେ ବହନ
ଗଣ୍ଡ ଯୁଗରେ ମକରୀ ଶୋଭାବନ ସେ ।୧୫।

ଶ୍ରବଣେ ତାଟଙ୍କ ଶୋଭା, ମୋତିଫୁଲ ଘେନି ଲୋଭା
ମଲ୍ଲିକଢ଼ି ଶୋଭା ତାର ପର
ନାହିଂ ତାକୁ ପଟାନ୍ତର ଦେବାକୁ ଯେ ତିନି ପୁର
ହେମ ଦ୍ରୁବ ଦିଶେ ସୁରୁଚିର ସେ
ନୃପସୁତ । ନାସା ପୁଟେ ମୁକୁତାର ଗୁଣା
ଅତି ମନୋହର ତହିଂ ନାକଚଣା ସେ ।୧୬।

---

୧୩. ନାନା ରହସ୍ୟ ରସେ
୧୬. ମୋତି ଫ୍‌ଲ ଘେନି

Digitized by srujanika@gmail.com

କଣ୍ଠେ ଶୋଭାବନ ମାଳି ମୁଦ୍ରିକାଗଣ ଅଙ୍ଗୁଳି
ମଣିମୟ କଙ୍କଣ କରଇ
ନବ ଦାହ ହେମ ଚୁଡ଼ି ନୀଳ ବାସେ ତନୁ ଜଡ଼ି
ଚରଣରେ ଶୋଭା ତା ନୂପୁର ସେ
ନୃପସୁତ । କଟିରେ କଟି ମେଖଳା ଚାରୁ
ସୁନ୍ଦର ଦିଶଇ କନକ ରମ୍ଭୋରୁ ସେ ।୧୭।

ବେଶ କରିଣ କୁମାରୀ (କୁମାର ତା) କର (ଧରି)
ଚନ୍ଦ୍ରଶାଳା ପୁରେ ବିଜେ କଲା
ରତ୍ନ ପଲ୍ୟଙ୍କ ଉପରେ ହଂସୁଲି ତୁଳି ଅଙ୍କରେ
ବାଳାକୁ ଘେନିଣ ବିଳସିଲା ସେ
ନୃପସୁତ । ରାମା ସଙ୍ଗେ ନାନା କେଳି କରେ,
ହସ କଉତୁକ ନାନାଦି ରସରେ ଯେ ।୧୮।

✓ ଚିତ୍ରରେଖା ପଞ୍ଚଦଶ ଛାନ୍ଦହେଲା ଏବେ ଶେଷ
ଶୁଣ ଆର ଛାନ୍ଦ ଚରିତ
ରେବତୀକାନ୍ତ ଅନୁଜ, କାନ୍ତ ଅନନ୍ତ ଅନିଭ
ମହିମା ନୋହେ ଅନନ୍ତ ସେ
ମହାପ୍ରଭୁ । ତୁମ୍ଭ ପଦ୍ମପାଦ ମନେ ଗୁଣି
ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ ଭଣି ହେ ।୧୯।

* * *

୧୮. ବେଶ କରିଣ କୁମାରୀଙ୍କର ଚନ୍ଦ୍ରଶାଳା ପୁରେ ବିଜେ କଲା
ବାଳାକୁ ଘେନିଣ ସେ ବିଳସେ
ହଂସ କଉତୁକ ନାନାଧି ରସରେ

Digitized by srujanika@gmail.com

ଷୋଡ଼ଶ ଛାନ୍ଦ

(ରାଗ-ମଙ୍ଗଳ ବରାଡ଼ି, ମୁନିବର ବାଣୀ)

ଶୁଣ ହେ ସୁଜନ ଜନ ବିଚାରଇ ଚିତ୍ରସେନ ।
କୁମାରୀ ହୋଇଲା ଯୁବା ବିଭା କରିବା ଯେ ।୧।

ଆଣିମା ନୃପତି ଗଣ ଦୂତମାନଙ୍କୁ ପେଷିଣ
ଯେମନ୍ତେ ବିଚାରି ରାୟେ ଦୂତକୁ ରାୟେ ଏ ।୨।

ହୋଇବ ବୋଲି ବରଣ ପେଷିଲା ସେ ଦୂତଗଣ
ଦୂତମାନେ ଦ୍ରୁତେ ଗଲେ ନୃପେ କହିଲେ ଯେ ।୩।

ଯେମନ୍ତେ ସେ ଦଣ୍ଡଧାରୀ ପେଷେ ରାଇ ପରିବାରୀ
ବୋଲେ ଶୁଣ ପୁରେ ଯାଅ ମୋ ଆଜ୍ଞା କହ ହେ ।୪।

ଜ୍ୟେଷ୍ଠ ପଞ୍ଚମୀର ଦିନ ଆସିବେ ବହୁ ରାଜନ
ନାରୀ ପୁରେ ଗଲା ଦାସୀ କହଇ ହସି ଯେ ।୫।

ଯେ ଯେଉଂ ଜ୍ୟେଷ୍ଠ ପଞ୍ଚମୀ ବିଭା ହେବୁ କରିଗାମି
କହିପୁଛି ଚାର ଗଲା ଜେମା ଶୁଣିଲା ଯେ ।୬।

କୁମାର ପାଶେ ରମଣୀ କହିଲା ବରଣ ବାଣୀ
ବୀର ବିଷାଦେ ବସିଲା ହରି ଚିନ୍ତିଲା ଯେ ।୭।

ଜୟ ଜୟ ବଳରାମ ରୂପେ କାମ ଅଭିରାମ
ଦଇତଦର୍ପଦଳନ ଜ୍ଞାନସଦନ ଯେ ।୮।

ଭଗତ ଜନଙ୍କ ବନ୍ଧୁ ନମସ୍ତେ କରୁଣାସିନ୍ଧୁ
ହଳ ମୂଷଳ ଧାରଣ ଦୁଃଖ ବାରଣ ହେ ।୯।

ଏ ଦୁଃଖୁ କରିବା ପାର ଘେନି ଭଗତି ମୋହର
ମୁହିଂ ତୁମ୍ଭ ପରିଚାର ଏଥୁ ଉଦ୍ଧର ହେ ।୧୦।

ଜାଣି ରୋହିଣୀନନ୍ଦନ ଦେଲେକ ଯେକ ବିମାନ
ଆରୋହି ତାହା ବହନ ନୃପନନ୍ଦନ ଯେ ।୧୧।

Digitized by srujanika@gmail.com

ରାମାଙ୍କୁ ବିନୟ କରି	ରାମଙ୍କୁ ମନେ ସୁମରି
ପ୍ରବେଶ ନିଜ ନଗର	ରାଜକୁମାର ଯେ ।୧୨।

ସଙ୍ଗେ ଘେନି ବହୁ ସୈନ୍ୟ	ଆଁବର ମନ୍ତ୍ରୀ ନନ୍ଦନ
ଯିବାକୁ ହୋଇଲେ ସଜ	ନୃପ ତନୁଜ ଯେ ।୧୩।

ନବ ଲକ୍ଷ ତାର ବଳ	ଗର୍ଜନ ଅତି ଚହଳ
ଦିଶେ ମହୀଧର ପ୍ରାୟେ	କେ ଘନ କାୟେ ଯେ ।୧୪।

କେ କରି କରେ କୃପାଣ	କଳଶ (?) କାହା କରେଣ
ସିନ୍ଦୁରେ କେହି ରଞ୍ଜନ	ଅରୁଣ ବର୍ଣ୍ଣ ଯେ ।୧୫।

କେହୁ ଅରୁଣର ବର୍ଣ୍ଣ	ହରିଣ ପ୍ରାୟେ ଗମନ
ହରିଣ ଅଙ୍ଗ ଦର୍ପଣ	ହୋୟେ ଭୂଷଣ ଯେ ।୧୬।

ବଳକ୍ଷ ପାଟେ ମଣ୍ଡନ	ହିରଣ୍ୟର ଝୁମ୍ପାମାନ
ଘଣ୍ଟନାଦ ରଣ ରଣ	ଘଣ୍ଟ ଶୋଭନ ଯେ ।୧୭।

ଘୋଟକ କୋଟୀଏ ସାଜେ	ନାନା ଭୂଷଣେ ବିରାଜେ
କ୍ରୀଡ଼ାରକେ ତୁରଙ୍ଗମ	ଗୁଣେ ଉତ୍ତମ ଯେ ।୧୮।

ଅବଦାତ କେ ତୁରଙ୍ଗ	ଆଶୁଗ ଆଶୁଗ ବେଗ
ଧୂସର ସୁନ୍ଦର ବର୍ଣ୍ଣ	କେ ରାଜା ଜାଣ ଯେ ।୧୯।

ଚକ୍ର କଟକଟ ରୋଳ	ହୋଇଛି ଅତି ଗହଳ,
ନାନାଭୂଷଣେ ଶୋଭନ୍ତି	ପରାର୍ଦ୍ଧେ ପନ୍ତି ଯେ ।୨୦

ଯେମନ୍ତେ ଦୂତେ ଯେ ଗଲେ	ରାଜାଙ୍କ ପାଶେ କହିଲେ
ଶୁଣି ସକଳ ଭୂପାଳ	ହୋଇଣ ମେଳ ଯେ ।୨୧।

ଧର୍ମବତୀ ପୁରେ ଯାଇ	ରାଜାଏ ପ୍ରବେଶ ହୋଇ
ବସିଲେ ସଭା ଉପରେ	ଏଥି ଉତ୍ତାରେ ଯେ ।୨୨।

---

୧୬. ହଣ
୧୭. ହିରଣ
୮. କିଡ଼ାର

Digitized by srujanika@gmail.com

ସଙ୍ଗତେ ଘେନିଣ ବଳ　　ମହୀପତିବର ବାଳ
ପ୍ରବେଶ ଯାଇ ସଭାରେ　　ନୃପ ମଧରେ ଯେ ।୨୩।

ଦେଖଇ କେଉଂ ରାଜନ　　ଦିବସ ପ୍ରାୟେ ଶୋଭନ
ହଂସ ଗତିରେ ମଣ୍ଡନ　　ଜନ ରଞ୍ଜନ ଯେ ।୨୪।

କହଂ ନୃପତି ଶର୍ବରୀ　　କାନ୍ତ କାନ୍ତା ସୁଖକାରୀ
ମଦନ ସଦନ ରୂପ　　ଅତି ପ୍ରତାପ ଯେ ।୨୫।

କଉଂ ନୃପତି ପ୍ରଭାତ　　ଚକ୍ର ସଂଯୋଗେ ଶୋଭିତ
ଆନନ୍ଦ କୁମୁଦ ମନ　　ନିଶ୍ଚେ ମଧାହ୍ନ ଯେ ।୨୬।

ଶ୍ଳେଷ :　କେ ରାଜା ଶିଶିର ଋତୁ　　କାମ ଦୀକ୍ଷା ଗୁରୁ ହେତୁ
କୁହୁକ ସଂଜାତ କାୟେ　　ଯେମନ୍ତ ପ୍ରାୟେ ଯେ ।୨୭।

ଶ୍ଳେଷ :　କଉଂ ନରେଶ ବସନ୍ତ　　ପରଭୃତରେ ଶୋଭିତ
ରିପୁଗହନ ଦହନ　　ଭସ୍ମଂକ ଜାଣ ଯେ ।୨୮।

ଶ୍ଳେଷ :　କେବଣ ରାଟ ପ୍ରାବୃଟ　　ଅମୃତଧରେ ସଂଘଟ
ଚନ୍ଦ୍ର ହାସରେ ପ୍ରମୋଦ　　କଉଂ ଶରଦ ଯେ ।୨୯।

ଶ୍ଳେଷ :　କେ ସତ୍ୟ ଯୁଗ ସମାନ　　ଧର୍ମରେ ଅତି ପ୍ରଧାନ
ଯଜ୍ଞରେ କେହୁ ସଂଯୋଗ　　ତ୍ରେତୟା ଯୁଗ ଯେ ।୩୦।

କେ ଭୂପ ଆନନ୍ଦକାରୀ　　ଅତି ବଳଭଦ୍ର କରି
ହରି ଅରି ସମୂହର　　ନିଶ୍ଚେ ଦ୍ୱାପର ଯେ ।୩୧।

ଜନ ନୟନ ହରଷ　　କରି ବାସେ ସୁମନସ
ଯହିଂ ଶୋଭା ବନମାଳୀ　　ନିଶ୍ଚୟେ କଳି ଯେ ।୩୨।

ଶ୍ଳେଷ :　କେ କଳ୍ପବଟ ପ୍ରମାଣ　　ପୁରୁଷୋତ୍ତମେ ମଣ୍ଡନ
ଶ୍ଳେଷ :　କେ ବାଞ୍ଛାବଟ ପରାୟେ　　ବାଞ୍ଛାକୁ ଦିଏ ଯେ ।୩୩।

ଶ୍ଳେଷ :　କେ ରାଜା ନନ୍ଦନନ୍ଦନ　　ହରିଚନ୍ଦନ ଶୋଭନ
କେ ରାଜା ପାତାଳପୁର　　ଶେଷ ସୁନ୍ଦର ଯେ ।୩୪।

Digitized by srujanika@gmail.com

ଶ୍ଳେଷ : କେ ମର୍ତ୍ତ୍ୟ ପୁର ସମାନ X X X
ବିବୁଧ ଗଣେ ସୁନ୍ଦର କେ ସ୍ୱର୍ଗପୁର ଯେ ।୩୫।

ଶ୍ଳେଷ : ଗଗନ କଉଂ ରାଜନ ନକ୍ଷତ୍ରମାଳା ଭୂଷଣ
କେ ସର୍ବ ସୁଖ ଦାୟକ ଭୂମି ପ୍ରାୟେକ ଯେ ।୩୬।

ଆଶୁଗରେ ଆଲିଙ୍ଗିତ ସୃଷ୍ଟି ପାଳନେ ସୁଚିତ୍ତ
ଶ୍ଳେଷ : କରେ ଜଗତ ସୁମନ କେଁହୁ ପବନ ଯେ ।୩୭।

ଶ୍ଳେଷ : କଉଂ ରାଜା ପାରାବାର ସକଳ ନିଧି ଆକର
ଘାଣ୍ଣୁରେ ପ୍ରିୟ ଯାହାର ନିଶ୍ଚେ ସୁଚିର ଯେ ।୩୮।

କରେ ପଦ୍ମିନୀ ହରଷ X X X
ସିନ୍ଧୁ ସୁଖ ଜାତକର କେ ଶଶଧର ଯେ ।୩୯।

ଯେମନ୍ତେ ଶୁଭିଲା ଘୋଷ ଅଇଲେ ସର୍ବ ନରେଶ
ନୃପତିସୁତା ଶୁଣିଲା ହଂସ ରାଇଲା ଯେ ।୪୦।

ତୁ ଯେବେ ବହନ ହେବୁ କୁମର ବର ଚିହ୍ନିବୁ
ଶୁଣି ହଂସ ବେଗେ ଗଲା ଦୂରୁ ଦେଖିଲା ଯେ ।୪୧।

ରାଜା ଗଣଙ୍କ ମଧ୍ୟର ବିଜୟେ ନୃପ କୁମାର
ଦେଖି ହଂସ ବାହୁଡ଼ିଲା ଯାଇ କହିଲା ଯେ ।୪୨।

ଅଇଲେଣି ତୁମ୍ଭ ପତି ସଭା ମଧ୍ୟରେ ଅଛନ୍ତି
ରମଣୀ କର୍ଣ୍ଣେ ଶୁଣିଲା ହରଷ ହେଲା ଯେ ।୪୩।

ରାଜା ବୋଲେ ପରିବାରୀ ଗଲାକ ନାଗରୀପୁରି
ବେଶ ହୁଅ ସେ ବୋଇଲା ବେଗେ ଅଇଲା ଯେ ।୪୪।

ରାମ କୃଷ୍ଣ ପାଦ ଧ୍ୟାୟି ଭଞ୍ଜ ମଙ୍ଗରାଜ କହି
ଷଡ଼ଦଶ ଛାନ୍ଦ ଶେଷ ଅତି ରହସ୍ୟ ଯେ ।୪୫।

* * *

Digitized by srujanika@gmail.com

ସପ୍ତଦଶ ଛାନ୍ଦ

(ରାଗ - ବରାଡ଼ି, ଆଦ୍ୟ ମଗୁଣିର ବାଣୀ)

ସୁବେଶ ରାଜକୁମାରୀ ସୁକୁମାରୀ ସୁନ୍ଦରୀ କିଶୋରୀ ଈଶ୍ୱରୀ
କରୀନ୍ଦ୍ରଗାମିନୀ କାମିନୀ ଭାବିନୀ କରେ କମଳ ମାଳା ଧରି
ବାଳାଯେ, ଯୋଗିନୀ କି ଘେନି ବାହାର
ମଙ୍ଗଳ ହୁଳହୁଳି ନାରୀ ଦିଅନ୍ତି ପରବେଶ ସଭାତଳର ।୧।

ସକଳ ଭୂପତି ନୃପତି ଦୁହିତା ଦେଖିଣ ମନରେ ଆତୁର
ଜଣେ ଜଣେ ହୋଇ ପ୍ରଶଂସା କରନ୍ତି ଧନ୍ୟ ଧନ୍ୟ ବାମାସୁନ୍ଦର
ବାମା ଯେ, ଚାରୁ ସାଗରୁ ଜାତ ହୋଇ
ଅଧର ତରୁଣ ଅରୁଣ ବରୁଣ ନଳିନୀ ପରାଏ ଦିଶଇ ।୨।

ସୁମନା ସୁମନାମଣ୍ଡନା ସୁମନ ଲୋଚନା ଶୋଚନା ମୋଚନା
କୋମଳ ଅମଳ କମଳ ନିର୍ମଳ ଧବଳକିରଣ ବଦନା
ବାଳାରେ । ଚଞ୍ଚଳା ଚଞ୍ଚଳା ବରନୀ
ଚଞ୍ଚଳ ନେତ୍ର ଅନ୍ତ କୁନ୍ତେ ପଡ଼ିଲେ ଚଞ୍ଚଳ ହେବେ ସୁରମୁନି ।୩।

ଅନଙ୍ଗ ତୁରଙ୍ଗ କୁରଙ୍ଗ କୁରଙ୍ଗ ସାରଙ୍ଗ ନୟନୀ ରଞ୍ଜିନୀ
ବନ୍ଧୁଲି ସୁରଙ୍ଗ ବିରଙ୍ଗକରତା ସୁରଙ୍ଗ ଦଶନବସନୀ
ବାଳାରେ । କରୀନ୍ଦ୍ର କୁମ୍ଭ ସ୍ତନଦୁଇ
ହାଟକ କଳଶ ମଧ୍ୟରେ ଅମୃତ ଅଞ୍ଚଳ ଥୋଇଛି ଘୋଡ଼ାଇ ।୪।

ସକଳ କାଳରେ ଗିରିପରେ ବଲ୍ଲରୀ ବୋଲିଣ ବୋଲନ୍ତି ଜଗତେ
ବଲ୍ଲରୀ ପରେ ଗିରି କଲା ଏ ନାରୀ ଏହୁ ଅଟଇ ଅଦଭୂତେ
ବାଳା ରେ, ଲାବଣ୍ୟ ସଦନ ବିଧାନ
କନକ ସ୍ଥାପକି ଅନ୍ଧକ ଅନ୍ତକ ପରାଯେ ଦିଶଇ ଶୋଭନ ।୫।

---

୫. ଅଦମୃତ

Digitized by srujanika@gmail.com

ଜଗତଜନଙ୍କ ଜନଙ୍କ ଜନକ ସନକ ସୁମନ ମୋହିନୀ
ସଘନ ଜଘନ ମଦନସଦନ ବଦନ ନଳୀନ ଦଳିନୀ
ବାଳାରେ, ପ୍ରସନ୍ନ ପ୍ରସନ୍ନ ନୟନ
ସୁବେଣୀ ସୁବେଣୀ ସୁମନକୁଳରେ ହୋଇଅଛି ଅତିମଣ୍ଡନ ।୬।
ଚାରୁ ଚିବୁକ ଭ୍ରମରିକା ଚିତ୍ରକୁ ଚାହିଂଲେ ଚିତ୍ତ ଯେ ଅଥିର
ପାଷାଣ ତରଳ ହୋଇବ (ଦେଖିଲେ) ଆଉ କଥା କେତେମାତର
ବାଳାରେ । ମୁନିମାନେ ଯୋଗ ଛାଡ଼ିବେ
ଦେଖିଲେ ତୋହର ସ୍ୱରୂପ ଅରୂପ ରସ କୂପ ମଧ୍ୟେ ମଜ୍ଜିବେ ।୭।
ଯୁବା ଜନମନ ରଞ୍ଜନ ଅଞ୍ଜନ ଗଞ୍ଜନ ଖଞ୍ଜନ ନେତ୍ରର
ନିନ୍ଦେ କୁନ୍ତଳ ଭ୍ରମର ଘନସାର (ଘନସାର) ଶୋଭା ଗାତ୍ରର
ବାଳାରେ । କୁଚରେ ଶୋଭା ପତ୍ରାବଳୀ
ବଳିକି ଆବୋରି ରହିଛି କି ବଳୀ ମହୀ ଆଳିରେ ନାହିଂ ବଳୀ ।୮।
ପୁରୁଷ ତାରଣ କାରଣ ଚରଣ ଶରଣ ବିରହ ବାଧକୁ
ମଦନକୁ ଜାତ ଅଟଇ ଅଙ୍ଗକୁ X X X
ବାଳାରେ । ଜିଣିବ ବୋଲି ଯେ ଈଶ୍ୱର
ହଂସକ ବାଜଇ ରଣ ରଣ ରଣ ରଣରଣଙ୍କ ବୀରତୂର ।୯।
ଭ୍ରୁରୁ କମାଣ ନେତ୍ରବାଣ ଜାଣ (ବାଣ) ସଖାମନ ଭେଦନ
ନାସାରେ ପବନ ଭୁବନ କରିଣ ତେଜିଣ ଚନ୍ଦନ ଭୁବନ
ବାଳାରେ । ଶୁଣିମାରୁ ବଡ଼ ସୁନ୍ଦର
ଯଉଂ ଅଙ୍ଗେ ତୋର ଆଖି ପଡୁଅଛି ଲାଖି ରହୁଅଛି ନିକର ।୧୦।
ଦେବ ଦାନବ ମାନବ ଯୁବତୀରୁ ଅଧିକ ଅଟଇ ସୁକେଶୀ
ମଦାଳସୀ ପ୍ରେମଲାଳସୀ ସରସିରୁହଦୃଶୀ ମନ୍ଦହାସୀ
ବାଳାରେ । ମକରୀ ତୋ ଗଣ୍ଡ ଯୁଗରେ
ଦେଖିବା ମାତ୍ରକେ ପାଶୋର ନୋହିବ କଳପ ଅନ୍ତର ଯୁଗରେ ।୧୧।

---

୬. ପାଷାଣ ତାଳ ହୋଇବ ଆଉ କଥା କେତେ ମାତର
୭. ଭ୍ରମର ଘନସାର ଶୋଭା ଗାତ୍ରର
୧୦. ଜାଣ ସଖାମନ ରୋଦନ
୧୧. ଦେବ ଦାନବ ମାନମ ଯୁବତୀରୁ ଅଟଇ ସୁକେଶୀ ।
ସରସୀରୁହ ଦୃଶୀ ମୃମନ୍ଦ ହାସୀ ।
ବାଳାରେ । ମକରି ତୋର ଗଣ୍ଡଯୁଗରେ ।

Digitized by srujanika@gmail.com

ଶ୍ଲେଷ : କନକଗଉରୀ ଗଉରୀ ପରାଏ ସର୍ବମାନସକୁ ମୋହିଛି
ଅବନୀମଣ୍ଡନୀ ଅବନୀ ପରାଏ ସକଳ ସୁଖକୁ ଦେଉଛି ।
ବାଳା ରେ । କମଳା ପରାୟେ ଦିଶୁଛି
ମନ୍ଦ ମନ୍ଦ ହାସେ ଜଗତ ଜନଙ୍କ ମାନସକୁ ସେହି ତୋଷୁଛି ।୧୨।

ଧନ୍ୟ ଧନ୍ୟ ନିଶି ସଫଳେ ପାଇଲା ମୋକ୍ଷକଲୁ ଆମ୍ଭ ନୟନ
କେତେ କେତେ ଜନ୍ମ ତପ କରିଥିଲୁ ଦେଖିଲୁ ତୋ ଚନ୍ଦ୍ର ବଦନ
ବାଳା ରେ । ଧନ୍ୟରେ ଆମ୍ଭର ଜୀବନ
ଧରଣୀ ମଧ୍ୟରେ ମାନବ ଜୀବନ କୃତାର୍ଥ ହେଲା ଆଜ ଦିନ ।୧୩।

ଗଙ୍ଗୀ ସାଗର ସଙ୍ଗମେ ଝାସିଥିଲୁ ମନାସିଥିଲୁ କିବା ଶିବ
ତୋହର ଦର୍ଶନ ମାତ୍ରକେ ରମଣୀ ଲଭିଲୁ ଲୋଚନ ଉତ୍ସବ
ବାଳା ରେ । କାହା କଣ୍ଠେ ଦେବୁ ଏ ମାଳ
ଏମନ୍ତ ବୋଲୁ ମଉନ ହୋଇକରି ବସିଲେ ନୃପତି ସକଳ ।୧୪।

ବୋଲନ୍ତି ଯୋଗିନୀ ଶୁଣରେ ପଦ୍ମିନି ଏହୁ ମଧୁବତୀ ରାଜନ
ସୁନ୍ଦର ବଦନ ତା ଦ୍ୟୁତିମଦନ ସମନାହିଁ ତିନି ଭୁବନ
ବାଳା ରେ । ବିକ୍ରମକେଶରୀ ନନ୍ଦନ
ନାମ ମଧୁକର ଅଟଇ ଏହାର ପାରିଲେ କର ତୁ ବରଣ ।୧୫।

ଦେଖ ଯେ ଚମ୍ପାବତୀ ଚକ୍ରବର୍ତ୍ତୀ ଚନ୍ଦ୍ରକାନ୍ତ ନାମ ଏହାର
ଚନ୍ଦ୍ରମା କିରଣ ପରାଏ କୀରତି ବିଖ୍ୟାତ ହୋଇଛି ସଂସାର ।
ବାଳା ରେ । ଏ କାଞ୍ଚି ନଗର ଈଶ୍ୱର
ଚିତ୍ରରଥ ନାମ ଅଟଇ ଏହାର ସମାନ ନାହିଁ ଧନୁର୍ଦ୍ଧର ।୧୬।

ଅଶୋକବତୀ ନଗର ନରପତି ଯେହାର ନାମ ଧର୍ମଧ୍ୱଜ
ବରିଲେ ଏହାକୁ ମାଳାଦେଇ ବର ଏହା ସମାନ ନାହିଁ ରାଜ
ବାଳା ରେ । ଦେଖ ଏ ନେପାଳ ଭୂପାଳ
ନାମ ସୁଦାମ କାମ ସମ ମୂରତି ସମ୍ପତ୍ତି ଅଟଇ ଅଟଳ ।୧୭।

---

୧୬. ଚମ୍ପାବତୀ ପୁରର ଚକ୍ରବର୍ତ୍ତୀ

Digitized by srujanika@gmail.com

ମିଥିଳା ନଗର ନୃପ ଶଶଧର ଶ୍ରୀହରି ଚରଣେ ଭଗତି
ଚଉଦ ଭୂବନେ ଏହାର ପରାଏ ଜଣେ ହେଁ ବିବେକ ନାହାନ୍ତି
ବାଳା ରେ । ମଥୁରା ନଗର ନୃପତି
ନାମ ପୁଷ୍ପକେତୁ ବରିଲେ ଏହାକୁ ବିରଣ କର କୁନ୍ଦଦନ୍ତି ।୧୮।

ଦେଖ କୃଷ୍ଣବେଣୀପୁର ନୃପମଣି ସୁଦରଶନ ନାମ ଖ୍ୟାତ
ଶିବ ଉପାସକ ଏହାଙ୍କୁ ବୋଲନ୍ତି ସମାନ ନାହିଁ ଯେ ଜଗତ
ବାଳା ରେ । ଦେଖ କଳିଙ୍ଗ ନରବର
ନାମ କଳାକର ଅଟଇ ଏହାର ପାରିଲେ ଯେହୁ ବର ବର ।୧୯।

ଦେଖ ଯେ ବାରୁଣା ନରେଶ କରୁଣାକର ନାମ ଅଟେ ବିଦିତ
ମହାମହିମା ଯେହାର ଜଗତରେ ସମାନ ନାହିଁ ଶୂରବନ୍ତ
ବାଳା ରେ । ହସ୍ତିନା ନଗର ରାଜନ
ପଦ୍ମଧ୍ୱଜ ନାମ ଅଟଇ ଯେହାର ରୂପକୁ ସମାନ ମଦନ ।୨୦।

ଦେଖ ମାହେଶ୍ୱରୀ ପୁର ଦଣ୍ଡଧାରୀ ମହୀଧର ନାମ ସୁନ୍ଦର
ଯେହୁ କର୍ଣ୍ଣାଟ ପୁର ନରେଶ୍ୱର ଧର୍ମସେନ ନାମ ଯେହାର
ବାଳା ରେ । ସଉରାଷ୍ଟ୍ର ରାୟ ସୁସେନ
ଯେତେ ରାଜାନାମ କହିଲେ କିଞ୍ଚିତେ ନକରୁ କାହିଁ ଅବଧାନ ।୨୧।

ପ୍ରଭାବତୀ ପୁର ପ୍ରଭାକର ନରବର ପ୍ରିୟବତୀ ନନ୍ଦନ
ଧାର୍ମିକ ବିବେକ ରସିକ ମସ୍ତକ ମଣ୍ଡନ ଜଗତ ବନ୍ଦନ
ବାଳା ରେ । ପ୍ରତକ୍ଷେ ଫୁଲ ଧନୁର୍ଦ୍ଧର
ରୂପବନ୍ତ ହୋଇ ଜନମ ହୋଇଲା ସଂସାରରେ ସାର ସୁନ୍ଦର ।୨୨।

କୁସୁମଶର ନାମ କ୍ଷାତ ଏହାର ମହିମା ଅତି ଅକଥନ
ମନକୁ ବଳିଲେ ଚନ୍ଦ୍ରମୁଖି ଯେବେ କର ଏ ବରକୁ ବରଣ
ବାଳା ରେ । ମନରେ ପ୍ରବେଶ ହୋଇଲା
ପୂର୍ବ କଥାମାନ ମନରେ ସୁମରି ନୃପଜ କଣ୍ଠେ ମାଳା ଦେଲା ।୨୩।

---

୨୮ ମହେଶ୍ୱରୀ

Digitized by srujanika@gmail.com

ଅନାଥ ନାଥ ଜଗନ୍ନାଥ ସୁମରି ରମଣୀ ବେଗେ ବାହୁଡ଼ିଲା
କୁସୁମଆଶୁଗ ଆଶୁଗ ବିନ୍ଧିଣ ବେନି ହୃଦୟ ବିଦାରିଲା
ବାଳା ରେ । ନବରେ ହୋଇଲା ପ୍ରବେଶ
ଯେମନ୍ତେ ରାଜାଙ୍କୁ ମେଲାଣି ଦେବାକୁ ସଭାକୁ ଅଇଲେ ନରେଶ ।୨୪।

ସର୍ବ ମହାରାଜ ପାଇ ବହୁ ଲାଜ ଯେ ଯାହା ନଗରେ ଚଳିଲେ
କୁସୁମଶର ସଭାପରେ ବିଜୟେ ଚିତ୍ରସେନ ଯାଇ ଦେଖିଲେ
ନୃପତି । ଗଉରବ ତାଙ୍କୁ କରିଣ
ବିଭାମଣ୍ଡପ ସଚିବଙ୍କୁ ହକାରୀ ବହନ କରନ୍ତି ମଣ୍ଡନ ।୨୫।

କୁଞ୍ଜରଦନ୍ତ କରତେ ଶେଣି ଶୋଭା ମୁକୁତା ଝୁମ୍ପାମାନ ତହିଁ
ପଦ୍ମରାଗ ମାଣିକ୍ୟ ଓରା ଚାରୁ ସ୍ଫଟିକ ପାବଛ ଶୋହଇ ।
ମର୍କତ । ଚାରୁସ୍ତମ୍ଭ ଅତି ରୁଚିର ।
କନକ ଭୂମି ଶୋଭାକର ଦିଶୁଛି ସମାନ ନାହିଁ ମର୍ତ୍ତ୍ୟପୁର ।୨୬।

ମଣ୍ଡପ ମଧରେ ଦ୍ୱିଜଙ୍କ ସଙ୍ଗରେ ବେଦବଚନରେ ଭୂବର
ସଂକଳ୍ପ ସାରିଣ କନ୍ୟାକୁ ଆଣିଣ କରନ୍ତି ସେ ବିଧି ନିକର
ଲବଣ । ଚଉଂରୀ କରି ବାହୁଡ଼ିଲା
ପାଣିଗ୍ରହଣକୁ ଜନକ କୋଳରେ ସୁମୁଖୀ ଯାଇଣ ମିଳିଲା ।୨୭।

କୁଶଗଣ୍ଠି ଯହୁଂ ବନ୍ଧନ ପଡ଼ିଲା ମାନସ ହୋଇଲା ହରଷ
ଦ୍ୱିଜ ସୁତା ଏକ ଗଣ୍ଠି ଫେଡ଼ିଦେଲା ଳଜ୍ଜାହୋମ କଲେ ପ୍ରକାଶ
ନାରୀଏ । ହୁଳ ହୁଳି ଦେଇ ସତ୍ୱରେ
ପ୍ରବେଶ ମନ୍ଦିରେ ପଞ୍ଚୁଗ୍ରାସୀ କଲେ ଶୁଣ ରସ ଆର ଛାନ୍ଦରେ ।୨୮।

ବଳଦେବ ଦେବ ଦେବ ବସୁଦେବ ନନ୍ଦନ ବାସୁଦେବ ପ୍ରୀତି
ବୋଲେ ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ ତାଙ୍କ କମଳ ପାଦ ଚିନ୍ତି
ପ୍ରଭୁ ହେ । ପୂର୍ଣ୍ଣ ଧବଳକର ମୁଖ
ଜଗତ ଜନଙ୍କର ସୁଖଦାୟୀନି ଖଣ୍ଡନ କର ମହା ଦୁଖ ।୨୯।

* * *

୨୬. ସ୍ଫଟିକ. ପାପଛ

Digitized by srujanika@gmail.com

ଅଷ୍ଟଦଶ ଛାନ୍ଦ

(ରାଗ - କେଦାର, ଚକ୍ରକେଳି ବାଣୀରେ ଗାଇବ)

ଏଥୁ ଅନ୍ତରେ ଶୁଣ ଦିବ୍ୟ ରସ
ଶେଷ ଦିବସ ରଜନୀ ପ୍ରବେଶ
ଅନ୍ଧକାର ଘୋଟିଲା ଦଶ ଦିଶ
ନିଶାଚରମାନେ ହେଲେ ହରଷ ।୧।

ଚକ୍ରବାକ ଖଗ ହେଲେ ବିରସ
ନିଶାକର ଖ ପଥରେ ପରବେଶ
କାମ ନୃପତି ବିଜୟ ଜାଣିଲେ
ନାନା ମଙ୍ଗଳମାନ ପ୍ରସରିଲେ ।୨।

ଝୁରି ପ୍ରକାରେ ହଂସ ସିନ୍ଧୁଜଳ
ବୁଡ଼ ଜାଣିମା ପାଇଂ ଅନୁକୂଳ
ମଲ୍ଲି ମୁକୁଳେ ବସିଣ ଭ୍ରମର
ଶଙ୍ଖ ଶବଦ କରଇ ସଧୀର ।୩।

ଯାଇ ନାରୀ ମଧୁଶଯ୍ୟା ସଦନ
ସଜାଡ଼ିଲେ ତହିଂ ଯେତେ ବିଧାନ
ବିଜେ କୁମରବରକୁ କରାଇ
ନୃପସୁତାକୁ ବେଶ କଲେ ଯାଇ ।୪।

ଚାରୁ ପ୍ରଲମ୍ବ ଚିକୁର ଚିକ୍କଣ
ତାହାଂ ବନ୍ଧନ କଲେ ସଖୀଗଣ
ମନ ସୁମନେ ମିଶାଇ ବାନ୍ଧିଲେ
ମୁକୁତାର ଜାଲି ଜାଲ ପାତିଲେ ।୫।

Digitized by srujanika@gmail.com

ତହିଁ ମୃଗ ପ୍ରକାରେ ଜନମନ
ଜାଲ ମଧ୍ୟେ ପଡ଼ି ହେବ ବନ୍ଧନ
ଚନ୍ଦ୍ର ଝୁମ୍ପି ଦେଲେ ତହିଁ ପାଶର
ଅଳକରେ ଅଳକା ସୁରୁଚିର ।୬।

ମୁଖ ପଦ୍ମ ବାସେ କିଏ ଭ୍ରମର
ଭୁଲି ପଡ଼ିଲେ ଆସି ଲଲାଟର
ଚନ୍ଦ୍ର ପ୍ରାଏକ ବୁଝିଣ ମନରେ
ରାହୁ ଦନ୍ତକି ରହିଲା ତହିଁରେ ।୭।

ଲଲାଟରେ ସିନ୍ଦୁର ବିନ୍ଦୁ ପ୍ରଭା
ପ୍ରଭାକର କି ଚନ୍ଦ୍ରକୋଳେ ଶୋଭା
କେଶ ରାହୁ ଗିଳିବାକୁ ଚାହିଁଛି
ଚକ୍ର ତାଟଙ୍କ ଭୟରୁ ରହିଛି ।୮।

ନାସା ପୁଟରେ ମୋତି ନାକ ଚଣା
ଦେଖି ରସିକ ବୁଦ୍ଧି ହେବ ବଣା
ମଲ୍ଲିକଢ଼ି ମୋତି ଫୁଲ ଶ୍ରବଣ
କଣ୍ଠେ ନାନା ବର୍ଣ୍ଣମାଳା ଭୂଷଣ ।୯।

କଟିମେଖଳା କଟିରେ ସୁନ୍ଦର
ପାଦେ ରୁଚିର ଦିଶଇ ନୂପୁର
ବିଦ ମୁଦି ମଣିମୟ କଙ୍କଣ
କରକମଳ ଯୁଗରେ ଭୂଷଣ ।୧୦।

ଘନସାର ତାର ଅଙ୍ଗେ ଶୋଭନ
ପିନ୍ଧି ଅପୂର୍ବ ସୁଝୀନ ବସନ
ସଖୀ ସଙ୍ଗେ ରଙ୍ଗେ ଶଯ୍ୟା ମନ୍ଦିରେ
ଯାଇ ପ୍ରବେଶ ହୋଇଲା ସଧୀରେ ।୧୧।

---

୬. ଅଳିକରେ ଅଳକା ସୁରୁଚିର

Digitized by srujanika@gmail.com

ପୁରଦ୍ୱାର ପାଶରେ ଚନ୍ଦ୍ରମୁଖୀ
ହାସ କରି ବୋଇଲା ଏକ ସଖୀ
ପୂର୍ବ ପ୍ରକାରେ କାନ୍ତ ସଙ୍ଗେ ରାତି
ହର ହରିଣନେତ୍ରି କୁନ୍ଦଦନ୍ତି ।୧୨।

ବାହୁ ପାଶେ କୁମର କର କୋଳ
କାମ ତାପ ନାଶ ସଖି ତୋହର
କୁଚ ତୋହର ପଦ୍ମକୋଷ ଚାରୁ
ତହିଂ ଯୁବା ଭ୍ରମର କେଳି କରୁ ।୧୩।

ଯେତେ ବୋଲି ଗଲେ ସର୍ବ ସଜନୀ
ଉଭା ହୋଇଛି ନୃପତିନନ୍ଦିନୀ
ଦେଖି ରସିକବର ଶିରୋମଣି
ବେଗେ ଧଇଲା ଯାଇ କାନ୍ତା ପାଣି ।୧୪।

କୋଳ କରିଣ ପଲଙ୍କ ଉପରେ
ଯାଇ କୁମାର ବସିଲା ସତ୍ୱରେ
ମନ୍ଦ ମରୁତେ ଯେସନେ ନଳିନୀ
ସେହି ପ୍ରକାରେ କମ୍ପଇ ରଙ୍ଗିନୀ ।୧୫।

ହୃଦେ ପଡ଼ଇ ମାର ତୀକ୍ଷ ଶର
ନୀର ବରଷେ ଯେହ୍ନେ ନୀରଧର
ତାକୁ ମଦନେ କାତର କରାଇ
ଚାରୁ ଚିବୁକ କରରେ ଧରଇ ।୧୬।

କରେ କର ଘେନି ପୁଣ ଭିଡ଼ଇ
ତାର ଗଣ୍ଡରେ ଚୁମ୍ବନ ଦିଅଇ
ତାର ଅଧର ଅମୀୟ ସଦନ
ସୁଖେ ପାନ କଲା ଫୁସ ରତନ ।୧୭।

Digitized by srujanika@gmail.com

କୁଚ କଳସ କରଇ ମର୍ଦ୍ଦନ
ତହିଁ ମାରଇ ତୀକ୍ଷ ନଖ ମୁନ
ତାର କୁଚ ରତ୍ନସାନୁ କୁଧର
ତହିଁ ମୁକୁତା ମାଳ ଗଙ୍ଗାଧାର ।୧୮।

ରୋମଲତା ଯମୁନାରେ ସଙ୍ଗମେ
ପାପ ନାଶନ କରେ ସେହୁ କ୍ଷମେ
କରରୁହେ ଚିରି କୁଚ ମୂଳକୁ
ସେ ଯେ ଉପମା ଲଭିଲା ଚନ୍ଦ୍ରଙ୍କୁ ।୧୯।

ସେ କି କଳଙ୍କ ନାଶନ ପାଞ୍ଚିଲା
ଗଙ୍ଗା ଯମୁନା ସଙ୍ଗମେ ବୁଡ଼ିଲା
ନଖ ବାଜିଣ ଉରଜ କମ୍ପିଲା
କଞ୍ଜକୋଷେ କି ମରୁତ ଲାଗିଲା ।୨୦।

ଦିବ୍ୟ କେଳି ସରୋବର ତଟରେ
ଚକ୍ରବାକ ବେନି କମ୍ପେ ହୃଷ୍ଟରେ
ନୀବି ବନ୍ଧନେ ନେଇ ଦେଲା କର
ଯେ ଗୋ କିସ ବୋଇଲା ନାରୀବର ।୨୧।

ବାଳା ବୁଡ଼ିଲା ଲଜ୍ଜା ପାରାବାରେ
ଚାରୁ ନେତ୍ର ବୁଜିଲା ସୁଖ ଭରେ
ମୁଖ ସଙ୍କୋଚି ରଖିଲା ଅଙ୍କରେ
ଦେଖି ବୀର ଚିବୁକ ଧରି କରେ ।୨୨।

ଟେକି ଅଧରରେ ଦେଲା ଚୁମ୍ବନ
ହରଷେ ତା ଅଗ୍ର ଚାପି ଦଶନ
ତହିଁ ରସନା ବୁଲାଇ ବହନ
ଆନ କରେ ଥିଲା ନୀବି ମୋକ୍ଷଣ ।୨୩।

Digitized by srujanika@gmail.com

ମାରପୁରଦ୍ୱାର ଘନ କିଳିଣୀ
ଘଞ୍ଚେ ତ୍ରିଶୂଳ ମୋଡ଼ିଛି ସୁଶ୍ରୋଣୀ
ଚକ୍ର ନିତମ୍ବବିମ୍ବକୁ ରଖିଛି
ନାଭି ଗଭୀର କୂପକୁ ସଞ୍ଚିଛି ।୨୪।

ତାର ଦର ମାନସରେ ବେଷ୍ଟିତ
ପୁଣି ରଖିଛି କୁଚ ପରବତ
ଯତ୍ନେ କରିଅଛି କାମ ଭବନ
ସିଂହାସନ ତା ସଘନ ଜଘନ ।୨୫।

ଯେତେ ଦୁର୍ଗମ ମଦନ ନଗର
ବୀରବର କୁମର କଲା ଜୁର
ନାନା ବନ୍ଧେ ଆରମ୍ଭିଲା ସୁରତି
ଭାବେ ଭୋଳ ହୋଇଲା ଭାବବତୀ ।୨୬।

ଶିଶୁ କୁରଙ୍ଗ ତୁରଙ୍ଗ ନୟନ
ଖୋସି ଲଲାଟେ ମଦନେ ଅଞ୍ଜନ
ଅଙ୍ଗନା କରେ କେତେ କେତେ ଅନା
ଗାଢେ ଚମକେ ଚନ୍ଦ୍ରମା ବଦନା ।୨୭।

ହୁଂ ହୁଂ ହୁଂ ହୁଂ ହାହା ହା ହା କରିଣ
ଜାନୁ କମ୍ପାଏ ତରୁଣୀ ରତନ
ନାନା ପ୍ରକାରେ ନୂପୁର ବାଜିଲା
ପଳା ପଳା ମାର ବାଳା ବୋଇଲା ।୨୮।

ଯହୁ ଟାଳି ଦେଲା ତା ଚନ୍ଦ୍ରସ୍ଥାନ
ସୁଖ ନିଦ୍ରାଗଲା ନାରୀ ବହନ
କେତେବେଳେ ଦେହେ ଜ୍ଞାନ ବସଇ
କେତେବେଳେ ସୁଖନିଦ୍ରା ଭଜଇ ।୨୯।

---

୨୩. ଭରସୁତ ଅଗ୍ର ଚାପି ଦଶନ
୨୯. କୁହୁଂ

Digitized by srujanika@gmail.com

କେତେବେଳେ କହଇ କି ବଚନ
କ୍ଷଣ କ୍ଷଣକେ ହୋଏ କମ୍ପମାନ
ଜାନୁ ଯୁଗରେ ଭିଡ଼ି କୁମରକୁ
ଭାବେ ଲଗାଇ ଉରଜେ ଉରକୁ ।୩୦।

ବେଗେ ଅଧରେ ଅଧର ଚାପିଲା
କରେ କର ଲଗାଇଣ ଛନ୍ଦିଲା
ଏହି ପ୍ରକାରେ ସୁରତ ସମର
ବେଳୁ ବେଳକୁ ହୋଇଲା ପ୍ରଚାର ।୩୧।

ରତି ନସହି ରସବତୀ ବର
ନାହିଂ କରଇ ଧରି କାନ୍ତ କର
ରସକିନୀ ମନ ଜାଣି ରସିକ
ଧୀରେ କୋଳ କଲା ତାକୁ ନାୟକ ।୩୨।

କୋଳେ ବସାଇ ଗବାକ୍ଷ ପାଶରେ
ଦିବ୍ୟ ବିଞ୍ଚଣୀ ଏକ ଧରି କରେ
ତନୁ ପୀଡ଼ା ହରିଲା ହେଲେ ତାର
ପୁଣି କରନ୍ତି ସୁରତ ସମର ।୩୩।

ବୀର କହିଲା ବାଳାକୁ ସଧୀର
ତୋର ଜଘନେ ଦେବି ନଖଘାର
ଶୁଣି ତରୁଣୀ ଅଳପ ହସିଲା
ଯେ ଗୋ କି ବୋଲିନ୍ତି ବୋଲି ବୋଇଲା ।୩୪।

ନାନା ନାନା ନାନା ବୋଲି ଚାତୁରୀ
କାମେ କମ୍ପିଲା ବୀର ଗଳା ଧରି
ଦେଲା ଅଳକା ପ୍ରାନ୍ତରେ ଚୁମ୍ବନ
କର୍ଣ୍ଣେ କହିଲା ତାର ସୁବଚନ ।୩୫।

Digitized by srujanika@gmail.com

କଟି କିଙ୍କିଣୀ ଗଣ ଧ୍ୱନି କଲା
ସେ କି ମଦନକୁ କୋପେ ତର୍ଜିଲା
ରେ ରେ ରେରେ ମଦନ କାର ତୁହି
କିରେ କିରେ ଲୁଚିଛୁ ଯେବେ କାହିଁ ।୩୬।

ଇସି ଇସି କରିଣ ସେ ସତ୍ୱର
ଚାହୁଁ ଚାହୁଁ କରିଣ ଧରେ କର
ରଖ ରଖ କାନ୍ତ ମୋର ଜୀବନ
ବୋଲି ନୟନରେ ଦେଲା ଚୁମ୍ବନ ।୩୭।

ବାଳା ପୁରୁଷ ହୋଇଲା ଲୀଳାକୁ
ଛନ୍ଦି ଭୁଜରେ ପୁରୁଷ ଗଳାକୁ
କୁଚ ବିଚାରି ବେନି ଗିରିବର
ନେଇ କୁମର ଦେଲା ବେନି କର ।୩୮।

ପୁଣି କୁମର ଲଭେ ରସନିଧି
ସେ କି ପାଲଟ କରେ ରତି ବିଧି
ଯହୁଁ ଦମ୍ପତି ରଣ ଆରମ୍ଭିଲା
ନେତ୍ରବାଣ ନିରନ୍ତରେ ପଡ଼ିଲା ।୩୯।

ଚାରୁ ଭ୍ରୂଲତା କମାଣ ନାଚିଲା
ଚକ୍ର ତାଟଙ୍କ ଯୁଗଳ ଚଳିଲା
ଭାଳ ତିଳକ କୃପାଣ ଶୋଭିଲା
X X X ।୪୦।

ଶ୍ରମ ନୀର ଉଭୟେ ଜାତ ହେଲା
ପାଦ ହଂସକ କି ତୁରୀ ବାଜିଲା
ଜୟ ନୀଳ ପତାକା କି ଉଡ଼ିଲା
କେଶ ସେହି ପରକାର ଦିଶିଲା ।୪୧।

Digitized by srujanika@gmail.com

ଶିଖୀ ହେଲା ମନମଥ ରାଜନ
ଜୟ ପାଇକି ତୋଷ ହେଲା ମନ
ବାଳା କର୍ପୁର ରଜ କରେ ଧରି
କାନ୍ତ ନୟନେ ବେଗେ ଦେଲା ମାରି ।୪୨।

ଯାଇ ପ୍ରଦୀପ ଲିଭାଇ ବହନ
ଯୋଷା ଭୂଷଣ ପିନ୍ଧିଲା ବହନ
ରତି ଶ୍ରାନ୍ତରେ ବେନି ନିଦ୍ରାଗଲେ
ଶେଷ ରଜନୀ ଦିବସ ହୋଇଲେ ।୪୩।

ଯେହୁ ପ୍ରଭାତ ସୁବାହୁ ପରାୟେ
ଶ୍ଳେଷ : କଉଶିକର ସୁଖ ନାଶକ ଯେ
ତେଣୁ ରାମାନନ୍ଦ ନାଶେ ନିକର
ଶ୍ଳେଷ : ନିଶାଚର ଭୟ କରେ ମନର ।୪୪।

ଯେ ଯେ ଋତୁଆନନ ପ୍ରାୟେ ଦିଶି
ଶ୍ଳେଷ : ଯେଣୁ ତାରକାସୁର ଗର୍ବ ନାଶି
କଳରବ କଳରବ ପ୍ରଚାର
ବିଭାବସୁ ବିଭାବସୁ ପ୍ରକାର ।୪୫।

ତୋଷ ସେ ଅମ୍ବୁଜ ଅମ୍ବୁଜସୁତ
ବିନୁ ଦୁଖୀତ ନୀଳ ଅମ୍ବୁସୁତ
ପରଭୃତ ପରଭୃତ ଭାଷିତ
ତେଣୁ ପ୍ରଭାତେ ଦିଶଇ ଶୋଭିତ ।୪୬।

ବାଳା ଧୀର ଧୀର ହୋଇ ଉଠିଲା
ନିଜ ସଖିଙ୍କ ପାଶକୁ ଚଳିଲା
ପାଦ ପ୍ରଚାରଣେ ଗତି ମନ୍ଥର
ବାସ ଖସି ଉରସ୍ଥଳୁ ତାହାର ।୪୭।

---

୪୬. ତୋଷ ସେ ଅମୃତ ଅମୃତ ସୁତ

Digitized by srujanika@gmail.com

ପଣତକ ତଳେ ପଡ଼ି ଲୋଟୁଛି
ଧୀରେ ଚାଲନ୍ତେ ତରୁଣୀ ଫୁଟୁଛି
ନୀବିବନ୍ଧ ପୁଣ ପୁଣ ଫିଟୁଛି
ରାମା କରେ ଧରି ତାହା ଖୋଷୁଛି ।୪୮।

ଭୋଳେ ରମଣୀର ମଣି ରମଣୀ
ଆଳସିତେ ନେତ୍ର ଢ଼ାଳେ ସିହାଣୀ
କୁଚେ ନଖ ପଦ ଗଣ୍ଡେ ଦଶନ
କେଶ ଫିଟି ପଡ଼ିଅଛି ପୃଷ୍ଠେଣ ।୪୯।

ଓଷ୍ଠ ବନ୍ଧୁଲି ସୁରଙ୍ଗ ବିରଙ୍ଗ
ସୁଖେ ପାନ କରିଛି ଯୁବା ଭୃଙ୍ଗ
ଗଜ ମନ୍ଥିଲା ପରାଏ ସାରସ
ତାର ମୁଖ ଦିଶୁଅଛି ବିରସ ।୫୦।

ରାହୁ ଛାଡ଼ିଲେ ଯେହ୍ନେ ନିଶାକର
ସେହି ପ୍ରକାରେ ଦିଶଇ ନିଷ୍ଠୁର
ସଖୀମାନଙ୍କ ପାଶରେ ପ୍ରବେଶ
ବାହାରକୁ ବିଜୟେ ନୃପ ଶିଷ୍ୟ ।୫୧।

ନିଜ ସଖାଙ୍କ ପାଶରେ ମିଳିଲା
ଦେଖି ମନ୍ତ୍ରୀର ନନ୍ଦନ ହଂସିଲା
ଦେହେ ଦିଶୁଛି ତୁଡ଼ି ସଞ୍ଚାମାନ
ହୃଦେ ଲାଗିଛି କୁଙ୍କୁମ ଚନ୍ଦନ ।୫୨।

ଯାଇ ମାଜଣା ହୋଇଲେ ବହନ
ପୂର୍ବେ ଯେଉଂ ରାଜ ବିଧି ବିଧାନ
ବାଳା ପ୍ରବେଶ ସଖିଙ୍କ ପାଶରେ
ତାର ତାମ୍ବୋଳ ଲାଗିଛି ଗଣ୍ଡରେ ।୫୩।

Digitized by srujanika@gmail.com

କୁଚ କୁମ୍ଭରେ ଶୋଭା ନଖ ମୁନ
ଦେଖି ହଂସିଲେ ତାର ସଖୀ ଜନ
ବୋଇଲେ ହେଲା ମନୋରଥ ସିଦ୍ଧ
ଆଜ କଲ ସଜନୀ ବାହୁ ଯୁଦ୍ଧ ।୫୪।

ବାଳା ହଂସି ମାଜଣା ବଢ଼ାଇଲା
ଏହୁ ଅଷ୍ଟାଦଶ ଛାନ୍ଦ ପୁରିଲା
ରାମ କମଳନୟନ ଚରଣ
ଉପଇନ୍ଦ୍ର ମଙ୍ଗରାଜ ଶରଣ ।୫୫।

* * *

୫୪. ସଜନୀ ବା ଯୁଦ୍ଧ

Digitized by srujanika@gmail.com

ଊନବିଂଶ ଛାନ୍ଦ
(ରାଗ-କାମୋଦୀ)

ଶୁଣ ସୁଜନେ ରସ ଚିତ୍ରରେଖା ବିଳାସ ନୃପତିତିଳକ ନନ୍ଦନ
ହୋଇ ଅତି ହରଷ ସଚିବ ରାଇ ପାଶ କହନ୍ତି ମଧୁର ବଚନ ସେ
ମନ୍ତ୍ରୀବର । ବିଜୟେ କରିବୁ ପୁରକୁ
ଯାଇ ଜଣାଅ ବେଗେ ନୃପତିବର ଆଗେ ମେଲାଣି କରନ୍ତୁ ଆମ୍ଭଙ୍କୁ ।୧।

ଶୁଣି ସଚିବମଣି ଶିରେ ନିବେଶି ପାଣି ମେଲାଣି ହୋଇଣ ଅଇଲେ,
ଚିତ୍ରସେନ ଛାମୁର ଯୋଡ଼ି ଦ୍ୱିତୀୟକର ସଧୀରେ ବଚନ କହିଲେ ସେ
ମନ୍ତ୍ରୀବର । ତୁମ୍ଭର ସୁତାପତି ବୀର
ମୋତେ ହକାରି କରି କହିଲେ ଦଣ୍ଡଧାରୀ ବିଜୟେ କରିବେ ନଗର ।୨।

ଶୁଣି ମାନୁଷଈଶ ଈଶ ହୋଇ ହରଷ ମାନସ ମିଳି ରାଣୀ ପାଶ
ଯୁବତୀ ମତି ଅତି ତୋଷ କରି ନୃପତି କହିଲେ କୁମର ସନ୍ଦେଶ ସେ
ଦଣ୍ଡଧର । ବିଜେ କରିବେ ବୀରବର
ମେଲାଣି ପାଇଂ କହି ପଠିଆଇ ଅଛନ୍ତି ସଚିବ ଈଶ୍ୱର ଆଗର ।୩।

ଶୁଣି ରମଣୀମଣି ରମଣୀୟେ ସୁବାଣୀ ସୁବାଣୀ ଭଣି ପାଟରାଣୀ
କୁମାରୀ ଗୁଣ ଗୁଣି ସେ ପୁଣି ପୁଣ ପୁଣି ଚିବୁକେ ନିବେସିଲେ ପାଣି ସେ
ପୁଣି ମନେ । ହରଷ ହୋଇଣ ଉଠିଲେ ।
ବହନ ପୁରତରେ ପ୍ରବେଶ ହୋଇ ରାଣୀ ସୁତାକୁ ବେଶ କରାଇଲେ ।୪।

ଏମନ୍ତେ ମାନୁଷେଶ ବାହାରେ ଅବକାଶ ପ୍ରଧାନାନିକି ରାଇ ପାଶ
ଯଉତୁକ ସମ୍ଭାର କର ହେ ମନ୍ତ୍ରୀବର ବୋଲିଣ ଦେଲେ ସେ ଆଦେଶ ସେ
ବୀରବର । ଏମନ୍ତେ ସାଜି ସର୍ବ ସୈନ୍ୟ
ରଥ ପଦାତି ହସ୍ତୀ ତୁରଙ୍ଗ ଘେନି ଧାତି ପ୍ରବେଶ ତ୍ରିଭୁବନେ ଧନ୍ୟ ।୫।

---

୫. ରଥପଦାତି ତୁରଙ୍ଗ ଘେନି ଧାତି

Digitized by srujanika@gmail.com

ଦେଖି ସେ ନୃପବର ଯଉତୁକ ସମ୍ଭାର ମନ୍ତ୍ରୀନନ୍ଦନ ପାଶେ ନେଲେ
ମତ୍ତ ପଦ୍ମୀ ପଦ୍ମେକ ତୁରଙ୍ଗ ଆଙ୍କୁସେକ ପରିବାରୀ ସହସ୍ରେକ ଦେଲେ ସେ
ଅଳଙ୍କାର । ଯେତେକ ଦେଲେକ ରାଜନ
ବଚନ ମାତ୍ରେ ତାହା କେହି କହିବ ଅବା ହୋଇଲା ଅତି ଅକଥନ ।୬।

ଯେମନ୍ତେ ସୁତା ବେଶ ସାରି ରାଣୀ ହରଷ କୋଳରେ ବସାଇଲେ ଆଣି
କାନ୍ତେ ଭଗତି ହେବୁ ଚରଣେ ସେବିଥିବୁ କହିଲେ ତିଆରିଣ ବାଣୀ ସେ
ପ୍ରାଣମଣି । ଯାଆ ତୁ ସୁଖେ ନିଅ ଦିନ
ଯେତେ ବୋଲି ବହନ ନୟନ ଥନଥନ କଲେକ ରମଣୀ ରତନ ।୭।

ଯୋଡ଼ିଣ ଦୁଇକର କହଇ ନାରୀବର ମୋର ସଜନୀ ସୁଦଶନା
ଅବଧାନ ହୋଇଲେ ତାକୁ ସଙ୍ଗତେ ନେବି ବୋଲି ବୋଇଲା ସୁଦଶନା ସେ
ଶୁଣି ଶ୍ରୁତି । ହରଷ ମନରେ ହୋଇଲେ
ତାତ ଜନନୀ ମନ୍ତ୍ରୀ ପତ୍ନୀ ଆଗେ କହିଣ ସୁତା ସଙ୍ଗତେ ସଖୀ ଦେଲେ ।୮।

ମଙ୍ଗଳ ହୁଳ ହୁଳି ଦେଇଣ ବାଳୀଆଳି କନ୍ୟାକୁ ବିଜେ କରାଇଲେ
ନାନା ବାଦ୍ୟରେ ନାଦ ତାଳ ବେଣୁ ଶବଦ ପଟହ ଦେଶାନ୍ତେ ସ୍ଫୁରିଲେ ସେ
ତନ୍ତ୍ରୀକୁଳ । ମୃଦଙ୍ଗ ମର୍ଦ୍ଦଳ ଗହଳ
କାହାଳ ତୁଣ୍ଡଘୋଷ ସ୍ଫୁରଇ ଦଶ ଦିଶ ଜ୍ୟୋତିଷେ ପଢ଼ନ୍ତି ମଙ୍ଗଳ ।୯।

କନ୍ୟା କୁମର ଦେଖି ହୋଇଲା ମନେ ସୁଖୀ, ଘେନିଣ ରଥେ ବିଜେ କଲା
ଅତି ପ୍ରମୋଦମନ କିଏ ବନଜ ବନ ଭାସ୍କର ଦର୍ଶନ ଲଭିଲା ସେ
ସୁଧାଧାମା । ଦେଖି ଯେସନେ ନୀଳୋତ୍ପଳ
ଷଟ୍‌ପଦ କୁଶେଶୟ ରସ ପାଇଣ ଯେହ୍ନେ ଲ ଭେକି ମାକନ୍ଦ କୋକିଳ ।୧୦।

କୋକ ଯୁଗ କି ଘସ୍ର ପାଇଣ ତୋଷମାନସ ତ୍ରିଯାମା ପାଇ ଜୀବଜୀବ
ନଭ ମଣ୍ଡଳ ନୀର ଲଭି ସାରଙ୍ଗ ଯେହ୍ନେ ତେସନେ ଲଭିଲେ ଉତ୍ସବ ସେ
ମାନସରେ । ଯେସନ ଧାତ୍ରୀ ରୋଷ୍ଟ ପାଇ
ସେହି ପ୍ରକାରେ ଦୁଇମାନସ ତୋଷ ହୋଇ ଉପମା ଦ୍ୱାରେ ସିନା ନାହିଁ ।୧୧।

---

୯.   ଆଳିବାଳୀ

Digitized by srujanika@gmail.com

ତେତେବେଳେ କୁମାର ରଥରେ ବିଜେକଲା କବି ମନରେ ବିଚାରିଲା
ପୁରନ୍ଦର ପରାଏ ନିଶ୍ଚେ ଯେହୁ କୁମାର ଯେମନ୍ତ ଉପମା ଦିଶିଲା ସେ
ବୀରବର । ଗନ୍ଧର୍ବ ଗଣେ ମନୋହର
ଶ୍ଳେଷ : ଅନନ୍ତ ପ୍ରାୟେ ମନେ ପରତେ ହୋଉଅଛି ନାଗ ସମୂହେ ଶୋଭାକର ।୧୨।

କପିଳ ପରାଏକ ପରତେ ହୋଉଅଛି କାଦମ୍ବମନାନନ୍ଦ କର
ସେ ନରନାରାୟଣ ପ୍ରାୟେ ଶୋଭା ଦିଶଇ ଶ୍ରୁତି ନୟନ ସୁଖକର ସେ
ଶ୍ଳେଷ : ଦତ୍ତାତ୍ରୟ । ପରାୟେ ସୁଜ୍ଞାନ ସଦନ
ସୁବାହୁ ବୀର ଦର୍ପ ଦଳନେ ହୋଇ ଦକ୍ଷ ପ୍ରତକ୍ଷେ ସେ ରଘୁନନ୍ଦନ ।୧୩।

ଶ୍ଳେଷ : ହୟଗ୍ରୀବ ପରାୟେ ପରତେ ହୋଉଅଛି କରଇ ଶ୍ରୁତି ନିସ୍ତାରଣ
ଶ୍ଳେଷ : ବାମନ ଅବତାର ପରାୟେ ପ୍ରତେ ହୋଏ ଏ ବଳୀ ଗରବ ଗଞ୍ଜନ ସେ
ବୀରବର । ଯହୁଂ ରଥରେ ବିଜେ କଲା
ଯେ ଯାହା ସ୍ଥାନମାନ ବସିଲେ ତହିଂ ସୈନ୍ୟ ଯାନ ଗଗନେ ବିକ୍ରମିଲା ।୧୪।

ପ୍ରଭାବତୀ ନଗରେ ପ୍ରବେଶ ହେଲେ ଯାଇ ଉତ୍ସବ ହୋଇଲା ଅପାର
ତାତ ପୟରେ ନମସ୍କାର କରି କୁମାରୀ କୁମାର ପ୍ରବେଶ ହେଲେ ଅନ୍ତଃପୁର ସେ
ବୀରବର । ଦେଇଣ ଅପୂର୍ବ ମନ୍ଦିର
ମନ୍ତ୍ରୀନନ୍ଦନ ନୃପସୁତାକୁ ରଖି ତହିଂ ହରଷ ହୋଇଲେ ମନର ।୧୫।

ଯେମନ୍ତେ କେତେଦିନ ଅନ୍ତେ ମନ୍ତ୍ରୀ ସୁତାକୁ ମନ୍ତ୍ରୀ ସୁତକୁ ବିଭାକଲେ
ମେଲାଣି ପାଇ ଭୂପେ ସର୍ବେ ସାନନ୍ଦ ମନେ ନିଜ ଭୁବନେ ସେ ଚଳିଲେ ସେ
ବୀରବର । ବିସ୍ତାର ମଦନ ସମ୍ପଦ
ନୃପ ନନ୍ଦନା ସଙ୍ଗେ ନାନାରଙ୍ଗେ ବଞ୍ଚନ୍ତି କରନ୍ତି ବିଚିତ୍ର ବିନୋଦ ।୧୬।

ଚିତ୍ରରେଖାର ଉନବିଂଶତି ଛାନ୍ଦ ଶେଷ ହରିଚରଣେ ଧ୍ୟାୟି ମନ
କହଇ ଉପଇନ୍ଦ୍ର ଭଞ୍ଜ ଯେ ମଙ୍ଗରାଜ ରଖ ହେ କମଳ ନୟନ ହେ
ମହାପ୍ରଭୁ । ଦୁର୍ଗତ ଦୁର୍ଗତି ଖଣ୍ଡନ
ଅହଲ୍ୟାମୁକ୍ତକାରୀ ବକାରି ମଧୁହାରି ହରି ରଥାଙ୍ଗ ବିମଣ୍ଡନ ।୧୭।

* * *

Digitized by srujanika@gmail.com

ବିଂଶତି ଛାନ୍ଦ

(ରାଗ-କୁମ୍ଭ କାମୋଦୀ)

ଶରଦ ସମୟ ହୋଇଲା ପ୍ରବେଶ ନିର୍ମଳ ଆକାଶ
ତାର ଈଶ ଗଗନରେ ପରକାଶ ଚକୋର ହରଷ
ଜାତି କୁସୁମ ହିଂ ବାସ କଲେ ବାସ ଫୁଟିଲେ ବନ୍ଧୁଲି
ଜଳେ ସ୍ଥଳେ ଫୁଲ ଫୁଟନ୍ତେ ବୁଲେ ତା ଭ୍ରମର ମଣ୍ଡଳୀ ।୧।

ଜବା ପୁଷ୍ପ ଫୁଟେ କନକ ଚମ୍ପକ ପଟଳ ସୁନ୍ଦର
ଫୁଲ ଧନୁର୍ଦ୍ଧର ଶର ବରଷଇ ବିରହୀ ଉପର
କଉଂ ଚନ୍ଦ୍ରମୁଖୀ ଗଗନରେ ଚନ୍ଦ୍ର ଦେଖିଣ ଦୁଃଖିତା
ନିଜ କାନ୍ତ ଗୁଣ ଚିତ୍ତରେ ଚିତୋଇ କରଇ ସେ ଚିନ୍ତା ।୨।

ଚାନ୍ଦ ସମ ଚାନ୍ଦିନୀରେ ଏହୁ ଚାନ୍ଦ ଦେଖିଲେ ହେ କାନ୍ତ
ମୋହ ଅଙ୍ଗେ ନାନା ବିନୋଦ କରନ୍ତି ହୋଇଣ ସୁଚିତ୍ତ
କଉଂ ନାଗର ବିଦେଶେ ଯାଇଥିଲା ପଥରେ ଚନ୍ଦ୍ରମା
ଦେଖି ମୋହଗତ ହୋଇଣ ପଡ଼ିଲା ସୁମରି ସେ ରାମା ।୩।

ହା ହା ପ୍ରାଣସଖି ହା ହା ଚନ୍ଦ୍ରମୁଖି କୋକିଳବଚନା
ଧିକ ହୋଇ ପ୍ରାଣ ତୋତେ ଛାଡ଼ି ମୁହିଂ କରୁଛି ଶୋଚନା
କେବଣ ବିରହୀ ହିମାଂଶୁ ନୟନେ ଦେଖିଲା
ନସହି ତା ତେଜ ବିକଳ ହୋଇଣ ସଖାକୁ କହିଲା ।୪।

ଆମ୍ଭର ନଗର ଚନ୍ଦ୍ରମା ଦେହକୁ ଲାଗଇ ଶୀତଳ
ଯେ ପୁର ଚନ୍ଦ୍ରମା ପ୍ରତେ ହୋଉଅଛି ଯେମନ୍ତେ ଅନଳ
ଜାଣିଲେ ତାହାର ମନ ନିଶ୍ଚେ ସଖା ବିରହ ବୋଲିଣ
ନିକଟରେ ଆମ୍ଭ ନଗରକୁ ଯିବା ନ ବିଚାର ଆନ ।୫।

କେ ବାଳା ପୁରୁଷ ବିଦେଶ ଯିବାରୁ ଗାର ସେ କାଟଇ
ସମ୍ପୂର୍ଣ୍ଣ ହୋଇଲା ବୋଲିଣ ହରଷ ମନରେ ହୁଅଇ
କଉଂ ବିରହୀ ନିଶାକର ଦେଖିଣ ପୁରେ ସେ ପଶିଲା
ଗୁରୁଦ୍ରୋହୀ ଲୋକ ବଦନ ନ ଚାହେଂ କ୍ରୋଧରେ ବୋଇଲା ।୬।

Digitized by srujanika@gmail.com

ଯୋଗୀଜନଙ୍କ ମହାଧ୍ୟାନ ଆସନ ଭାଙ୍ଗଇ ଚଣ୍ଡାଳ
ବିରହୀ ଜନ ଦହିବାକୁ ଏହାର କିରଣ ଅନଳ ।
କଉଂ ବାଳା ଚନ୍ଦ୍ର ଗଗନେ ଦେଖିଣ କବାଟ କିଳିଲା
ଦୋଷଆକର ମୁଖ ନଚାହିଁ ବୋଲିଣ ବୋଇଲା ।୭।

କଉଂ ମାନବତୀ କାନ୍ତେ ମାନକରି ହୋଇଛି ବିମନ
ଚନ୍ଦ୍ର କିରଣ ଦେଖି ମନେ ଆକୁଳ ମଦନେ କଦନ
କିମ୍ପାଇଂ ପ୍ରାଣ ପୁରୁଷେ ମାନକଲି ଧିକ ଯେ ଜୀବନ
କେତେ ପ୍ରକାର ଚାଟୁ ମତେ କହିଲେ ଧରି ମୋ ଚରଣ ।୮।

ନଘେନି ତାହାଙ୍କ ବଚନ ଏବେ ତ କରୁଛି ଚିନ୍ତନ
ପ୍ରବୋଧ କରି କେ ଆଣିଦେବ ମୋର ଗଳାର ରତନ
କଉଂ ମାନିନୀ ମାନ କରି ବସିଣ ଥିଲାକ ପୁରରେ
ଚନ୍ଦ୍ର କିରଣ ଦେଖିଣ ବହୁ ତାପ ଲଭିଲା ମନରେ ।୯।

କଉଂ କାମିନୀ ଅତିଥିକି ତଣ୍ଡୁଳ ଦେବାକୁ ବାହାର
ଅଧୋ ପଥେ ତାହା X X X ପଶିଲା ମନ୍ଦିର ଭିତର
ଯେ ବିଧି ଅନେକ ନାୟିକା ନାୟକକଳାପ ବିଧାନ
ବଚନରେ ତାହା ବିସ୍ତାରିବ କେହୁ ନୁହଇ କଥନ ।୧୦।

ଶୁଣ ସୁଜନେ ଏଥୁ ଅନ୍ତେ ଚରିତ ନୃପତିନନ୍ଦନ
କେଳି ସଦନେ ବାଳାକୁ ଘେନି କରେ ଅପୂର୍ବ ବିଧାନ
ସଚିତ୍ର ବିଚିତ୍ର ଚୂର୍ଣ୍ଣ ଭବନରେ ବାଳାକୁ ଘେନିଣ
ରସବତୀ ଚାରୁ ଚିବୁକ ଧରିଣ କହଇ ବଚନ ।୧୧।

ଦେଖ ସଜନୀ ଲୀଳାବତି ପଦ୍ମିନି ଗଗନ ସୁନ୍ଦର
ମୋହର ମନକୁ ପରତେ ଏ ନିଶ୍ଚେ ଭାରତ ସମର
ଶ୍ଳେଷ : ଭୀଷ୍ମ ଆଶୁଗ ଖରତର ଚଳଇ ଦେଖ ଗୋ ନୟନ
ଅର୍ଜୁନ କରେ ଧନ୍ୟ ଶୋଭା ପାଉଛି ନାହିଁ ଯେ ସମାନ ।୧୨।

ଶିଖଣ୍ଡି ମଉରେ ରଙ୍ଗରେ ନିତ୍ୟ ଦ୍ରୋଣାରି ପ୍ରବଳ
ସୁରରଞ୍ଜନ କରୁଅଛି ଯେଥିରେ କୁରୁର ଆକୁଳ
ଶ୍ଳେଷ : ରାମାୟଣ ଭୂମି ପରା ଯେହୁ ସଖୀ ଦିଶୁଛି ପ୍ରମାଣ
ରାମ ଲକ୍ଷ୍ମଣ ରୁକ୍ଷଗଣ ସଙ୍ଗତେ ଦିଶନ୍ତି ଶୋଭନ ।୧୩।

Digitized by srujanika@gmail.com

କଞ୍ଚଣ ରଙ୍ଗିଣୀ କୁମୁଦ ଦିଶନ୍ତି ଅତିହିଂ ସୁନ୍ଦର
ମେଘନାଦର ରଙ୍ଗେ ହୋଇଅଛି ଏବେ ପ୍ରବଳେ ପ୍ରଚାର
ମଧୁପ ବହୁତ ନିଶାଚରଗଣ ଅତିହିଂ ପ୍ରଖର
ପ୍ଲବଗ ହନୁମନ୍ତରେ ଏ ସଂଘଟ ଆନନ୍ଦ ମନର ।୧୪।

ଯେହୁ ଗଗନ ନୀଳାମ୍ବର ନିଶ୍ଚୟେ ରେବତୀ ପୀରତି
ସୁନାରୀ ବୃକ୍ଷ ତପିପ୍ରାୟେ ପରତେ ଫଳରେ ପ୍ରାପତି
ଶ୍ଳେଷ : ପୁଣି ବୋଲଇ ସଜନୀ ତୋର କେଶ ସୁଧର୍ମା ସମାନ
ପ୍ରତକ୍ଷେ ହୋଇଛି ସୁମନାବଳୀରେ ବିଚିତ୍ର ମଣ୍ଡନ ।୧୫।

ଶ୍ଳେଷ : ତୋ କଣ୍ଠ ଗଗନ ନକ୍ଷତ୍ରମାଳାରେ ଦିଶଇ ଶୋଭନ
କର ମହାନୃପ ପରାୟେ ବିଚିତ୍ର କଟକେ ଶୋଭନ
ଅଙ୍ଗନନ୍ଦନ ହରିଚନ୍ଦନେ ହୋଇଛି ସୁନ୍ଦର
ପାଣିପଲ୍ଲବ ତୋ ସମୁଦ୍ରେ ରୁଚିର ବରୁଣ ନିକର ।୧୬।

ତୋର ଚରଣ ଲୋକପତି ପରାୟେ ହଂସକେ ଶୋଭନ
ନାଗ ଗତିରେ ଶୋଭାଦିଶେ ନିଶ୍ଚୟେ ପାତାଳ ଭୁବନ
ଶ୍ଳେଷ : ତୋର ଭାଲ ଯେ କୁବେର ଅଳକାରେ ଦିଶଇ ରଞ୍ଜନ
କୁଚ ଶମ୍ଭୁ ପ୍ରାୟେ ପରତେ ହୋଇଛି ଚନ୍ଦ୍ରରେ ମଣ୍ଡନ ।୧୭।

କାନ୍ତ ପ୍ରିୟବାଣୀ ଶୁଣିଣ ରମଣୀ ଅଳପ ହଂସିଲା
ଭାବବତୀକି ଭାବେ କୋଳ କରିଣ ପଲ୍ୟଙ୍କେ ବସିଲା
ଚିବୁକେ ଚାରୁ ଚୁମ୍ବନ ଦେଇ କଲା ଅଧର ତା ପାନ
ବନ୍ଧ ସଂଯୋଗେ କୋଳ କରି କୁମାର ଫେଡ଼ିଲା ବସନ ।୧୮।

ଚିବୁକ ଝୁଙ୍କି ଉରଜ ଧରି କଲା ଚନ୍ଦ୍ରମା ଚାଳନ
ଅଳକା ପ୍ରାନ୍ତରେ ଚୁମ୍ବନ ଲିହିଲା ହୋଇଣ ସୁମନ
ଜାନୁ କମ୍ପାଇ ଚନ୍ଦ୍ରମୁଖୀ ଚୁମ୍ବିଲା କୁମର ବଦନ
ଲଲାଟେ ଖୋସି ନୟନ ଯୁଗ ବାଳା ହୋଇଲା ଅଜ୍ଞାନ ।୧୯।

ଚଞ୍ଚଳାବରନୀ ମାନସ ହୋଇଲା ଚଞ୍ଚଳା ପରାୟେ
ରତି ସାରି ଏକା ଆସନେ ବସିଲେ ପୁରୁଷ ନାରୀୟେ
ଅନେକ ପ୍ରକାରେ ନାନା କ୍ରୀଡ଼ାରଙ୍ଗେ ରଜନୀ ଦିବସ
ହରନ୍ତି ହରଷେ ହରିଣନୟନୀ ଅପୂର୍ବ ପୁରୁଷ ।୨୦।

Digitized by srujanika@gmail.com

ଏମନ୍ତେ କିଛୁ ଦିନାନ୍ତରେ ହୋଇଲା ହେମନ୍ତ ରଚିର
ପଦ୍ମବନ ଚୂର୍ଣ୍ଣ ହୋଇଲେ ପଡ଼ିଣ ତୁଷାର ଉପର
ଅନଳ ପରାୟେ ମହାଭୀତି ହେଲା ନିର୍ମଳ ଜଳକୁ
ବିରହିଣୀ ଜନ ମହାଭୟେ କଲେ ମଦନ ଶରକୁ ।୨୧।

ଧାତା ବିହିଥିଲା ଅବଳା ପୁରୁଷ ଯୁଗଳ କରିଣ
ନବ ବିଧାତା ହୋଇ ମାର କଲା ଯେ କଥା ପ୍ରକାଣ
ମଧୁଲିଟ ରୋଳ ପ୍ରବଳ ଗହଳ ବିପିନ ଚହଳ
ଶାରୀକା ଶୁକ ପ୍ରଚାର ଭେକବୃନ୍ଦ ବଚନ ନିର୍ମଳ ।୨୨।

ବାଳା କୋମଳା ସଙ୍ଗତେ ଲୀଳା କରେ ନୃପତି କୁମାର
ନାନା ବିନୋଦରେ ବଞ୍ଚି ଶରଦ ହେମନ୍ତ ଋତୁର
ଶିଶିର ଋତୁ କଥା ଶୁଣ ସୁଜନେ ଆରକ ଛାନ୍ଦରେ
ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ ସେବେ ଶ୍ରୀହରି ପୟରେ ।୨୩।

* * *

Digitized by srujanika@gmail.com

ଏକବିଂଶତି ଛାନ୍ଦ
(ରାଗ- କଲ୍ୟାଣ ଆହାରୀ)

ସୁନ୍ଦର ଶିଶିର ହିମ ଗିରି ଶିରୁଂ
ପ୍ରଚାର ହୋଇଲେ ସଂସାର ।
ହିମକର କରେ ମହାଦର ହେଲା
ଅହିମକରେ ମହାଦର ।
ଲତିକା । କଳିକା ମାଳିକା ଧଇଲେ
ଶୋଭା କୁନ୍ଦ ବୃନ୍ଦ କୁନ୍ଦ କୁନ୍ଦଦନ୍ତୀ
ରଦନ ପରାୟେ ଦିଶିଲେ ।୧।

ପ୍ରକାଶ କାଶ ବିକାଶ କଲେ ବାସ
ବାସଙ୍ଗ ବାସଙ୍ଗ ବହିଲେ,
ପୁଷ୍ପବତୀ ରସବତୀ ପ୍ରାୟେ ହୋଇ
ଧାତୁକ ଶୋଭନ ପାଇଲେ
ଭ୍ରମନ୍ତି । ଭ୍ରମରେ ଭ୍ରମରେ ସଦନ
ହିମନିକର ନିକର ମହୀରୁହ
ଦଳ କୁଳେ ପଡ଼ି ଶୋଭନ.।୨।

ଭାବବତୀ କାନ୍ତେ ଶୋକବତୀ ପ୍ରାୟେ
ମନକୁ ପରତେ ହୋଉଛି
ଶୁକ ସହଚରୀ ବଲ୍ଲଭ ପ୍ରବୋଧ
ବଲ୍ଲଭୀ ପାଶରେ କହୁଛି
ସେବତୀ । ମଧୁପ କୁଳରେ ମଣ୍ଡନ
ମହାମଧୁପାନେ ମତ୍ତଭର ହୋଇ
କରନ୍ତି କଳ କଳ ମାନ ।୩।

Digitized by srujanika@gmail.com

ଛଳ :   କମଳ ତମାଳ ମାଳ ମାଳ ମାଳ
ହୋଇ ଗୋପାଳ କି ଶୋଭନ
ମନ୍ଦ ମନ୍ଦ ଗନ୍ଧ ଘେନି ଗନ୍ଧବହ
ବହନ୍ତେ କାନ୍ତ ଉପବନ
ବଲ୍ଲରୀ । ନାନା ପୁଷ୍ପରେ ପୁଷ୍ପବନ୍ତ
ବିରହୀ ଉପରେ ଶର ବରଷଇ
ଅନବରତେ ରତିକାନ୍ତ ।୪।

ଛଳ. ଶ୍ଳେଷ.   ଏ ଋତୁ ଜାର ପ୍ରମୋଦ ସେ କରଇ
ବିରେଧାଭାସ :   ଏ ଋତୁଜାର ଖେଦ ଦାତା
ପଦ୍ମିନୀକୁଳ ସହରଷ କରତା
ପଦ୍ମିନୀକୁଳକୁ ହସନ୍ତା
ସୁମନା । X X X
ନୀଳାମ୍ବୁଜପାଣି ଅତ୍ୟନ୍ତ ହରଷ
ନୀଳାମ୍ବୁଜ ପାଣି ନାଶନ ।୫।

ଛଳ. ପ୍ରାନ୍ତ ଯମକ: ଯେତେ ବିରସ ଲଭିଥିଲେ ମନରେ
ତେତେ ହରଷ ଜୀବଂଜୀବ
ବିରହିଣୀ ଜନ ସନ୍ତାପ କରନ୍ତି
କାନ୍ତ ବିହୀନେ ଜୀବ ଯିବ
ମଦନ । ବିହୁନୁ ଯେହ୍ନେ ରାଗଲତା
ନାନା ପୁଷ୍ପଗଣେ ବିହଗ ସମୂହ
ମାନ କେ ଅନୁରାଗ ଲତା ।୬।

ଛଳ, ସିଂହାବଲୋକନ : କଉଂ କାମିନୀ କାନ୍ତ ମୁଖ ନଦେଖି
କାମ କାଣ୍ଡରେ ହେଲା ଦୀନ
ଦିନ ଯୁଗସମ ମନରେ ମଣଇ
ହୁଅଇ ଜନମନ ଛନ୍ନ
ମନୋଜ । ଶର କି ଜାଣି ବୃଷ୍ଟିନୀର
ନିରଜମୁଖୀ କାନ୍ତକୁ ଚିନ୍ତାକରି
ହା ହା ହେ ନାଗରଙ୍କ ବର ।୭।

Digitized by srujanika@gmail.com

ବର ବରକେ ବରାରୋହା ବିନୁ
କରଇ ଅତିହିଂ ସନ୍ତାପ
ତାପଇ ଅଙ୍ଗେ ତା ଅନବରତରେ
ବିଷମ ବିଶିଖ ଅରୂପ
ରୂପତା । ହୋଇଣ ଅଛି ଅତି କ୍ଷୀଣ
କ୍ଷୀଣଉଦରୀ କି ମନେ ଚିନ୍ତାକରି
ନିଅଇ ସେ ରଜନୀ ଦିନ ।୮।

ଦିନମଣି ଯେହ୍ନେ ଦିବସକୁ ଶୋଭା
ତେହ୍ନେ ମୋତେ ହୃଦରଞ୍ଜନ
ଜନମୋହନର ଦେଖିବି ବଦନ
ଦୀନେ ପ୍ରାପତ ହେବ ଧନ
ଧନହେ । କେମନ୍ତେ ବଞ୍ଚିବି ଏ ରାତି
ବଳାରାତି ସଖା ବଳାରାତି ହୋଇ,
ମାର୍ଗଣେ ଦହେ ମୋର ମତି ।୯।

କଉଂ ଯୁବତୀ ମଦନ ପୂଜାକରି
ଏମନ୍ତ ବିନୟ କହିଲା
ମୋତେ ଦହୁଛି ଯେ ସୁମନଶର କେ
ତୋତେ ପୂଜିବ ବୋଇଲା
ମୋହର । ବିନୟ ଘେନିକରି ତୁହି
କାନ୍ତକୁ ବହନ ଉଚ୍ଛନ୍ନ କରିଣ
ବିଦେଶୁ ଘେନି ଆସ ଯାଇ ।୧୦।

କଉଂ ବିରହୀ ମଦନଶର ବାଜି
ଗଜେନ୍ଦ୍ରଗମନା ଚିନ୍ତିଲା
ଗୁଣମଣି ଗୁଣ ଗୁଣି ଗୁଣି ତାର
ଦ୍ୱିଗୁଣ ସନ୍ତାପ ହୋଇଲା
କ୍ଷିତିରେ । ପଡ଼ି ପୁରୁଷ ମୋହଗଲା
ନିଜ ସଖା ତାଙ୍କୁ ଅଶ୍ୱାସନା କରି
ବହନ କୋଳରେ ଧଇଲା ।୧୧।

---

୧୧. ଦ୍ୱିଗୁଣ ।

Digitized by srujanika@gmail.com

କଉଂ ଯୁବତୀ ଭାବବତୀ ସେବତୀ
କୁସୁମ ସୁମନ ଦେଖି୍‌ଣ
ପ୍ରାଣ ବଲ୍ଲଭ ମନରେ ଚିନ୍ତାକଲା
ତେଜି ନୟନୁ ନୀରମାନ
ନାଥ ହେ । ଏ ଫୁଲ ଦେଖିଲେ ଲୋଚନେ
କବରୀଭରରେ ମଣ୍ଡନ କରନ୍ତି
ଅତ୍ୟନ୍ତ ଆନନ୍ଦ ସୁମନେ ।୧୨।

ଏ ବିଧି ଅନେକ କେତେକ କହିବି
ନାୟକ ନାୟିକା ବିଧାନ
ଅନୁମାନଦ୍ୱାରେ ଲକ୍ଷିତ ନୁହଇ
କହିତ ଅତି ଅକଥନ
ନୃପତି । ନନ୍ଦନ ତ୍ରିପୁର ବନ୍ଦନ
ଅରାତି ଖଣ୍ଡିତ ଜଗତ ମଣ୍ଡିତ
ଚିତ୍ରରେଖା ହୃଦଚନ୍ଦନ ।୧୩।

ଚନ୍ଦ୍ରମା ମଣ୍ଡଳ ବଦନ କୁଣ୍ଡଳ
ଶ୍ରୁତିରେ ସୁରତପଣ୍ଡିତ
ମହାମହିମ ମହୀପତି କୁମର
ମହାସମରେ ଅଖଣ୍ଡିତ
ଭୂପତି । କୁମାର ସୁକୁମାରୀ ନାରୀ
ସେ ପୀନଜଘନୀ ଅତି ଉଚ୍ଚସ୍ତନୀ
ମନ୍ଥରଗାମିନୀ ନାଗରୀ ।୧୪।

ତାହା ସଙ୍ଗେ ରଙ୍ଗେ କେଳି ସଦନରେ
କେଳି କରେ ଭୂପ କୁମର
ଅପୂର୍ବ କୁସୁମ ମଣ୍ଡିତ ବଲ୍ଲରୀ
ଦେଖି କହେ ପ୍ରେମ ଉତ୍ତର
ଜୀବନ । ଏ ତରୁ ନିଶ୍ଚେ ରତିବର
ଶ୍ଳେଷ : କୁସୁମ ଆଶୁଗେ ସୁନ୍ଦର ବିଶଇ
ନାହିଂ ସମାନେ ତିନି ପୁର ।୧୫।

Digitized by srujanika@gmail.com

ପ୍ରତେ ହୋଇଅଛି ପୁରନ୍ଦର ପ୍ରାୟେ
ସୁମନସଗଣେ ମଣ୍ଡନ
ଗୋପୀବଲ୍ଲଭ ପରାୟେ ପ୍ରତେ ହୋଏ
ସାରଙ୍ଗରେ ଅତି ଶୋଭନ
ଜୀବନ । ଏ ନିଶ୍ଚେ ରଜନୀ ରମଣ
ଶ୍ଳେଷ : ଶୁଭ୍ରବର୍ଣ୍ଣରେ ଆମୋଦ କରୁଅଛି
ନାହିଁ ମର୍ତ୍ତ୍ୟପୁରେ ସମାନ ।୧୬।

ଶ୍ଳେଷ : ପ୍ରଭାକର ପ୍ରାୟେ ପରତେ ହୋଉଛି
କାଶ୍ୟପି ପୀରତି ନିକର
ଏତିକି କହି କେତକି ଗୋରୀ କୋଳେ
ଧରିଣ କୁମର ଈଶ୍ୱର
କରଇ । ନାନା କେଳି ସେହୁ ପ୍ରଚାର
ବିଚିତ୍ର ଚୁନ ଭୁବନରେ ବସିଣ
ଚିତ୍ରଲେଖେ କୁଚକୁମ୍ଭର ।୧୭।

ଦିବସ ଶେଷ ରଜନୀ ପରବେଶ
ଦ୍ୱିରଦ ଦଶନ ପଲ୍ୟଙ୍କେ
ସୁରତ ସମର ଆରମ୍ଭି କୁମର
ବସନ ହରିଲା ନିଃଶଙ୍କେ
ଦଶନ । ବସନ୍ତୁ ସୁଧାପାନ କଲା
ଏ ବିଧି ଅନେକ ପ୍ରକାର କୁମାର
ସୁରତ ରସ ବିସ୍ତାରିଲା ।୧୮।

ଶିଶିର ଶେଷ ବସନ୍ତ ପରବେଶ
ନାନା କେଳି କଲେ ପ୍ରକାଶ
ଗ୍ରୀଷ୍ମ ବରଷା ଶରଦ ହିଂ ସେହି -
ମନ୍ତ ହୋଇଲା ପରବେଶ
ଋତୁରେ । କରନ୍ତି କେଳି ସେ ପ୍ରଚାର
କେ କହିବ ତାଙ୍କ ଉତ୍ସବ ଉତ୍ସବ -
ମାନଙ୍କ ମଧ୍ୟରେ ସେ ସାର ।୧୯।

Digitized by srujanika@gmail.com

ବିଚିତ୍ର ଚିତ୍ରରେଖା ଚିତ୍ର ପ୍ରବନ୍ଧ
ଏକବିଂଶତି ଛାନ୍ଦ ଶେଷ
କବି ପରମ୍ପରା ପ୍ରବନ୍ଧେ ବର୍ଣ୍ଣନା
ସୁଜନେ ନ ଘେନିମା ଦୋଷ
ଏ ଗୀତ । ଯେଉଂ ଦେଶେ ହେବ ପ୍ରଚାର
ସେ ଦେଶ ଜନଙ୍କୁ କରୁଣା କରିବେ
କମଳାଦେବୀ ଜୀବେଶ୍ୱର ।୨୦।
ଅଳି ଅଞ୍ଜନପୁଞ୍ଜ ଚାରୁତମାଳ -
ଦଳ କେକୀପୁଚ୍ଛ ନୀରଦ
କୁଟିଳ କୁନ୍ତଳ କି ଶୋଭା କରଜ
ଜଗତଜନ ସୁଖପ୍ରଦ
ମହୀଶ । ସହି ସଦୟା ବିଚ୍ଛେଦିନୀ (?)
ତାହାଙ୍କ ଚରଣ ସରସିଜ ତଳେ
ଶରଣ ଚଉବର୍ଗ ଘେନି ।୨୧।
ହଂସବଂଶ ଅବତଂଶ ଧନଞ୍ଜୟ
ଭଞ୍ଜ ନୃପତି ଚୂଡ଼ାମଣି
ତାଙ୍କ ସୁତ ନୀଳକଣ୍ଠ ଭଞ୍ଜ ନୃପ
କୁଳକମଳ ଦିନମଣି
ତାହାଙ୍କ । ନନ୍ଦନ କବିସିନ୍ଧୁଚନ୍ଦ୍ର
କହେ ଉପଇନ୍ଦ୍ର ଭଞ୍ଜ ମଙ୍ଗରାଜ
ମାନସେ ଚିନ୍ତି ରାମଚନ୍ଦ୍ର ।୨୨।

* * *

Digitized by srujanika@gmail.com

ଟୀକା

ପ୍ରଥମ ଛାନ୍ଦ

୨. କ୍ଷୀରସିନ୍ଧୁ ସୁତାପତି = ବିଷ୍ଣୁ, ୭. ଛଳ = ଛଳୋକ୍ତି, ଶ୍ଳେଷଗର୍ଭିତ ଉକ୍ତି, ବକ୍ରୋକ୍ତି; ଶ୍ଳେଷ = ଏକାଧିକ ଅର୍ଥ ବିଶିଷ୍ଟ ଶବ୍ଦର ପ୍ରୟୋଗ ; ଯମକ = ସମୋଚ୍ଚାରିତ ଭିନ୍ନାର୍ଥକ ଏକାଧିକ ଶବ୍ଦର ପ୍ରୟୋଗ ; ବିରୋଧାଭାସ = ପ୍ରକୃତରେ ବିରୋଧ ନଥାଇ ଶବ୍ଦ ପ୍ରୟୋଗରୁ ଆପାତତଃ ବିରୋଧ ବୋଲି ପ୍ରତୀୟମାନ ୧୧. ଗିରିକୁମାରୀ = ପାର୍ବତୀ ୧୪. ତନୁଜା = କନ୍ୟା ୧୫. କୁମାରମାତା = କାର୍ତ୍ତିକେୟଙ୍କ ଜନନୀ ପାର୍ବତୀ ୧୭. ରୟଣି = ରାତ୍ରୀ ୧୯. ମହୀସୁତବାର = ମଙ୍ଗଳବାର ୨୫. ପଞ୍ଚମୁଖ = ଶିବ, ପ୍ରଜାପତି ବା ବ୍ରହ୍ମା, ୨୬. କମଳ = ପଦ୍ମ, ମୃଗ ; ଭୀମ = ଶିବ, ଭୟଙ୍କର, ପାପ.

ଦ୍ୱିତୀୟ ଛାନ୍ଦ

୨୧. ସମ୍ଭାର = ସାମଗ୍ରୀ

ତୃତୀୟ ଛାନ୍ଦ

୩. କ ରେ = ମସ୍ତକରେ; ଶିଖଣ୍ଡୀ = ମୟୂର; ଶିଖଣ୍ଡକ = ମୟୂରପୁଚ୍ଛ; ବଳାହକ = ମେଘ ୪. ମହେଶ ଅଷ୍ଟମୂରତି = ଶିବଙ୍କ ଅଷ୍ଟମୂର୍ତ୍ତି ଅର୍ଥାତ୍ ଚନ୍ଦ୍ର, ସୂର୍ଯ୍ୟ, କ୍ଷିତି, ଅପ୍, ତେଜ, ବାୟୁ, ଆକାଶ ଓ ଯଜମାନ ୫. ପୁଷ୍ପବନ୍ତ = ପୁଷ୍ପ ବିଭୂଷିତ, ଚନ୍ଦ୍ର ଓ ସୂର୍ଯ୍ୟ; ସର୍ବଭୂତ = ପଞ୍ଚମହାଭୂତ ଅର୍ଥାତ୍ କ୍ଷିତି, ଅପ୍, ତେଜ, ବାୟୁ ଓ ଆକାଶ; ଇଷ୍ଟକାରି = ଯଜମାନ, ସମସ୍ତ ଦର୍ଶକଙ୍କ ଆନନ୍ଦପ୍ରଦ; ବାସେ = ସୁବାସରେ, କିବା ସେ ; ସୁସଞ୍ଚ = ଉତ୍ତମ ଭାବେ ବନ୍ଧା ଯାଇଥିବା ୮. ମୁଖବିଧୁ = ମୁଖ ରୂପକ ଚନ୍ଦ୍ର ୯. ଅଷ୍ଟମୀ ତିଥି ନିଶାକର = ଅର୍ଦ୍ଧଚନ୍ଦ୍ର ୧୩. ଜବା = ରକ୍ତମନ୍ଦାର; ନାଗବଲ୍ଲୀ = ପାନ ୧୪. ସରିତପତି = ସାଗର ୧୫. ଭ୍ରମରିକା = କସ୍ତୁରୀଦ୍ୱାରା କରାଯାଇଥିବା ମହୁମାଛିର ଚିତ୍ର ୧୯. କମ୍ବୁବର = ଶ୍ରେଷ୍ଠ ବା ଉତ୍ତମଜାତୀୟ ଶଙ୍ଖ ୨୧. ଶାତକୁମ୍ଭ = ସୁନା; କୁମ୍ଭୀ = ହସ୍ତୀ; କୁମ୍ଭ = କଳଶ, ହସ୍ତୀର ଗଣ୍ଡସ୍ଥଳ; ** = ସମ୍ଭାବିତ ପାଠ ହୋଇପାରେ, "ବିଷ୍ଣୁ ଦଶ ଅବତାର ପ୍ରାୟେ ଦିଶେ ପୁଣି" (ଡ଼କ୍ଟର କିଶୋର ଚନ୍ଦ୍ର ମିଶ୍ର) ୨୨. ଲୀଳାରୋହିତ = କ୍ରମବର୍ଦ୍ଧମାନ ବା କୁଙ୍କୁମ ରଞ୍ଜିତ, ମତ୍ସ୍ୟାବତାର; ଶରୀର ଅତି ହିଂ କଠିଣ =

Digitized by srujanika@gmail.com

କଠିନ, କଚ୍ଛପ ଅବତାର; ରସାଳିଙ୍ଗିତ = ରସାଳ, ପୃଥିବୀ ଉଦ୍ଧାରକ ବରାହ; କେଶରଭୂଷଣ = ଜାଫ୍ରାନକେଶର ଦ୍ୱାରା ଭୂଷିତ, କେଶର ଭୂଷିତ ନୃସିଂହ ୨୩. ବଳି = ଦାନବୀର ବଳି, କାଞ୍ଚଲା ବା ନାରୀମାନଙ୍କ ବକ୍ଷବନ୍ଧନୀ; ଭୂଭୃତ = ପର୍ବତ, ରାଜା ବା କ୍ଷତ୍ରିୟ ୨୪. କଉଶଲ୍ୟା = ଦକ୍ଷତା ବା କୁଶଳଭାବେ ଗଠିତ, ରାମଙ୍କ ଜନନୀ; ପ୍ରଲମ୍ବ ବିଜୟୀ = ହାରଶୋଭିତ, ପ୍ରଳମ୍ବାସୁରର ନିଧନକାରୀ ବଳରାମ; ସଂସାର ଜିଣନ୍ତା = ସମସ୍ତଙ୍କୁ ବିମୁଗ୍ଧ କରୁଥିବା, ଜଗନ୍ନାଥ; ପ୍ରାନ୍ତେ କଳଂକୀ = ଶେଷ ବା ପ୍ରାନ୍ତଭାଗ କୃଷ୍ଣବର୍ଣ୍ଣ ବା ସ୍ତନାଗ୍ର, ଶେଷ ଅବତାର କଳ୍କୀ ୨୫. ବାହୁଟି = ହସ୍ତର ଅଳଂକାର ବିଶେଷ ୨୬. ପାଣି = ହସ୍ତ; କୋକନଦ = ରକ୍ତପଦ୍ମ ବା ରକ୍ତକଇଁ ୨୯. ହରିବର = ଶ୍ରେଷ୍ଠ ସିଂହ, ୩୨. ଚଳଦଳ = ଅଶ୍ୱତ୍ଥ ପତ୍ର; ସରସିଜବାଳ = ବ୍ରହ୍ମା ୩୩. ମର୍କତ = ନୀଳବର୍ଣ୍ଣର ମଣି; ଚୁନି = ଟିକି ଟିକି ଖଣ୍ଡ ୩୪. ଚରମ = ପୃଷ୍ଠଦେଶ ୩୫. ରମ୍ଭାତରୁ = କଦଳୀବୃକ୍ଷ ୩୬. ବୀରତୂର = ବୀରବାଦ୍ୟ ୩୭. ଯାବକ = ଅଳତା ୩୮. ଶମ୍ପା = ବିଜୁଳି, ହାଟକ = ସୁନା ୩୯. ଗତି ଦେଖି ହସ୍ତୀ ଇନ୍ଦ୍ରଙ୍କ ଏବଂ ହଂସ ବ୍ରହ୍ମାଙ୍କ ଶରଣାପନ୍ନ ହେଲେ ।

ଚତୁର୍ଥ ଛାନ୍ଦ

୧. ମୁକୁଳ = କଢ଼ି ୨. କେଶର = ବକୁଳ, ନାଗେଶ୍ୱର, ପୁନ୍ନାଗ, କୁସୁମ; କେଶର ଧଇଲେ = ପ୍ରସ୍ଫୁଟିତ ହେଲେ; ଜବା = ମନ୍ଦାର; ପୁଷ୍ପ = ତିଳକ ଫୁଲ; ପଲାଶ = କିଂଶୁକ, ଶିମୁଳି; ବରାହଦାଢ଼ = ମଲ୍ଲିପରି ଏକ ଧଳାପୁଷ୍ପ ଲତା; ଅମଳା = ଅଁଳା ୩. ମଧୁକର = ଭ୍ରମର ୪. ଆରାମ = ଉପବନ ୫. ପୁରନ୍ଦରପୁର = ଇନ୍ଦ୍ରପୁର; ଅଗ୍ନିମୁଖ = ଚିତାପାରୁ ବୃକ୍ଷ, ଦେବତା; ବଜ୍ର = କୋଇଲେଖା ଗଛ, ଇନ୍ଦ୍ରଙ୍କ ଆୟୁଧ; ଅଇରାବତ = ନାରଙ୍ଗ ବୃକ୍ଷ, ଇନ୍ଦ୍ରଙ୍କ ହସ୍ତୀ, ରମ୍ଭା = କଦଳୀ, ଅପ୍ସରା ବିଶେଷ; ଗନ୍ଧର୍ବ = ସ୍ୱର୍ଗର ଗାୟକ, କନିଅର; ୬. ପନିର = ସୁବାସିତ ଜଳ; ଆମୋଦ = ନାୟିକାର ଶାରୀରିକ ସୁଗନ୍ଧ ପୁଷ୍ପର ସୁବାସକୁ ନାଶ କରୁଛି; କୁମୁଦ = କୁ ଅର୍ଥାତ୍ ପୃଥିବୀର ଆନନ୍ଦ ୭. ରବା = ବାଦ୍ୟଯନ୍ତ୍ର ବିଶେଷ; ପରିଖ = ପିକଦାନୀ; ବନରୁହମୁଖୀ = ପଦ୍ମମୁଖୀ ୮. ଝସକେତନ = କନ୍ଦର୍ପ; ଚାଚେରୀ = ଚର୍ଚ୍ଚରୀ ବା ଫଗୁଖେଳ; ଛଦନ = ପତ୍ର, ଆବରଣ; ସୁରଭି = ଚମ୍ପାଗଛ ୯. ଚମ୍ପକ = ଚମ୍ପାଫୁଲ, ସୁବର୍ଣ୍ଣବର୍ଣ୍ଣ; ୮. ଗଉରୀ = ଗୌରବର୍ଣ୍ଣ, ପାର୍ବତୀ; ମଧୁ = ବସନ୍ତ ଋତୁ, ମଦ୍ୟ; ଜାତି = ଜାଇଫୁଲ, କୁଳ; ସୁନାରୀ = ବୃକ୍ଷବିଶେଷ, ଉତ୍ତମ

Digitized by srujanika@gmail.com

ନାରୀ; ମଧୁପ = ଭ୍ରମର, ମଦ୍ୟପ ୧୦. ବିଟପୀ = ବୃକ୍ଷ, କୁଳଟାନାରୀ; ସୁମନସ = ଫୁଲ, ଦେବତା; ଜାମ୍ବବ.....ପାଟଳୀ = ବୃକ୍ଷବିଶେଷ ଓ ରାମାୟଣର ବାନର ବିଶେଷ ୧୧. ଶୀଳିମୁଖ = ଭ୍ରମର; ଅର୍ଜୁନ = ବୃକ୍ଷବିଶେଷ, ପାର୍ଥ; ନକୁଳ = ନେଉଳ, ପାଣ୍ଡୁପୁତ୍ର; ଶକୁନି = ପକ୍ଷୀବିଶେଷ, ଗାନ୍ଧାରୀଙ୍କ ଭ୍ରାତା ୧୨. ଶୋଣିତପୁର = ବାଣାସୁରର ରାଜଧାନୀ; ବାଣ = ରଙ୍ଗବାଣ ଫୁଲ, ବାଣାସୁର; ଶିବସଖା = ବାଣାସୁର ଶିବଙ୍କ ସଖା, ଅର୍କବୃକ୍ଷ; ବିଶିଖ = ଶର ୧୩. ଚୂତ = ଆମ୍ବ; ଅଚ୍ୟୁତ = ବିଷ୍ଣୁ; ସୁପର୍ଣ୍ଣ = ଉତ୍ତମ ବା କୋମଳ ପତ୍ର, ଗରୁଡ଼; ସାରଙ୍ଗ = କୋକିଳ, ବିଷ୍ଣୁଙ୍କ ଧନୁ; ଧ୍ରୁବ = ଥୁଣ୍ଟାଗଛ, ଉତ୍ତାନପାଦଙ୍କ ପୁତ୍ର; ଅଗସ୍ତି = ବୃକ୍ଷ ବିଶେଷ, ମହର୍ଷି ବିଶେଷ; ଶୁକ = ଶିରୀଷ ବୃକ୍ଷ, ବ୍ୟାସପୁତ୍ର ୧୪. ବରୁଣ = ବୃକ୍ଷ ବିଶେଷ, ଜଳଦେବତା; ନାଗେଶ୍ୱର = ବୃକ୍ଷ ବିଶେଷ, ବାସୁକି ୧୫. ପଦ୍ମାକର = ପୁଷ୍କରିଣୀ; ଜଗତ ଈଶ୍ୱର = ଶିବ, ନାରାୟଣ; ବିସ = ମୃଣାଳ, ବିଷ, ବୀଶ ବା ଗରୁଡ଼; ଅମ୍ବୁଜ = କଇଁ, ଶଙ୍ଖ, ଚନ୍ଦ୍ର; କମଳ = ପଦ୍ମ, ମୃଗ; ଧାତା = ବ୍ରହ୍ମା; ମୃଗେନ୍ଦ୍ର ବାହିନୀ = ଦୁର୍ଗା; ସାରଙ୍ଗ = କଇଁଫୁଲ, ହଂସ, ସିଂହ; କମଳ = ପଦ୍ମ ୨୬. ସିତାମ୍ଭୋଜ = ଶ୍ୱେତପଦ୍ମ; ଶୀଳିମୁଖ = ଭ୍ରମର, ଶର; କର୍ଣ୍ଣ = ମତ୍ସ୍ୟବିଶେଷ, କୁନ୍ତୀପୁତ୍ର; କର୍ଣ୍ଣରାଷ୍ଟ୍ର = ଅଙ୍ଗ, ରାଷ୍ଟ୍ର = ଧାର୍ତ୍ତରାଷ୍ଟ୍ର ବା ଧୃତରାଷ୍ଟ୍ରଙ୍କ ପୁତ୍ର, ମର୍କତମଣି; ଶଲ୍ୟ = ମତ୍ସ୍ୟବିଶେଷ, ମଦ୍ରାଧିପତି ବା ମାଦ୍ରୀଙ୍କ ଭ୍ରାତା; କଳକଣ୍ଠ କଣ୍ଠ କଣ୍ଠୀ = କୋକିଳର କଣ୍ଠ ପରି ମଧୁରସ୍ୱର ଯାହାର; କଣ୍ଠୀରବ = ସିଂହ; କୁନ୍ଦ = କୁନ୍ଦା ହୋଇଥିବା, କୁନ୍ଦ = କୁନ୍ଦପୁଷ୍ପ; ସୋମହାସୀ = ଚନ୍ଦ୍ରହାସୀ; ବାଳୀଆଳି = ସଖୀସମୂହ; ୧୮. ସମ୍ବର = ଜଳ ୧୯. କରକ = ଡ଼ାଳିମ୍ବ; ପୁନାଗ = ପୁନାଗ ଫୁଲ, ପୁରୁଷଶ୍ରେଷ୍ଠ; ସୁମନ = ପୁଷ୍ପ, ଉତ୍ତମ ଚିତ୍ତ ୨୧. ଭୁଜଙ୍ଗ=ସର୍ପ; ଅନୁବରତ = ଅନବରତ, ସର୍ବଦା ୨୨. ବଜ୍ରପାଣି = ଇନ୍ଦ୍ର; ମଧୁବ୍ରତ = ଭ୍ରମର

ପଞ୍ଚମ ଛାନ୍ଦ

୧. ବିଷମବିଶିଖ = କନ୍ଦର୍ପ; ବିଶିଖ = ଶର; ତନୁ = ଶରୀର, କ୍ଷୀଣ; ପଟଳ = ସମୂହ ୨. ହିମକର = ଚନ୍ଦ୍ର; ଦିବାକର = ସୂର୍ଯ୍ୟ; ଭିଦୁର = ବଜ୍ର; ମନସିଜ = କନ୍ଦର୍ପ ୩. କୁଶଧର = ବ୍ରହ୍ମା ୫. ମରୁତ = ପବନ, ନିଶ୍ଚୟମୃତ ହେଉ ୭. ଋକ୍ଷପତି = ଚନ୍ଦ୍ର; ପୁଣ୍ଡରୀକ = ପଦ୍ମ ୮. ଦୋଷାକର = ଚନ୍ଦ୍ର, ଦୋଷର ଖଣି; କାଷ୍ଠାବଳୀ = ଦିଗସମୂହ, କାଠଗୁଡ଼ିକ; କରେ = କିରଣରେ. ହାତରେ; ଦ୍ୱିଜଦମ୍ପତି = ଚକ୍ରବାକ ଦମ୍ପତି, କ୍ଷତ୍ରିୟ ଦମ୍ପତି ୯. ବାରୁଣୀ = ପଶ୍ଚିମ

Digitized by srujanika@gmail.com

ଦିଗ, ମଦ୍ୟ; ପଦ୍ମିନୀ = ପଦ୍ମ, ପଦ୍ମିନୀ ନାୟିକା; ସୁବର୍ଣ୍ଣ = ସୌନ୍ଦର୍ଯ୍ୟ, କାନ୍ତି; କପାଳି = ଶିବ, କାପାଳିକ; ୧୦. ଅମରୀଷ = ଅମରେଶ ଅର୍ଥାତ୍ ଅମର; ୧୨. କୁହୁ = ଅମାବାସ୍ୟା ୧୪. ତୁ ପ୍ରକୃତରେ ଶୋକବିଶିଖ କିନ୍ତୁ ତୋତେ ଲୋକେ 'ଅ' ଟିଏ ପୂର୍ବରେ ଯୋଗକରି ଅଶୋକ ବିଶିଖ ବୋଲି କହନ୍ତି । କନ୍ଦର୍ପର ପଞ୍ଚବାଣ ମଧ୍ୟରୁ ଅଶୋକ ଅନ୍ୟତମ । ୧୫. ଭବ = ଶିବ; ପରାଭବ = ଦୁର୍ଦ୍ଦଶା; ରତିନାଥ = ରତିପତି କନ୍ଦର୍ପ ୧୬. ନାଗଚୂଡ଼ = ଶିବ, ବସନ୍ତ; ସୁମନ = ପୁଷ୍ପ, ଉତ୍ତମମନ; ୧୭. ରାଘବ = ମତ୍ସ୍ୟ; ଜୀବନନନ୍ଦନ = ଚନ୍ଦ୍ର; କୋୟର = ଦାସ, ୧୯. ଅଞ୍ଚଳ = ପଣତକାନି, ୨୦. ସାରସ = ପଦ୍ମ, ହଂସ; ଚତୁର ଲପନ ସୁନ୍ଦର = ବିଜ୍ଞ ଓ ସୁନ୍ଦର ମୁଖ ବିଶିଷ୍ଟ, ସୁନ୍ଦର ଚତୁର୍ମୁଖ; ଶ୍ରୁତି = ବେଦ; ସୁମନ = ଦେବତା; କମଳ....ପିତାମହ = ଯାହାର ନାଭିକମଳରୁ ବ୍ରହ୍ମାଙ୍କ ସୃଷ୍ଟି, ଅର୍ଥାତ୍ ବିଷ୍ଣୁ କମଳସମ୍ଭବ ଓ ଜଗତର ପିତାମହ, ଜଗନ୍ନାଥ; ହିରଣ୍ୟ ଦାରଣ = ହିରଣ୍ୟ କଶିପୁକୁ ଯେ ବିଦାରଣ କରିଥିଲେ, ସୁବର୍ଣ୍ଣ ବର୍ଣ୍ଣ ଅପେକ୍ଷା ଯାହାର ଶରୀରକାନ୍ତି ଅଧିକ; ୨୧. ମକରଧ୍ୱଜ = ସମୁଦ୍ର, କନ୍ଦର୍ପ; ବିରୂପାକ୍ଷ ହର = ବିରୂପାକ୍ଷ ରାକ୍ଷସର ନିଧନକାରି; ତ୍ରିନେତ୍ର= ଶିବ; ପୁଣ୍ୟଜନ = ପୁଣ୍ୟାତ୍ମା, କୁବେର; ଚନ୍ଦ୍ରଭୂଷିତ ଯାହାର = ଚନ୍ଦ୍ର ଶବ୍ଦଦ୍ୱାରା ଶୋଭିତ ଯଥା - ରାମଚନ୍ଦ୍ର, କୃଷ୍ଣଚନ୍ଦ୍ର; ଚନ୍ଦ୍ରମୌଳି = ଶିବ; ବିଷଦର ବା ବୀଶଦର = ଗରୁଡ଼ର ଅଭୟଦାତା, ବିଷଭୟ ବିନାଶକ; ତ୍ରିପୁର ଈଶ୍ୱର = ତ୍ରିପୁରର ପାଳନକର୍ତ୍ତା, ତ୍ରିପୁରାସୁରର ନିଧନକାରୀ; ୨୨. ଧନଞ୍ଜୟ = ଅର୍ଜ୍ଜୁନ, ଅଗ୍ନି; ବାଳୀସଖା = ଅର୍ଦ୍ଧନାରୀଶ୍ୱର, ମର୍କଟ; ଧେନୁକା = ରାକ୍ଷସ ବିଶେଷ; ମାଲ୍ୟବନ୍ତ = ଶିବଗଣ ବିଶେଷ, ରାକ୍ଷସ ବିଶେଷ (ସୁକେଶର ପୁତ୍ର); ବିଭୀଷଣ = ରାବଣର ଅନୁଜ, ପାପ ବା ଭୟଙ୍କର ରାକ୍ଷସ ।

ଷଷ୍ଠ ଛାନ୍ଦ

୨. କାଦମ୍ବ = ହଂସ ୪. ଜୀବନଧର = ଜଳଧର ବା ମେଘ, ୫. ମୁଦିର = ମେଘ ୯. ଚନ୍ଦ୍ରମା = କର୍ପୂର, ଚନ୍ଦ୍ର; ଭାସ୍କର = ଅଗ୍ନି, ସୂର୍ଯ୍ୟ; ବାସ = ଗୃହ, ବସନ; ବନପ୍ରିୟ = କୋକିଳ; ମଣିମଣି = ସର୍ପ; ତନୁ = ଶରୀର, କ୍ଷୀଣ, ୧୦. ଶିଳୀମୁଖ = ଭ୍ରମର, ଶର; ପୁଷ୍ପକାଳିକାଳ = ବସନ୍ତ; କାଳୀ = ପାର୍ବତୀ; କାଳ = ଶିବ, ୧୧. ମନୋଜବ = ଶୀଘ୍ରଗାମୀ; ହରି = ମର୍କଟ ୧୨. ପରଭୃତ = କୋକିଳ, ସେବକ; ସହକାର = ଆମ୍ବ, ସହିତ; ବିଟପୀ = ବୃକ୍ଷ, କୁଳଟା; ରଜନୀକର = ଚନ୍ଦ୍ର, ଧୂଳିସମୂହ; ମଧୁସୂଦନ = ଭ୍ରମର, କୃଷ୍ଣ; ବନ :- ବନରେ

Digitized by srujanika@gmail.com

ଆମ୍ବଗଛ ସବୁ ଅଛନ୍ତି । କୋକିଳମାନେ ତା' ଉପରେ ବସି କୁହୁତାନ କରୁଛନ୍ତି । ଭ୍ରମର ଗୁଡ଼ିକ ପୁଷ୍ପରଜରେ ଧୂସରବର୍ଣ୍ଣ ଧାରଣ କରିଛନ୍ତି ଏବଂ ସେମାନେ କନ୍ଦର୍ପର ଡ଼ଗର ବା ଦୂତ ବୋଲି ମନେ ହେଉଛନ୍ତି । କୃଷ୍ଣଙ୍କ ପାଇଁ : ଚନ୍ଦ୍ର କିରଣରେ ଶ୍ରୀକୃଷ୍ଣ ସହଚରମାନଙ୍କ ସହ ଗୋପାଙ୍ଗନାମାନଙ୍କ ମେଳରେ ସୁନ୍ଦର ଦେଖାଯାଉଛନ୍ତି । ତାଙ୍କର ନୀଳବର୍ଣ୍ଣ ଶରୀର ଚନ୍ଦ୍ରଜ୍ୟୋସ୍ନାରେ ଧୂସର ବର୍ଣ୍ଣ ଧାରଣ କରିଛି । ଏହି କ୍ରୀଡ଼ା ମନରେ କାମବିକାର ଜାଗ୍ରତ କରୁଛି । ୧୩. ମୁଚୁକୁନ୍ଦ = ପୁଷ୍ପବିଶେଷ; କୂଟଜ = ମଲ୍ଲି; କଦମ୍ବ = କଦମ୍ବପୁଷ୍ପ, ସମୂହ; ରୋଲମ୍ବ = ଭ୍ରମର; ୧୪. ପ୍ରଦ୍ୟୁମ୍ନ = ବିଷ୍ଣୁ; ଗରୁତମଣି = ପକ୍ଷୀ,ହଂସ; ବିରୁତ = ଧ୍ୱନି; ନିରୁତ = ନିର୍ମଳ ବା ସୁନ୍ଦର ୧୫. ଚକ୍ରାଙ୍ଗ = ହଂସ; ଅସିତେତର = ଶୁକ୍ଳ ୧୮. ଚଂଚରୀକ = ଭ୍ରମର; କାର୍ମୁକ = ଧନୁ; ଶିଞ୍ଜିନୀ = ଧନୁର ଗୁଣ ୧୯. ଉପାସଙ୍ଗ = ତୂଣୀର ୨୦. ବିବୁଧନାଥ = ଇନ୍ଦ୍ର

ସପ୍ତମ ଛାନ୍ଦ

୬. ଚିରାଳ = ପତାକା ୭. ସର୍ବ = ଶିବ, ସମସ୍ତ; ରାଜରାଜ = କୁବେର ଚକ୍ରବର୍ତ୍ତୀ; ଦ୍ୱିଜରାଜ = ଚନ୍ଦ୍ର, ଶ୍ରେଷ୍ଠ ବ୍ରାହ୍ମଣ ୯. ବୃହତ୍ତୁଳ = ଅତ୍ୟୁଚ୍ଚ; ଅବିତାନ = ସୁରକ୍ଷିତ ୧୦. ଭୁରିଶାଳ = ବହୁଗୃହ ୧୪. ବଇଜୟନ୍ତୀ = ପତାକା, କୁବେରପୁର; ସୁରନଦୀ = ଦେବତା ଓ ନଦୀ, ଗଂଗା; ବିଷ୍ଣୁପଦ = ଆକାଶ, ବିଷ୍ଣୁଙ୍କ ପାଦରୁ ଗଂଗାଙ୍କ ସୃଷ୍ଟି ୧୬. ଅମରାବତୀ = ସ୍ୱର୍ଗ; ବରୁଣ = ବୃକ୍ଷବିଶେଷ, ଦେବତା; ବାସବରେ = ଇନ୍ଦ୍ରଦ୍ୱାରା, ଶ୍ରେଷ୍ଠଗୃହରେ ୧୭. ଆନକଦୁନ୍ଦୁଭି =ବାଦ୍ୟ ବିଶେଷ, ବସୁଦେବ; ଅକ୍ରୂର = ଅକ୍ରୂର ନାମଧେୟ ମନ୍ତ୍ରୀ, ୧୯. ବାଳୀ = ମର୍କଟରାଜ, ରମଣୀ; ସଉଧସଦନ = ଚୁନଧଉଳା ଅଟ୍ଟାଳିକା ୩୧. କେରୁଆଳ = ନୌକାଚାଳକ, ୩୮. ସୁମନା = ଦେବତା, ନାରୀ; ଶ୍ରୁତିନିସ୍ତାରଣେ = ବେଦଉଦ୍ଧାରକ, ମଧୁରବଚନ; ଶ୍ରୀବତ୍ସଲାଞ୍ଛନ = ବିଷ୍ଣୁ ।

ଅଷ୍ଟମ ଛାନ୍ଦ

୫. ହଂସ = ସୂର୍ଯ୍ୟ; କୁରଙ୍ଗଲାଞ୍ଛନ = ଚନ୍ଦ୍ର ୬. ଗୋମାୟୁ = ଶୃଗାଳ; କୁଞ୍ଜର = ହସ୍ତୀ, ୮. ବ୍ୟାଜ = ଇଙ୍ଗିତ,ଛଳ ୧୧. ହରପର = କନ୍ଦର୍ପ; ଶରବାର = ଶର ସମୂହ ୧୨. ଜଇମୁନି = ଜୈମିନି ୧୩. ସୁପର୍ଣ୍ଣ = ଗରୁଡ଼; ସୁମୃଣାଳ ଡ଼ଙ୍କ ଖଣ୍ଡେ ଯେବେ ଅଙ୍କେ ଦେଇ = ସର୍ପ ମନେକରି; ପବନ ...ଧିକ୍କାର = ଗରୁଡ଼

Digitized by srujanika@gmail.com

ସର୍ପମାନଙ୍କୁ ଆହାର କରିନଥିଲେ ସେମାନେ ପ୍ରବଳ ହୋଇ ପବନକୁ ଖାଇଯାଇ ଥାଆନ୍ତେ; ପୁରନ୍ଦରକୁ.....କରଇ = ଇନ୍ଦ୍ର ଯଦି ମାତୃଗର୍ଭସ୍ଥିତ ପବନକୁ ଉଣଞ୍ଚାଶ ଖଣ୍ଡ ନ କରି ଜୀବନରେ ମାରି ଦେଇଥାଆନ୍ତେ, ତେବେ ସେ ଆଉ କଷ୍ଟ ଦିଅନ୍ତା ନାହିଁ । ଚନ୍ଦ୍ରମା....ନିନ୍ଦଇ = ରାହୁ ଯଦି ଚନ୍ଦ୍ରକୁ ଗ୍ରାସ କରି ଜୀର୍ଣ୍ଣ କରିଦେଇଥାନ୍ତା, ତେବେ ଆଉ ଚନ୍ଦ୍ର ଜୀବନରେ ନଥାନ୍ତା, ଦୁଃଖ ଦିଅନ୍ତା ନାହିଁ ; ମହେଶ....ବିମୁଖ = ଶିବ ଯଦି ମଦନକୁ ପୁନର୍ଜୀବିତ କରି ନଥାଆନ୍ତେ, ମଦନ ବିରହିଣୀମାନଙ୍କୁ ଆଉ ଦୁଃଖ ଦିଅନ୍ତା ନାହିଁ । ୧୯. କୃଷ୍ଣ....କମ୍ପମାନ = ଶ୍ରୀକୃଷ୍ଣଙ୍କ କେଶ ମାତ୍ର ଦର୍ଶନରେ ଶିବ ଭୟଭୀତ ହେବା ରୂପ ବିରୋଧ କୃଷ୍ଣବର୍ଣ୍ଣ କେଶପାଶ ଦେଖି ମୟୂର ଭୟଭୀତ ହେବା ଦ୍ୱାରା ସମାହିତ ହେଉଛି ଅର୍ଥାତ୍ ନାୟିକାର କେଶପାଶ ମୟୂର ପୁଚ୍ଛ ଅପେକ୍ଷା ଅଧିକ ସୁନ୍ଦର; ଅଳକା....ମଧୁସୂଦନ = ମଧୁସୂଦନ ସ୍ୱର୍ଗପୁର ଜୟ କରିବା ରୂପ ବିରୋଧ ଚୂର୍ଣ୍ଣକୁନ୍ତଳ ଭ୍ରମର ଶ୍ରେଣୀ ଅପେକ୍ଷା ଅଧିକ ସୁନ୍ଦର ଅର୍ଥଦ୍ୱାରା ସମାହିତ । ବଦନ....ଦୁଃଖୀ = ରାମଚନ୍ଦ୍ର ଓ ଲକ୍ଷ୍ମଣ ପଦ୍ମିନୀ ଜାତୀୟା ଦେବୀ ସୀତାଙ୍କୁ ଦେଖି ସର୍ବଦା ଦୁଃଖ ଲାଭ କରିବେ ରୂପକ ବିରୋଧ ଭାବ ମୁଖ ରୂପକ ଚନ୍ଦ୍ରକୁ ଦେଖି ପଦ୍ମପୁଷ୍ପମାନେ ସର୍ବଦା ଦୁଃଖ ଅନୁଭବ କରିବେ ଅର୍ଥଦ୍ୱାରା ଦୂରୀଭୂତ ହେଉଛି । ଅର୍ଥାତ୍ ନାୟିକାର ମୁଖ ପଦ୍ମ ଅପେକ୍ଷା ଅଧିକ ସୁନ୍ଦର ।

ନବମ ଛାନ୍ଦ

୧୨. ରାଗଲତା = ରତି ୨୧. କରରୁହ = ନଖ ୨୮. ବୃନ୍ଦା = ବୃନ୍ଦାବନ

ଦଶମ ଛାନ୍ଦ

୧. ପ୍ରାବୃଟ = ବର୍ଷାଋତୁ; ଖପଥ = ଆକାଶମାର୍ଗ; କାଳିକା = ମେଘ ୨. ଇନ୍ଦ୍ରଗୋପ = ପାଟପୋକ; ଉପ = ସମୀପ (?) ୩. ଭୁବନ = ଜଳ, ପୃଥିବୀ; ହରି = ଇନ୍ଦ୍ର, କୃଷ୍ଣ; ଧନଞ୍ଜୟ = ଅଗ୍ନି, ଅର୍ଜୁନ; ବିଧୁ = ଚନ୍ଦ୍ର, ବିଷ୍ଣୁ; ସୁଦରଶନ ଚକ୍ର = ବିଷ୍ଣୁଙ୍କ ଆୟୁଧ, ଉତ୍ତମ ଦୃଶ୍ୟରାଜି ୪. ହରି = ସୂର୍ଯ୍ୟ, ୫. ସୁଜାତି = ଜାଇଫୁଲ, ଉତ୍ତମଜାତି; ମଧୁପ = ଭ୍ରମର, ମଦ୍ୟପ ୬. ଜଗତପ୍ରାଣ = ଜଗତର ପ୍ରାଣ, ବାୟୁ; କାଳିକା = ମେଘ, ଦୁର୍ଗା, 'ସଂଗ୍ରାସ କରି ଆକାଶ ଦଶଦିଶ କରୁଅଛି ଗରଜନ' - ପାଠ ଗ୍ରହଣ କରାଯାଇପାରେ । ୭. ଭଇରବ = ଭୟଙ୍କର, ଶିବ; ସରସ୍ୱତୀ = ନଦୀ, ବିଦ୍ୟାଦାତ୍ରୀ ଦେବୀ; ବନମାଳୀ = ବିଷ୍ଣୁ, ପୁଷ୍ପ; ପାଥ = ଜଳ; ଶିବ = ମଙ୍ଗଳ, ମହାଦେବ ୮. ଉପେନ୍ଦ୍ର = କୃଷ୍ଣ ୯. କ୍ଷିତିଧର = ପର୍ବତ; ଅମୃତଧର = ମେଘ; ସାରଙ୍ଗ = ହଂସ ୧୦. ଦର୍ପକ = କନ୍ଦର୍ପ ୧୧. ନୀଳକଣ୍ଠ

Digitized by srujanika@gmail.com

= ମୟୂର; ଧ୍ରୁବ = ଥୁଣ୍ଟାଗଛ, ବିଷ୍ଣୁ; ବିସକଣ୍ଠ = ବକ, ଶିବ ୧୨. ବଳିଭୁକ = କାକ, ୧୩. ଚଞ୍ଚଳା = ବିଜୁଳି ୧୪. ଧାରାଧର = ମେଘ; କେଶୀମନ୍ଥନ = ଶ୍ରୀକୃଷ୍ଣ ୨୪. ହଳୀପ୍ରିୟ = ପ୍ରଦ୍ୟୁମ୍ନ ୨୬. କନ୍ଦଳୀ = ନବାଙ୍କୁର; ଶିଳୀନ୍ଧ୍ର = ଛତୁ; ଯୂଥିକା = ଜାଇଫୁଲ ୨୭. ଶିଖୀ = ମୟୂର;

ଏକାଦଶ ଛାନ୍ଦ

୩. ବାମ = ସୁନ୍ଦର, ବିମୁଖ, ବାମହସ୍ତ, ଶ୍ରେଷ୍ଠ; ବାମଦେବର ରିପୁ = କନ୍ଦର୍ପ; ୪. ସାରସ = ହଂସ, ପଦ୍ମ; ସାରଙ୍ଗ = ହସ୍ତୀ ୫. ତାମରସ = ପଦ୍ମ ୬. ବିଷମକାଣ୍ଡ = ପଞ୍ଚଶର ୭. ସେନା = ସେହ୍ଲା ବା ସାଞ୍ଜୁ, ଚନ୍ଦ୍ରହାସ = ଖଡ୍‌ଗ, ୧୦. କାଳକାଳ = ଶିବ, ମୃତ୍ୟୁର ସମୟ ୧୨. ବଳିସଦ୍ମ = ପାତାଳ ଓ ତ୍ରିବଳିଯୁକ୍ତ; ପୃଥୁମଣ୍ଡଳ = ପୃଥିବୀ, ପୃଥୁଳ ଓ ଗୋଲାକାର; ସୁମନସର ଆସନ = ସ୍ୱର୍ଗ, ପଦ୍ମ; ୧୩. ଚକ୍ରବର୍ତ୍ତୀ = ସମ୍ରାଟ, କୁମ୍ଭାର ଚକ୍ରରେ ବର୍ତ୍ତମାନ (କୁମ୍ଭାର ଚକରେ ବସାଇ ହାଣ୍ଡି ଗଢ଼େ)

ଦ୍ୱାଦଶ ଛାନ୍ଦ

୧୨. ହୋଡ଼ = ପଣ, ୧୯. ରୟଣୀ = ରଜନୀ

ଚତୁର୍ଦ୍ଦଶ ଛାନ୍ଦ

୩୪. ପୁଣ୍ଡରୀକ = ପଦ୍ମ, ପୌଣ୍ଡ୍ରିକ ବାସୁଦେବ

ପଞ୍ଚଦଶ ଛାନ୍ଦ

୪. ନୀଳକଣ୍ଠ = ଶିବ, ମୟୂର; ଚନ୍ଦ୍ରକ = ଚନ୍ଦ୍ର, ମୟୂରପୁଚ୍ଛ ୬. କୋକନଦ = ରକ୍ତପଦ୍ମ ୮. ଜମ୍ବୁନଦ = ସୁବର୍ଣ୍ଣ ୧୧. ମନୋଜବାଣ = କୁସୁମଶର; ୧୨. ଦଶନବସନ = ଅଧର; ୧୫. ମୃଗନାଭି = କସ୍ତୁରୀ ୧୯. ରେବତୀକାନ୍ତ ଅନୁଜ = ବଳଭଦ୍ରଙ୍କ କନିଷ୍ଠ ଭ୍ରାତା ଶ୍ରୀକୃଷ୍ଣ; କାନ୍ତ = ସୁନ୍ଦର; ଅନିଭ = ଅନୁପମ

ଷୋଡ଼ଶ ଛାନ୍ଦ

୧୭. ବଳକ୍ଷ = ଶୁକ୍ଳ; ୧୯. ଅବଦାତ = ଶୁକ୍ଳ; ଆଶୁଗ = ବେଗଗାମୀ, ଶର; ୨୦. ପତ୍ତି = ପଦାତିକ ସେନା; ୨୫. ହଂସ = ପକ୍ଷୀବିଶେଷ, ସୂର୍ଯ୍ୟ; ଶର୍ବରୀକାନ୍ତ = ଚନ୍ଦ୍ର ୨୬. ଚକ୍ର = ଚକ୍ରବାକ, ଆୟୁଧ; କୁମୁଦ = ପୃଥିବୀର ଆନନ୍ଦଦାୟକ, ରକ୍ତପଦ୍ମ ୨୭. କୁହୁକ = କୁହୁଡ଼ି, ଇନ୍ଦ୍ରଜାଲ ବିଦ୍ୟା ୨୮. ପରଭୃତ = ସେବକ, କୋକିଳ ୨୮. ଭସ୍ମାଂକ = ଅଗ୍ନି ୨୯. ପ୍ରାବୃଟ = ବର୍ଷାଋତୁ; ଅମୃତଧର

Digitized by srujanika@gmail.com

= ମେଘ, ଅମୃତ ଅଧର ୩୪. ହରିଚନ୍ଦନ = ପାରିଜାତ, ଶ୍ୱେତ ଚନ୍ଦନ; ଶେଷ = ବାସୁକୀ, ଅଶେଷ ୩୫. ବିବୁଧ = ପଣ୍ଡିତ, ଦେବତା ୩୬. ନକ୍ଷତ୍ରମାଳା = ନକ୍ଷତ୍ରମାଳା ରୂପ ଅଳଂକାର, ତାରାସମୂହ ୩୮. ସ୍ଥାଣୁ = ଥୁଣ୍ଟାଗଛ, ଶିବ; ସୁଚିର = ଗ୍ରୀଷ୍ମକାଳ, ପବିତ୍ର ୩୯. ସିନ୍ଧୁ = ଦେଶ ବିଶେଷ, ସାଗର

ସପ୍ତଦଶ ଛାନ୍ଦ

୪. କୁରଙ୍ଗ = ଚଞ୍ଚଳ, ମୃଗ; ହାଟକ = ସୁବର୍ଣ୍ଣ ୫. ଅନ୍ଧକଅନ୍ତକ = ଶମ୍ଭୁ; ଅଞ୍ଚଳେ = ବସ୍ତ୍ରଦ୍ୱାରା ୬. ଜଗତଜନଙ୍କ ଜନକ = ବ୍ରହ୍ମା; ଜନକ = ରାଜର୍ଷି; ସନକ = ଋଷିବିଶେଷ ୭. ଅରୂପ = କନ୍ଦର୍ପ ୮. ଘନସାର = ନୀଳମେଘ, କର୍ପୂର ୯. ହଂସକ = ପାଦର ଅଳଂକାର ବିଶେଷ; ରଣରଣ = କନ୍ଦର୍ପ ୧୦. ବାଣସଖା = ଶିବ ୧୧. କଳପଅନ୍ତର = କଳ୍ପାନ୍ତର ୨.ଖ = ଆକାଶ; ଖଗ = ପକ୍ଷୀ ୩. ଖୁରି = ଛୋଟଗିନା, ୧୮. ରତ୍ନସାନୁକୁଧର = ମେରୁ ପର୍ବତ, ୨୭. ଅନା = ରୀତି ୪୨. ଶିଖୀ = ପତାକାଯୁକ୍ତ ୪୪. କଉଶିକ = ପେଚା, ବିଶ୍ୱାମିତ୍ର; ରାମାନନ୍ଦ = ରମଣୀର ଆନନ୍ଦ, ରାମଙ୍କର ଆନନ୍ଦ; ନିଶାଚର = ରାକ୍ଷସ, ପେଚା ୪୫. ଋତୁଆନନ = କାର୍ତ୍ତିକେୟ; ତାରକାସୁର = ତାରକ ନାମକ ଅସୁର, ତାରା ସମୂହ; କଳରବ = କୋକିଳ, ବିଭାବସୁ = ସୂର୍ଯ୍ୟ, ଅଗ୍ନି ୪୬. ଅମ୍ବୁଜ = ପଦ୍ମ; ଅମ୍ବୁଜସୁତ = ବ୍ରହ୍ମା; ନୀଳ ଅମ୍ବୁସୁତ = ନୀଳକଇଁ; ପରଭୃତ = କୋକିଳ, ସେବାକାରୀ

ଊନବିଂଶ ଛାନ୍ଦ

୨. ଦ୍ୱିତୀୟ କର = ଦୁଇହାତ ୩. ମାନୁଷଇଶଇଶ = ରାଜଶ୍ରେଷ୍ଠ ୪. ପାଣି = ହସ୍ତ ୫. ଧାତି = ଶୀଘ୍ର ୬. ପଦ୍ମୀ = ହସ୍ତୀ; ପଦ୍ମ = ଏକଲକ୍ଷ କୋଟି; ଅଙ୍କୁସେନ = ଅୟୁତେକ ହେବା ସମ୍ଭବ ୮. ସୁଦଶନା = ସଚିବକନ୍ୟା, ଉତ୍ତମ ଦନ୍ତପଂକ୍ତିଯୁକ୍ତ ୧୦. ବନଜ = ପଦ୍ମ; କୁଶେଶୟ = ପଦ୍ମ; ମାକନ୍ଦ = ଆମ୍ବଗଛ ୧୧. ଘସ୍ର = ଦିବସ; ତ୍ରିଯାମା = ରାତ୍ରୀ; ଜୀବଂଜୀବ = ଚକୋର; ସାରଙ୍ଗ = ଚାତକ, ରୋଷ୍ଟ = ?

୧୨. ଗନ୍ଧର୍ବ = ସ୍ୱର୍ଗର ଗାୟକ, ଅଶ୍ୱ; ନାଗ = ସର୍ପ, ହସ୍ତୀ ୧୩. କାଦମ୍ବ = ହଂସ; ଶ୍ରୁତି = ବେଦ, କର୍ଣ୍ଣ; ନୟନ = ନେତ୍ର, ନରନାରାୟଣଙ୍କ ନୟନର ବିଶେଷତ୍ୱ ପୁରାଣରେ ଉଲ୍ଲିଖିତ, ଦତ୍ତାତ୍ରୟ = ବିଷ୍ଣୁଙ୍କ ଅବତାର ବିଶେଷ; ସୁବାହୁ

Digitized by srujanika@gmail.com

= ରାକ୍ଷସ ବିଶେଷ, ଦୀର୍ଘବାହୁଯୁକ୍ତ ୧୪. ହୟଗ୍ରୀବ = ବିଷ୍ଣୁଙ୍କ ଅବତାର ବିଶେଷ, ଏ ଅବତାରରେ ଭଗବାନ ବେଦ ଉଦ୍ଧାର କରିଥିଲେ; ବଳି = ଦାନବୀର ବଳି, ବଳବାନ୍ ୧୭. ରଥାଙ୍ଗ = ଚକ୍ର

ବିଂଶତି ଛାନ୍ଦ

୧. ତାରାଈଶ = ଚନ୍ଦ୍ର ୧୨. ଭୀଷ୍ମଆଶୁଗ = ଭୀଷ୍ମଙ୍କ ଶର, ଭୟଙ୍କର ପବନ; ଅର୍ଜୁନକରେ = ମଧ୍ୟମପାଣ୍ଡବ ହସ୍ତରେ, ଧବଳ କିରଣରେ ୧୩. ଶିଖଣ୍ଡୀ = ଦ୍ରୌପଦୀଙ୍କ ଭ୍ରାତା, ସପ୍ତର୍ଷି ମଧ୍ୟରୁ ଅନ୍ୟତମ; ଦ୍ରୋଣାରି = ଧୃଷ୍ଟଦ୍ୟୁମ୍ନ, ପବନ; ସୁରରଞ୍ଜନ = ଦେବତାମାନଙ୍କଦ୍ୱାରା ଶୋଭିତ, ଶୂର ବା ବୀର ଶୋଭିତ; କୁରୁର = କୁରୁବଂଶର; ରାମଲକ୍ଷ୍ମଣ = ରମଣୀୟ ଚନ୍ଦ୍ର; ଋକ୍ଷ = ଭଲ୍ଲୁକ ଓ ତାରା ୧୪. କଞ୍ଜଣ = ବାନର ବିଶେଷ, ଆଲୋକ; ରଙ୍ଗିଣି = ବାନର ବିଶେଷ, ଚିତ୍ରିତ; କୁମୁଦ = ବାନର ବିଶେଷ, ନୈଋତ ଦିଗ; ମେଘନାଦ = ଇନ୍ଦ୍ରଜିତ, ମେଘଧ୍ୱନି; ରଙ୍ଗେ = ଯୁଦ୍ଧରେ, ରକ୍ତିମାରେ; ମଧୁପ = ମଦ୍ୟପ, ଦେବତା; ନିଶାଚର = ରାତ୍ରିଚର ପକ୍ଷୀ, ରାକ୍ଷସ; ପ୍ଲବଂଗ = ପକ୍ଷୀ, ମର୍କଟ; ହନୁମନ୍ତ = ହନୁମାନ, ପବନ ୧୫. ନୀଳାମ୍ବର = ଆକାଶ, ନୀଳବସ୍ତ୍ର ପରିଧାନ କରୁଥିବା ବଳଦେବ; ରେବତୀ = ନକ୍ଷତ୍ର, ବଳରାମଙ୍କ ପତ୍ନୀ; ସୁଧର୍ମା = ଦେବସଭା; ସୁମନା = ପୁଷ୍ପ, ଦେବତା; କଟକ = ହସ୍ତାଳଂକାର, ଦୁର୍ଗ; ୧୬. ହରିଚନ୍ଦନ = ପାରିଜାତ, ଶ୍ୱେତଚନ୍ଦନ; ବରୁଣ = ବରୁଣ ଦେବତା, ଅଳଂକାର ବିଶେଷ, ୧୭. ଲୋକପତି = ବ୍ରହ୍ମା; ହଂସକ = ହଂସ, ପାଦ ଅଳଂକାର ବିଶେଷ; ନାଗ = ହସ୍ତୀ, ସର୍ପ; ୧୭. ଚନ୍ଦ୍ର = ଚନ୍ଦ୍ର, ନଖକ୍ଷତ

ଏକବିଂଶ ଛାନ୍ଦ

୧. ଅହିମକର = ସୂର୍ଯ୍ୟ ୨. ଧାତୁକି = ଦୁଦୁରା ଫୁଲ ୫. ଜାର = ବିଟପୁରୁଷ; ଋତୁଜା = ରଜସ୍ୱଳା; ନୀଳାମ୍ବୁଜ = ନୀଳକଇଁ, ନୀଳପଦ୍ମ; ୬. ରାଗଲତା = ରତି ୯. ବଳାରାତିସଖା = ଇନ୍ଦ୍ରସଖା କନ୍ଦର୍ପ; ବଳାରାତି = ବଳବାନ୍ ଶତ୍ରୁ ୧୬. ସାରଙ୍ଗ = ସାରଙ୍ଗ ନାମକ ବିଷ୍ଣୁଙ୍କ ଧନୁ ୧୭. କାଶ୍ୟପୀ = ସୂର୍ଯ୍ୟସାରଥି ଅରୁଣ, ପୃଥିବୀ ୨୧. କରଜ = ନଖ, 'କର ଯେ' (ଅଧିକ ଅର୍ଥପୂର୍ଣ୍ଣ ପାଠ) ୨୨. ହଂସବଂଶ = ଘୁମୁଷର ଭଞ୍ଜ ରାଜାମାନେ ସୂର୍ଯ୍ୟବଂଶୀ ।

* * *

Digitized by srujanika@gmail.com

ଶୁଦ୍ଧିପତ୍ର

ଛାନ୍ଦ	ପଦ	ଅଶୁଦ୍ଧ	ଶୁଦ୍ଧ
୧	୧୭	ଇକ୍ଷଣୀ	ଈକ୍ଷଣୀ
୨	୫	ଇଛା	ଇଚ୍ଛା
୩	୧୩	ସିନ୍ଦୁର	ସିନ୍ଦୂର
୪	୨	୪ଟି କେଶର	୫ଟି କେଶର
୪	୪	ଚନ୍ଦନ	ନନ୍ଦନ
୪	୬	କର୍ପୁର	କର୍ପୂର
୪	୧୩	ଚୁତ	ଚୂତ
୫	୧	ନିନୁ	ଦିନୁ
୫	୧୩	ଦୀନ	ଦିନ
୫	୨୧	ବିରୁପାକ୍ଷ	ବିରୂପାକ୍ଷ
୬	୮	ଇନ୍ଦିବର	ଇନ୍ଦୀବର
୬	୯	ରମଣିମଣି	ରମଣୀମଣି
୬	୧୫	ସୁନ୍ଥ	ସୂନ୍ଥ
୬	୧୮	ଚଞ୍ଚରିକ	ଚଞ୍ଚରୀକ
୬	୧୮	ଅମୀୟଧର	ଅମିୟଧର
୭	୩୯	ନାୟକ	ଦାୟକ
୭	୧୦	ଭୁରିଶାଳ	ଭୂରିଶାଳ
୭	୧୩	ଅନେକଦୁନ୍ଦୁଭି	ଆନକଦୁନ୍ଦୁଭି
୭	୧୭	ଅଙ୍କୁର	ଅଙ୍କୂର
୭	୨୬	ତାମ୍ବୁଳ	ତାମ୍ବୂଳ
୭	୨୭	ସିନ୍ଦୁର	ସିନ୍ଦୂର
୭	୩୭	ସୁନ୍ଥ	ସୂନ୍ଥ
୮	୪	ଥିବ	ଯିବ
୮	୮/୧୦	ଅନୁକୁଳ	ଅନୁକୂଳ

Digitized by srujanika@gmail.com

୮	୧୭	ଅମୀୟ	ଅମିୟ
୮	୧୭	ସଞ୍ଜିବନୀ	ସଂଜ୍ଞୀବନୀ
୯	୨	ଭୂବନେ	ଭୁବନେ
୯	୧୫	କନନ	କନକ
୯	୧୯	ଅମୀୟ	ଅମିୟ
୧୦	୮	ବାଲିଶ	ବୋଲିଶ
୧୦	୧୬	ପୁଷ	ପୁଂସ
୧୦	୨୦	ମଞ୍ଜିଲା	ମଞ୍ଜିଲା
୧୦	୨୩	ମୁରତି	ମୂରତି
୧୦	୨୬	ଯୁଥିକା	ଯୂଥିକା
୧୦	୨୮	ଇନ୍ଦିବର	ଇନ୍ଦୀବର
୧୧	୧୧	ତିନିପୁରି	ତିନିପୁରୀ
୧୨	୧୪	କାହୁଁ	କାହିଁ
୧୩	୧୪	କେକି	କେକୀ
୧୩	୧୮	ରେବତିପତି	ରେବତୀପତି
୧୪	୧୧	ଉଜ୍ଜଳ	ଉଜ୍ଜ୍ୱଳ
୧୫	୬	ମୁଦ୍ରିତ	ମୁଦିତ
୧୫	୭	ଉପର	ଉପରେ
୧୫	୮	ଜମ୍ବୂନଦ	ଜମ୍ବୁନଦ
୧୫	୧୩	ତାମ୍ବୁଲ	ତାମ୍ବୂଲ
୧୫	୧୩	ବଧୁ	ବଧୂ
୧୫	୧୪	କବରି	କବରୀ
୧୫	୧୪	କୁମୁମ	କୁସୁମ
୧୫	୧୫	କସ୍ତୁରୀ	କସ୍ତୂରୀ
୧୫	୧୫	ସିନ୍ଦୁର	ସିନ୍ଦୂର
୧୬	୬	କରିଗାମି	କରିଗାମୀ
୧୬	୧୫	ସିନ୍ଦୁର	ସିନ୍ଦୂର
୧୬	୧୮	କ୍ରୀଡ଼ାରଙ୍କେ	କ୍ରୀଡ଼ାରଙ୍ଗେ

Digitized by srujanika@gmail.com

୧୬	୨୫	କହଁ	କଉଁ
୧୬	୪୪	ପୁରି	ପୁରୀ
୧୭	୨	ନଳିନୀ	ନନ୍ଦିନୀ
୧୭	୪	ଅଞ୍ଚଳ	ଅଞ୍ଚଳେ
୧୭	୬	ନଳୀନ	ନଳିନ
୧୭	୧୧	ପାଶୋର	ପାସୋର
୧୭	୧୮	ଭୂବନେ	ଭୁବନେ
୧୭	୨୫	ହବାରି	ହକାରି
୧୭	୨୮	ଲଜ୍ଜା	ଲଜ୍ଜା
୧୭	୨୯	ଦାୟୀନି	ଦାୟକ
୧୮	୮	ସିନ୍ଦୁର	ସିନ୍ଦୂର
୧୮	୧୭	ଅମୀୟ	ଅମିୟ
୧୮	୧୯	କରରୂହେ	କରରୁହେ
୧୮	୩୪	ବୋଲିନ୍ତି	ବୋଲନ୍ତି
୧୮	୪୧	ତୁରୀ	ତୂରୀ
୧୮	୪୨	କର୍ପୁର	କର୍ପୂର
୧୮	୪୭/୫୩	ସଖିଙ୍କ	ସଖୀଙ୍କ
୧୯	୪	ନିବେସିଲେ	ନିବେଶିଲେ
୧୯	୬	ଆଙ୍କୁସେକ	ଅଙ୍କୁଶେକ
୧୯	୯	ସ୍ଫୂରିଲେ	ସ୍ଫୁରିଲେ
୧୯	୯	ସ୍ଫୂରଇ	ସ୍ଫୁରଇ
୧୯	୧୬	ଭୂବନେ	ଭୁବନେ
୨୦	୧୧	ତୁର୍ଣ୍ଣ	ତୂର୍ଣ୍ଣ
୨୦	୧୩	ଶିଖଣ୍ଡି	ଶିଖଣ୍ଡୀ
୨୦	୧୭	ଭୂବନ	ଭୁବନ
୨୦	୨୬	ଅଙ୍ଗ ନନ୍ଦନ	ଅଙ୍ଗ ନନ୍ଦନ ବନ
୨୧	୧୭	କେତକି	କେତକୀ

* * *

Digitized by srujanika@gmail.com

ବୈଚିତ୍ର୍ୟକାମୀ ଶ୍ରୀ ରାମଚନ୍ଦ୍ରଙ୍କ ପାଦପଦ୍ମରେ ଧ୍ୟାନରଖି କବିସିନ୍ଧୁଚନ୍ଦ୍ର ଉପେନ୍ଦ୍ର ଭଞ୍ଜ ଯେଉଁ ବିଚିତ୍ର କବିତ୍ୱ ମାର୍ଗରେ ପଦଚାରଣା କରି ଅପୂର୍ବ ସିଦ୍ଧି ଲାଭ କରିଥିଲେ, ତା'ର ପ୍ରଥମ ପ୍ରତିଶ୍ରୁତି ଥିଲା ଚିତ୍ରଲେଖା । ପୁରାଣର ଛାୟା ଓ କଳ୍ପନାର ମାଧୁରୀରେ ବିଚିତ୍ରିତ ଚିତ୍ରଲେଖା 'ଘେନ ନୈଷଧ ପରାୟେ' ଉଦ୍‌ଘୋଷଣାର ପ୍ରଥମ ଓଁକାର । ଉପେନ୍ଦ୍ରଙ୍କ ଉତ୍ତୁଙ୍ଗ ସାରସ୍ୱତ ସୌଧର ଭିତ୍ତିଭୂମି ଚିତ୍ରଲେଖା । ଭଞ୍ଜୀୟ କାବ୍ୟଶିଳ୍ପକୌଶଳର ଅବଧାରଣା ନିମିତ୍ତ ଚିତ୍ରଲେଖାର ଉପାଦେୟତା ଅନସ୍ୱୀକାର୍ଯ୍ୟ ।

Digitized by srujanika@gmail.com